୪୫
# ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୭/୨୦୧୮ (୨୦ ପୃଷ୍ଠା) Bhubaneswar, Tuesday, November 27/ 2018 ★★★★★★
୪୫ଶ ଭାଗ ୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## ନୂଆ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଅରୋରା

ରାଜସ୍ଥାନ କ୍ୟାଡର ଆଇଏଏସ୍ ଅଧିକାରୀ ସୁନୀଲ ଅରୋରା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଭାବେ ନିଯୁକ୍ତ ହୋଇଛନ୍ତି। ଆସନ୍ତା ୨ ତାରିଖରେ ସେ ଦାୟିତ୍ୱ ଗ୍ରହଣ କରିବେ।

୦୨

୧୪

## ଶିଳ୍ପାଙ୍କ ନେତୃତ୍ୱରେ ଭାରତର ବିଶ୍ୱ ରେକର୍ଡ

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀଙ୍କ ନେତୃତ୍ୱରେ ୨୩୫୩ ଜଣ ବ୍ୟକ୍ତି ଏକକାଳୀନ ଦୀର୍ଘ ୬୦ ସେକେଣ୍ଡ ଆବଡୋମିନାଲ୍ ପ୍ଲାଙ୍କ୍ ପୋଜିଶନ୍‌ରେ ରହି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି।





ପୁରୁଣା ଭୁବନେଶ୍ୱରସ୍ଥିତ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହକି ବିଶ୍ୱକପ୍‌ରେ ଭାଗନେବାକୁ ଯାଉଥିବା ୧୬ ଦଳର ଅଧିନାୟକଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

■ ଆଜି ହକି ବିଶ୍ୱକପ୍ ଉଦ୍‌ଘାଟନୀ

# କଳିଙ୍ଗ ପ୍ରସ୍ତୁତ

**ଭୁବନେଶ୍ୱର, ୨୬।୧୧(କ୍ରୀଡ଼ା ପ୍ରତିନିଧି)**

■ ମନ ମୋହିବ 'ଦି ଆର୍ଥ ସଙ୍ଗ୍'
■ ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଶାହରୁଖ, ମାଧୁରୀ, ଏ.ଆର୍. ରହମନ
■ ପ୍ରାଚ୍ୟ, ପାଶ୍ଚାତ୍ୟ ସଂସ୍କୃତିର ହେବ ମହାମିଳନ

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ି ହେବାକୁ ଯାଉଛି ଏକ ନୂଆ ଫର୍ଦ୍ଦ। ଏଠାରେ ପ୍ରଥମଥର ପାଇଁ ଆୟୋଜନ ହେବ ହକିର ମହାକୁମ୍ଭ, ବିଶ୍ୱକପ୍-୨୦୧୮। କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ହେବ ଏହାର ଉଦ୍‌ଘାଟନୀ ଉତ୍ସବ। ହକି ଇତିହାସରେ ଯାହା ପୂର୍ବରୁ କେବେ ହୋଇ ନ ଥିଲା ତାହା ଏଠାରେ ଦେଖିବାକୁ ମିଳିବ, ଅର୍ଥାତ୍ ମନକୁ ଛୁଇଁଲା ଭଳି ଉଦ୍‌ଘାଟନୀ ଉତ୍ସବ ବିଶ୍ୱର ଅଗଣିତ କ୍ରୀଡ଼ାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିବ। ଅନ୍ତର୍ଜାତୀୟ ହକି ଫେଡେରେଶନ ଓ ହକି ଇଣ୍ଡିଆର ଅନୁମୋଦନକ୍ରମେ ରାଜ୍ୟ ସରକାର ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବକୁ ଅବିସ୍ମରଣୀୟ କରିବା ପାଇଁ ସମସ୍ତ ଉଦ୍ୟମ କରିଛନ୍ତି। ଏହି ଉତ୍ସବରେ ସାମିଲ ହେବେ କିମ୍ବଦନ୍ତୀ ଗୀତିକାର ଗୁଲ୍‌ଜାର, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ, ବଲିଉଡ୍ ଅଭିନେତା ଶାହରୁଖ ଖାଁ ଓ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ଓଲିଉଡ୍‌ର ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା ସାହୁ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ କରିବେ। କାର୍ଯ୍ୟକ୍ରମର ଅନ୍ତିମ ରିହର୍ସାଲ କଳିଙ୍ଗ ଷ୍ଟାଡିୟମର ଆଥ୍‌ଲେଟିକ୍ସ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଗା ଇଭେଣ୍ଟ ପାଇଁ ଭୁବନେଶ୍ୱର ଉପରେ ଏବେ ସମଗ୍ର ବିଶ୍ୱର ନଜର। ବିଶ୍ୱକପ୍‌ରେ ଭାଗ ନେବାକୁ ଯାଉଥିବା ୧୬ଟି ଦଳ ଏବେ ଏଠାରେ ଏକତ୍ରିତ ହୋଇଥିବାବେଳେ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଅନେକ ହେଭିୱେଟ୍ କର୍ମକର୍ତ୍ତା। ଅପରାହ୍ନ ୫ଟା ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୧୯୭୫ ବିଶ୍ୱକପ୍ ବିଜୟୀ ଭାରତୀୟ ହକି ଦଳକୁ ସମ୍ବର୍ଦ୍ଧିତ କରାଯିବ।

ଉଦ୍‌ଘାଟନୀ ସମାରୋହର ଗୀତ 'ଦି ଆର୍ଥ ସଙ୍ଗ'ର ବିଷୟବସ୍ତୁ ☞ପୃଷ୍ଠା-୪

## ହକି ବିଶ୍ୱକପ୍ ପାଇଁ ଛୁଟି ଘୋଷଣା

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱକପ୍ ପାଇଁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ମଙ୍ଗଳବାର ଏହାର ଉଦ୍‌ଘାଟନୀ ଉତ୍ସବ ଅବସରରେ ଭୁବନେଶ୍ୱରର ସମସ୍ତ ଶିକ୍ଷାନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିବ। ରାଜ୍ୟର ଅନ୍ୟ ଅଞ୍ଚଳରେ ସମସ୍ତ ଶିକ୍ଷାନୁଷ୍ଠାନ ସହ ବ୍ୟାଙ୍କ୍ ଓ ବିତ୍ତୀୟ ପ୍ରତିଷ୍ଠାନ ଅପରାହ୍ନ ୧ଟା ୩୦ରୁ ବନ୍ଦ ରହିବ। ସେହିପରି ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ଉଦ୍‌ଘାଟନୀ ଉତ୍ସବ ନିମନ୍ତେ ଅପରାହ୍ନ ୧ଟା ୩୦ରୁ ବନ୍ଦ ରହିବ। ତେବେ ବୁଧବାର କଟକରେ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବ ପାଇଁ ସହରର ସମସ୍ତ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ଅପରାହ୍ନ ୧ଟା ୩୦ରୁ ବନ୍ଦ ରହିବ ବୋଲି ସୋମବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି।

## ଗୁଣ୍ଡିଚା ମନ୍ଦିର ନିକଟରେ ସିରିଜ ବୋମାମାଡ଼

**ପୁରୀ ଅଫିସ, ୨୬।୧୧**

ଦାଦାବଟିକୁ କେନ୍ଦ୍ରକରି ପୁରୀ ଗୁଣ୍ଡିଚା ମନ୍ଦିର ନିକଟ ବୋମାମାଡ଼ ହୋଇଛି। ସୋମବାର ରାତି ପ୍ରାୟ ୧୦ଟାରେ ତିନୋଟି ଦୋକାନ ଉପରେ ଦୁର୍ବୃତ୍ତମାନେ ସିରିଜ ବୋମାମାଡ଼ କରିଛନ୍ତି। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏ ନେଇ କୁମ୍ଭାରପଡ଼ା ଥାନାରେ ୩ଟି ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ବାଲିଉପର ବସ୍ତିର ଜଣେ ଯୁବକଙ୍କୁ ଅଟକ ରଖି ପଚରା ଉଚୁରା କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ଗୁଣ୍ଡିଚା ମନ୍ଦିର ଦଶାବତାର ମଠ ନିକଟରେ ଶ୍ରୀ ଗୁଣ୍ଡିଚା ସ୍ନାକ୍ସ, ଉମାଶଙ୍କର ଜେନେରାଲ୍ ଷ୍ଟୋର ଏବଂ ଏକ ହୋଟେଲ ରହିଛି। କେତେଜଣ ଯୁବକ ଦୀର୍ଘ ଦିନ ଧରି ଏହି ଦୋକାନ ମାଲିକମାନଙ୍କୁ ଦାଦାବଟି ମାଗି ଆସୁଥିଲେ। ଦାଦାବଟି ନ ଦେବାରୁ ବୋମାମାଡ଼ କରି ଫେରାର ହୋଇଯାଇଛନ୍ତି। ☞ପୃଷ୍ଠା-୪

# ୮ ମାଓବାଦୀ ନିହତ, ୨ ଯବାନ ଶହୀଦ

**ମାଲକାନଗିରି, ୨୬।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ଲାଲବାହିନୀକୁ ଲାଗିଛି ବଡଧରଣର ଝଟକା। ସୋମବାର ସୁରକ୍ଷାକର୍ମୀଙ୍କ ଗୁଳିରେ ୮ ମାଓବାଦୀ ଟଳି ପଡିଛନ୍ତି। ନିହତଙ୍କ ମଧ୍ୟରେ ୬ଜଣ ମହିଳା ଥିବା ଜଣାପଡ଼ିଥିଲେ ହେଁ ସେମାନଙ୍କ ପରିଚୟ ମିଳିପାରି ନାହିଁ। ଘଟଣାସ୍ଥଳରୁ ବହୁ ମାଓବାଦୀ ଛତ୍ରଭଙ୍ଗ ଦେଇଥିବା ଜଣାପଡ଼ିଛି। ଅପରପକ୍ଷରେ ଏହି ଗୁଳି ବିନିମୟରେ ୨ଜଣ ଡିଆର୍‌ଜି ଯବାନ ଶହୀଦ ହୋଇଛନ୍ତି। ସେମାନେ ହେଲେ ଜେରଡି ରାମା ଓ ମାଣ୍ଡବି ଜବା ଦୀର୍ଘ ୪ଘଣ୍ଟା ଧରି ଗୁଳି ବିନିମୟ ଚାଲିଥିଲା। ଗୁଳିବିନିମୟ ଥମିବା ପରେ ସୁରକ୍ଷାକର୍ମୀ ଘଟଣାସ୍ଥଳରୁ ୧୦ଟି ବନ୍ଧୁକ, ବହୁ ମାରଣାସ୍ତ୍ର, ବିଦ୍ୟୁତ୍ ତାର, ପୋଷାକ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଆଦି ଜବତ କରିଛନ୍ତି। ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି।



ମାଓବାଦୀ କ୍ୟାମ୍ପରୁ ଜବତ ସାମଗ୍ରୀ।

ମିଳିଥିବା ସୂଚନା ଅନୁସାରେ ସୁକ୍‌ମା ଜିଲାର କିସ୍ତାରାମ ଥାନା ଅନ୍ତର୍ଗତ ସାକଲର ନିକଟସ୍ଥ ଜଙ୍ଗଲରେ ମାଓବାଦୀଙ୍କ ଶିବିର ଚାଲିଥିବା ଖବର ପାଇ ଡିଷ୍ଟ୍ରିକ୍ ରିଜର୍ଭ ଗ୍ରୁପ୍(ଡିଆର୍‌ଜି) ଓ ଷ୍ଟେଟ୍ ଟାସ୍କ ଫୋର୍ସ(ଏସ୍‌ଟିଏଫ୍), ସିଆର୍‌ପିଏଫ୍ ଯବାନଙ୍କ ପକ୍ଷରୁ ରବିବାର ବିଳମ୍ବିତ ରାତିରେ କୋମ୍ବିଂ ଅପରେଶନ କରାଯାଇଥିଲା। ସୋମବାର ସକାଳ ପ୍ରାୟ ୯ଟାବେଳେ ସୁରକ୍ଷାକର୍ମୀ ମାଓବାଦୀ କ୍ୟାମ୍ପକୁ ଠାବ କରିଥିଲେ। ସୁରକ୍ଷାକର୍ମୀଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ଜବାବରେ ପୋଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ୪ଘଣ୍ଟା ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୮ଜଣ ମାଓବାଦୀ ନିହତ ହୋଇଥିଲେ। ଶେଷରେ ପୋଲିସ ଗୁଳିର ମୁକାବିଲା କରି ନ ପାରି ମାଓବାଦୀମାନେ ଜଙ୍ଗଲ ମଧ୍ୟରେ ଖସି ପଳାଇବାରେ ସକ୍ଷମ ହୋଇଥିଲେ ବୋଲି ସୁକ୍‌ମା ଏସ୍‌ପି ଅଭିଷେକ ମୀନା କହିଛନ୍ତି। ☞ପୃଷ୍ଠା-୪

**ସୀମାନ୍ତରେ ଗୁଳି ବିନିମୟ**
■ ଛତ୍ରଭଙ୍ଗ ଦେଲେ ବହୁ ମାଓବାଦୀ
■ ନିହତ ମାଓବାଦୀଙ୍କ ମିଳି ନାହିଁ ପରିଚୟ
■ ମାସକ ମଧ୍ୟରେ ୧୫ରୁ ଊର୍ଦ୍ଧ୍ୱ ମାଓବାଦୀ ସଫା




# ଧାର୍ଯ୍ୟ ହେଲା ସ୍କୁଲ ବ୍ୟାଗ୍ ଓଜନ

**ନୂଆଦିଲ୍ଲୀ, ୨୬।୧୧(ପି.ଟି.)**

■ ପ୍ରଥମ, ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ହୋମ୍‌ୱାର୍କ ମନା
■ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ୧.୫ କିଲୋ, ଦଶମ ପିଲାଙ୍କ ପାଇଁ ୫ କିଲୋ



କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନରେ ଥିବା ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ପିଲାମାନଙ୍କ ସ୍କୁଲ ବ୍ୟାଗ୍‌ର ଓଜନ କେତେ ହେବ ତାହା ଧାର୍ଯ୍ୟ କରାଯାଇଛି। ଏଥିସହିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ କୌଣସି ହୋମ୍‌ୱାର୍କ ନଦେବା ପାଇଁ କୁହାଯାଇଛି। ସମସ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବିଭାଗ ପକ୍ଷରୁ ଏନେଇ ସର୍କୁଲାର ଜାରି କରାଯାଇଛି। ଧାର୍ଯ୍ୟ ଓଜନଠାରୁ ସ୍କୁଲ ବ୍ୟାଗ୍‌ର ଓଜନ ଯେପରି ଅଧିକ ନହୁଏ, ସେଥିପାଇଁ ପିଲାମାନଙ୍କୁ ଅତିରିକ୍ତ ପୁସ୍ତକ ଏବଂ ପାଠ୍ୟୋପକରଣ ନଆଣିବା ଲାଗି ସ୍କୁଲ କର୍ତ୍ତୃପକ୍ଷ କହିବେ।

ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ଲାଗି ସ୍କୁଲ ବ୍ୟାଗ୍‌ର ସର୍ବାଧିକ ଓଜନ ୧.୫ କିଲୋଗ୍ରାମ ଧାର୍ଯ୍ୟ ହୋଇଥିଲା ବେଳେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଲାଗି ଏହା ୨ରୁ ୩ କିଲୋଗ୍ରାମ ମଧ୍ୟରେ ରଖିବାକୁ କୁହାଯାଇଛି। ☞ପୃଷ୍ଠା-୪

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଅକ୍ଟୋବର ମଧ୍ୟରେ ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି) ୧୫.୪୭ ନିୟୁତ ଟନ୍ ଲୁହା ପଥର ଉତ୍ପାଦନ କରିଛି।

-ସରକାରଙ୍କ ପ୍ରଦତ୍ତ ତଥ୍ୟ

NECC NATIONAL EGG CO-ORDINATION COMMITTEE 26.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 71 | 120 | 130 |
| BDK | 69 | 118 | 128 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers

### ଆଜିର ସମ୍ପାଦକୀୟ

**ଏକୁଟିଆ ଛାଡ଼ିଦିଅ**

### ଆଜିର ମନ୍ତବ୍ୟ

"ଜମ୍ମୁ-କଶ୍ମୀରର ସ୍ଥିତି ସମ୍ଭାଳିବା ଲାଗି କେନ୍ଦ୍ରର ପରୀକ୍ଷାମୂଳକ ନୀତି ରାଜ୍ୟକୁ ଅନେକ ବର୍ଷ ପଛକୁ ନେଇଯାଇଛି।

-ଓମାର ଅବ୍‌ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ନେତା



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୭ ନଭେମ୍ବର, ୨୦୧୮



“ କଂଗ୍ରେସ 'ଧର୍ମନିରପେକ୍ଷତା'ର ମୁଖା ଧରିଥିଲେ ସୁଦ୍ଧା ବାସ୍ତବରେ 'ସାମ୍ପ୍ରଦାୟିକତା'ର ବୋଝ ବହନ କରୁଛି । ଏହା ହେଉଛି ଦେଶର ସର୍ବପୁରାତନ ଦଳର ନୂତନ ପରିଚୟ ।

- ମୁଖ୍‌ତାର ଅବ୍ବାସ ନକଭୀ, କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ସୁନୀଲ ଅରୋରା ନୂଆ ସିଇସି



**ନୂଆଦିଲ୍ଲୀ,୨୬।୧୧(ପି.ଟି.)**-ସୁନୀଲ ଅରୋରା ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ନିଯୁକ୍ତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ସିଇସି ନିଯୁକ୍ତ କରିଛନ୍ତି। ଓ.ପି. ରାୱତଙ୍କ ସ୍ଥାନରେ ସେ ଡିସେମ୍ବର ୨ ତାରିଖରେ ଦାୟିତ୍ୱ ଗ୍ରହଣ କରିବେ ଏବଂ ୨୦୧୯ ସାଧାରଣ ନିର୍ବାଚନ ତାଙ୍କ ନେତୃତ୍ୱରେ ପରିଚାଳିତ ହେବ। ଲୋକସଭା ନିର୍ବାଚନ ସହ ଆସନ୍ତା ବର୍ଷ ହେବାକୁ ଥିବା ଓଡିଶା, ଜମ୍ମୁ-କଶ୍ମୀର, ମହାରାଷ୍ଟ୍ର, ହରିୟାଣା, ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ ଏବଂ ସିକ୍କିମ ବିଧାନସଭା ନିର୍ବାଚନକୁ ମଧ ସେ ପରିଚାଳନା କରିବେ। ବରିଷ୍ଠ ନିର୍ବାଚନ କମିଶନରଙ୍କୁ ସିଇସି ନିଯୁକ୍ତ କରାଯାଇଥାଏ। ପୂର୍ବତନ ପ୍ରଶାସନିକ ଅଧିକାରୀ ଅରୋରାଙ୍କୁ ୨୦୧୭ ଅଗଷ୍ଟ ୩୧ରେ ନିର୍ବାଚନ କମିଶନର ନିଯୁକ୍ତ କରାଯାଇଥିଲା। ସେ ୧୯୮୦ ବ୍ୟାଚ୍‌ର ରାଜସ୍ଥାନ କ୍ୟାଡର ଆଇଏଏସ ଅଫିସର। ପୂର୍ବରୁ ସେ ଅର୍ଥ, ବୟନଶିଳ୍ପ, ବେସାମରିକ ବିମାନ ଚଳାଚଳ ଆଦି ମନ୍ତ୍ରଣାଳୟ ଏବଂ ଯୋଜନା କମିଶନରେ କାର୍ଯ୍ୟ କରିଛନ୍ତି।

### ଦଫା ୩୭୦: ସାନି ଆବେଦନ ଖାରଜ



**ନୂଆଦିଲ୍ଲୀ,୨୬।୧୧(ପି.ଟି.)**- ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ କରୁଥିବା ସମ୍ବିଧାନର ଧାରା ୩୭୦କୁ ନେଇ ଲାଗି ରହୁଛି ବିବାଦ। ଏ ସଂକ୍ରାନ୍ତରେ ହୋଇଥିବା ଏକ ସାନି ଆବେଦନକୁ ସୋମବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ ଧାରା ୩୭୦କୁ ନେଇ ହୋଇଥିବା ଅନେକ ଆବେଦନ ପଡ଼ିରହିଛି। ପୂର୍ବ ଏବଂ ଏବର ଆବେଦନ ମଧ୍ୟରେ ସାମଞ୍ଜସ୍ୟ ମଧ ରହିଛି। ତେଣୁ ସାନି ପିଟିଶନ ଉପରେ ହସ୍ତକ୍ଷେପ କରିବେ ନାହିଁ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ କହିଛନ୍ତି। ଆବେଦନକାରୀ ବିଜୟ ମିଶ୍ର ଏବଂ ସନ୍ଦୀପ୍ ଲାମ୍ବା ଦର୍ଶାଇଛନ୍ତି ଯେ, ୧୯୫୭ ଜାନୁୟାରୀ ୨୬ରେ ଜମ୍ମୁ-କଶ୍ମୀର ବିଧାନସଭା ଭଙ୍ଗ ହେବା ସହିତ ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ହୋଇଛି ବୋଲି ଘୋଷଣା କରାଯାଉ। ଏହା ସେମାନଙ୍କ ଦାବି। ଏହି ରାଜ୍ୟରେ ବଳପୂର୍ବକ ରାଷ୍ଟ୍ରପତିଙ୍କ କ୍ଷମତା ଜାରି କରିବା ବାଧତାମୂଳକ ନ ହେଉ ବୋଲି ମଧ ଆବେଦନକାରୀ ନିବେଦନ କରିଛନ୍ତି।

### ସମ୍ବିଧାନ ଦିବସରେ ଦେଶବାସୀଙ୍କୁ ଅଭିନନ୍ଦନ

**ନୂଆଦିଲ୍ଲୀ,୨୬।୧୧(ପି.ଟି.)**-ଭାରତୀୟ ସମ୍ବିଧାନ ୭୦ ବର୍ଷରେ ପଦାର୍ପଣ କରିଛି। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ଭାରତର ସମ୍ବିଧାନ ଗୃହୀତ ହୋଇଥିଲା। ତେଣୁ ପ୍ରତିବର୍ଷ ଏହି ଦିନକୁ ସମ୍ବିଧାନ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମ୍ବିଧାନରେ ଉଲ୍ଲିଖିତ ମୂଲ୍ୟବୋଧ ବ୍ୟକ୍ତିଗତ ଏବଂ ସାଧାରଣ ଜୀବନରେ ପାଳନ କରାଯିବା ଜରୁରୀ। ସାମ୍ବିଧାନିକ ସଂସ୍ଥା ଏବଂ ପ୍ରକ୍ରିୟା ଉପରେ ଦେଶବାସୀ ଆସ୍ଥା ରଖିବା ସହ ଏହାକୁ ସମ୍ମାନ ଦେବା ଏବଂ ସାଧାରଣ ଜୀବନରେ ସାଧୁତା ବଜାୟ ରଖିବାକୁ ଉପରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। ସମ୍ବିଧାନ ପ୍ରଣୟନରେ ଆମର ମହାନ୍ ନେତାମାନଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ■ ୨୬/୧୧ ଆକ୍ରମଣକୁ ପୂରିଲା ୧୦ ବର୍ଷ

# ପାକିସ୍ତାନ ଉପରେ ଚାପ

**ନୂଆଦିଲ୍ଲୀ,୨୬।୧୧(ପି.ଟି.)**



- ■ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପାକିସ୍ତାନ ଆନ୍ତରିକତା ଦେଖାଉନି
- ■ ସୂଚନାଦାତାଙ୍କ ଲାଗି ଆମେରିକାର ୫ ନିୟୁତ ଡଲାର ପୁରସ୍କାର

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ୧୦ ବର୍ଷ ପୂରିଛି। ତେବେ ଆକ୍ରମଣ ସହ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପାକିସ୍ତାନ ଆନ୍ତରିକତା ଦେଖାଉ ନଥିବା ଭାରତ ଅଭିଯୋଗ କରିଛି। ଅପରାଧୀମାନେ ଏବେ ବି ପାକିସ୍ତାନ ରାସ୍ତାରେ ଅବାଧରେ ଘୂରିବୁଲୁଛନ୍ତି। ଏହି ଆକ୍ରମଣ ଯୋଜନା ଏବଂ ଏହାର କାର୍ଯ୍ୟକାରିତା ପାକିସ୍ତାନରୁ ହୋଇଥିଲା। ପାକିସ୍ତାନ ମାଟିରୁ ଆତଙ୍କବାଦୀମାନେ ଆସିଥିଲେ, ଏକଥାକୁ ପୂର୍ବତନ ପାକ୍ ପ୍ରଧାନମନ୍ତ୍ରୀ ପୂର୍ବରୁ ସ୍ୱୀକାର କରିସାରିଛନ୍ତି। ତେଣୁ ଇସଲାମାବାଦ ଦୋମୁହାଁ ନୀତି ଛାଡି ଏହି ଭୟାବହ ଆକ୍ରମଣ ଘଟଣାର ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଭାରତ ପୁଣି ଥରେ ଆହ୍ୱାନ ଦେଇଛି।

ଲଶ୍କର-ଇ-ତୋଇବାର ୧୦ ଜଣ ଆତଙ୍କବାଦୀ ସମୁଦ୍ରପଥରେ ମୁମ୍ବାଇ ଆସି ତାଜ ହୋଟେଲ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆକ୍ରମଣ କରିଥିଲେ ଯେଉଁଥିରେ ୬ ଆମେରିକୀୟଙ୍କ ସମେତ ୧୬୬ ଜଣଙ୍କର ମୃତ୍ୟୁ ହୋଇଥିଲା। ସୁରକ୍ଷା କର୍ମୀଙ୍କ ଗୁଳିରେ ୯ ଜଣ ଆତଙ୍କବାଦୀ ନିହତ ହୋଇଥିଲା ବେଳେ ଏକମାତ୍ର ଜୀବିତ ଆତଙ୍କବାଦୀ ଅଜମଲ କସବକୁ ବିଚାର ପରେ ଫାଶୀ ଦିଆଯାଇଥିଲା।

ଲଶ୍କର ସମେତ ବିଭିନ୍ନ ଆତଙ୍କବାଦୀ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆମେରିକା ପାକିସ୍ତାନକୁ କହିଛି। ୨୬/୧୧ ଅପରାଧୀଙ୍କ ସମ୍ପର୍କରେ ସୂଚନା ଦେଲେ ୫ ନିୟୁତ ଡଲାର ପୁରସ୍କାର ଦେବାକୁ ଆମେରିକା ଘୋଷଣା କରିଛି। ମୃତକ ଏବଂ ଶହୀଦଙ୍କ ପରିବାରକୁ ନ୍ୟାୟ ଦେବା ଲାଗି ଭାରତ ତା'ର ଉଦ୍ୟମ ଅବ୍ୟାହତ ରଖିବ ବୋଲି କହିଛି। ୨୬/୧୧ ଘଟଣା ଭାରତରେ ସର୍ବବୃହତ ଆତଙ୍କବାଦୀ ଆକ୍ରମଣ ଥିଲା। ଏହାର ୧୦ ବର୍ଷ ପୂର୍ତ୍ତି ଅବସରରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଆକ୍ରମଣର ଭୟାବହ ଦୃଶ୍ୟ ଏବେ ମଧ ଭାରତୀୟଙ୍କ ମନରେ ରେଖାଙ୍କିତ ହୋଇ ରହିଛି ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି।

ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୬/୧୧ ଆକ୍ରମଣର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଆତଙ୍କବାଦର ଭୟାବହତା ଏବଂ ଆତଙ୍କବାଦୀଙ୍କୁ ନିଜ ମାଟିରେ ପାଳି ପୋଷି ବଢ଼ାଉଥିବା ରାଷ୍ଟ୍ର ବିରୋଧରେ ବିଶ୍ୱ ସମୁଦାୟ ଏକାଠି ଲଢ଼ିବାର ସମୟ ଆସିଛି। ଯବାନମାନଙ୍କ ପ୍ରାଣବଳି ବୃଥା ଯିବ ନାହିଁ ବୋଲି ଉପରାଷ୍ଟ୍ରପତି କହିଛନ୍ତି। କଂଗ୍ରେସ ସରକାରରେ ଥିଲା ବେଳେ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ପାକିସ୍ତାନରେ ସର୍ଜିକାଲ ଷ୍ଟ୍ରାଇକକୁ ନେଇ ଏହି ଦଳ ଏବେ ପ୍ରଶ୍ନ ଉଠାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷା ସୋନିଆଙ୍କ ନାଁ ନନେଇ ପ୍ରଧାନମନ୍ତ୍ରୀ କହିଥିଲେ ୨୬/୧୧ ଆକ୍ରମଣ ବେଳେ ସାରା ବିଶ୍ୱ ଦୋହଲିଯାଇଥିଲା ବେଳେ ଦେଶକୁ ଶାସନ କରୁଥିବା ମାଡାମ ନିର୍ବାଚନ କିପରି ଜିତିବେ ସେହି ଚିନ୍ତାରେ ଥିଲେ।




ସମ୍ବିଧାନର ସୁରକ୍ଷା ଲାଗି ବିଭିନ୍ନ ଆଇନଜୀବୀ ସଂଗଠନ ପକ୍ଷରୁ ସୋମବାର ଦିଲ୍ଲୀରେ ଶୋଭାଯାତ୍ରା ହେଉଛି।

### ମଧ୍ୟପ୍ରଦେଶ, ମିଜୋରାମରେ ପ୍ରଚାର ଶେଷ

**ନୂଆଦିଲ୍ଲୀ,୨୬।୧୧(ପି.ଟି.)**

ଆସନ୍ତା ୨୮ ତାରିଖରେ ମଧ୍ୟପ୍ରଦେଶ ଏବଂ ମିଜୋରାମ ବିଧାନସଭା ନିର୍ବାଚନ ପାଇଁ ସୋମବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଡିସେମ୍ବର ୧୧ରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ କରାଯିବ। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ଲାଗି ହେବାକୁ ଯାଉଥିବା ନିର୍ବାଚନରେ ମୁଖ୍ୟତଃ ଦୁଇଟି ଦଳ ଭାଜପା ଏବଂ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଶିବରାଜ ସିଂ ଚୌହାନଙ୍କ ନେତୃତ୍ୱରେ ଭାଜପା କ୍ରମାଗତ ଚତୁର୍ଥ ଥର ସରକାର ଗଢ଼ିବା ଲାଗି ଆପ୍ରାଣ ଉଦ୍ୟମ ଚଳାଇଥିଲାବେଳେ ୨୦୦୩ ପରେ ପୁଣି ଥରେ କ୍ଷମତାକୁ ଆସିବା ଲାଗି କଂଗ୍ରେସ ସଂଘର୍ଷ ଚଳାଇଛି। ଅନ୍ୟ ପକ୍ଷରେ ୪୦ ଆସନ ବିଶିଷ୍ଟ ମିଜୋରାମ ବିଧାନସଭା ଲାଗି ହେବାକୁ ଯାଉଥିବା ନିର୍ବାଚନରେ ମୁଖ୍ୟତଃ ମିଜୋ ନ୍ୟାଶନାଲ ଫ୍ରଣ୍ଟ ଏବଂ ବିରୋଧୀ ଦଳ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।

## ■ ଏୟାରସେଲ୍-ମାକ୍ସିସ୍ ମାମଲା

# ଚିଦାମ୍ବରମ୍‌ଙ୍କୁ ଜେରା କରିବ ସିବିଆଇ

**ନୂଆଦିଲ୍ଲୀ,୨୬।୧୧(ପି.ଟି.)**



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍‌ଙ୍କ ମୁଣ୍ଡରେ ପଡ଼ିଛି ଚଡ଼କ। ଏୟାରସେଲ୍-ମାକ୍ସିସ୍ ମାମଲାରେ ତାଙ୍କୁ ଜେରା କରିବା ଲାଗି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଅନୁମତି ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର। ଏ ସମ୍ପର୍କରେ ତଦନ୍ତ ସଂସ୍ଥା ପକ୍ଷରୁ ଦିଲ୍ଲୀର ଏକ କୋର୍ଟଙ୍କୁ ଅବଗତ କରାଯାଇଛି। ଏହି ଦୁର୍ନୀତି ମାମଲାର ଅଭିଯୁକ୍ତ ଚିଦାମ୍ବରମ୍ ଓ ତାଙ୍କ ପୁଅ କାର୍ତ୍ତିଙ୍କ ଗିରଫଦାରିକୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ଅଦାଲତ ଘୁଞ୍ଚାଇଦେଇଛନ୍ତି। ଚିଦାମ୍ବରମ୍‌ଙ୍କ ବାଦ୍ ମାମଲାର ଅନ୍ୟ ୫ ଅଭିଯୁକ୍ତଙ୍କୁ ଜେରା କରିବା ଲାଗି ତିନି ସପ୍ତାହ ମଧ୍ୟରେ କେନ୍ଦ୍ରର ଅନୁମତି ଲାଭ କରିବା ପାଇଁ ମଧ ସିବିଆଇକୁ ଏହି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ ତାରିଖରେ ହେବ ବୋଲି ସ୍ୱତନ୍ତ୍ର ବିଚାରପତି ଓ.ପି. ସାଇନି କହିଛନ୍ତି। ସିବିଆଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ, ସିଆର୍‌ପିସିର ଦଫା ୧୯୭ ଏବଂ ଦୁର୍ନୀତି ନିବାରଣ ଆଇନର ଦଫା ୧୯ ଆଧାରରେ ଚିଦାମ୍ବରମ୍‌ଙ୍କୁ ଜେରା କରିବା ଲାଗି କେନ୍ଦ୍ର ଅନୁମତି ଦେଇଛନ୍ତି।

## ଆଫଗାନିସ୍ତାନରେ ତାଲିବାନ ଆକ୍ରମଣ: ୨୨ ପୋଲିସ ନିହତ

**ହେରାତ୍,୨୬।୧୧(ପି.ଟି.)**

ଆଫଗାନିସ୍ତାନର ସୁରକ୍ଷାବଳକୁ ପୁଣି ଲାଗିଛି ଶକ୍ତ ଝଟକା। ପଶ୍ଚିମାଞ୍ଚଳସ୍ଥିତ ଫରାହ ପ୍ରଦେଶରେ ସୋମବାର ତାଲିବାନୀ ଆତଙ୍କବାଦୀ ଆକ୍ରମଣ ଘଟାଇଛନ୍ତି। ଏଥିରେ ୨୨ ପୋଲିସ କର୍ମଚାରୀ ନିହତ ହୋଇଛନ୍ତି। ଆକ୍ରମଣ ଯୋଗୁ ଅନ୍ୟ ଦୁଇଜଣ ସୁରକ୍ଷାକର୍ମୀ ମଧ ଆହତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏକ ହ୍ୱାଟ୍ସଆପ୍ ମେସେଜ୍ ଜରିଆରେ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି ଦୁର୍ଦ୍ଧାନ୍ତ ଆତଙ୍କବାଦୀ ସଙ୍ଗଠନ ତାଲିବାନ। ତେବେ ନିହତ ପୋଲିସ କର୍ମଚାରୀଙ୍କ ସଂଖ୍ୟା ୨୫ ବୋଲି ତାଲିବାନ ପକ୍ଷରୁ କୁହାଯାଇଛି। ସେହିପରି ୪ ପୋଲିସ ଗାଡ଼ି ଧ୍ୱଂସ କରିଦିଆଯିବା ସହ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ଆତଙ୍କବାଦୀଙ୍କ ଜଣେ ମୁଖପାତ୍ର କହିଛନ୍ତି। ପ୍ରକାଶ ଯେ, ଚଳିତବର୍ଷ ଆଫଗାନିସ୍ତାନରେ ତାଲିବାନ ଏବଂ ଆଇଏସ୍ ଆତଙ୍କବାଦୀ ଅନେକ ଆକ୍ରମଣ ଘଟାଇଲେଣି। ଗତ ଶୁକ୍ରବାର ଖୋସ୍ତ ପ୍ରଦେଶର ଏକ ମସ୍‌ଜିଦରେ ଆତ୍ମଘାତୀ ଆକ୍ରମଣ ଯୋଗୁ ୨୭ ସୈନ୍ୟ ନିହତ ହୋଇଥିଲେ।

## ଆୟକର ଅଧିକାରୀଙ୍କ ନାଁରେ ଦୁର୍ନୀତି ମାମଲା: ପୁନଃ ତଦନ୍ତ ହେବନି

**ନୂଆଦିଲ୍ଲୀ,୨୬।୧୧(ପି.ଟି.)**

ଆୟକର ଅଧିକାରୀ ଏବଂ ମଧ୍ୟସ୍ଥଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ପୁନଃ ତଦନ୍ତ ଲାଗି ପୂର୍ବତନ ନିର୍ଦ୍ଦେଶକ ଆଲୋକ ବର୍ମା ମୌଖିକ ଭାବେ ଦେଇଥିବା ପ୍ରସ୍ତାବକୁ ଅନ୍ତରୀଣ ସିବିଆଇ ନିର୍ଦ୍ଦେଶକ ଏମ୍.ନାଗେଶ୍ୱର ରାଓ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏହା ଏକ ନୀତିଗତ ନିଷ୍ପତ୍ତି ଥିବାରୁ ଏଥିପାଇଁ ଅନୁମତି ଦେବା ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ସ ବିରୋଧରେ ଯିବ ବୋଲି ରାଓ କହିଛନ୍ତି।

୨୦୧୬ରେ ସିବିଆଇ ଆୟକର ବିଭାଗର ୯ ଜଣ ବରିଷ୍ଠ ଅଧିକାରୀ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଞ୍ଜୟ ଭଣ୍ଡାରୀଙ୍କ ସମେତ ୩ ଜଣ ମଧ୍ୟସ୍ଥିଙ୍କ ବିରୋଧରେ ଦୁର୍ନୀତି ମାମଲା ରୁଜୁ କରିଥିଲା। ୨୦୧୫ ଜାନୁୟାରୀରେ ରୁଜୁ ହୋଇଥିବା ଅନ୍ୟ ଏକ ମାମଲାରେ ମଧ ଭଣ୍ଡାରୀଙ୍କ ସମେତ ଜଣେ ଆୟକର ଅଧିକାରୀଙ୍କ ନାଁ ଥିଲା। ଏସ୍.ଏଚ. ଭଣ୍ଡାରୀ ଆଣ୍ଡ କୋର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶ୍ରେୟାଂଶ ଭଣ୍ଡାରୀଙ୍କଠାରୁ ଲାଞ୍ଚ ନେଲାବେଳେ ସେ ଗିରଫ ହୋଇଥିଲେ। ଉକ୍ତ କର୍ତ୍ତୃପକ୍ଷ ଏବଂ ତତ୍କାଳୀନ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ପରାମର୍ଶକ୍ରମେ ଏହି ମାମଲାକୁ ବନ୍ଦ କରିଦିଆଯାଇଥିଲା।

## ■ ରାମମନ୍ଦିର ନିର୍ମାଣ ପ୍ରସଙ୍ଗ: ଫାରୁକ୍‌ଙ୍କ ପ୍ରଶ୍ନ

# କେବଳ ଅଯୋଧ୍ୟାରେ କାହିଁକି

**ନୂଆଦିଲ୍ଲୀ,୨୬।୧୧(ପି.ଟି.)**



ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଲାଗି ଦାବି ଜୋର୍ ଧରିଛି। ଏ ସଂକ୍ରାନ୍ତରେ ଏକ ଅଧ୍ୟାଦେଶ ଆଣିବାକୁ ମଧ ହିନ୍ଦୁତ୍ୱବାଦୀ ସଙ୍ଗଠନ ଅଡ଼ିବସିଛନ୍ତି। ଏତିକିବେଳେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍‌ଦୁଲ୍ଲା ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଭଗବାନ ଶ୍ରୀରାମ ସମଗ୍ର ବିଶ୍ୱବାସୀଙ୍କର। ତେବେ ଅଯୋଧ୍ୟାରେ କାହିଁକି ତାଙ୍କ ମନ୍ଦିର ନିର୍ମାଣ ହେବ ବୋଲି ଫାରୁକ୍ ପ୍ରଶ୍ନ କରିଛନ୍ତି। ତାଙ୍କୁ ଜବାବ ଦେଇ ଜେଡିୟୁ ନେତା ପୱନ୍ ବର୍ମା କହିଛନ୍ତି, ଅଯୋଧ୍ୟାରେ ରାମ ମନ୍ଦିର ଗଢ଼ାହେଉ ବୋଲି ଯଦି ହିନ୍ଦୁମାନେ ଦାବି କରୁଛନ୍ତି ତା'ହେଲେ କାହିଁକି ଏପରି ହେବ ନାହିଁ। ଫାରୁକ୍ ଆହୁରି କହିଛନ୍ତି, ରାମ ମନ୍ଦିର ନିର୍ମାଣକୁ ନେଇ ତାଙ୍କର ଆପତ୍ତି ନାହିଁ। କିନ୍ତୁ ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ହେବା ଯାଏ ସମସ୍ତେ ଅପେକ୍ଷା କରିବା ଉଚିତ।

# ରାହୁଲଙ୍କ ଗୋତ୍ର 'ଦତ୍ତାତ୍ରେୟ'

**ଅଜମେର,୨୬।୧୧(ଆଇଏଏନ୍‌ଏସ୍)**



ନିଜକୁ ଶିବଭକ୍ତ ଏବଂ 'ଜନେଉଧାରୀ ହିନ୍ଦୁ' ବୋଲାଉଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଜାତି ଓ ଗୋତ୍ରକୁ ନେଇ ବିଭିନ୍ନ ସମୟରେ ଉଠିଛି ପ୍ରଶ୍ନ। ମୁଖ୍ୟତଃ ଭାଜପା ତାଙ୍କୁ ଏନେଇ ଆକ୍ରମଣ କରିଆସୁଛି। ତେବେ ରାହୁଲଙ୍କ ଗୋତ୍ର 'ଦତ୍ତାତ୍ରେୟ' ବୋଲି ଜଣାପଡ଼ିଛି। ରାଜସ୍ଥାନର ପୁଷ୍କର ମନ୍ଦିରରେ ସୋମବାର ପୂଜାର୍ଚ୍ଚନା କରିବାବେଳେ ତାଙ୍କୁ ଜାତି ଓ ଗୋତ୍ର ବିଷୟରେ ପଚାରିଥିଲେ ପୂଜକ। ଏହାପରେ ସେ ନିଜକୁ ଗୋତ୍ର 'ଦତ୍ତାତ୍ରେୟ' ଗୋତ୍ରର କୌଲ ବ୍ରାହ୍ମଣ ବୋଲି ପରିଚୟ ଦେଇଥିଲେ। ପୂଜକ କହିଛନ୍ତି, ମନ୍ଦିର ରେକର୍ଡ ଅନୁଯାୟୀ ରାହୁଲ ହେଉଛନ୍ତି କଶ୍ମୀର ବ୍ରାହ୍ମଣ। ମୋତିଲାଲ ନେହେରୁ, ଜବାହରଲାଲ ନେହେରୁ ଓ ତାଙ୍କ ପରିବାର ଲୋକେ କଶ୍ମୀର ପଣ୍ଡିତ ଥିଲେ। ମନ୍ଦିର ରେଜିଷ୍ଟରରେ ରାହୁଲ ମଧ ସମାନ କଥା ଲେଖିଛନ୍ତି।

# ଦ୍ୱାର ଉନ୍ମୁକ୍ତ କରିବ କର୍‌ତାରପୁର କରିଡର

**ଗୁରୁଦାସପୁର,୨୬।୧୧(ପି.ଟି.)**



### ଶିଖ୍‌ଙ୍କ ଅପେକ୍ଷାର ଅନ୍ତ

- ■ ଗୁର୍‌ଦାସପୁରରେ କରିଡର ଶିଳାନ୍ୟାସ କଲେ ନାଇଡୁ, ଅମରିନ୍ଦର
- ■ ଶ୍ରେୟ ପାଇଁ ଟଣାଓଟରା
- ■ ନାମ ଫଳକକୁ ନେଇ ପଞ୍ଜାବର କାଦୁଅଫିଙ୍ଗା

ଦୀର୍ଘବର୍ଷ ଅପେକ୍ଷାର ଅନ୍ତ ଘଟିଛି। ଅନେକ ବିବାଦ ଓ ବିତର୍କ ମଧ୍ୟରେ ପଞ୍ଜାବର ଗୁର୍‌ଦାସପୁରଠାରେ କର୍‌ତାରପୁର କରିଡର ନିର୍ମାଣ ଲାଗି ମୂଳଦୁଆ ପଡ଼ିଛି। ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏହାର ଶିଳାନ୍ୟାସ କରିଛନ୍ତି। ଏହି କରିଡର ନିର୍ମାଣ ହେବା ପରେ ଭାରତୀୟ ଶିଖ୍ ତୀର୍ଥଯାତ୍ରୀମାନେ ପାକିସ୍ତାନରେ ଥିବା ଗୁରୁଦ୍ୱାରା ଦରବାର ସାହିବ ପରିଦର୍ଶନ କରିପାରିବେ। ତେବେ ମାନ୍ ଗ୍ରାମରେ ଶିଳାନ୍ୟାସ କାର୍ଯ୍ୟକ୍ରମରେ କୁତ୍ସିତ ରାଜନୀତିର ଚିତ୍ର ଦେଖିବାକୁ ମିଳିଛି। କରତାରପୁର କରିଡର ପ୍ରକଳ୍ପ ପାଇଁ ଶ୍ରେୟ ନେବାକୁ ଟଣା ଓଟରା ହୋଇଛନ୍ତି କଂଗ୍ରେସ ଏବଂ ଶିରୋମଣି ଅକାଲୀ ଦଳ (ଏସ୍‌ଏଡି)।

ରାବି ନଦୀ କୂଳରେ ଥିବା ଗୁରୁଦ୍ୱାରା ଦରବାର ସାହିବ ହେଉଛି ଶିଖ୍‌ଙ୍କ ପ୍ରସିଦ୍ଧ ଧର୍ମସ୍ଥଳୀ। ଭାରତ-ପାକ୍ ଅନ୍ତର୍ଜାତୀୟ ସୀମାରୁ ମାତ୍ର ୩ କି.ମି. ଦୂରରେ ଏହା ଅବସ୍ଥିତ। ଏଠାକୁ ଶିଖ୍‌ମାନେ ଯେପରି ସୁରୁଖୁରରେ ତୀର୍ଥଯାତ୍ରା କରିପାରିବେ, ସେଥିଲାଗି ସୀମା (ଆଇବି)ରେ ଏକ କରିଡର ନିର୍ମାଣ କରିବାକୁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ଡେରା ବାବା ନାନକଠାରୁ ଆଇବି ପର୍ଯ୍ୟନ୍ତ ଏହି କରିଡର ନିର୍ମାଣ ଲାଗି ଗତ ୨୨ ତାରିଖରେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିଲା। ତେବେ ଗୋଟିଏ ପଟେ ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ସମ୍ପର୍କରେ ତିକ୍ତତା ବଢ଼ିଚାଲିଥିବାବେଳେ ଅନ୍ୟପଟେ ଏହି କରିଡର ନିର୍ମାଣ ବେଶ୍ ଗୁରୁତ୍ୱ ବହନ କରୁଛି। ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ନାଇଡୁ ଏବଂ ଅମରିନ୍ଦର। ପାକିସ୍ତାନରେ ଥିବା ଏହି ଐତିହାସିକ ଗୁରୁଦ୍ୱାରାକୁ ପରିଦର୍ଶନ କରିବାକୁ ଗଲେ ଶିଖ୍‌ଙ୍କୁ ଭିଜା ଆବେଦନ କରିବାକୁ ପଡ଼ିବ ନାହିଁ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର କହିଛନ୍ତି। ଏହି କରିଡର ଏକ ନୂତନ ଦ୍ୱାର ଉନ୍ମୁକ୍ତ କରିଛି। ଏହା ନୂଆ ପଥର ସମ୍ଭାବନା ସୃଷ୍ଟି କରିଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି।

କର୍‌ତାରପୁର କରିଡର ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅଶୋଭନୀୟ ଘଟଣା ଘଟିଛି। ନାମ ଫଳକରେ ଏସ୍‌ଏଡି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲ ଓ ତାଙ୍କ ପୁଅ ସୁଖବୀର ସିଂ ବାଦଲଙ୍କ ନାମ ସ୍ଥାନିତ ହୋଇଥିବା ସେ ଦେଖିବାକୁ ପାଇଥିଲେ ରାଜ୍ୟର ମନ୍ତ୍ରୀ ସୁଖଜିନ୍ଦର ସିଂ ରନ୍ଧାୱା। ଏହାକୁ ସେ ଦୃଢ଼ ବିରୋଧ କଲେ। ଫଳରେ ସେଠାରେ ବେଶ୍ କିଛି ସମୟ ଗଣ୍ଡଗୋଳ ପରିସ୍ଥିତି ଉପୁଜିଲା। ଉପରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଏସବୁ ଘଟଣା ଘଟୁଥିଲା।

### ପାକ୍‌କୁ ଅମରିନ୍ଦରଙ୍କ ଚେତାବନୀ

**ଡେରା ବାବା ନାନକ,୨୬।୧୧(ପି.ଟି.)**

ପଞ୍ଜାବର ଗୁର୍‌ଦାସପୁରରେ କର୍‌ତାର ସାହିବ କରିଡର ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ପାକିସ୍ତାନ ଉପରେ ପ୍ରବଳ ବର୍ଷିଛନ୍ତି। ଭାରତ ବିରୋଧରେ ପଡ଼ୋଶୀ ରାଷ୍ଟ୍ର ଆତଙ୍କବାଦ ଷଡ଼ଯନ୍ତ୍ର ରଚିବା ବନ୍ଦ କରୁ। ନଚେତ୍ ପରିଣାମ ଭୋଗିବ ବୋଲି ସେ ଚେତାବନୀ ଦେଇଛନ୍ତି। ଭାରତରେ ବିଶାଳ ସୈନ୍ୟବାହିନୀ ଅଛି ଏବଂ ଆମେ ଜବାବ ଦେବାକୁ ପ୍ରସ୍ତୁତ ଅଛୁ ବୋଲି ସେ କହିଛନ୍ତି। ଅବସରପ୍ରାପ୍ତ ସେନା ଅଫିସର କ୍ୟାପ୍‌ଟେନ ଅମରିନ୍ଦର ସିଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ସଦିଚ୍ଛା ପ୍ରଦର୍ଶନ ପାଇଁ ଧନ୍ୟବାଦ ଦେବା ସହ ସେହି ଦେଶର ସେନା ମୁଖ୍ୟ (ଜେନେରାଲ କମାର ଜାଭେଦ ବାଜ୍ୱା)ଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ବୁଧବାର ପାକିସ୍ତାନରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅମରିନ୍ଦରଙ୍କୁ ଆମନ୍ତ୍ରଣ କରାଯାଇଥିଲେ ସୁଦ୍ଧା ସେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। କିନ୍ତୁ ତାଙ୍କ କ୍ୟାବିନେଟ ସହଯୋଗୀ ନବଜୋତ୍ ସିଂ ସିଦ୍ଧୁ ପଡ଼ୋଶୀ ରାଷ୍ଟ୍ରକୁ ଗସ୍ତ କରିବେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଦେବଦୂତ କହିଥିବା ସିଦ୍ଧୁ କହିଛନ୍ତି, ଏହି କରିଡର ଅନେକ ସମ୍ଭାବନା ସୃଷ୍ଟି କରିଛି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.








# ୩ ଲକ୍ଷ କୋଟି ପର୍ଯ୍ୟନ୍ତ କେନ୍ଦ୍ରକୁ ଦେଇପାରିବ ଆର୍‌ବିଆଇ

**ନୂଆଦିଲ୍ଲୀ,୨୬ା୧୧**

ରିଜର୍ଭ ବ୍ୟାଙ୍କ ନିଜ ନିକଟରେ ଗଚ୍ଛିତ ରଖିଥିବା ବଳକା ଅର୍ଥ ମଧ୍ୟରୁ କେନ୍ଦ୍ର ସରକାରଙ୍କୁ ୧ ଲକ୍ଷରୁ ୩ ଲକ୍ଷ କୋଟି ଟଙ୍କା ଦେଇପାରିବ ବୋଲି ବିଶ୍ୱର ଅଗ୍ରଣୀ ବ୍ୟାଙ୍କ ଅଫ୍ ଆମେରିକା ମେରିଲ ଲିଞ୍ଚ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ସୋମବାର ଜାରି ଏକ ରିପୋର୍ଟରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କର ଆର୍ଥିକ ପୁଞ୍ଜି ଢାଞ୍ଚାର ରୂପରେଖ ପ୍ରସ୍ତୁତ କରିବା ଲାଗି ଚଳିତ ସପ୍ତାହରେ ଗଠିତ ହେବାକୁ ଥିବା ଇସିଏଫ କମିଟି ତାଙ୍କ ସୁପାରିସ୍‌ରେ ୧ରୁ ୩ ଲକ୍ଷ କୋଟି ଟଙ୍କା ଦେବାକୁ କହିପାରନ୍ତି। ଏହି ରାଶି ମୋଟ ଜିଡିପିର ୦.୫ରୁ ୧.୬% ପର୍ଯ୍ୟନ୍ତ ହୋଇପାରେ। ଏଥିରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କର ଆକସ୍ମିକ୍ ପାଣ୍ଠିକୁ ବାଲାନ୍ସ ସିଟ୍‌ର ୩.୫% ପର୍ଯ୍ୟନ୍ତ ସୀମିତ ରଖାଗଲେ, ଏଥିରେ ବଳକା ହେଉଥିବା ୧,୦୫,୦୦୦କୋଟି ଟଙ୍କା ସରକାରଙ୍କୁ ହସ୍ତାନ୍ତର କରାଯାଇପାରିବ। ଏହା ବ୍ରିକ୍ସ ଅର୍ଥନୀତିର ହାରାହାରି ସ୍ତରଠାରୁ ୭୫ ପ୍ରତିଶତ ଅଧିକ ହେବ।

# ରାଜପଥରେ କଂଗ୍ରେସ କନ୍ଦଳ

**ଆନନ୍ଦପୁର/ଭୁବନେଶ୍ୱର,୨୬ା୧୧(ସ୍ୱ.ପ୍ର./ବ୍ୟୁରୋ)**

କଂଗ୍ରେସ ଗୋଷ୍ଠୀ କନ୍ଦଳର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ରବିବାର ରାତିର ଘଟଣା। କେନ୍ଦୁଝର ଜିଲା ଆନନ୍ଦପୁର ପାର୍ଶ୍ୱରୁ ଏକ କାର ଯାଇ ସାଇଁକୁଳ ଫାଣ୍ଡି ଅନ୍ତର୍ଗତ ହସନପୁର ଟୋଲ୍ ଗେଟ୍ ନିକଟରେ ଅଟକୁଛି। ବିପରୀତ ପାର୍ଶ୍ୱରୁ କେତେଜଣ ଯୁବକ ଆସି ସମ୍ପୃକ୍ତ କାରରୁ ଜଣେ ବ୍ୟକ୍ତିଙ୍କୁ ବାହାର କରି ମାଡ଼ ମାରିମାରି ଆଣୁଛନ୍ତି। ତା'ର କିଛି ସମୟ ପରେ ଘଟଣାସ୍ଥଳରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ କାର ଯାଇ ସେଠାରେ ଅଟକୁଛି । ନିରଞ୍ଜନ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଉପସ୍ଥିତ କେତେଜଣ ଲୋକଙ୍କ ସହ କଥା ହେଉଥିବା ଦେଖିବାକୁ ମିଳୁଛି। ଉକ୍ତ ଭିଡିଓ ଦେଖଣାହାରୀଙ୍କ ମୁହଁରୁ ଏହା କଂଗ୍ରେସ ଗୋଷ୍ଠୀ କନ୍ଦଳର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଉଛି । ସାଧାରଣ ଲୋକଙ୍କ କହିବା ଅନୁଯାୟୀ, ଘସିପୁରା ନିର୍ବାଚନମଣ୍ଡଳୀ ଅଧୀନ ଅଳତୀ ଅଞ୍ଚଳର ଜଣେ କଂଗ୍ରେସ ନେତା ଓ ଗଡବାନ୍ଧଗୋଡା ଅଞ୍ଚଳର ଜଣେ ବ୍ଲକସ୍ତରୀୟ ନେତାଙ୍କ ମଧ୍ୟରେ ପୂର୍ବରୁ ତିକ୍ତତା ଥିଲା। ବ୍ଲକସ୍ତରୀୟ ନେତାଙ୍କ ସମର୍ଥକଙ୍କୁ ସାଇଁକୁଳ ଅଞ୍ଚଳର କେତେଜଣ କଂଗ୍ରେସ ନେତା ସେହିଦିନ

**ଘଟଣାସ୍ଥଳରେ ନିରଞ୍ଜନ**



ଆକ୍ରମଣ କରିଥିଲେ । ତେବେ ଉକ୍ତ ବିବାଦର ପ୍ରକୃତ ରହସ୍ୟ ଜଣାପଡି ନ ଥିଲେ ମଧ ନିରଞ୍ଜନଙ୍କ ଉପସ୍ଥିତି ସ୍ଥାନୀୟ ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ହେଲେ ଏନେଇ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇନାହିଁ। ତେବେ ଖୋଲାଖୋଲି ଭାବେ କଂଗ୍ରେସ ନେତାମାନଙ୍କ ଏଭଳି ଗଣ୍ଡଗୋଳର ଦୃଶ୍ୟ ସ୍ଥାନୀୟ ଲୋକଙ୍କୁ ଚକିତ କରିଛି। ଏନେଇ ନିରଞ୍ଜନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ତାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ସେ ଏକ ବୈଠକରେ ବ୍ୟସ୍ତ ଅଛନ୍ତି କହି ଫୋନ୍ କାଟିଦେଇଥିଲେ।

# ଶ୍ରୀମନ୍ଦିରରେ ଆରମ୍ଭ ହେବ ଟିକେଟ ଦର୍ଶନ ବ୍ୟବସ୍ଥା

**ପୁରୀ ଅଫିସ, ୨୬ା୧୧**

- ଅନ୍‌ଲାଇନରେ ବିକ୍ରି ହେବ ୬୦ ପ୍ରତିଶତ ଟିକେଟ
- ଭିତରକାଠ ନିକଟରେ ହେବ ଟିକେଟ ଦର୍ଶନ
- ପରିମାଣିକ ଢାଞ୍ଚାରେ ଦିନକୁ ୪ ଥର

ଶ୍ରୀମନ୍ଦିରରେ ଆରମ୍ଭ ହେବାକୁ ଯାଉଛି ଟିକେଟ ଦର୍ଶନ ବ୍ୟବସ୍ଥା। ଏହାଦ୍ୱାରା ଇଚ୍ଛୁକ ଦର୍ଶନାର୍ଥୀମାନେ ଟିକେଟ କାଟି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହି ଟିକେଟ ଦୈନିକ କେତେ ସଂଖ୍ୟାରେ ବିକ୍ରି ହେବ ଏବଂ ଏହାର ଦାମ୍ କେତେ ରହିବ ତାହା ଚୂଡ଼ାନ୍ତ ହୋଇନାହିଁ। ଖୁବ୍‌ଶୀଘ୍ର ଏହାର ରୂପରେଖ ସ୍ପଷ୍ଟ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ଦର୍ଶନାର୍ଥୀଙ୍କ ପାଇଁ ଟିକେଟ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବା ଲାଗି ସୋମବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଛି। ପୂର୍ବରୁ ପରିମାଣିକ ଟିକେଟ ଦର୍ଶନ ବ୍ୟବସ୍ଥା ଥିଲା, ଭକ୍ତମାନେ ଟିକେଟ କାଟି ମହାପ୍ରଭୁଙ୍କୁ ଭିତରକାଠ ଏବଂ ଗର୍ଭଗୃହରେ ଦର୍ଶନ କରୁଥିଲେ। ଏବେ ତାହା ବନ୍ଦ ହୋଇଯାଇଥିବାରୁ ବହୁ ଶ୍ରଦ୍ଧାଳୁ ଏଥିପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଖୁବ୍‌ଶୀଘ୍ର ଟିକେଟ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ। ଏଥିପାଇଁ ଏକ କମିଟି ଗଠନ କରାଯାଇଛି। ଟିକେଟ ଦାମ୍ କେତେ ରହିବ, କେତେ ଦର୍ଶନାର୍ଥୀ ଆସିବେ, କେଉଁ ସମୟ ଉପଯୁକ୍ତ ହେବ ତାହା କମିଟି ହିଁ ନିଷ୍ପତ୍ତି କରିବ। ଯେତେ ଟିକେଟ ପାଇଁ ନିଷ୍ପତ୍ତି ନିଆଯିବ ତାହାର ୬୦ ପ୍ରତିଶତ ଅନ୍‌ଲାଇନରେ ବିକ୍ରି ହେବ। ସେହିପରି ୩୦ରୁ ୩୫ ପ୍ରତିଶତ ଟିକେଟ କାଉଣ୍ଟରରେ (ଶ୍ରୀମନ୍ଦିର ସୂଚନା କେନ୍ଦ୍ର କିମ୍ବା ଶ୍ରୀମନ୍ଦିର କାର୍ଯ୍ୟାଳୟ) ଏବଂ ୫ ପ୍ରତିଶତ ଟିକେଟ ମୁଖ୍ୟ ପ୍ରଶାସକଙ୍କ ହାତରେ ରହିବ। ଦୈନିକ ୪ବେଳା ଅର୍ଥାତ୍ ଅବକାଶ ପୂଜା, ବଲ୍ଲଭ, ମଧ୍ୟାହ୍ନ ଧୂପ ଏବଂ ଚନ୍ଦନଲାଗି ସମୟରେ ଏହି ଦର୍ଶନ ବ୍ୟବସ୍ଥା କରାଯିବାକୁ ପ୍ରାଥମିକ ଭାବେ ଆଲୋଚନା କରାଯାଇଛି। ବିଶେଷକରି ମନ୍ଦିରରେ ଭିଡ଼ ନ ଥିବା ସମୟରେ ଭିତରକାଠ ନିକଟରେ ଏହି ଦର୍ଶନ ବ୍ୟବସ୍ଥା ହେବ। ଶୀଘ୍ର ଏହି ଦର୍ଶନ ବ୍ୟବସ୍ଥା ଆରମ୍ଭ କରିବାକୁ ପରିଚାଳନା କମିଟି ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦେଇଛି। ଏଥିପାଇଁ ଗଠିତ କମିଟିରେ ମୁଖ୍ୟ ପ୍ରଶାସକ, ଜିଲାପାଳ, ଆଇଜି, ଏସ୍‌ପି ଏବଂ ପରିଚାଳନା କମିଟିର ୩ ସଦସ୍ୟ ରହିଛନ୍ତି। ଆସନ୍ତା ଡିସେମ୍ବର ୪ରେ କମିଟିର ବୈଠକ ବସି ଟିକେଟ ଦର୍ଶନ ବ୍ୟବସ୍ଥାର ରୂପରେଖ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

ଜଗମୋହନ ମରାମତି ପୂର୍ବରୁ ପରିମାଣିକ ଟିକେଟ ଦର୍ଶନ ବ୍ୟବସ୍ଥା ଥିଲା। ଇଚ୍ଛୁକ ଶ୍ରଦ୍ଧାଳୁ ୫୦ ଟଙ୍କା ଟିକେଟ କାଟି ଦର୍ଶନ କରୁଥିଲେ। କିନ୍ତୁ ଜଷ୍ଟିସ ବି.ପି. ଦାସ ତଦନ୍ତ କମିଶନ ଗର୍ଭଗୃହ ଦର୍ଶନ ବନ୍ଦ କରିବାକୁ ସୁପାରିସ କରିଥିଲେ। ଅନ୍ୟପକ୍ଷରେ ଗର୍ଭଗୃହ ଦର୍ଶନ ଯୋଗୁ ନୀତିରେ ବିଳମ୍ବ ଏବଂ ଅନ୍ୟାନ୍ୟ ସମସ୍ୟା ହେବାରୁ ଜଗମୋହନ ମରାମତି ପରେ ଶ୍ରୀମନ୍ଦିର ପ୍ରଶାସନ ଗର୍ଭଗୃହ ଦର୍ଶନକୁ ବନ୍ଦ କରିଛି। ପରିମାଣିକ ଟିକେଟ ଦର୍ଶନ ଅର୍ଥରୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତ ଭାଗ ପାଉଥିଲେ। ଏହି ଦର୍ଶନ ବନ୍ଦ ପରେ ସେବାୟତଙ୍କୁ କ୍ଷତିପୂରଣ ଦିଆଯାଉଥିଲା। ଗତ ଅଗଷ୍ଟ ମାସରୁ ଏହି କ୍ଷତିପୂରଣ ବନ୍ଦ କରି ଦିଆଯାଇଛି। ଏହାକୁ ନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯଦିଓ ଶ୍ରୀମନ୍ଦିର ପ୍ରଶାସନ ପରିମାଣିକ ନାଁ ନେଉନାହିଁ ତେବେ ଏହି ଦର୍ଶନ ବ୍ୟବସ୍ଥା ପରିମାଣିକ ଢାଞ୍ଚାରେ ହିଁ ହେବ। ଏହି ଟିକେଟ ଅର୍ଥରୁ ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ କେତେ ଭାଗ ପାଇବେ ତାହା ବି ସ୍ପଷ୍ଟ କରାଯାଇ ନାହିଁ।

# ୧୦ ଡିଗ୍ରୀ ତଳେ ୩ ସହରର ସର୍ବନିମ୍ନ ତାପମାତ୍ରା

**ଭୁବନେଶ୍ୱର, ୨୬ା୧୧(ବ୍ୟୁରୋ)**

ସୋମବାର ସନ୍ଧ୍ୟା ସୁଦ୍ଧା ରାଜ୍ୟର ତିନୋଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଛି। ଫୁଲବାଣୀ ଏବଂ ଦାରିଙ୍ଗବାଡିର ତାପମାତ୍ରା ୯ ଡିଗ୍ରୀ ସେଲସିୟସ୍ ଥିବାବେଳେ କୋରାପୁଟ ସହରର ସର୍ବନିମ୍ନ ତାପମାତ୍ରା ୯.୬ ଡିଗ୍ରୀ ସେଲସିୟସ୍ ରହିଛି। ଫଳରେ ଏହି ସହରଗୁଡ଼ିକରେ ପାରଦ ତଳମୁହାଁ ହେବାରୁ ଜୋର ଶୀତ ଅନୁଭୂତ ହେଉଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ସକାଳେ ମାଲକାନଗିରି ସହିତ ଦକ୍ଷିଣ ଆଭ୍ୟନ୍ତରୀଣ ଅଞ୍ଚଳର କେତେକ ସ୍ଥାନରେ ଘନ କୁହୁଡ଼ି ଆଚ୍ଛାଦିତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସର୍ବାଧିକ ତାପମାତ୍ରା ତାଳଚେରରେ ୩୨.୨ ଡିଗ୍ରୀ ସେଲସିୟସ୍ ଥିବାବେଳେ ଆସନ୍ତା ୨୪ ଘଣ୍ଟା ଆକାଶ ପରିଷ୍କାର ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡ଼ୱାର୍କ ନୁହେଁ ସ୍ମାର୍ଟୱାର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ଯୋଗାଯୋଗ: ଭୁବନେଶ୍ୱର:** ସାଇପ୍ରସାଦ ଦାଶ (୭୮୯୪୪୬୨୯୨୦), ସଞ୍ଜୟ ସାହୁ (୯୦୪୦୮୦୦୩୭୪), ସଞ୍ଜୟ ତୋଷ (୭୦୦୮୦୧୯୭୪୩) **କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ପୁରୀ/ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧) **ଖୋର୍ଦ୍ଧା:** ଅରବିନ୍ଦ ପାଠୀ (୭୦୦୮୯୫୦୪୨୫)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨


# ନବୀନଙ୍କ ଜୀବନୀକୁ ନେଇ ଭିଡିଓ ସଙ୍ଗ୍

**କଟକ ଅଫିସ,୨୬ା୧୧**



'ଉତ୍କଳର ସ୍ୱାର୍ଥ ପାଇଁ ଲଢ଼େ ଯେ ହରଦିନ ସେ ନବୀନ...'ଏଭଳି କିଛି ଧାଡିକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ପ୍ରସ୍ତୁତ ହୋଇଛି ଭିଡିଓ ସଙ୍ଗ୍। ସୋମବାର ଏହି ଗୀତର ରେକର୍ଡିଂ କଟକ ମିଳନ ଷ୍ଟୁଡିଓରେ ଚାଲୁଥିବାବେଳେ ସୂଚନା ଦେଇଛନ୍ତି ମ୍ୟୁଜିକ୍ ଡାଇରେକ୍ଟର ଜାପାନୀ। ଓଡିଶା ପ୍ରତି ନବୀନଙ୍କ ଅବଦାନ ଏବଂ ନିଃସ୍ୱାର୍ଥପର ଜୀବନଶୈଳୀର କିଛି ଝଲକ ଏହି ଭିଡିଓ ସଙ୍ଗ୍‌ରେ ଲୋକେ ଦେଖିବାକୁ ପାଇବେ। ଅରମାନ ମ୍ୟୁଜିକ ପକ୍ଷରୁ ପ୍ରସ୍ତୁତ ଏହି ୫ମିନିଟର ଭିଡିଓ ସଙ୍ଗ୍ ଆସନ୍ତା ସୋମବାର (ଡିସେମ୍ବର ୨ରେ) ଅରମାନ ମ୍ୟୁଜିକ୍ ୟୁଟ୍ୟୁବ୍ ଚ୍ୟାନେଲରେ ମୁକ୍ତିଲାଭ କରିବ। ମ୍ୟୁଜିକ ଡାଇରେକ୍ଟର ଜାପାନୀ ଗୀତରେ ନିର୍ଦ୍ଦେଶନା ଦେଇଥିବାବେଳେ କଣ୍ଠଦାନ କରିଛନ୍ତି ଲୋକପ୍ରିୟ ଗାୟକ ହ୍ୟୁମାନ ସାଗର। ଗୀତକୁ ଲେଖିଛନ୍ତି ସୁନୀଲ ମହାନ୍ତି। ଏହାକୁ ପ୍ରସ୍ତୁତ କରିବାରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ, ବରଂ ମୁଖ୍ୟମନ୍ତ୍ରୀଙ୍କ ସରଳ ଜୀବନ ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟକୁ ଏହି ଭିଡିଓ ସଙ୍ଗ୍ ମାଧ୍ୟମରେ ଦେଖାଇବାକୁ ଚେଷ୍ଟା କରାଯାଇଛି ବୋଲି ଜାପାନୀ କହିଛନ୍ତି। ହ୍ୟୁମାନ ସାଗର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ନେଇ ପ୍ରସ୍ତୁତ ଗୀତରେ କଣ୍ଠଦାନ କରିଥିବାରୁ ଖୁସି ଅନୁଭବ କରୁଛି।

# ଲାଞ୍ଚ ନେଇ ଧରାପଡ଼ିଲେ ସ୍ୱାସ୍ଥ୍ୟକେନ୍ଦ୍ର ଆକାଉଣ୍ଟାଣ୍ଟ

**ଧାମନଗର, ୨୬ା୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆକାଉଣ୍ଟାଣ୍ଟ ନିରଞ୍ଜନ ପରଡ଼ାଙ୍କୁ ଲାଞ୍ଚ ନେଉଥିବା ଅବସ୍ଥାରେ ବାଲେଶ୍ୱର ଭିଜିଲାନ୍ସ ଟିମ୍ ସୋମବାର ଗିରଫ କରିଛି। ନିରଞ୍ଜନଙ୍କ ବିରୋଧରେ ପୂର୍ବରୁ ଲାଞ୍ଚ କାରବାର ଅଭିଯୋଗ ହୋଇ ଆସୁଥିଲା। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ଅନନ୍ତ ମୁଣ୍ଡାଙ୍କୁ ଚାକିରି ନିୟମିତ କରାଇଦେବା ଲାଗି ନିରଞ୍ଜନ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ସୋମବାର ଅନନ୍ତଙ୍କଠାରୁ ୧୦ ହଜାର ଟଙ୍କା ନେଉଥିବାବେଳେ ପୂର୍ବରୁ ଯୋଜନା ମୁତାବକ ଜଗି ରହିଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ନିରଞ୍ଜନଙ୍କୁ ଧରିନେଇଥିଲେ। ବାଲେଶ୍ୱର ଭିଜିଲାନ୍ସ ଡିଏସ୍‌ପି ସନ୍ତୋଷ ସାମନ୍ତରାୟ, ଇନ୍ସପେକ୍ଟର ମାନସୀ ଜେନା ଏବଂ ଅନିରୁଦ୍ଧ ନାୟକ ଟିମ୍‌ରେ ସାମିଲ ଥିଲେ। ନିରଞ୍ଜନଙ୍କୁ ଭିଜିଲାନ୍ସ ଗିରଫ କରିବା ପରେ ଭଦ୍ରକସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ ବେଳେ ଆୟ ବହିର୍ଭୂତ ସମ୍ପତ୍ତି ଜବତ କରାଯାଇଥିବା ସୂଚନା ମିଳିଛି। ଏନେଇ ଏକ ମାମଲା (ନଂ. ୪୭/୧୮) ରୁଜୁ କରାଯାଇଛି।

# ଗୋଲ୍ଡ ମନିଟାଇଜେଶନ ସ୍କିମ୍‌ରେ ରହିବ ମହାପ୍ରଭୁଙ୍କ ଦାନ ସୁନା

**ପୁରୀ ଅଫିସ,୨୬ା୧୧**

**ମିଳିବ ସୁଧ, ବଢ଼ିବ ଶ୍ରୀମନ୍ଦିର ଆୟ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦାନ ଆକାରରେ ମିଳୁଥିବା ସୁନା ଏଣିକି ଗୋଲ୍ଡ ମନିଟାଇଜେଶନ ସ୍କିମ୍ (ଜିଏମ୍‌ଏସ୍)ରେ ରହିବ। ଏଥିରୁ ୨.୫ ପ୍ରତିଶତ ସୁଧ ମିଳିବ। ଫଳରେ ଶ୍ରୀମନ୍ଦିରର ଆୟ ବଢ଼ିବ ବୋଲି ସୋମବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ପାଇଁ ଭକ୍ତମାନେ ଯେଉଁ ସୁନା ଦାନ ଦେଉଛନ୍ତି ତାହାକୁ ଜିଏମ୍‌ଏସ୍‌ରେ ରଖିବା ଲାଗି ଗତ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ୍ ଇକୋନୋମିକ୍ ଆଫେୟାର୍ସରୁ ଚିଠି ପାଇଛୁ। ଏହାକୁ ଅନୁମୋଦନ ମିଳିଛି। ତେଣୁ ଅଳ୍ପ କିଛି ସୁନା ଲକରରେ ରଖି ଅଧିକାଂଶ ଜିଏମ୍‌ଏସ୍‌ରେ ରଖାଯିବ। ଫଳରେ ମନ୍ଦିରକୁ ସୁଧ ମିଳିବ। ଏଥିସହ ଆବଶ୍ୟକ ସମୟରେ ସୁନା ମଧ୍ୟ ଅଣାଯାଇପାରିବ।

ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଶ୍ରୀମନ୍ଦିର ହୁଣ୍ଡିରେ ଟଙ୍କା, ସୁନା, ରୁପା ଇତ୍ୟାଦି ପକାଇଥାନ୍ତି। କେହି କେହି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସୁନା ମଧ୍ୟ ଦାନ ଦେଇଥାନ୍ତି। ହୁଣ୍ଡିରେ ପଡୁଥିବା ଟଙ୍କା ଓ ସୁନା ଅଳଙ୍କାର ପ୍ରତିଦିନ ସନ୍ଧ୍ୟାରେ ଗଣତି କରାଯାଇଥାଏ। ଶ୍ରୀମନ୍ଦିର ବେଢ଼ା ପରିସର ଶାଖା କାର୍ଯ୍ୟାଳୟରେ ଏହି ଗଣତି ହୁଏ। ଏପରିକି ଏହି ଗଣତିକୁ ଭକ୍ତମାନେ ସିଧାସଳଖ ଶାଖା କାର୍ଯ୍ୟାଳୟ ବାହାରେ ଲାଗିଥିବା ଏଲ୍‌ଇଡି ସ୍କ୍ରିନ୍‌ରେ ଦେଖିଥାନ୍ତି।







## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ


ଗୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

2000 sqft. plot (10nos) at Sankarpur, Vipul Garden backside, Ghatikia, Bhubaneswar ( Electricity, supply water 30' road): 7381564227. D-65080

ସୁନ୍ଦରପଦା Hitech ପାଖରେ 100' and 50' Revenue Road ଥାଇ 4ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64383

9000 sqft. plot (212 decml) for sale, 52 ft. frontage to Sunderpur Mainroad and 100 mtrs from 200 ft. road near to upcoming Wisdom International School, D.N. Homes, Orchid Lifestyle, KIIMS Medical/ KIIT College, Bigbazar at a 4 km. distance. Contact: 9338342502, 9437095996. D-65200

2BHK flat near Garage Chhak and Ravi-Talkies, Market area, Bhubaneswar. 8328890345. D-63875

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Accommodation available for boys only @ Rudrapur, Hansapal, Bhubaneswar, close to N.H- 16. Room available for office/ coaching centre/ NGO. Contact: 6371251607, 9090240427, 9937012004. D-9671

1500 sqft. hall type and 300 sqft. office space available for rent at Tankapani Road, Bhubaneswar. Contact: 9238306766. D-9673




Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888. D-65139

Newly open herbal full body massage with refreshment well trained therapist. 7381239385. D-64636

Experience full body massage with us by expert Enquiry: 7377048581. D-65181

Physiotherapy, full body massage by trained ladies/ gents therapist. 7008773793. D-65081

Newly opening ayurvedic massage smart therapist, Shree herbal. 7750020754. D-65194

Improving your health, skin care through expert therapist, excellent offer. 9668374480. D-65195

All type of full body massage by expert therapist. 7609005923. D-65191

Herbal full body massage by smart/ expert therapist. Contact: 8338067247. D-65193

### 8th Birthday Wish


(OMM)
**Chandrasekhar Behera**
Bainchua, Khurdha
ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ମା, ଅଜା, ଆଇ, ମୁଁ ଦାଦୁ, କାକି, ସୋମ୍, ସିଲୁ ମାମୁ, ଅପା, ପିଉସା, ରଶ୍ମି ଆଣ୍ଟି, ଅଙ୍କଲ, ଇଲା ଆଣ୍ଟି, ଅଙ୍କଲ, ଏବଂ ଶ୍ରୀ, ବନ୍ଧୁ ଓ ପରିବାରବର୍ଗ। ଧ-୯୬୬୭

### ଜନ୍ମଦିନ ଶୁଭେଚ୍ଛା


(ଜ୍ୟୋତି)
**ଶୁଚିସ୍ମିତା**
ଆଜି ତୋର ଶୁଭ ଜନ୍ମଦିନ ଅବସରରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ନିରାମୟ ତଥା ଦୀର୍ଘ ଜୀବନର ପ୍ରାର୍ଥନା କରୁଅଛୁ। ଶୁଭେଚ୍ଛା ସହ: ବାପା, ମମି, ମା, ପୁଅ, ଇତି, ସାନ ପିଉସୀ, ପିଉସା ଗୁଲୀ, ମାମୁ, ମାଇଁ, ଆଇ, ବଡମା, ବଡ ପିଉସୀ, ପିଉସା, ବର୍ଷି, ପିଣ୍ଟୁ, ପିଙ୍କି, ବନ୍ଧୁ ଓ ପରିବାର। ଧ-୯୬୩୦

### ଜନ୍ମଦିନ ଶୁଭେଚ୍ଛା


(ଗୁନୀ)
**ରାଜଶ୍ରୀ ଦାସ**
ଗୋପାଳ ଗାଁ, ବାଲେଶ୍ୱର
ଆଜି ତୁମର ପବିତ୍ର ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଯେ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ଜେଜେ ବାପା, ଜେଜେ ମା, ଅଜା, ଆଇ, ବାପା, ମା, ମାମୁ, ପିଉସା, ପିଉସୀ, ମାଉସୀ, ମଉସା, ନାନି ଓ ପରିବାରବର୍ଗ। ଧ-୯୬୭୪

### 2nd Marriage Anniversary


**Gyana & Liza Jatani**
Happy 2nd Marriage Anniversary to Gyana and Liza. Best wishes from: Getz Mobiles. D-9680

### Marriage Anniversary Wish


**Sambit Kumar Nanda**
Zonal Manager, LG Maharastra
&
**Gayatri Mohapatra**
C-2302, Parkwoods, Thane
ଆଜିର ପଞ୍ଚମ ଶୁଭ ବିବାହବାର୍ଷିକୀ ଅବସରରେ ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମମାନଙ୍କର ଦାମ୍ପତ୍ୟ ଜୀବନ ମଧୁମୟ କରନ୍ତୁ। ଶୁଭେଚ୍ଛା ସହ: ନନା, ବୋଉ, କକେଇ, ଖୁଡୀ, ସୁଧାଂଶୁ, ରଶ୍ମୀତା, ମୋନା ତଥା ପରିବାରବର୍ଗ ସରଯୁଭବନ, ୨୪୬, କଟକରୋଡ, ଭୁବନେଶ୍ୱର। ଧ-୭୧୫୦୪


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

### ଦ୍ୱିତୀୟ ପୁଣ୍ୟତିଥି


**ସ୍ୱର୍ଗତା ମନି ସାମନ୍ତରାୟ**
୧୮।୧୧।୧୯୫୭-୧୮।୧୧।୨୦୧୬
ମାମି, ଆଜି କି ଦୁଇ ବର୍ଷ ହେଲା, ଆମକୁ ଛାଡି ଦିବ୍ୟଧାମକୁ ଚାଲିଗଲ। ତମରି ଶିକ୍ଷା, ସଂସ୍କାର ଓ ଅନୁଶାସନକୁ ପାଥେୟ କରି ଆମେ ଆଗେଇ ଚାଲୁଛୁ। ତମର ଅମର ଆତ୍ମା ଯେଉଁଠି ବି ଥାଉ ଶାନ୍ତିରେ ଥାଉ, ବାସୁଦେବଙ୍କ ପାଖରେ ଏତିକି କାମନା। ଶୋକସନ୍ତପ୍ତ: ପୁଅ- ଶ୍ରୀମନ୍ତ, ସନ୍ତୋଷ, ବୋହୂ- ସୁଜାତା, ସୋନାଲି, ଝିଅ- ଶର୍ମିଷ୍ଠା, ଜ୍ୱାଇଁ- ସୁଶାନ୍ତ, ଭଣଜା- ରାଜା, ନାତୁଣୀ- ସୁଶ୍ରୀ, ଶ୍ରୀମା, ସମୃଦ୍ଧି, ଶରନ୍ୟା ନାତି- ସୂର୍ଯ୍ୟାଂଶୁ, ଶାଶ୍ୱତମନୀଷ। ଧ-୯୬୮୨

### ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଶ୍ରଦ୍ଧାଞ୍ଜଳି


**ସ୍ୱର୍ଗତା ରୁକ୍ମଣୀ ପତି**
ବାଲିବିଲ, ବରୀ, ଯାଜପୁର
ଜନ୍ମ: ୧୧।୦୫।୧୯୩୬
ତିରୋଧାନ: ୦୮।୧୧।୨୦୧୭
ପୁଅ- ରାମ, ପାକୁଆ, ବୋହୂ- ଅମିତା, ବନ୍ଦନା, ଝିଅ- ଛବି, ବିନୀ, ନାତି- ସୂଚୁ, କଲ୍ୟାଣ, ନାତୁଣୀ- ଶିବାଙ୍ଗୀ। ଧ-୯୬୮୧


**ସ୍ୱର୍ଗତ ମଧୁସୂଦନ ମଲିଆ**
ଆବିର୍ଭାବ: ୦୩।୦୨।୧୯୪୨
ତିରୋଧାନ: ୩୦।୧୧।୨୦୧୫
ବାପା, ଚାହୁଁ ଚାହୁଁ ତିନିବର୍ଷ ବିତିଗଲା, ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ କପିଳନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶ୍ରଦ୍ଧାଞ୍ଜଳି ସହ: ପୁଅ- ପପୁ, ଅକ୍ଷୟ, ଅଜୟ, ସଞ୍ଜୟ, ଝିଅ- ଝୁନ, ବୋହୂ- ଲିଲି, କୁନି, ଲିନା, ଲିଲିମା, ଜ୍ୱାଇଁ- ନୃସିଂହ, ନାତିନାତୁଣୀ- ମିତା, ଟୁକୁରୀ, ସଂଗ୍ରାମ, ରିଙ୍କି, ଲୋନି, ରୋଜା, ଲାଲା, ଲିପୁନ୍, ଫିଜା, ନିକି, ସୋନୁ, ରିଚା, ଆରିୟନ୍, ଆଦି, ଡିମ୍ପଲ୍, ସାନି, ରିଷିବାବା ଓ ବାପୁନା। ଧ-୯୬୭୭


■ ଟିବି ମିତ୍ର ମୋବାଇଲ ଆପ୍ ଉନ୍ମୋଚିତ

# ବର୍ଷକୁ ୫୦ ହଜାର ଯକ୍ଷ୍ମାରୋଗୀ ଚିହ୍ନଟ ହେଉଛନ୍ତି



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟମନ୍ତ୍ରୀ ଟିବି ମିତ୍ର ଆପ୍‌ର ଉନ୍ମୋଚନ କରୁଛନ୍ତି।

■ ମୋବାଇଲ ଆପ୍‌ରେ ମିଳିବ ଯକ୍ଷ୍ମାରୋଗୀଙ୍କୁ ସୂଚନା

■ ଦେଶରେ ଓଡ଼ିଶା ପ୍ରଥମ ରାଜ୍ୟ

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)** ରାଜ୍ୟରେ ବର୍ଷକୁ ୫୦ ହଜାର ଯକ୍ଷ୍ମାରୋଗୀ ଚିହ୍ନଟ ହେଉଛନ୍ତି। ସେଥିରୁ ୩ ପ୍ରତିଶତ ନୂତନ ରୋଗୀ। ୧୧ ପ୍ରତିଶତ ପୁରୁଣା ବା ସମ୍ପୂର୍ଣ୍ଣ ଚିକିତ୍ସିତ ହୋଇ ନ ଥିବା ରୋଗୀ। ଗୋଷ୍ଠୀସ୍ତରରେ ପ୍ରତ୍ୟେକ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ପ୍ରଦାନ କରି ସୁସ୍ଥ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ରାଜ୍ୟରେ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ଏକ ମୋବାଇଲ ଆପ୍ ଟିବି ମିତ୍ର ମାଧ୍ୟମରେ ସଚେତନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ରିଚ୍‌ର ମିଳିତ ଆନୁକୂଲ୍ୟରେ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷଠାରେ ଏହି ଆପ୍ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଜେନା ଯୋଗଦେଇ ଏହି ଆପ୍‌କୁ ଉନ୍ମୋଚନ କରି କହିଛନ୍ତି, ୯୦ ପ୍ରତିଶତ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରାଯାଇପାରୁଛି। ସରକାରୀ ଡାକ୍ତରଖାନାଗୁଡ଼ିକରେ ମାଗଣା ଚିକିତ୍ସା ଏବଂ ଔଷଧ ପ୍ରଦାନ କରାଯାଉଛି। ରାଜ୍ୟରେ ଯକ୍ଷ୍ମା ଚିହ୍ନଟ ପାଇଁ ଅତ୍ୟାଧୁନିକ ପରୀକ୍ଷାଗାର ବ୍ୟବସ୍ଥା ସହ ଚିକିତ୍ସା ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ଜେନା କହିଛନ୍ତି। ତେବେ ଟିବି ମିତ୍ର ଆପ୍ ଯକ୍ଷ୍ମାରୋଗୀଙ୍କୁ ରୋଗ ଏବଂ ମିଳୁଥିବା ସରକାରୀ ସେବା ସମ୍ପର୍କରେ ସଚେତନ କରିପାରିବ। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ, ଯେକି ଏହି ପ୍ରକାର ଆପ୍ ପରୀକ୍ଷାମୂଳକ ଭାବେ ଆରମ୍ଭ କରିଛି ବୋଲି ମନ୍ତ୍ରୀ ଜେନା କହିଛନ୍ତି। ବିଭାଗୀୟ କମିଶନର ତଥା ଶାସନ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା କହିଛନ୍ତି, ରାଜ୍ୟରେ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଏବଂ କ୍ରିୟାଶୀଳ କରାଯାଇଛି। ରିଚ୍ ସଂସ୍ଥାର ପରିଚାଳକ ଅନୁରାଧା ପଣ୍ଡା କୁହନ୍ତି, ଓଡ଼ିଶାରେ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ତାଙ୍କ ସଂସ୍ଥାର ସହାୟତା ଏବଂ ସହଯୋଗ ରହିଛି। ରାଜ୍ୟକୁ ଯକ୍ଷ୍ମାମୁକ୍ତ କରିବା ଦିଗରେ ସଂସ୍ଥା ସହଯୋଗ ଜାରି ରଖିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗର ସ୍ୱତନ୍ତ୍ର ସଚିବ ଡ. ବି.କେ. ବ୍ରହ୍ମା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ସ୍ୱପ୍ନେଶ୍ୱର ଗଡ଼ନାୟକ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡ. ଚନ୍ଦ୍ରିତା ପ୍ରସାଦ ଦାଶ ଏବଂ ରାଜ୍ୟ ଟିବି ଅଧିକାରୀ ଡ. ପ୍ରଶାନ୍ତ ହୋତା ପ୍ରମୁଖ ସାମିଲ ଥିଲେ।

# ବିଏସ୍‌ଏଫ୍-ପାକ୍ ସୈନ୍ୟଙ୍କ ଫ୍ଲାଗ୍ ବୈଠକ

**ଜମ୍ମୁ, ୨୬।୧୧(ପି.ଟି.)** ଜମ୍ମୁ-କଶ୍ମୀରର ଅନ୍ତର୍ଜାତୀୟ ସୀମା (ଆଇବି) ନିକଟରେ ସୋମବାର ଭାରତ ଏବଂ ପାକିସ୍ତାନ ମଧ୍ୟରେ ଫ୍ଲାଗ୍ ବୈଠକ ହୋଇଯାଇଛି। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଏବଂ ପାକିସ୍ତାନୀ ରେଞ୍ଜର୍ସର କମାଣ୍ଡାଣ୍ଟ ସ୍ତରୀୟ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଆଇବିରେ ପଡ଼ୋଶୀ ସୈନ୍ୟ ଚଳାଉଥିବା ଗୁଳିମାଡ଼କୁ ନେଇ ଭାରତ ଆପତ୍ତି ଉଠାଇଛି ବୋଲି ଜଣେ ବିଏସ୍‌ଏଫ୍ ଅଫିସର କହିଛନ୍ତି। ରବିବାର ମଧ୍ୟ ମର୍-ଗଜାଂସୁଠାରେ ଦୁଇ ଦେଶର ସୁରକ୍ଷାବଳ ମଧ୍ୟରେ ଏକ ବୈଠକ ହୋଇଥିଲା। ସୋମବାର ରାମଗଡ଼ ଫରୱାର୍ଡରେ ମଧ୍ୟାହ୍ନ ୧୨ଟା ୩୦ରୁ ୧ଟା ପର୍ଯ୍ୟନ୍ତ ଫ୍ଲାଗ୍ ବୈଠକ ହୋଇଥିଲା। ଭାରତ ପକ୍ଷରୁ କମାଣ୍ଡାଣ୍ଟ ଏମ୍.କେ. ଯାଦବ ଏବଂ ପାକ୍ ପକ୍ଷରୁ ୱିଙ୍ଗ୍ କମାଣ୍ଡର ମେହେରାନ୍ ପ୍ରତିନିଧିତ୍ୱ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## କଳିଙ୍ଗ...

ହେଉଛି 'ମାନବ ଜାତିର ଏକତା'। ଏହି କାର୍ଯ୍ୟକ୍ରମ ଭୌଗୋଳିକ ସୀମାକୁ ଦୂରେଇ ଏକ୍ ଭାବେ ଏକଜୁଟ ହେବା ପାଇଁ ଲୋକମାନଙ୍କୁ ଅନୁପ୍ରାଣିତ କରିବ। ଉଦ୍‌ଘାଟନୀ ସମାରୋହର କ୍ରିଏଟିଭ୍ ଡାଇରେକ୍ଟର ନୂପୁର ମହାଜନଙ୍କ ପରିକଳ୍ପନା, ଲେଖା ଓ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଚରିତ୍ରରେ ରହିବେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ମାଧୁରୀ ପୃଥିବୀ ମାତା ଭୂମିକାରେ ଅବତୀର୍ଣ୍ଣ ହେବେ ଓ ତାଙ୍କ ସହିତ ଯୋଗଦେବେ ୧୧୦୦ କଳାକାର। ସମସ୍ତେ ମିଶି ଅଭିନୟ ମାଧ୍ୟମରେ ଏକ ମାନବଜାତି ଓ ଏକ ବିଶ୍ୱର କାହାଣୀ କହିବେ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ମହାମିଳନ ହେବ ଏହି ଆର୍ଥ ସଙ୍ଗ୍। କାର୍ଯ୍ୟକ୍ରମକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯିବ ଏବଂ ଏହା ବିଭିନ୍ନ ନୃତ୍ୟର ସମାହାର ହେବ। ଆଧୁନିକ, ଶାସ୍ତ୍ରୀୟ, ଜାଜ୍, ବାଲେଟ୍, ଆଫ୍ରୋ, ଓଡ଼ିଶୀ, ମୋହିନିଆଟ୍ଟମ, କଥକ ଓ ଏମିତି ଅନେକ ନୃତ୍ୟ ଦେଖିବାକୁ ମିଳିବ। ବିବିଧତା ମଧ୍ୟରେ ଏକତା ଏଥିରେ ପ୍ରତିଫଳିତ ହେବ। ପ୍ରାଚ୍ୟ ସଂସ୍କୃତି ଅନୁଯାୟୀ ସପ୍ତମାତୃକା ବା ସପ୍ତ ଦେବୀ ଓ ପାଶ୍ଚାତ୍ୟ ସଂସ୍କୃତିର ଆଦ୍ୟ ପୁରୁଷ ଇଭ୍‌ଙ୍କ ସାତ କନ୍ୟାଙ୍କୁ ଏଥିରେ ଦର୍ଶାଯିବ। ଭାରତୀୟ ଶାସ୍ତ୍ରୀୟ ନୃତ୍ୟରେ ସପ୍ତ ମାତୃକାଙ୍କ ଚିତ୍ରଣ ହେବ। ସେହିପରି ଇଭ୍‌ଙ୍କ ୭ କନ୍ୟାଙ୍କୁ ପାଶ୍ଚାତ୍ୟ ନୃତ୍ୟ ମାଧ୍ୟମରେ ଚିତ୍ରଣ କରାଯିବ। ଭାରତୀୟ ସଂସ୍କୃତିର ମୂଳ ଆଧାର 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ ସାରା ବିଶ୍ୱ ଏକ ପରିବାର ଓ ବିଶ୍ୱ ଏକତାର ବାର୍ତ୍ତା ବହନ କରିବ।

୨୦୧୮ ହକି ବିଶ୍ୱକପ୍ ଅଫିସିଆଲ୍ ଗୀତର ମାନ୍ୟତା ପାଇଥିବା ଗୀତିକାର ଗୁଲଜାରଙ୍କ 'ଜୟ ହିନ୍ଦ ହିନ୍ଦ, ଜୟ ଇଣ୍ଡିଆ'କୁ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଏ. ଆର. ରହମନ୍ ଜୀବନ୍ତ କରିବେ। ଏହା ପରେ ସେ ନିଜେ ନିଜର କିଛି ସ୍ମରଣୀୟ ଗୀତ 'ଜୟ ହୋ' ଆଦି ପରିବେଷଣ କରିବେ। ଭାରତର ହୃଦ୍‌ସ୍ପନ୍ଦନକୁ ନେଇ ପ୍ରସ୍ତୁତ 'ହାର୍ଟବିଟ୍ ଫର ହକି' କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟ ହେବ ଏହି ଉଦ୍‌ଘାଟନୀ ଉତ୍ସବ। ସ୍ୱତନ୍ତ୍ର ହକି ଷ୍ଟିକ୍ ଜରିଆରେ ସାରା ଦେଶରୁ ସଂଗ୍ରହ କରାଯାଇଥିବା ହୃଦ୍‌ସ୍ପନ୍ଦନଗୁଡ଼ିକୁ ଶାହରୁଖ ଉଦ୍‌ଘାଟନୀ ସମାରୋହରେ ବିଶ୍ୱକପ୍‌ରେ ଭାଗନେଉଥିବା ୧୬ଟି ଦଳର ଅଧିନାୟକଙ୍କୁ ପ୍ରଦାନ କରିବେ, ଯାହା ଭାରତର ଏକତା ଓ ସଂହତିର ଭାବକୁ ପରିପ୍ରକାଶ କରିବ। ପ୍ରତିଯୋଗିତା ୨୮ ତାରିଖରୁ ଆରମ୍ଭ ହେବ।

## ଧାର୍ଯ୍ୟ ହେଲା...

ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ଲାଗି ବ୍ୟାଗ୍‌ର ଓଜନ ୪ କିଲୋଗ୍ରାମ ମଧ୍ୟରେ ରଖିବାକୁ କୁହାଯାଇଥିଲା ବେଳେ ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ଠାରୁ ସର୍ବାଧିକ ସୀମା ୪.୫ କିଲୋଗ୍ରାମ ଏବଂ ଦଶମ ପିଲାଙ୍କ ଲାଗି ସର୍ବାଧିକ ୫ କିଲୋଗ୍ରାମ ଧାର୍ଯ୍ୟ ହୋଇଛି।

ଗାଇଡଲାଇନ୍ସ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ହୋମୱାର୍କ ଦିଆଯିବ ନାହିଁ। ଏହି ଶ୍ରେଣୀର ପିଲାଙ୍କ ଲାଗି ପାଠ୍ୟକ୍ରମରେ ଭାଷା ଏବଂ ଗଣିତ ବ୍ୟତୀତ ଅନ୍ୟ କୌଣସି ବିଷୟ ରହିବ ନାହିଁ। ସେହିପରି ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ଲାଗି ଏନସିଇଆରଟି ଭାଷା, ଗଣିତ ସହିତ ଇଭିଏସ ନିର୍ଦ୍ଧାରଣ କରିଛି।

ପିଲାଙ୍କ ବସ୍ତାନି ବୋଝ କମାଇବା ଉପରେ ଏଚଆର୍‌ଡି ମନ୍ତ୍ରୀ ପ୍ରକାଶ ଜାଭଡେକର ବିଭିନ୍ନ ସମୟରେ ଗୁରୁତ୍ୱ ଦେଇଆସିଛନ୍ତି। ଡିଜିଟାଲ କ୍ଲାସ୍‌ରୁମ୍ ବ୍ୟବସ୍ଥା ଆପଣାଇବାକୁ ସେ ପ୍ରସ୍ତାବ ରଖିଥିଲେ। ପିଲାମାନଙ୍କୁ ଓଜନଦାର ସ୍କୁଲ ବ୍ୟାଗ୍ ବହନ କରିବାକୁ ବାଧ୍ୟ କରାଯାଉଥିବାରୁ କୋର୍ଟ ଏହା ଉପରେ ଉଦ୍‌ବେଗ ପ୍ରକାଶ କରିଥିଲେ। ପିଲାମାନେ ଭାରବାହୀ ନୁହନ୍ତି ବୋଲି ମାଡ୍ରାସ ହାଇକୋର୍ଟ କହିଥିଲେ।

## ଗୁଣ୍ଡିଚା ମନ୍ଦିର...

ପୋଲିସର ନିଷ୍କ୍ରିୟତା ଯୋଗୁ କେତେଜଣ ଜେଲ୍ ଫେରନ୍ତା ଅପରାଧୀ ଏବଂ ଯୁବକ ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ସ୍ଥାୟୀ ଏବଂ ଉଠା ଦୋକାନୀଗୁଡ଼ିକଠାରୁ ଜୋର ଜବରଦସ୍ତ ଦାଦାବଟି ଆଦାୟ କରୁଥିବା ସ୍ଥାନୀୟ ଲୋକେ ଗଣମାଧ୍ୟମ ଆଗରେ କହିଛନ୍ତି। ବୋମାମାଡ଼ ଖବର ପାଇ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ପଟ୍ଟନାୟକ ଓ କୁମ୍ଭାରପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଡିଏସ୍‌ପି ପଟ୍ଟନାୟକ ସୂଚନା ଦେଇଛନ୍ତି।

## ୮ ମାଓବାଦୀ...

ସୂଚନାଯୋଗ୍ୟ ଯେ, ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ପପୁଲୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗତ ୪ତାରିଖ ରାତିରେ ସୁରକ୍ଷାକର୍ମୀ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୫ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ପରିଚୟ ମିଳିଥିଲା। ସେହିପରି ଛତିଶଗଡ଼ ନିର୍ବାଚନ ବେଳେ ଗତ ୧୨ରେ ବିଜାପୁର ଜିଲା ପାମେଡ୍ ଜଙ୍ଗଲରେ ପୋଲିସ ସହ ମାଓବାଦୀଙ୍କ ଗୁଳି ବିନିମୟ ସମୟରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରେ ୩ ଜଣ ମାଓବାଦୀ ହୋଇଥିବା ବେଳେ ୨ଜଣ ସାଧାରଣ ଲୋକ ଥିବା ଜଣାପଡ଼ିଥିଲା। ରବିବାର ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲାରେ ପୋଲିସ ଗୁଳିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। କଟାବାଲି ଅଞ୍ଚଳରେ ପୋଲିସ କୋମ୍ବିଂ ଅପରେଶନ କରୁଥିବା ବେଳେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ତେବେ ଗତ ମାସକ ମଧ୍ୟରେ ସୁରକ୍ଷାକର୍ମୀ-ମାଓବାଦୀ ଗୁଳି ବିନିମୟରେ ୧୫ରୁ ଊର୍ଦ୍ଧ୍ୱ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଗତ ୧୯ରେ ସୁରକ୍ଷା କର୍ମୀମାନେ ସୁକ୍‌ମା ଜିଲା ଜଙ୍ଗଲରୁ ଜଣେ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ସେହିପରି ୨୧ ତାରିଖରେ ଓଡିଶା ସୀମାନ୍ତ ଧଡିପଦରଠାରେ ପୋଲିସ ଗୁଳିରେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଥିବାବେଳେ ୩ ମାଓବାଦୀ ଗିରଫ ହୋଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଚିନ୍ତା କରି ମଧ୍ୟ ଅଟକି ରହିଯାଇଥିବା କାମଟି ହଠାତ୍ ହୋଇଯିବ। ନିକଟ ସମ୍ପର୍କୀୟମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଶାରୀରିକ ଅସୁସ୍ଥତା କେତେକ ପ୍ରତିବନ୍ଧକର କାରଣ ହୋଇପାରେ।

**ବୃଷ**

ପ୍ରତ୍ୟେକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ନୂତନ ଯୋଜନାରେ କୃତକାର୍ଯ୍ୟ ହେବେ ଏବଂ ଆଶା ମଧ୍ୟ ପୂରଣ ହୋଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ରୋହିଣୀ ନକ୍ଷତ୍ର ସକାଶେ ଆଜି ବହୁତ ଭଲ ରହିବ। ସାମାଜିକ ସ୍ତରରେ ନିଜର ଉଦାରତା ଗୁଣରୁ ପ୍ରଶଂସିତ ହେବେ।

**ମିଥୁନ**

ପାପଗ୍ରହ ମଧ୍ୟସ୍ଥ ରାଶ୍ୟାଧିପ କାରଣରୁ ସ୍ୱାସ୍ଥ୍ୟ ପ୍ରତି ନଜର ନ ଦେଲେ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ବନ୍ଧୁମାନେ ଫାଇଦା ହାସଲ ସକାଶେ ବିଭିନ୍ନ ଫନ୍ଦିଫିକର କରିବେ। ପାଖ ପଡୋଶୀ କେହି ପ୍ରତିବାଦର ସ୍ୱର ଉଠାଇଲେ ମଧ୍ୟ ଅସୁବିଧା ହେବନି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

**କର୍କଟ**

ପରିବାରର ଅନାବଶ୍ୟକ ଖର୍ଚ୍ଚ ସାଙ୍ଗକୁ ବିଭିନ୍ନ ପ୍ରକାରର ବିଳମ୍ବିତ କର୍ମ ସକାଶେ ଚିନ୍ତିତ ରହିପାରନ୍ତି। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବାର ଆଶଙ୍କା ରହିଛି। ସମସ୍ୟା ବିଜଡିତ ଥିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିପାରବେ।

**ସିଂହ**

ସାଧାରଣ କଥାରେ ଅଭିମାନ କରି ରହିଥିବା ବନ୍ଧୁଟି ଆପଣଙ୍କୁ ମିଶିବାର ପ୍ରଯନ୍ନ କରିପାରନ୍ତି। ଆର୍ଥିକ ସଂକଟ ଦେଖାଦେବା କାରଣରୁ ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ଅଟକି ରହିଯାଇପାରେ। ପାରିବାରିକ ସ୍ଥିତି କେତେକାଂଶରେ ଭଲ ରହିବ। କର୍ମକ୍ଷେତ୍ରରେ ସ୍ୱାର୍ଥତ୍ୟାଗ ପୂର୍ବକ ନିରଳସ କାମ ଜରିଆରେ ପ୍ରଶଂସା ପାଇପାରନ୍ତି।

**କନ୍ୟା**

ଆଜି ଆପଣଙ୍କର କର୍ମକ୍ଷେତ୍ର, ପରିବହନ, ପାରିବାରିକ ସ୍ଥିତି, ବ୍ୟବସାୟ ଓ ଯାତ୍ରା ପ୍ରଭୃତି ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ ହେବ। ଜମା ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ସାଧାରଣ କଥାରେ କଳହ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ବହୁଜନ ପ୍ରଶଂସିତ ହେବେ। ଅନ୍ୟମନସ୍କ କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**ତୁଳା**

ଅର୍ଥ ସମସ୍ୟା ସାଙ୍ଗକୁ ପାଖପଡୋଶୀଙ୍କ ପରୋକ୍ଷ କଟୁକ୍ତି ଶୁଣିଶୁଣି ଟେନ୍ସନ ବଢିଯିବ। ପାରିବାରିକ କ୍ଷେତ୍ରରେ ପରିବାର ଭିତରେ କିଛି କହି ପାରୁ ନ ଥିବେ କିମ୍ବା କରିବାର ମଧ୍ୟ ଉପାୟ ନ ଥିବ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରି ମନସ୍ତାପ କରିବେ। କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ କ୍ରମଶଃ ଦୂରେଇଯିବ।

**ବିଛା**

ଶାରୀରିକ ସୁସ୍ଥତା ରହିଲେ ମଧ୍ୟ ସାମୟିକ ଭାବରେ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟିକ କ୍ଷେତ୍ରରେ ପ୍ରତିବନ୍ଧକ କ୍ରମଶଃ ଅପସରି ଯିବ। ପୂର୍ବରୋଗକୁ ଶୁଖାଇବାକୁ ଯାଇ ନିକଟ ସମ୍ପର୍କୀୟମାନେ ପାଖ ମଧ୍ୟ ମାଡିବେ ନାହିଁ। ଆତ୍ମୀୟସ୍ୱଜନଙ୍କୁ ନିୟୋଜିତ କରି ଚେଷ୍ଟା କରୁଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିବେ।

**ଧନୁ**

ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ଅବଶ୍ୟ ପୂର୍ବାଷାଢା ନକ୍ଷତ୍ର କୌଣସି ଯୋଜନାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କିନ୍ତୁ ମୂଳା ନକ୍ଷତ୍ରର ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ମକର**

ବାଧା ବିଘ୍ନ ମଧ୍ୟରେ କର୍ମକ୍ଷେତ୍ରରେ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। ଶ୍ରବଣା ନକ୍ଷତ୍ର ପାଇଁ ବନ୍ଧୁମିଳନ, କାର୍ଯ୍ୟସିଦ୍ଧି ଓ ଶୁଭଖବର ପ୍ରାପ୍ତିଯୋଗ ରହିଛି। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରି ବ୍ୟସ୍ତତା ବୃଦ୍ଧି କରିପାରେ। ବ୍ୟବସାୟିକ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଓଲଟା ଫଳ ପାଇବେ।

**କୁମ୍ଭ**

କାର୍ଯ୍ୟହାସଲ ସକାଶେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ଏବଂ ଆନୁଷଙ୍ଗିକ ସୁବିଧା ସୁଯୋଗ ଅବଶ୍ୟ ପାଇବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବା ସାଙ୍ଗକୁ କଚେରି ମାମଲାର ଫଇସଲା ହେତୁ ଆଶ୍ୱସ୍ତି ଲାଭ କରିବେ।

**ମୀନ**

ଆକସ୍ମିକ କେତେକ ସମସ୍ୟା ଦେଖାଦେବା କାରଣରୁ ନେଇ କାର୍ଯ୍ୟହାନି ମନସ୍ତାପର କାରଣ ହେବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ଋଣ ପରିଶୋଧ, ଆତ୍ମୀୟମାନଙ୍କ ଶତ୍ରୁତା ନୈରାଶ୍ୟଜନକ ସ୍ଥିତି ଉତ୍ପନ୍ନ କରିବ। ବ୍ୟବସାୟ,ଶିକ୍ଷା, ଦୂରଯାତ୍ରା, ଶୁଭକାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଆରମ୍ଭ କରିପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ୫ମୀ ମଙ୍ଗଳବାର, ନଭେମ୍ବର ୨୭ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧୦।୪୮ମି. ଗତେ ପୁଷ୍ୟା/କର୍କଟ, ମକର ରାଶିର ଘାତବାର, ୫ମୀରଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୮।୫୩ମି. ଗତେ ଘ୧୦।୧୪ମି. ମଧ୍ୟେ, ଘ୧୧।୩୫ମି. ଗତେ ଘ୧୨।୫୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୪ମି. ଗତେ ଘ୧୧।୩୫ମି. ମଧ୍ୟେ, ଘ୨।୧୬ମି. ଗତେ ଘ୩।୩୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୨।୧୮ମି. ଗତେ ଘ୩।୪୦ମି. ମଧ୍ୟେ ରାହୁ କାଳ।

## ସଂକ୍ଷେପରେ

### ସମୁଦ୍ରରେ ଭାସିଗଲେ ୬୬ ମଇଁଷି

**ମହାକାଳପଡା,୨୬।୧୧(ଡି.ଏନ୍.ଏ.):** ମହାକାଳପଡା ବ୍ଲକ ତିଥି ଗ୍ରାମର ବିଷ୍ଣୁ ଚରଣ ଖୁଣ୍ଟିଆଙ୍କ ୬୦ ଓ ସର୍ବେଶ୍ୱର ଦାସଙ୍କ ୬ ମଇଁଷି ସମୁଦ୍ରରେ ଭାସିଯାଇଥିବା ନେଇ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ ବିଷ୍ଣୁଙ୍କ ସ୍ତ୍ରୀ ଖୁଲଣା ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ମଇଁଷିଗୁଡିକୁ ଚରିବା ନିମନ୍ତେ ଗହୀରମଥା ଅଧୀନ ହୁକିଟୋଲା, ବିଷିଗାଁଡିଆ, ମାର୍ଦ୍ଦଳୀ ଓ ଲଞ୍ଚଘୋଲା ଆଦି ସମୁଦ୍ର ବେଳାଭୂମିରେ ଛଡାଯାଇଥିବା ବେଳେ ସେମାନେ ଜୁଆରସ୍ରୋତରେ ଭାସିଯାଇଛନ୍ତି ବୋଲି ଖୁଲଣ କହିଛନ୍ତି। ପାରାଦୀପସ୍ଥିତ ସମୁଦ୍ରକୂଳଠାରୁ ପ୍ରାୟ ୧୨୦ କିଲୋମିଟର ଦୂରତାରେ ଏହି ମଇଁଷିଗୁଡିକର ମୃତଦେହ ଭାସୁଥିବା ନେଇ କେତେଜଣ ମତ୍ସ୍ୟଜୀବୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବର୍ଷାଦିନେ ଗହୀରମଥାସ୍ଥିତ ସଂରକ୍ଷିତ ଜଙ୍ଗଲର ସମୁଦ୍ର ବେଳାଭୂମିରେ ଗୋରୁମାନଙ୍କ ପାଇଁ ପ୍ରଚୁର ଖାଦ୍ୟ ମିଳୁଥିବାରୁ କେତେ ଜଣ ଚାଷୀ ବର୍ଷା ଆରମ୍ଭରୁ ପ୍ରାୟ ୪ ମାସ ପର୍ଯ୍ୟନ୍ତ ଗୋରୁ ମଇଁଷିଗୁଡିକୁ ସେଠାରେ ଛାଡିଦେଇଥାନ୍ତି। ବିଷ୍ଣୁ ଓ ସର୍ବେଶ୍ୱର ଏଥିଲାଗି ସେମାନଙ୍କ ମଇଁଷିଗୁଡିକୁ ବେଳାଭୂମିରେ ଛାଡିଥିବାବେଳେ ମଇଁଷିପଲ ଭାସିଯାଇଥିବା ସୂଚନା ମିଳିଛି।

### ୨୮ରେ ଐତିହ୍ୟ ସଂରକ୍ଷଣ, ରକ୍ଷଣାବେକ୍ଷଣ ସମ୍ପର୍କିତ ବୈଠକ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ):** ଚଳିତ ମାସ ୨୮ରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡକ୍ଟର ମହେଶ ଶର୍ମାଙ୍କ ଅଧକ୍ଷତାରେ ବିଭିନ୍ନ ଐତିହ୍ୟର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ନେଇ ଏକ ବୈଠକ ନୂଆଦିଲ୍ଲୀରେ ବସିବାକୁ ଯାଉଛି। ଏଥିରେ ଓଡ଼ିଶାରୁ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରତିନିଧିତ୍ୱ କରିବା ନେଇ ସୋମବାର ସୂଚନା ମିଳିଛି। କୋଣାର୍କ ମନ୍ଦିରରୁ ପଥର ଗାଏବ ହେବା, ତାହାର ରକ୍ଷଣାବେକ୍ଷଣ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଓଡ଼ିଶା ବିଧାନସଭାରେ ମଧ ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖି କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜ୍ୟ ପକ୍ଷରୁ ବୁଧବାର ଏହି ବୈଠକରେ କୋଣାର୍କ ପ୍ରସଙ୍ଗ ଉପସ୍ଥାପନ କରାଯିବ। ସଂସ୍କୃତି ମନ୍ତ୍ରୀ ପଣ୍ଡାଙ୍କ ସହ କୋଣାର୍କ(କାକଟପୁର) ଏବଂ ପୁରୀ ଜିଲାର ଅନ୍ୟ ଜଣେ ବିଧାୟକ ଯୋଗ ଦେବେ ବୋଲି ସୂତ୍ରରୁ ପ୍ରକାଶ। ବରୁଣେଇ ପାହାଡ଼ରେ ପାଇକ ସ୍ମାରକୀ ଓ ହରିଶଙ୍କର-ନୃସିଂହନାଥ-ରାଣୀପୁର ସର୍କିଟ ବିକାଶ ପାଇଁ ଏକ ଡିପିଆର ପ୍ରସ୍ତୁତ କରାଯାଇ କେନ୍ଦ୍ରକୁ ପଠାଯାଇଥିଲା। ହେଲେ କେନ୍ଦ୍ର ଏଯାବତ୍ ତାହାକୁ ଅନୁମୋଦନ କରି ନ ଥିବା ମନ୍ତ୍ରୀ ପଣ୍ଡା ଉଲ୍ଲେଖ କରିଛନ୍ତି। ନିକଟରେ ରାଜ୍ୟରେ ୩ ଐତିହ୍ୟର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ନେଇ ଏଏସ୍ଆଇ ନିଷ୍ପତ୍ତି ନେଇଛି। ସେ ସମ୍ପର୍କରେ ମଧ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି।

# ହକି ବିଶ୍ୱକପ୍ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

- ଓଡ଼ିଶା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ : ଡିଜିପି
- କଳିଙ୍ଗ ଷ୍ଟାଡିୟମରେ ୭୫ ପ୍ଲାଟୁନ ଫୋର୍ସ ମୁତୟନ
- ନଜର ରଖିବ ୩୧୦ ସିସି କ୍ୟାମେରା, ଦୁଇ କଣ୍ଟ୍ରୋଲ ରୁମ୍
- ସୁରକ୍ଷା ଦାୟିତ୍ୱରେ ଡିଆଇଜି ସତ୍ୟବ୍ରତ ଭୋଇ

ଭୁବନେଶ୍ୱର,୨୬।୧୧ (ବ୍ୟୁରୋ)

ହକି ବିଶ୍ୱକପ୍ ମହାକୁମ୍ଭ ପାଇଁ କଳିଙ୍ଗ ଷ୍ଟାଡିୟମଠାରୁ ଆରମ୍ଭ କରି ରାଜଧାନୀ ଭୁବନେଶ୍ୱର ପୂରା ପ୍ରସ୍ତୁତ। ଉତ୍କଣ୍ଠା ଓ ଉତ୍ସାହ ଭିତରେ ଅତିଥି, କ୍ରୀଡାବିତ୍ ଓ ଦର୍ଶକ ସେହି ମୁହୂର୍ତ୍ତକୁ ଅପେକ୍ଷା କରିଥିବାବେଳେ ଏହା ପୂର୍ବରୁ ଷ୍ଟାଡିୟମ ଓ ସହରର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ସୋମବାର ଷ୍ଟାଡିୟମ ଓ ଆଖପାଖ ଅଞ୍ଚଳକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ଡିସିପି ଅନୁପ ସାହୁ ଓ ବିଭିନ୍ନ ଥାନାର ଆଇଆଇସି ଷ୍ଟାଡିୟମ ଭିତର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ଉଦ୍‌ଘାଟନୀ ମଞ୍ଚ, ୧୨ ହଜାର ୫ଶହ ଦର୍ଶକ ବସିବା ପାଇଁ ଉଦ୍ଦିଷ୍ଟ ଗ୍ୟାଲେରି, ୨ ହଜାର କଳାକାର ଓ ୧୬ଟି ଦେଶର କୋଚ୍ ଏବଂ ଅଫିସିଆଲ ବସିବା ପାଇଁ ରହିଥିବା ସ୍ଥାନ ଆଦି ଯାଞ୍ଚ କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡି କରାଯାଇଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି ପୂରା ସୁରକ୍ଷା ଦାୟିତ୍ୱରେ ଥିବାବେଳେ ଡିଆଇଜି ଭୋଇ ଷ୍ଟାଡିୟମ ଭାର ସମ୍ଭାଳୁଛନ୍ତି। ଡିଆଇଜି ଭୋଇ ପୂର୍ବରୁ ଭୁବନେଶ୍ୱର ଡିସିପି ଥିବାବେଳେ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍ ସଫଳତାର ସହ ଶୃଙ୍ଖଳିତ ଭାବେ ଶେଷ ହୋଇଥିଲା। ଏହି ଅଭିଜ୍ଞତା ପାଇଁ ତାଙ୍କୁ ଷ୍ଟାଡିୟମ ସୁରକ୍ଷା ଦାୟିତ୍ୱ ଦିଆଯାଇଥିବା ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି।

ସୋମବାର ଭୁବନେଶ୍ୱର କ୍ୟାମ୍ପ ଅଫିସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି ଶର୍ମା କହିଲେ, ହକି ବିଶ୍ୱକପର ସୁରକ୍ଷା ଓଡିଶା ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ବିଶେଷକରି ଉଦ୍‌ଘାଟନୀ ଉତ୍ସବରେ ସର୍ବାଧିକ ଭିଡ଼ ରହିବ। କାର୍ଯ୍ୟକ୍ରମ ସରିବା ପର୍ଯ୍ୟନ୍ତ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ। ତେଣୁ କଳିଙ୍ଗ ଷ୍ଟାଡିୟମରେ ୭୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସେହିଭଳି ୫ଟି କ୍ୟୁଆର୍‌ଟି, ୨ଟି ଏସ୍‌ଟିଏଫ୍ ଓ ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍ ମଧ ପ୍ରସ୍ତୁତ ରହିଛନ୍ତି। ଏଥିସହ ଷ୍ଟାଡିୟମରେ ୧୮୦ଟି ଓ ସହରର ଅନ୍ୟ ୨୮ଟି ସ୍ଥାନରେ ୧୩୦ଟି ସିସିଟିଭି କ୍ୟାମେରା ଲାଗିଥିବାବେଳେ ୨ଟି କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେହିଭଳି କଟକର ବାଲିଯାତ୍ରା ଓ ବାରବାଟୀ ଷ୍ଟାଡିୟମରେ ଦ୍ୱିତୀୟ ହକି ଉଦ୍‌ଘାଟନୀ ମ୍ୟାଚ୍ ହେଉଥିବାରୁ ସେଠାରେ ମଧ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ବଢାଇ ଦିଆଯାଇଛି। ଏହାସହ କଟକରେ ସବୁଠୁ ବଡ଼ ସମସ୍ୟା ପାର୍କିଂ ବ୍ୟବସ୍ଥା। ତେଣୁ କଟକରେ ଥିବା ବିଭିନ୍ନ ସ୍କୁଲ, କଲେଜ ଓ ଅନ୍ୟ ଖାଲି ସ୍ଥାନରେ ପାର୍କିଂ କରାଯିବ। ପୂରା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ଗୋଇନ୍ଦା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଇଛି। ବିଭିନ୍ନ ସ୍ଥାନରେ ସାଦା ପୋଷାକରେ ପୋଲିସ ମୁତୟନ ରହିଛନ୍ତି। ପରିସ୍ଥିତି ସମ୍ପର୍କରେ ସୂଚନା ସଂଗ୍ରହ ଓ ତୁରନ୍ତ ପଦକ୍ଷେପ ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଡିଜିପି କହିଛନ୍ତି।

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ମଙ୍ଗଳବାର ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ରହିଥିବାରୁ କଳିଙ୍ଗ ଷ୍ଟାଡିୟମ ରାସ୍ତା ଜୟଦେବ ବିହାର ଛକରୁ ଦ ୱାର୍ଲ୍ଡ ଛକ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ଉପରେ କଟକଣା ଲଗାଯିବ। ଖେଳ ଆରମ୍ଭ ହେବାର ଦୁଇ ଘଣ୍ଟା ପୂର୍ବରୁ ଓ ଖେଳ ଶେଷ ହେବାର ପରବର୍ତ୍ତୀ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଗାଡି ଚଳାଚଳ ବନ୍ଦ ରହିବ। ଏଥିସହ ଏୟାରପୋର୍ଟ, ଷ୍ଟେଶନ, ଷ୍ଟାଡିୟମ ସମେତ ବିଭିନ୍ନ ସ୍ଥାନର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି କମିଶନର କହିଛନ୍ତି।

## ରାଜ୍ୟ ଭାଜପା ରାଜନୀତି

# ଯିବା ଆସିବାର ବେଳ

- ଦୁହେଁ ବସି ନିଷ୍ପତ୍ତି ନେବୁ: ବିଜୟ
- କିଛି ଫରକ ପଡ଼ିବ ନାହିଁ: ଗୋଲକ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ଆଗକୁ ସାଧାରଣ ନିର୍ବାଚନ। ଶାସନ କ୍ଷମତା ହାସଲ କରିବାକୁ ସମସ୍ତେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ରାଜ୍ୟ ଭାଜପା ମଧ ଆଗାମୀ ନିର୍ବାଚନ ପାଇଁ ରଣକୌଶଳ ପ୍ରସ୍ତୁତ କରୁଛି। ରାଜ୍ୟର ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ଭଳି ଚେହେରାଙ୍କୁ ଦଳରେ ଆଣିବା ପାଇଁ ପ୍ରୟାସ ଜାରି ରଖିଛି। ସେହି କ୍ରମରେ ମଙ୍ଗଳବାର ପୂର୍ବତନ ପ୍ରଶାସିକା ଅପରାଜିତା ଷଡ଼ଙ୍ଗୀ ଓ କେତେଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦିଲ୍ଲୀରେ ଭାଜପାରେ ସାମିଲ ହେଉଥିବା ଜଣାପଡିଛି। ଜାତୀୟ ନେତାଙ୍କ ଉପସ୍ଥିତିରେ ଭାଜପାରେ ମିଶିବା ପରେ ବୁଧବାର ଅପରାଜିତା ଓଡ଼ିଶା ଆସିବା କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ଅପରପକ୍ଷରେ ଜଣେ ପୁରୁଣା ବିଧାୟକ ଭାଜପା ଛାଡିବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ବ୍ରାହ୍ମଣୀ ସେତୁ ଏବଂ ଆଇଜିଏଚ୍ ସୁପରସ୍ପେଶିଆଲିଟି ହସ୍ପିଟାଲ କାମ ଆଗଉ ନ ଥିବାରୁ ରାଉରକେଲା ବିଧାୟକ ଦିଲୀପ ରାୟ ରବିବାର ଚରମ ନିଷ୍ପତ୍ତି ନେବା ନେଇ ସୂଚନା ଦେଇଛନ୍ତି, ଯାହା ଅପରାଜିତାଙ୍କ ମିଶ୍ରଣ ଖବରକୁ ପାଣିଚିଆ କରିବ ବୋଲି କେତେକେ ମତ ରଖିଛନ୍ତି। ଦିଲୀପଙ୍କ ରାଜନୈତିକ ଭବିଷ୍ୟତ ନେଇ ସୋମବାର ବିଜୟ ମହାପାତ୍ର ଦେଇଥିବା ମନ୍ତବ୍ୟ ରାଜନୀତିକୁ ଆହୁରି ସରଗରମ କରିଛି। ବିଜୟ କହିଛନ୍ତି ଯେ, ଦିଲୀପ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି ତାହା ସମସ୍ତଙ୍କୁ ଜଣା। ଏ କଥା ରାଜ୍ୟ ଓ କେନ୍ଦ୍ର ସରକାର ଜାଣନ୍ତି। ବିଶେଷ ଭାବେ କେନ୍ଦ୍ର ସରକାର ଓ ଭାଜପା ଏ ବିଷୟରେ ଭଲ ଭାବରେ ଅବଗତ। ଏବେ ସମୟ ଗଡିଗଲାଣି। ଜଣେ ବିଧାୟକ ନିନ୍ଦିତ ହେବା ପରେ ନିଷ୍ପତ୍ତି ନେବାକୁ ବାଧ ହୁଏ। ରାଜନୈତିକ ନିଷ୍ପତ୍ତି ନେବାର ଅଧିକାର ପ୍ରତ୍ୟେକ ବ୍ୟକ୍ତିର ରହିଛି। ଦିଲୀପ ରାୟଙ୍କ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ। ପରବର୍ତ୍ତୀ ରଣନୀତି ନେଇ ଦୁହେଁ ବସି ନିଷ୍ପତ୍ତି କରିବେ ବୋଲି ବିଜୟ କହିଛନ୍ତି।

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ବ୍ରାହ୍ମଣୀ ସେତୁ ଏବଂ ଆଇଜିଏଚ୍ ସୁପରସ୍ପେଶିଆଲିଟି ହସ୍ପିଟାଲ କାମ ଆରମ୍ଭ ହୋଇସାରିଛି। ସେହିପରି ସେତୁ କାର୍ଯ୍ୟ ଉପା ସରକାରର ୧୦ ବର୍ଷ ସମୟରେ ହେଲାନାହିଁ। ଏବେ ସମାଲୋଚନା କରୁଥିବା ବନ୍ଧୁମାନେ ସେ ସମୟରେ କେଉଁଠାରେ ଥିଲେ। ଦଳ କାହାକୁ ଅଲୋଡ଼ା କରିନି। ସମସ୍ତେ ନିଜ ନିଜ କାର୍ଯ୍ୟ ଦ୍ୱାରା ପ୍ରତିଷ୍ଠିତ। ତେଣୁ କିଏ ଦଳ ଛାଡ଼ିବା ଦ୍ୱାରା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଗୋଲକ କହିଛନ୍ତି।

# ତିତ୍‌ଲି କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବେ ଭାଜପା ନେତା

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ତିତ୍‌ଲି କ୍ଷତିଗ୍ରସ୍ତ ଅଞ୍ଚଳରେ ପ୍ରକୃତରେ ରିଲିଫ୍ ପହଞ୍ଚିଛି ନା ନାହିଁ, ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଠିକ୍ ଭାବେ ହେଉଛି ନା ନାହିଁ ସେ ନେଇ ଭାଜପା ପକ୍ଷରୁ ସରଜମିନ ତଦନ୍ତ କରାଯିବ। ଭାଜପା ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଙ୍ଗଳବାର କ୍ଷତିଗ୍ରସ୍ତ ଗଞ୍ଜାମ ଏବଂ ଗଜପତି ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରିବେ। ସ୍ଥାନୀୟ ବାସିନ୍ଦାଙ୍କ ସହ ସିଧାସଳଖ ଆଲୋଚନା କରି ରିଲିଫ ବଣ୍ଟନ ଏବଂ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିବେ। ଏ ନେଇ ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ବିଧାୟକ ରବି ନାଏକ, ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ଗଠନ କରାଯାଇଛି। ଅନ୍ୟମାନଙ୍କ ମଧରେ ରାଜ୍ୟ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସମ୍ପାଦକ ବିଭୂତି ଜେନା, ମୁଖପାତ୍ର ଗୋଲକ ମହାପାତ୍ର, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଣଜିତ୍ ଦାଶ, କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ ପ୍ରତିନିଧି ଦଳରେ ରହିଛନ୍ତି।



ଓୟୁଏଟି କୁଳପତି ଓ କେନ୍ଦ୍ରୀୟ ଦ୍ୱୀପାଞ୍ଚଳ କୃଷି ଗବେଷଣା ପ୍ରତିଷ୍ଠାନ ମଧରେ ହୋଇଥବା ବୁଝାମଣାପତ୍ର ସ୍ୱାକ୍ଷର।

# ଓୟୁଏଟି, କେନ୍ଦ୍ରୀୟ ଦ୍ୱୀପାଞ୍ଚଳ କୃଷି ଗବେଷଣା ପ୍ରତିଷ୍ଠାନ ମଧରେ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସମନ୍ୱୟକୁ ସୁଦୃଢ଼ କରିବା ନିମନ୍ତେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ପୋର୍ଟବ୍ଲେୟାରସ୍ଥିତ କେନ୍ଦ୍ରୀୟ ଦ୍ୱୀପାଞ୍ଚଳ କୃଷି ଗବେଷଣା ପ୍ରତିଷ୍ଠାନ ମଧରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସୋମବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଓ କେନ୍ଦ୍ରୀୟ ଦ୍ୱୀପାଞ୍ଚଳ କୃଷି ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଆନନ୍ଦମୟ କୁଣ୍ଡ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ କରିଥିଲେ। ଏହି ଅବସରରେ ପ୍ରଫେସର ପଶୁପାଳକ କହିଲେ, ଏହାଦ୍ୱାରା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ହେବା ସହ ପ୍ରାଣୀପାଳନ, ମତ୍ସ୍ୟ ବିଜ୍ଞାନ, ଉଦ୍ୟାନ କୃଷି ଆଦି କ୍ଷେତ୍ରରେ ଗବେଷଣା ପରିସରକୁ ବ୍ୟାପକ କରିବା ନିମନ୍ତେ ସୁଯୋଗ ସୃଷ୍ଟି ହୋଇପାରିବ। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ କେନ୍ଦ୍ରୀୟ ଦ୍ୱୀପାଞ୍ଚଳ କୃଷି ଗବେଷଣା ପ୍ରତିଷ୍ଠାନର ପରୀକ୍ଷାଗାର ବ୍ୟବହାର କରିବା ସହିତ ସେଠାକାର ବୈଜ୍ଞାନିକଙ୍କ ଜ୍ଞାନର ଉପଯୋଗ କରିପାରିବେ। ଅପରପକ୍ଷରେ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ କଦଳୀ ଓ ଅନ୍ୟାନ୍ୟ ଉଦ୍ୟାନଜାତୀୟ ଫସଲର ଟିସୁକଲ୍‌ଚର ଚାରା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଚାଷ କରାଯିବ। ଭାରତୀୟ କୃଷି ଗବେଷଣା ପରିଷଦ ଆଞ୍ଚଳିକ କମିଟି ନିଷ୍ପତ୍ତିକ୍ରମେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧକ୍ଷ, ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୂର୍ବଭଳି ରାତି ୧୦ଟା ପର୍ଯ୍ୟନ୍ତ ଖୋଲିବ ଅନ୍ ଶପ୍

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ):** ପୁରୁଷ ହକି ବିଶ୍ୱକପ୍ ପାଇଁ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ଖେଳାଳି ଓ ଦର୍ଶକମାନେ ଓଡ଼ିଶା ଆସୁଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅବକାରୀ ନିୟମରେ ପରିବର୍ତ୍ତନ ଆଣି ଗତ ୨୦ ତାରିଖରୁ ଆସନ୍ତା ୨୦ ତାରିଖ ଯାଏ ରାତି ସାଢ଼େ ଗୋଟେ ପର୍ଯ୍ୟନ୍ତ ଅନ୍ ଶପ୍ ମଦ ଦୋକାନ ଖୋଲାଯିବାର ବ୍ୟବସ୍ଥା କରିଥିଲେ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓ ଅନ୍ୟ ସଂଗଠନ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଫଳରେ ପୂର୍ବଭଳି ରାଜ୍ୟରେ ଅନ୍ ଶପ୍ ମଦ ଦୋକାନ ରାତି ୧୦ଟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି।

### ଅନିଚ୍ଛାକୃତ ତ୍ରୁଟି ଥିଲା: ଶଶିଭୂଷଣ ବେହେରା

ସେ କହିଛନ୍ତି ଯେ, ଅନ୍ ଶପ୍‌ରେ ରାତି ସାଢ଼େ ଗୋଟେ ପର୍ଯ୍ୟନ୍ତ ମଦ ବିକ୍ରି ନିଷ୍ପତ୍ତି ଅନିଚ୍ଛାକୃତ ତ୍ରୁଟି ଥିଲା। ରାତି ୧.୩୦ ଯାଏ କେବଳ ବାର୍ ଏବଂ ରେଷ୍ଟୁରାଣ୍ଟରେ ମଦ ବିକ୍ରି କରାଯିବ। ଯେହେତୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରୁ ଖେଳାଳି ଏବଂ ଦର୍ଶକ ଆସୁଛନ୍ତି, ତେଣୁ ଏକ ମାସ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।







## CLASSIFIED DISPLAY







See Career Appointment on every Wednesday & Saturday

ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି–ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି। –ଶ୍ରୀମା

# ଏକୁଟିଆ ଛାଡ଼ିଦିଅ

ଆଣ୍ଡାମାନ୍‌ର ଉତ୍ତର ସେଣ୍ଟିନେଲ୍‌ରେ ବାସ କରୁଥିବା ଆଦିମ ଅଧିବାସୀ ସେଣ୍ଟିନେଲିଜ୍ ନାମରେ ପରିଚିତ। ସମୁଦ୍ରର ପ୍ରବାଳ ଶ୍ରେଣୀଭୁକ୍ତ ଏବଂ ଘଞ୍ଚ ଜଙ୍ଗଲାବୃତ ସେଣ୍ଟିନେଲ୍ ଦ୍ୱୀପ, ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ ରାଜଧାନୀ ପୋର୍ଟ ବ୍ଲେୟାରର ପଶ୍ଚିମକୁ ୫୦ କିଲୋମିଟର ଦୂରରେ ଅବସ୍ଥିତ। ସେଠାରେ ୪୦ରୁ ୩୦୦ ସେଣ୍ଟିନେଲିଜ୍ ବାସ କରୁଥିବା ବିଶ୍ୱାସ କରାଯାଉଛି। ସେମାନଙ୍କ ଚଳଣି, ଜୀବନଯାପନ ଶୈଳୀ ରହସ୍ୟପୂର୍ଣ୍ଣ ରହିଥିବାରୁ ସେହି ବିଷୟରେ ଜାଣିବା ଲାଗି ବିଶ୍ୱବ୍ୟାପୀ ଅନେକଙ୍କ ମଧ୍ୟରେ ସର୍ବଦା ଉତ୍ସୁକତା ରହିଆସିଛି। ୨୦୦୪ ଡିସେମ୍ବର ୨୬ରେ ଆଣ୍ଡାମାନ୍ ଓ ନିକୋବରରେ ଘଟିଥିବା ସୁନାମି ଏହି ଆଦିବାସୀଙ୍କ ଉପରେ କୌଣସି ପ୍ରଭାବ ପକାଇପାରି ନ ଥିଲା। ଏଥିରୁ ବୁଝିବାକୁ ହେବ ଯେ ସେମାନେ ପ୍ରକୃତି ଓ ପରିବେଶ ସହ ଓତପ୍ରୋତ ଭାବେ ଜଡ଼ିତ। ସେତେବେଳେ ଏହି ଆଦିମ ଅଧିବାସୀଙ୍କୁ ଉଦ୍ଧାର କରିବା ଲାଗି ହୋଇଥିବା ଯୋଗାଯୋଗ ବ୍ୟର୍ଥ ହୋଇଥିଲା।

ସମାଜର ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ କରିବା ଲାଗି ସରକାରୀ ସ୍ତରରେ ଅତୀତରେ ହୋଇଥିବା ଉଦ୍ୟମ ବାରମ୍ବାର ବିଫଳ ହୋଇଛି। ତେଣୁ ସେମାନଙ୍କୁ ସୁରକ୍ଷିତ ରଖିବା ଲାଗି ଭାରତ ସରକାର ଦ୍ୱୀପର ଚାରିକଡ଼େ ୩ ନଟିକାଲ ମାଇଲ୍ସ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଞ୍ଚଳ ଘୋଷଣା କରିଥିଲେ। ଏହି ଅଧିବାସୀ ନିରୋଳାରେ ରହିବାକୁ ପସନ୍ଦ କରିଥାଆନ୍ତି। ଯେଉଁମାନେ ଏମାନଙ୍କ ସହ ଯୋଗାଯୋଗ ସ୍ଥାପନ ପାଇଁ ଚେଷ୍ଟା କରିଛନ୍ତି, ସେମାନଙ୍କୁ ଜୀବନ ହରାଇବାକୁ ପଡ଼ିଛି। ଅନୁପ୍ରବେଶକାରୀଙ୍କ ପ୍ରତି ସେଣ୍ଟିନେଲିଜ୍‌ମାନେ ଶତ୍ରୁତା ଆଚରଣ କରିଥାଆନ୍ତି। ଏହାର ସଦ୍ୟ ଦୃଷ୍ଟାନ୍ତ ନିକଟରେ ଦେଖିବାକୁ ମିଳିଛି। ଆମେରିକୀୟ ଧର୍ମପ୍ରଚାରକ ଜନ୍ ଆଲେନ୍ ଚାଓ ବେଆଇନ ଭାବେ ସେମାନଙ୍କୁ ଧର୍ମାନ୍ତରୀକରଣ କରିବାକୁ ଯାଇ ପ୍ରାଣ ହରାଇଛନ୍ତି।

ଏଭଳିସ୍ଥଳେ ସମ୍ପୃକ୍ତ ଅଞ୍ଚଳରୁ ଆଧୁନିକ ମଣିଷକୁ ଦୂରେଇ ରଖିବା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେବା ଉଚିତ। ନିକଟରେ ନୀତି ଆୟୋଗ ଅନାବିଷ୍କୃତ ଅଞ୍ଚଳରେ ପର୍ଯ୍ୟଟନକୁ ବିକଶିତ କରିବା ଲାଗି ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଇତିମଧ୍ୟରେ ଉତ୍ତର ସେଣ୍ଟିନେଲ୍ ଓ ଲିଟିଲ ଆଣ୍ଡାମାନ୍ ସମେତ କେତେକ ସୁରକ୍ଷିତ କ୍ଷେତ୍ରରେ ଥିବା ପ୍ରବେଶ ନିଷେଧକୁ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ହଟାଇ ଦିଆଯାଇଛି। ଅଧିକାଂଶ ଆଇନ ଉଲ୍ଲଂଘନକାରୀ ଦଣ୍ଡରୁ ସହଜରେ ମୁକୁଳିଯିବା ପରିସ୍ଥିତିକୁ ଗମ୍ଭୀର ରୂପ ଦେଉଛି।

ଉଲ୍ଲେଖଯୋଗ୍ୟ, ଅନ୍ୟ ମଣିଷଙ୍କ ସହ ମିଳାମିଶା ନ ଥିବାରୁ ସେଣ୍ଟିନେଲିଜ୍‌ଙ୍କର ବାହ୍ୟ ଜୀବାଣୁରୁ ପ୍ରତିରୋଧକ ଶକ୍ତି କମ୍। ଏକ କ୍ଷୁଦ୍ର ଜୀବାଣୁ ସମ୍ପୂର୍ଣ୍ଣ ଅଧିବାସୀଙ୍କୁ ଗୋଟେ ଥରକରେ ସମାପ୍ତ କରିଦେଇପାରିବ। ତେଣୁ ସେମାନଙ୍କୁ ଏକଲା ଛାଡ଼ିଦେବା ଅତ୍ୟନ୍ତ ଜରୁରୀ। ଚାଓଙ୍କ କଥା ଦେଖିଲେ ତାଙ୍କୁ ସେଣ୍ଟିନେଲ୍ ଯିବାରୁ ବାରଣ କରାଯାଇପାରିଥାଆନ୍ତା। ବିପଦସଙ୍କୁଳ ଯାତ୍ରା ଓ ସେଠାକୁ ଗଲେ କିଭଳି ପରିସ୍ଥିତିର ସାମ୍ନା କରିବାକୁ ପଡ଼େ, ତାହା ଚାଓ ଭଲ ଭାବେ ଜାଣି ଥିଲେ। ତଥାପି ସବୁ ନିୟମ ଉଲ୍ଲଂଘନ କରି ସେ ସେଠାକୁ ଯାଇଥିଲେ। ବିଡ଼ମ୍ବନାର ବିଷୟ ହେଲା ଏଭଳି ସ୍ୱାର୍ଥପର ମଣିଷଙ୍କ ଅଭାବ ନାହିଁ ଏବଂ ନିୟମ ଉଲ୍ଲଂଘନ କରିବା ତାଙ୍କ ପାଇଁ ସହଜ ହୋଇଯାଉଛି। ଫଳାଫଳ ବିଷୟରେ ସବୁ ଜାଣିଥିବା ସତ୍ତ୍ୱେ ମତ୍ସ୍ୟଜୀବୀ ଓ ଅନ୍ୟ ଯେଉଁମାନେ ତାଙ୍କୁ ସେଠାକୁ ନେଲେ, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ରିପୋର୍ଟରୁ ଜଣାପଡ଼ିଛି, ନିଷେଧାଦେଶ ଥାଇ ମଧ୍ୟ ମଝିରେ ମଝିରେ ଆଣ୍ଡାମାନ୍‌ର ମତ୍ସ୍ୟଜୀବୀମାନେ ସମ୍ପୃକ୍ତ ଅଞ୍ଚଳକୁ ମାଛ ଧରିବା ପାଇଁ ଯାଇଥାଆନ୍ତି। ଏହାର ସୁଯୋଗ ଉଠାଇ ପର୍ଯ୍ୟଟକମାନେ ମଧ୍ୟ ମତ୍ସ୍ୟଜୀବୀମାନଙ୍କୁ ସେଣ୍ଟିନେଲ୍ ଦ୍ୱୀପ ପାଖକୁ ଯିବା ସକାଶେ ଅର୍ଥ ପ୍ରଲୋଭନ ଦେଖାଇଥାଆନ୍ତି। ଏହାଦ୍ୱାରା ସେଠାକାର ଆଦିବାସୀଙ୍କ ଜୀବନ ଓ ଜୀବନଧାରା ଉପରେ ଘୋର ବିପଦ ମାଡ଼ିଆସୁଛି।

ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବାର ଦ୍ୱାହି ଦେଇ ଆଧୁନିକ ମଣିଷ ନିଜ ସ୍ୱାର୍ଥକୁ ଚରିତାର୍ଥ କରିବା ଲକ୍ଷ୍ୟରେ ସର୍ବଦା ଆଦିମ ଅଧିବାସୀଙ୍କୁ ବ୍ୟବହାର କରିବାକୁ ଚାହିଁଥାଏ। ଅଧିକାଂଶ କ୍ଷେତ୍ରରେ ସେମାନେ ଶୋଷଣର ଶିକାର ହେଉଛନ୍ତି ଓ ସମ୍ପୃକ୍ତ ଅଞ୍ଚଳର ପ୍ରାକୃତିକ ସମ୍ପଦ ଅନ୍ୟମାନଙ୍କ ପାଇଁ ଭୋଗ୍ୟ ପାଲଟିଯାଉଛି। ବିଶ୍ୱର ଅନେକ ଆଦିବାସୀ ବିକାଶ ପାଇଁ ବଳି ପଡୁଛନ୍ତି। ଆମେ ବୁଝିବା ଦରକାର ଯେ, ବାସ କରୁଥିବା ପରିବେଶ ସହ ସେମାନେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସେମାନେ ତଥାକଥିତ 'ମୁଖ୍ୟସ୍ରୋତ'ରେ ସାମିଲ ହେବାକୁ ଚାହାନ୍ତି ନାହିଁ। ସେମାନଙ୍କ ସହ ଯୋଗାଯୋଗର ଅର୍ଥ ହେଉଛି ଅଧିବାସୀଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲିଦେବା। ଏବେ ଚାଓଙ୍କ ମରଶରୀରକୁ ଉଦ୍ଧାର କରିବା ଲାଗି ଆଣ୍ଡାମାନ୍ ପୋଲିସ ଚେଷ୍ଟା କରୁଛି। କିନ୍ତୁ ତାହା ଉଭୟ ପଟ ପାଇଁ ବିପଦ ପାଲଟିପାରେ ବୋଲି କୁହାଯାଉଛି।

ପୂର୍ବରୁ ବିଦେଶୀଙ୍କୁ ଦ୍ୱୀପକୁ ଯିବା ବେଳେ ଫରେନର୍ସ ରେଜିଷ୍ଟ୍ରେଶନ ଅଫିସରଙ୍କ ପାଖରେ ପଞ୍ଜୀକରଣ କରିବାକୁ ପଡୁଥିଲା। ଏବେ ତାହାକୁ ହଟାଇ ଦିଆଯାଇଛି। ଫଳରେ ଚାଓଙ୍କ ଭଳି ବ୍ୟକ୍ତି ନିର୍ଦ୍ୱନ୍ଦ୍ୱରେ ନିଷିଦ୍ଧାଞ୍ଚଳକୁ ଚାଲିଯାଇପାରୁଛନ୍ତି। ନିକଟରେ ଆଣ୍ଡାମାନ ଓ ନିକୋବରରେ ଥିବା ୨୯ ଆଦିବାସୀ ଅଧ୍ୟୁଷିତ ଓ ୧୧ ଜନଶୂନ୍ୟ ଦ୍ୱୀପକୁ ପର୍ଯ୍ୟଟକମାନଙ୍କୁ ଯିବାର ଅନୁମତି ଦିଆଯାଇଛି। ସରକାରଙ୍କ ଏଭଳି ମାରାତ୍ମକ ନିଷ୍ପତ୍ତି ସେଣ୍ଟିନେଲିଜ୍ ଓ ଅନ୍ୟ ଆଦିମ ଅଧିବାସୀଙ୍କ ବଂଶ ନିପାତର କାରଣ ପାଲଟିପାରେ। ବର୍ତ୍ତମାନ ପରିସ୍ଥିତିରେ ସରକାର ପ୍ରକୃତିର ଅନାବିଷ୍କୃତ ଅଞ୍ଚଳକୁ ଧ୍ୱଂସ କରିବା ପରିବର୍ତ୍ତେ ଯେଉଁସବୁ ପର୍ଯ୍ୟଟନସ୍ଥଳୀ ଅଛି, ସେଗୁଡ଼ିକର ବିକାଶ ଉପରେ ଧ୍ୟାନ ଦେବା ଦରକାର।

## ଚିରନ୍ତନୀ

ନୂଆ ହୋଇ ଆଜି ରହିନି କିଛି ତ
ପାଣି ପବନରେ ଚାଲୁଛି ଯାନ
ମେଘଦୂତ ଆଉ ଲୋଡ଼ା ନାହିଁ ତେଣୁ,
ସହଜେ ମିଳୁଛି ପୀରତି ଦାନ।
(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | D | | | 6 | 3 | 7 | | | | | 0 |
| A | | 0 | | 4 | 1 | | | | | | 3 | 7 | | 5 |
| | | 3 | | | | D | | | | | | | A | E |
| | C | 2 | A | 5 | | | 7 | 0 | | 1 | | 6 | B | D |
| | | 7 | | 9 | C | 8 | | B | | | | | | 4 |
| 1 | | A | B | | | | 0 | E | | | 5 | | | |
| | | | | | E | | 2 | 7 | | D | 4 | | | |
| 5 | | | 8 | | | 4 | | A | | | B | | | |
| | 2 | | | 1 | | | | | | | | | | |
| | | B | | 0 | 4 | C | 5 | D | 9 | | | | 3 | A |
| | | 6 | | C | | | | | | | E | | 9 | |
| | | | 5 | | | 3 | 9 | 2 | 0 | | 8 | | | |
| | | | | | 0 | | | | | B | | C | | |
| | | | | 7 | | | A | | | | | | E | B |
| D | 7 | 9 | | 6 | | | | | | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 9 | A | D | 3 | 0 | B | C | 8 | 2 | 6 | 1 | E | 7 | 4 |
| C | 1 | 3 | 4 | 2 | B | E | 6 | D | 7 | A | 5 | 8 | 9 | 0 |
| B | E | 6 | 7 | 5 | 8 | 2 | 1 | 0 | D | 4 | 9 | A | 3 | C |
| D | 4 | 8 | 9 | 6 | E | 7 | 3 | A | B | C | 0 | 1 | 5 | 2 |
| 7 | 2 | 0 | C | 1 | A | 9 | 5 | 4 | E | 3 | 8 | 6 | B | D |
| A | B | 4 | 5 | 0 | 2 | 8 | D | 1 | C | 7 | 3 | 9 | E | 6 |
| 2 | 3 | C | E | 7 | D | A | 9 | 6 | 4 | 0 | B | 5 | 8 | 1 |
| E | 8 | 1 | A | C | 6 | 0 | 4 | 3 | 5 | 9 | D | B | 2 | 7 |
| 0 | 7 | 5 | 8 | 9 | 3 | C | B | E | 6 | 1 | 2 | D | 4 | A |
| 9 | 6 | D | B | 4 | 1 | 5 | 7 | 2 | A | 8 | E | C | 0 | 3 |
| 8 | D | 9 | 2 | B | 4 | 1 | A | 7 | 3 | E | C | 0 | 6 | 5 |
| 4 | 5 | B | 1 | 8 | 7 | 6 | E | C | 0 | 2 | A | 3 | D | 9 |
| 6 | C | 7 | 3 | E | 9 | D | 0 | 5 | 1 | B | 4 | 2 | A | 8 |
| 3 | A | E | 0 | D | C | 4 | 2 | 9 | 8 | 5 | 6 | 7 | 1 | B |
| 1 | 0 | 2 | 6 | A | 5 | 3 | 8 | B | 9 | D | 7 | 4 | C | E |

ଗତକାଲିର ଉତ୍ତର



# ପରମ୍ପରା ଓ ଆଇନ

ସହଦେବ ସାହୁ

ସୁପ୍ରିମ୍‌କୋର୍ଟଙ୍କ ଅକ୍ଟୋବର ୫ର 'ବୟସ ନିର୍ବିଶେଷରେ ମହିଳାଙ୍କ ମନ୍ଦିର ପ୍ରବେଶ' ରାୟ ପରେ ପରମ୍ପରାବାଦୀ ହିନ୍ଦୁମାନେ କେରଳର ସାବରିମାଳାସ୍ଥ ଆୟାପ୍ପାନ ମନ୍ଦିରକୁ ଏକପ୍ରକାର ଘେରାଉ ଭିତରେ ରଖିଛନ୍ତି। କେରଳ ସରକାର ପୋଲିସ ବନ୍ଦୋବସ୍ତ ସତ୍ତ୍ୱେ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଏ ଯାବତ୍ କାର୍ଯ୍ୟକାରୀ କରିପାରୁ ନାହାନ୍ତି। ପ୍ରତିବାଦ କରୁଥିବା ଲୋକେ କହନ୍ତି ପରମ୍ପରା ଉପରେ ରାୟ ଦେବା ବିଚାରାଳୟର ପରିସରଭୁକ୍ତ ନୁହେଁ। ପରମ୍ପରା ଅପରିବର୍ତ୍ତନୀୟ ନୁହେଁ, ପୁରୁଣା ରାଜଦରବାରଗୁଡ଼ିକ ବାରମ୍ବାର ପରିବର୍ତ୍ତନ କରିଛନ୍ତି ତାହା ସେମାନେ ଜାଣିନାହାନ୍ତି। ବେଶିଦିନ ଧରି ରୀତିଟିଏ ଚଳିଆସିଲେ ତାହା ପରମ୍ପରା ହୋଇଯାଏ। ତାରିଖ ଥିବା ଘଟଣା ଆବହମାନ କାଳରୁ ଚଳିଆସିଛି କହିବା ଏକ ଧୂର୍ତ୍ତତା ମାତ୍ର। ଇତିହାସ କହେ ଆଦିବାସୀମାନେ ଆୟାପ୍ପାନଙ୍କୁ ଆୟାନାର ରୂପେ ପୂଜା କରୁଥିଲେ। ପଞ୍ଚଦଶ ଶତାବ୍ଦୀରେ ଆୟାନାର ହେଲେ ଆୟାପ୍ପାନ। ଏସ୍. ମହେନ୍ଦ୍ରନ ବନାମ କେରଳ (୧୯୯୦) ମକଦ୍ଦମାରେ କେରଳ ଉଚ୍ଚ ନ୍ୟାୟାଳୟ ୧୯୯୧ରେ ରାୟ ଦେଇ ୧୦ରୁ ୫୦ ବର୍ଷର ନାରୀମାନଙ୍କୁ ମନ୍ଦିର ପ୍ରବେଶ ମନା କରିଦେଲେ। ରାଜ୍ୟ ସରକାର ପୋଲିସ ଲଗାଇ ଏ ବାରଣକୁ ଚାଲୁ କରନ୍ତୁ ବୋଲି କହିଦେଲେ। ପ୍ରଥା ବା ପରମ୍ପରା ଉପରେ ଆଇନର ମୋହର ବସିଗଲା। କିନ୍ତୁ କୋର୍ଟ ତାଙ୍କ ରାୟରେ ଏ ପ୍ରଥାକୁ ଆବହମାନ କାଳରୁ ଚଳିଆସିଛି କହିବା ବେଳେ ଇତିହାସ ଓ ଭୂଗୋଳକୁ ଭୁଲିଗଲେ। ବିଷ୍ଣୁ ନାରୀ (ମୋହିନୀ) ହୋଇ ଶିବଙ୍କୁ ବିଭା ହେବା ଏବଂ ସେମାନଙ୍କର ସନ୍ତାନ ଭାବେ ଆୟାପ୍ପାନ୍ ଜନ୍ମ ହୋଇ ସ୍ତ୍ରୀମୁଖ ଦର୍ଶନ ନ କରିବାର ପ୍ରତିଜ୍ଞା କରିଥିବା ଭଳି ଏକ କାହାଣୀ ସାଧାରଣ ଜ୍ଞାନର ବିରୋଧ କରେ। ସେ କଥା ବିଚାର କରିବାର ସ୍ଥାନ ଏ ନୁହେଁ। ଦେଶର ସର୍ବୋଚ୍ଚ କୋର୍ଟ ୨୦୧୮ ଅକ୍ଟୋବରର ରାୟରେ ରାଜ୍ୟ ହାଇକୋର୍ଟଙ୍କ ରାୟକୁ ଅକାମୀ କରିଦେଇଥିବା ବେଳେ ପରମ୍ପରା–ବନାମ–ଆଇନ ବିବାଦ ଉଠୁଛି କାହିଁକି? ମିଥ୍ ବା କାହାଣୀ ଭିତ୍ତିକ ପରମ୍ପରା ଆଇନ ଆଗରେ ବଳି ପଡିଯାଇଛି।

ଐତିହାସିକ ରମିଲା ଥାପରଙ୍କ ମତରେ ମହିଳାମାନଙ୍କ ମନ୍ଦିର ପ୍ରବେଶ ଆନ୍ଦୋଳନର ମଞ୍ଜି ୧୯୨୧ର ଭାଇକୋମ୍ ସତ୍ୟାଗ୍ରହରେ ପଡିଥିଲା– ତ୍ରାଭାଙ୍କୋର ଦେଶୀୟ ରାଜ୍ୟର ଭାଇକୋମ ସହରର ମହାଦେବ ମନ୍ଦିର ଚାରିପଟେ ଥିବା ରାସ୍ତାରେ ଦଳିତମାନଙ୍କୁ ଯିବା ଆସିବା ମନା ଥିଲା। ଆଜିକାଲି ଦଳିତ ଶବ୍ଦ ବ୍ୟବହାର ହେଉଛି, ସେତେବେଳେ ଅସବର୍ଣ୍ଣ, ହରିଜନ, ଅସ୍ପୃଶ୍ୟ ଆଦି ଶବ୍ଦ ପ୍ରୟୋଗ ବେଆଇନ ନ ଥିଲା। ସର୍ବସାଧାରଣ ରାସ୍ତାରେ ଯିବାଆସିବାର ଅଧିକାର ଦାବିକରି ଦଳିତମାନେ ଏକ ଶାନ୍ତିପୂର୍ଣ୍ଣ ପଟୁଆରରେ ସେ ରାସ୍ତାରେ ଯିବାକୁ ଉଦ୍ୟମ କରିଥିଲେ। ସେତେବେଳର ରାଜା ମୂଲଥିରୁନାଲ ସେମାନଙ୍କୁ ରୋକିଥିଲେ ଏବଂ ନେତାମାନଙ୍କୁ ଜେଲ୍ ପଠାଇଦେଲେ। ଏହାକୁ ଭାଇକୋମ ସତ୍ୟାଗ୍ରହ କୁହାଯାଏ। ମନ୍ଦିର ସାମ୍ନା ରାସ୍ତାରେ ଯିବା ଆନ୍ଦୋଳନରୁ ମନ୍ଦିର ପ୍ରବେଶ ଦାବି ଉଠିଲା। ତ୍ରାଭାଙ୍କୋର ରାଜ୍ୟସାରା ଦଳିତମାନେ ପ୍ରତିବାଦ ସଭା କଲେ। ଗାନ୍ଧୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ଏହି ଭାଇକୋମ ସତ୍ୟାଗ୍ରହରୁ ପ୍ରେରଣା ପାଇଥିଲା ବୋଲି କୁହାଯାଏ। ଗାନ୍ଧୀଙ୍କ ସହ ସାକ୍ଷାତ୍ ପରେ ନାବାଳକ ଯୁବରାଜଙ୍କ ପକ୍ଷରୁ ରାଣୀ ଲକ୍ଷ୍ମୀବାଈ ଭାଇକୋମ ସତ୍ୟାଗ୍ରହରେ ଗିରଫ ବ୍ୟକ୍ତିମାନଙ୍କୁ ମୁକ୍ତ କରିଦେଇଥିଲେ ଏବଂ ଗାନ୍ଧୀଙ୍କ ପ୍ରରୋଚନାରେ ଭାଇକୋମ ମହାଦେବ ମନ୍ଦିରର ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଦିଗରେ ଥିବା ରାସ୍ତାଗୁଡ଼ିକୁ ସବୁ ଜାତି ପାଇଁ ଖୋଲିଦେଲେ, କିନ୍ତୁ ପୂର୍ବଦିଗର ମନ୍ଦିର ସାମ୍ନା ରାସ୍ତାକୁ ବ୍ରାହ୍ମଣମାନଙ୍କ ପାଇଁ ସଂରକ୍ଷିତ ରଖିଲେ। ରାଜକୁମାର ଚିଥିର ଥିରୁନାଲ ମହାତ୍ମା ଗାନ୍ଧୀଙ୍କ କେରଳ ଭ୍ରମଣ ସମୟରେ କଥୋପକଥନ ଛଳରେ ମାନିଥିଲେ ଯେ ଅସବର୍ଣ୍ଣମାନେ ବି ହିନ୍ଦୁ, ତେଣୁ ମନ୍ଦିର ପ୍ରବେଶ ମନା ଉଚିତ ନୁହେଁ। ସେ ତାଙ୍କର ୨୪ତମ ଜନ୍ମ ଦିବସର ପୂର୍ବସନ୍ଧ୍ୟାରେ ଏକ ଘୋଷଣାନାମାରେ ଦସ୍ତଖତ କରି ରାଜ୍ୟର ସବୁ ମନ୍ଦିରରୁ ଜାତିଗତ ବାସନ୍ଦ ଉଠାଇଦେଲେ। ସେତେବେଳେ ଭାରତର ଅନ୍ୟ ଦେଶୀୟ ରାଜ୍ୟଗୁଡିକରେ ଅସ୍ପୃଶ୍ୟମାନେ ମନ୍ଦିର ପ୍ରବେଶ ଅଧିକାର ପାଇଁ ଆନ୍ଦୋଳନ କରିଥିଲେ ହେଁ ସଫଳ ହୋଇ ନ ଥିଲେ। କୋଚିନ୍‌ର ଜାମୋରିନ୍ (ମହାରାଜା) ଦଳିତମାନଙ୍କୁ ମନ୍ଦିରପ୍ରବେଶ ଅଧିକାର ତ ଦେଲେ ନାହିଁ, ବରଂ ରାଗରେ ତ୍ରାଭାଙ୍କୋର ରାଜ୍ୟର ସବୁ ଲୋକଙ୍କୁ ଅସ୍ପୃଶ୍ୟ ଘୋଷଣା କଲେ ଏବଂ ସେମାନେ କୋଚିନ୍ ରାଜ୍ୟରେ ଥିବା କୌଣସି ମନ୍ଦିରରେ ପ୍ରବେଶ କରିପାରିବେ ନାହିଁ ବୋଲି ଆଦେଶ ଜାରିକଲେ। ୧୯୪୭ରେ ହିଁ କୋଚିନ୍ ରାଜ୍ୟରେ ଅସ୍ପୃଶ୍ୟଙ୍କ ମନ୍ଦିର ପ୍ରବେଶ ଚାଲୁ ହେଲା। ପରମ୍ପରା ନୁହେଁ, ସରକାରଙ୍କ ପ୍ରଣୀତ ଆଇନ ମନ୍ଦିର ପ୍ରବେଶକୁ ନିୟନ୍ତ୍ରିତ କରିଥିଲା।

ଏ ପରିସ୍ଥିତିରେ ବିବେକ ଓ ବିଶ୍ୱାସ ଭିତରେ ଏକ ବ୍ୟବଧାନ ଅଛି ବୋଲି କହୁଥିବା ଲୋକେ ମାନିବେ ଯେ ଆଇନ ଓ ଶୃଙ୍ଖଳା ରକ୍ଷା କରୁଥିବା ସରକାର ହିଁ ଧର୍ମୀୟ ବିଶ୍ୱାସର ନିୟାମକ, ସରକାରଙ୍କ ନୀରବତା ବା ଘୋଷଣାନାମା ବିଶ୍ୱାସକୁ ବଳବତ୍ତର କରିଥାଏ। ବିବେକ ସାର୍ବଜନୀନ, କିନ୍ତୁ ଧର୍ମୀୟ ବିଶ୍ୱାସ ଆଞ୍ଚଳିକ– ଉପାସନାର ସ୍ଥାନ ଅନୁଯାୟୀ ପୂଜାର ରୀତିନୀତି ଓ ପୋଷାକପତ୍ର ଭିନ୍ନ ହୋଇଥାଏ। ସବୁ ଧର୍ମରେ ଉପାସନାସ୍ଥଳ ଦ୍ୱାରା ଜୀବିକା ନିର୍ବାହ କରୁଥିବା ପୂଜକମାନେ ଉପାସନାସ୍ଥଳର ଉତ୍ପତ୍ତି ସମ୍ପର୍କରେ କାହାଣୀ ବା ମିଥ୍ ତିଆରି କରି ତାକୁ ଶ୍ରଦ୍ଧାଳୁମାନଙ୍କ ବିଶ୍ୱାସକୁ ବାନ୍ଧିବାର ରଜ୍ଜୁ କରିନିଅନ୍ତି।

ଅଧିକାଂଶ ପରମ୍ପରା ଠାକୁରଙ୍କୁ ଯାଦୁକର ଭଳି ଚିତ୍ରଣ କରିଥାଏ। ଅବତାରୀମାନେ ସେମାନଙ୍କ ବିଶେଷ ଜ୍ଞାନ (ବିଜ୍ଞାନ) ବଳରେ ଶିଷ୍ୟଙ୍କୁ ରୋଗବାଗରୁ ରକ୍ଷା କରିପାରିଥିଲେ। ଅନୁଗତମାନେ ଏତକ ବୁଝି ନ ପାରି ଅବତାରୀଙ୍କ କାମଟି ଠାକୁରଙ୍କ କୃପା ବୋଲି ପ୍ରଚାର କରିଛନ୍ତି, ମିରାକ୍ଲ ବୋଲି କହିଛନ୍ତି। ସେମାନଙ୍କ ମତରେ ଧର୍ମସଂସ୍ଥାପକମାନେ ଜଣେ ଜଣେ ଯାଦୁକର। ରାମସେତୁ ଉଦାହରଣ ନିଅନ୍ତୁ। ୨୦୦୫ରେ ଜାହାଜ ଚଳାଚଳ ସୁବିଧା ପାଇଁ ସମୁଦ୍ରକୁ ଗଭୀର କରିବା ପ୍ରସ୍ତାବ ଉପା ସରକାର କରନ୍ତେ, ତାକୁ ବିରୋଧ କରିଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ରାମାୟଣର ପୌରାଣିକ କାହାଣୀ ଉପରେ ବିଶ୍ୱାସ କରୁଥିବା ଲୋକେ। ରାମାୟଣରେ ଯେଉଁ ସେତୁବନ୍ଧ କାହାଣୀ ଦିଆଯାଇଛି ତାହା ଭେଳାବନ୍ଧ ବା ପଣ୍ଟୁନ୍ ବ୍ରିଜ୍‌ର ଉଦାହରଣ। ବାଂଲାଦେଶ ଯୁଦ୍ଧରେ ଭାରତୀୟ ସେନା ଏଭଳି ପଣ୍ଟୁନ୍ ବ୍ରିଜ୍ ତିଆରି କରି ନଦୀମାନ ପାର ହୋଇ ଢାକାରେ ପ୍ରବେଶ କରିଥିଲେ। ସେ ପ୍ରକାର ସେତୁର ଐତିହାସିକ ଚିହ୍ନ ପାଣିତଳେ ନ ଥାଏ, ଜଳାଧାରର ଦୁଇ କଡରେ, ଅତଡାରେ କିଛି ଥାଇପାରେ। ସେ ଯାହାହେଉ ପଣ୍ଟୁନ୍ ବ୍ରିଜ୍ ତିଆରି କୌଶଳ ରାମାୟଣ ଯୁଗରେ ଜଣାଥିଲା।

ଆୟାପ୍ପାନଙ୍କ ପୂଜାରେ ଯେଉଁ ଲିଙ୍ଗଗତ ପାର୍ଥକ୍ୟ ପରମ୍ପରାର ଅଙ୍ଗ ହୋଇଆସିଛି ସେଭଳି ପରମ୍ପରା ସବୁ ଧର୍ମରେ ରହିଛି। ସ୍ତ୍ରୀ ସଙ୍ଗ ନ ଥିଲେ ମଣିଷ କାହିଁକି, କୌଣସି ପ୍ରାଣୀର ସତ୍ତା ରହିବ ନାହିଁ– ଏହା ଜାଣି ସୁଦ୍ଧା ସ୍ତ୍ରୀମାନଙ୍କୁ ଧର୍ମସ୍ଥଳରୁ ଦୂରେଇ ରଖିବା ପରମ୍ପରା ନିଜର ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖି ପାରୁ ନ ଥିବା ପୁରୁଷମାନେ ତିଆରି କରିଛନ୍ତି। ସାବରିମାଳା ମନ୍ଦିରର ଠାକୁର ବ୍ରହ୍ମଚାରୀ ବୋଲି କାହାଣୀ ତିଆରି କରି ମହିଳାମାନଙ୍କୁ ମନା କରାଯାଇଥିଲା। କେରଳ ହାଇକୋର୍ଟ ୧୦ରୁ ୫୦ବର୍ଷ ବୟସର ନାରୀମାନଙ୍କ ପ୍ରବେଶ ନିଷେଧ ରୀତିକୁ ବୈଧ ଘୋଷଣା କଲେ। ଆଜିକାଲି ସ୍ୱଚ୍ଛଳ ଲୋକେ ପୁଷ୍ଟିକର ଖାଦ୍ୟ ସହ ଉନ୍ନତ ସ୍ୱାସ୍ଥ୍ୟସେବା ପାଉଥିବାରୁ ୫୦ ବର୍ଷରୁ ବି ବେଶି ବୟସର ମହିଳାମାନେ ରତୁସ୍ରାବୀ ଶ୍ରେଣୀରେ ଅଛନ୍ତି। ଶାରୀରିକ ଓ ପ୍ରଜନନଗତ ବ୍ୟବଧାନ ଯୋଗୁ ସମଧର୍ମର ମହିଳାମାନଙ୍କୁ ମନ୍ଦିର ବାରଣ କରିବା ବେଆଇନ ବୋଲି ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ରାୟ ବିରୋଧରେ ହିନ୍ଦୁତ୍ୱବାଦୀ ମହିଳାମାନେ କେରଳରେ ଆନ୍ଦୋଳନ କରୁଛନ୍ତି, ପ୍ରବେଶ ଅଧିକାର ଜାହିର ପାଇଁ ଯାଉଥିବା ମହିଳା ଆକ୍ଟିଭିଷ୍ଟ ହିଂସାତ୍ମକ ବିରୋଧ କରୁଛନ୍ତି। ଅର୍ଥାତ୍ ଟ୍ରିପଲ ତଲାକ୍ ସମ୍ପର୍କରେ ମୁସଲମାନ ମହିଳାମାନଙ୍କ ସାମ୍ବିଧାନିକ ଅଧିକାରକୁ ସମର୍ଥନ କରୁଥିବା ହିନ୍ଦୁମାନେ ସାବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ଦୃଢ଼ଭାବରେ ସମର୍ଥନ କରୁ ନ ଥିବା ଏକ ଧର୍ମୀୟ ଭାବନା ନୁହେଁ, ଏକ ରାଜନୈତିକ ଚାଲ୍ ହୋଇଯାଇଛି। ସବୁ ମୌଳିକ ଅଧିକାର ସମସ୍ତଙ୍କ ପାଇଁ ସମାନ। ମଣିଷ ଜାତିର ବିକାଶରେ ନାରୀମାନଙ୍କୁ ପୁରୁଷମାନଙ୍କ ସହ ସମାନ ନ କଲେ, ଅସବର୍ଣ୍ଣଙ୍କୁ ସବର୍ଣ୍ଣମାନଙ୍କ ସହ ସମାନ ନ ଦେଖିଲେ ମଣିଷସମାଜର ଭବିଷ୍ୟତ ଏକ ପ୍ରଶ୍ନବାଚୀ ହୋଇ ରହିବ। କୌଣସି ଧର୍ମ ତ ମାନବିକତାର ବିନାଶ ଚାହେଁ ନାହିଁ, ତେବେ ସାବରିମାଳାରେ ମହିଳାଙ୍କ ପ୍ରବେଶକୁ କାହିଁକି ବାରଣ କରୁଛ?

ଇ–ମେଲ୍: sahadevas@yahoo.com



# ଗର୍ବଗଞ୍ଜନ ବାନା

ହରିଶଙ୍କର ମିଶ୍ର

କୋଟି ହିନ୍ଦୁ ହୃଦୟର ଆରାଧ୍ୟ, ପ୍ରତି ଓଡିଆର ପ୍ରାଣ ଓ ପରିଚୟ ଏବଂ ପ୍ରତ୍ୟେକ ଶୁଭକାର୍ଯ୍ୟ ବା ଅନୁକୂଳରେ ସର୍ବମଙ୍ଗଳକାରକ ଓ ବିପଦରୁ ତ୍ରାଣକର୍ତ୍ତା ଭାବେ ଯାହାଙ୍କୁ ସ୍ମରଣ କରାଯାଏ ସେଇ କାଳିଆ ଠାକୁର ଓ ତାଙ୍କ ପୀଠ ବ୍ୟାପାର ଏବେ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଚାର ଅପେକ୍ଷାରେ। ଆମ୍ଭେ ସ୍ଥୂଳ ବୁଦ୍ଧିରେ ଜାଣୁ ଯେ ମନ୍ଦିର ହେଉଛି ଠାକୁରଙ୍କର ଓ ଠାକୁର ହେଉଛନ୍ତି ଭକ୍ତର। ଭକ୍ତଟିଏ ଠାକୁରଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ ପାଇଁ ମନ୍ଦିରକୁ ଯାଏ। ବାହୁ, ଧନ, କ୍ଷମତା ବା ଦାମ୍ଭରିକ ଶକ୍ତି ପ୍ରଦର୍ଶନକାରୀ ଭକ୍ତ ପଦବାଚ୍ୟ ନୁହନ୍ତି। ଭାରତର ଯେ କୌଣସି ଧର୍ମପୀଠରୁ ଶ୍ରୀଜଗନ୍ନାଥ ମନ୍ଦିରର ବିଧି ବ୍ୟବସ୍ଥା ନିଶ୍ଚିତ ଭାବେ ଭିନ୍ନ ଓ ସ୍ୱତନ୍ତ୍ର। ବେଦ ଓ ଶାସ୍ତ୍ର ଆଧାରରେ ଶ୍ରୀଜୀଉଙ୍କର ନିତ୍ୟଲୀଳା ସମ୍ପନ୍ନ ହେଉଥିବା ବେଳେ ମନ୍ତ୍ର, ଯନ୍ତ୍ର ଓ ତନ୍ତ୍ରର ସମନ୍ୱୟରେ ଅନୁଷ୍ଠିତ ଅନେକ ଲୀଳାରେ ଠାକୁରଙ୍କ ଜୀବନ୍ତ ଅନୁଭବ ମିଳିଥାଏ। ଏଠାରେ ନୀତି ଅଧିକ, ଦର୍ଶନ କମ୍ ଏବଂ ଦର୍ଶନ ବିଧି ମଧ୍ୟ ସ୍ୱତନ୍ତ୍ର। ମନ୍ଦିର ପ୍ରବେଶର ବାଇଶଟି ପାହାଚ ଭକ୍ତ ପାଇଁ ବାଇଶଟି ତୀର୍ଥ। ବହୁ ଦଶନ୍ଧି ପୂର୍ବର ସିଂହଦ୍ୱାରର ଅବସ୍ଥା ତତ୍କାଳୀନ ଭକ୍ତ ସାରିଆଙ୍କ ଗୀତ 'ସିଂହଦ୍ୱାରେ ଭିଡାଭିଡି, ଗରଜୁଛି ବେତବାଡି, ଠେଲିଦେଇ ଯିବା ମାଡି, ଧକ୍କା ବାଜିଲେ ସହିବା'ରେ ପ୍ରତିଫଳିତ। ଏଣୁ ଭକ୍ତ ପାଇଁ ଭିଡ ଗୌଣ ହୋଇଥାଏ। ପ୍ରବେଶ ଦ୍ୱାରରେ ପ୍ରତିହାରୀଙ୍କ ହାତର ଗଉରୀ ବେତ ସ୍ପର୍ଶକୁ ସେ ମଥାରେ ଗ୍ରହଣ କରେ। ବେଢା ପରିକ୍ରମା କରି ଓ ଶ୍ରୀଜୀଉଙ୍କ ଦର୍ଶନରେ ମୋହିତ ହୋଇ ମହାପ୍ରସାଦ ସେବନରେ ତା'ର ଆତ୍ମତୃପ୍ତି ଆସିଥାଏ। 'ଯାହାର ଭାବନା ଯେପରି ଫଳପ୍ରାପ୍ତି ମଧ୍ୟ ସେହିପରି' (ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ) ଆପ୍ତବାକ୍ୟରେ ବିଶ୍ୱାସ ଯୋଗୁ ତା'ର କୌଣସି ଅଭିଯୋଗ ମଧ୍ୟ ନ ଥାଏ। ପୂର୍ବରୁ ଦୁର୍ଲଭ ରହିଥିବା ଶ୍ରୀଜଗନ୍ନାଥଙ୍କ ଦର୍ଶନ ରାସ୍ତା, ଗାଡି ଓ ଆର୍ଥିକ ସ୍ୱଚ୍ଛଳତା ଯୋଗୁ ସୁଲଭ ହୋଇଥିବାରୁ ଶ୍ରୀମନ୍ଦିରରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢିଛି। ବହୁ ଶତାବ୍ଦୀ ପୂର୍ବରୁ ଏଇ ମନ୍ଦିରର ପରିଚାଳନା, ନୀତିକାନ୍ତି, ବିଧିବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ସର୍ବୋଚ୍ଚ ପରାମର୍ଶଦାତା ଭାବେ ଶଙ୍କରାଚାର୍ଯ୍ୟଙ୍କ ନିର୍ଣ୍ଣୟ ସର୍ବମାନ୍ୟ। ମାତ୍ର ମହାପ୍ରଭୁଙ୍କ ବ୍ୟାପାର ରାଜତନ୍ତ୍ରରୁ ଗଣତନ୍ତ୍ରକୁ ସ୍ଥାନାନ୍ତରିତ ହେବା ପରେ ଅନେକ ବିବାଦ ପାଇଁ ବହୁ ପ୍ରଶାସନିକ ତଦନ୍ତ ସହ ଛଅଟି ବିଚାର ବିଭାଗୀୟ ତଦନ୍ତ ହୋଇ ସାରିଛି।

ଆଲୋଚ୍ୟ ମାମଲାର ଯାଚିକା ଆମକୁ ଅଜ୍ଞାତ। ଅତୀତରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଚାରରେ ଶ୍ରୀଜୀଉଙ୍କ ସମ୍ପତ୍ତି ଭୂସଂସ୍କାର ବା ଜମିଦାରୀ ଉଚ୍ଛେଦ ନିୟମର ଊର୍ଦ୍ଧ୍ୱରେ ଥିବା ଯୋଗୁ ପୁରୀ ସହର ଓ ଆଖପାଖରେ ବହୁ ଦଶନ୍ଧି ଧରି ରହୁଥିବା ଅଶୀ ଶତାଂଶ ବ୍ୟକ୍ତି ବାସ୍ତୁହରା ହୋଇସାରିଛନ୍ତି। ମାତ୍ର ଚଳନ୍ତି ମାମଲାରେ ଗୃହୀତ ପ୍ରସ୍ତାବ ଧାର୍ମିକ ପୀଠରେ ଆଇନର ଉପଯୋଗ ସହ ଭକ୍ତଙ୍କ ଭାବନା ଏବଂ କିଛି ପରମ୍ପରା ପ୍ରତି ପ୍ରତିକୂଳ ହେତୁ ଶହ ଶହ ବର୍ଷର ବିଧି ବ୍ୟବସ୍ଥାର ପରିବର୍ତ୍ତନ ଭବିଷ୍ୟତ ପାଇଁ ପ୍ରଶ୍ନବାଚୀ।

ଜଗଦ୍‌ଗୁରୁଙ୍କ ଦ୍ୱାରା ପ୍ରତିଷ୍ଠିତ ଛତିଶା ନିଯୋଗ ଦ୍ୱାରା ଶ୍ରୀମନ୍ଦିରର ସେବାପୂଜା, ଯାତ୍ରାଦି ପାଳନ, ଆଭ୍ୟନ୍ତରୀଣ ଶୃଙ୍ଖଳା, ଶ୍ରୀଜୀଉଙ୍କ ସୁରକ୍ଷା ଏବଂ ସଂସ୍କୃତିର ପ୍ରଚାର ହେଉଥିଲା। ଇଲିଆସ ସାହାଠାରୁ ତକି ଖାଁ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଉପରେ ବିଭିନ୍ନ ସମୟରେ ଆକ୍ରମଣ କରିଛନ୍ତି। ଶ୍ରୀଜୀଉଙ୍କ ସୁରକ୍ଷା ପାଇଁ ତାଙ୍କୁ ବିଭିନ୍ନ ଗୁପ୍ତ ସ୍ଥାନରେ ଲୁଚାଇ ରଖାଯାଇଛି। ଏପରି ନାନା ବିଶୃଙ୍ଖଳା ସତ୍ତ୍ୱେ ଏ ଯାବତ୍ ଶ୍ରୀଜୀଉଙ୍କର ମୌଳିକ ନୀତି ଅକ୍ଷୁଣ୍ଣ ରହିଛି। କିନ୍ତୁ ଏବେ କିଛିବର୍ଷ ହେଲା ଯାତ୍ରୀଙ୍କୁ ଜୁଲମ, ଭକ୍ତଙ୍କୁ ତାଡନା ଓ ନୀତି ବିଭ୍ରାଟଜନିତ ବିଶୃଙ୍ଖଳା ଘଟୁଛି, ଯାହା ମୂଳରେ ରହିଛି ସେବାୟତଙ୍କ ଅର୍ଥଲାଳସା। କିଛି ବ୍ୟକ୍ତିଙ୍କ ଆତ୍ମବିଜ୍ଞାପିତ ମନୋଭାବରେ ଶକ୍ତି ପ୍ରଦର୍ଶନ ଶ୍ରୀମନ୍ଦିର ଗରିମାକୁ କ୍ଷୁଣ୍ଣ କରୁଛି। ଦର୍ଶନାର୍ଥୀଙ୍କୁ ବିଶିଷ୍ଟ, ଅତି ବିଶିଷ୍ଟ, 'ଆମ ଲୋକ' ମାନ୍ୟତାରେ ବର୍ଗୀକରଣ ମଧ୍ୟ ଧର୍ମପୀଠ ପାଇଁ ଅଗ୍ରହଣୀୟ। କାରଣ ଠାକୁରଙ୍କ ପାଖରେ ସମସ୍ତେ ସମାନ। ଅପରପକ୍ଷରେ ଠାକୁରଙ୍କ ସେବା ପାଇଁ ତୁଷ୍ଟୀକରଣ ନୀତିରେ ବ୍ୟାପକ ଆର୍ଥିକ ସୁଯୋଗ, କେତେକ ସ୍ୱତନ୍ତ୍ର ସୁଯୋଗ ସହ ଅନେକ ଅଲିଖିତ ଚୁକ୍ତି ଦ୍ୱାରା ନିଜକୁ ଦକ୍ଷ ଓ ପାରଗ ବୋଲାଇଥିବା ପ୍ରଶାସକଙ୍କ ପାଇଁ କିଛି ସେବକଙ୍କର ଔଦ୍ଧତ୍ୟ ଓ ସ୍ୱେଚ୍ଛାଚାର ବଢିଚାଲିଛି। ୧୯୯୬ ମସିହା ନବକଳେବର ବେଳେ ରୋପିତ ଉକ୍ତ ତୁଷ୍ଟୀକରଣ–ବିଷବୃକ୍ଷ ପରବର୍ତ୍ତୀ ପ୍ରଶାସକଙ୍କ ବାଧତାମୂଳକ ରକ୍ଷଣାବେକ୍ଷଣରେ ବଳୀୟାନ ହୋଇ ୨୦୧୫ ନବକଳେବର ବେଳେ ଯେଉଁ ଫଳ ପ୍ରକାଶ କଲା ତାହା ବିଶ୍ୱଚର୍ଚ୍ଚିତ ହୋଇ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ ଓ ମର୍ମାହତ କଲା। ମାତ୍ର ପାରଗ ଅଧିକାରୀ ସବୁଥିରେ ପାରଗ ଯୋଗୁ ଡାହାଣୀରୁ ଗୁଣିଆ ବନିଗଲେ, କିନ୍ତୁ ଅନେକ ଅସମାହିତ ପ୍ରଶ୍ନ ପ୍ରଶ୍ନରେ ହିଁ ରହିଗଲା। ପର ଘର ଚଳଣିରେ ନିଜ ଘର ଚଳେ ନାହିଁ। ତେଣୁ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ କରି ପ୍ରଶାସନ ଦ୍ୱାରା ହୋଇଥିବା ଅନୁଭବ ଯାତ୍ରାର ଯଥାର୍ଥତା ବିଚାରଯୋଗ୍ୟ। ମନ୍ଦିର ପରିଚାଳନାରେ ସଂସ୍କୃତିର ରକ୍ଷା ପାଇଁ ଆଧ୍ୟାତ୍ମିକ ମାର୍ଗ ଗ୍ରହଣ କରାଯାଏ। ଶୃଙ୍ଖଳିତ ଦର୍ଶନ ନାମରେ ଧାଡି ବ୍ୟବସ୍ଥା ଉପଯୁକ୍ତ ବିକଳ୍ପ ନୁହେଁ।

ଯେଉଁମାନେ ଶ୍ରୀଜୀଉଙ୍କୁ ସ୍ୱାର୍ଥ ସାଧନରେ ଉପଯୋଗ କରିଚାଲିଛନ୍ତି, ଯେଉଁମାନଙ୍କର ଭ୍ରଷ୍ଟ ନୀତି ଯୋଗୁ ସଂସ୍କୃତି ବିନଷ୍ଟ ଓ ଧର୍ମସ୍ଥଳୀ ଅପବିତ୍ର ହେଉଛି, ସେମାନେ ମନେରଖିବା ଉଚିତ ଯେ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ପରମ କାରୁଣିକ ହେଲେ ବି ସେ ମହାକାଳ ଓ ନୀଳଚକ୍ରରେ ଉଡୁଥିବା ପତିତପାବନବାନାର ଅନ୍ୟନାମ ଗର୍ବଗଞ୍ଜନବାନା।

୧୧୩–ଗୁଣ୍ଡିଚାବିହାର, ପୁରୀ, ମୋ–୭୯୭୮୭୮୫୪୭୮

## ଏଇ ଭାରତରେ

ଭୋଟ ପାଇବାକୁ ହେଲେ ଭୋଟରଙ୍କୁ ଖୁସି କରିବାକୁ ପଡ଼ିବ। ଖୁସି କରିବା ପାଇଁ ନେତାଙ୍କୁ କେତେ ପ୍ରକାର ପନ୍ଥା ଆପଣାଇବାକୁ ହେବ। ମାଧ୍ୟମ ଯାହା ହେଉନା କାହିଁକି, ନେତାଙ୍କର ଭୋଟ ଦରକାର। କେଉଁ ନେତା ଭୋଟରଙ୍କ ଘରକୁ ଅନ୍ଧାରି ବିଜେ କରି ଟଙ୍କା ଲାଞ୍ଚ ଦିଅନ୍ତି ତ କିଏ ଅନ୍ୟାନ୍ୟ ଉପହାର ପ୍ରଦାନ କରନ୍ତି। ଏକ ଘଟଣାକ୍ରମରେ ଭୋଟରଙ୍କୁ ଖୁସି କରିବା ପାଇଁ ଜଣେ ନେତା ଭୋଟରଙ୍କ ଜୋତା ପଲିସ କରିଛନ୍ତି। ସମ୍ପୃକ୍ତ ନେତା ଜଣକ ଏତେ ତଳକୁ ଖସିଯିବାର କାରଣ ହେଉଛି, ଭୋଟରମାନେ ଦୟାପରବଶ ହୋଇ ତାଙ୍କୁ ଭୋଟ ଦେବେ ବୋଲି ସେ ନିଶ୍ଚିତ ଅଛନ୍ତି। ଏପରି ଏକ ଅଭାବନୀୟ ଘଟଣା ଘଟିଛି ମଧ୍ୟପ୍ରଦେଶରେ। ୨୩୦ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ପାଇଁ ନଭେମ୍ବର ୨୮ରେ ଭୋଟ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ଦଳ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଭିନ୍ନଭିନ୍ନ ତରିକା ଆପଣାଇଛନ୍ତି। ଏହି ଅବସରରେ ରାଷ୍ଟ୍ରୀୟ ଆମ୍‌ଜନ ପାର୍ଟିର ନେତା ଶରଦ ସିଂ କୁମାର ଘରଘର ବୁଲି ଭୋଟରଙ୍କ ଜୋତା ପଲିସ କରୁଛନ୍ତି। ଶରଦଙ୍କ ଏଭଳି କାର୍ଯ୍ୟର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଏହାକୁ ଦେଖି ଲୋକମାନେ ଭିନ୍ନଭିନ୍ନ ଦୃଷ୍ଟିକୋଣରୁ ସମାଲୋଚନା କରୁଛନ୍ତି। କିନ୍ତୁ ଏହାକୁ ଖାତିର କରିନାହାନ୍ତି ନେତା ଜଣକ। ତାଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ସେ ଯେ କୌଣସି ପ୍ରକାରେ ନିର୍ବାଚନ ବୈତରଣୀ ପାରିହେବେ। ତେବେ ଭୋଟରଙ୍କୁ ପ୍ରଭାବିତ କରୁଥିବା ଏହି ନେତା ଜଣକ ବିଜୟୀ ହେବେ କି ନା ତାହା ଡିସେମ୍ବର ୧୧ରେ ଭୋଟ ଗଣତି ଫଳାଫଳରୁ ଜଣାପଡିବ।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ନଭେମ୍ବର ୧୯୯୩**

- ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଗାର୍ଜ୍ଜୁନ ବେଶ ଦର୍ଶନ ବେଳେ ଦଳାଚକଟାରେ ୩ ଜଣ ଭକ୍ତଙ୍କ ମୃତ୍ୟୁ।
- ଜାପାନ ଏବଂ ମଙ୍ଗୋଲିଆ ମଧ୍ୟରେ ଯାତ୍ରୀବାହୀ ବିମାନ ସେବା ଆରମ୍ଭ କରିବା ପାଇଁ ଏକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ।
- ପାକିସ୍ତାନ ବିରୋଧରେ ଆମେରିକା ଲାଗୁ କରିଥିବା ପ୍ରେସ୍‌ଲର ଆଇନକୁ ପ୍ରତ୍ୟାହାର କରିନେବାକୁ କ୍ଲିଣ୍ଟନ ପ୍ରଶାସନର ନିଷ୍ପତ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବାର୍ଦ୍ଧକ୍ୟର ଆର୍ତ୍ତନାଦ

ମହାଶୟ,

ଆଜି ଦେଶର ଅନେକ ବୃଦ୍ଧ ପିତାମାତା ସନ୍ତାନମାନଙ୍କ ଅବହେଳାରୁ ଯନ୍ତ୍ରଣାଜର୍ଜରିତ ବେସାହାରା ଜୀବନ ବିତାଉଛନ୍ତି। ଆନ୍ଧ୍ରପ୍ରଦେଶର ଏକ ବିଚାରପତି ଦମ୍ପତି ରେଳ ଆଗକୁ ଡେଇଁ ଆତ୍ମହତ୍ୟା କରିବା ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ଏ ସମ୍ପର୍କରେ ଡ. ନରହରି ବେହେରାଙ୍କ ଲେଖା (ଧରିତ୍ରୀ ୨୭।୧୦) 'ଏଣିକି ଏ ଘର ବଦଳିଯିବ' ଖୁବ୍ ମର୍ମସ୍ପର୍ଶୀ ହୋଇଛି। ଏହି ଆଲେଖ୍ୟରେ ସେ ଆଶାବାଦୀ ଯେ ଏଥର ଦେଶର ଏ ଦୟନୀୟ ଚିତ୍ର ବଦଳିଯିବ। ବାସ୍ତବରେ ତାହା ହିଁ ହେଉ। ସନ୍ତାନଗଣ ପିତାମାତାଙ୍କ ପ୍ରତି ନିଜର କର୍ତ୍ତବ୍ୟ ଯଥାବିଧି ପାଳନ କରି ଭଗବତ୍ ଆଶୀର୍ବାଦପ୍ରାପ୍ତ ହୁଅନ୍ତୁ।

ଲକ୍ଷ୍ମୀଧର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ନୟାଗଡ଼

### ପୁରୀ ସମୁଦ୍ର ଗାଁ ପୋଖରୀ ନୁହେଁ

ନୀଳ ସାଗରର ଗଭୀରତା କେଉଁଠି କେତେ କହିବା ସମ୍ଭବ ନୁହେଁ। ଢେଉ ବି ଭୟଙ୍କର। ସମୁଦ୍ରର ଅନ୍ତଃସ୍ରୋତ (ଅଣ୍ଡର କରେଣ୍ଟ) ପ୍ରାଣସଂହାରକାରୀ। ପୁରୀ ବଙ୍ଗୋପସାଗରରେ ପର୍ଯ୍ୟଟକମାନେ ସ୍ନାନ କରିବାକୁ ଯାଇ ଅନେକ ସମୟରେ ମୃତ୍ୟୁବରଣ କରୁଛନ୍ତି, ଯାହାକି ଦୁଃଖର ବିଷୟ। ପୁରୀ ସମୁଦ୍ର ଗାଁ ପୋଖରୀ ନୁହେଁ। ତେଣୁ ସମୁଦ୍ରକୁ ଦେଖି ମନରେ ଭୟ ରଖି ସାବଧାନ ସହକାରେ ସ୍ନାନ କରିବା ଉଚିତ। ନିର୍ବୋଧଙ୍କ ଭଳି ଭିତରକୁ ପଶିଗଲେ ମୃତ୍ୟୁ ନିଶ୍ଚିତ। ଅଯଥାରେ ମୂଲ୍ୟବାନ ଜୀବନ ହରାଇବା ଅପେକ୍ଷା ସାବଧାନ ହେବା ଉଚିତ। ଏଥିପ୍ରତି ସରକାର ସଚେତନତା ସୃଷ୍ଟି କରାଇବା ଦରକାର।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଶିକ୍ଷା ଓ ନୈତିକ ମୂଲ୍ୟବୋଧ

ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କ 'ଶିକ୍ଷା ଓ ନୈତିକ ମୂଲ୍ୟବୋଧ' ଶୀର୍ଷକ ପ୍ରବନ୍ଧ ପାଠ କରି ଅନେକ କଥା ଜାଣିହେଲା। କେବଳ ନିଜ ନାଁ ପାଖରେ ଏମ୍ଏ, ପିଏଚ୍‌ଡି ଲେଖୁଥିବା ଲୋକ ଶିକ୍ଷିତ ହୋଇପାରେ କିନ୍ତୁ ଜ୍ଞାନୀ ହୋଇପାରେନା। ଶିକ୍ଷା ସହ ନୈତିକ ମୂଲ୍ୟବୋଧ ରହିବା ନିହାତି ଜରୁରୀ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଆଜି କଂଗ୍ରେସର ଦଳିତ ସମ୍ମାନ ସମାବେଶ

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ):** କଂଗ୍ରେସ ଅନୁସୂଚିତ ଜାତି ସେଲ୍ ପକ୍ଷରୁ ମଙ୍ଗଳବାର ଦଳିତ ସମ୍ମାନ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶରେ ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ସମାବେଶରେ ବିଭିନ୍ନ ଛୋଟ ଦଳ ତଥା, ସିପିଆଇ, ସିପିଏମ୍, ସମାଜବାଦୀ ପାର୍ଟି, ଆର୍‌ଜେଡି ପ୍ରମୁଖ ଦଳର ନେତାମାନେ ସାମିଲ ହେବେ। ଅନ୍ୟପଟେ ଗୁଜରାଟର ଦଳିତ ନେତା ଜିଗ୍ନେଶ ମେଭାନି ମଧ୍ୟ ଏଥିରେ ସାମିଲ ହେବେ। ପୂର୍ବତନ ଲୋକସଭା ବାଚସ୍ପତି ମୈରା କୁମାର ମୁଖ୍ୟ ଅତିଥିଭାବେ ଯୋଗଦେବେ ବୋଲି ପୂର୍ବରୁ ଦଳ ପକ୍ଷରୁ କୁହାଯାଇଥିଲା। ମାତ୍ର ଏନେଇ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରି ନାହିଁ ବୋଲି କଂଗ୍ରେସ ନେତା ବିଭୁ କିଶୋର ତରାଇ କହିଛନ୍ତି। ଅନୁସୂଚିତ ଜାତି, ଜନଜାତିମାନଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଅବହେଳା କରୁଥିବା ସମ୍ପର୍କରେ ସମାବେଶରେ ବିସ୍ତୃତ ଆଲୋଚନା କରାଯିବ ବୋଲି ତରାଇ କହିଛନ୍ତି। ଏହି ସମାବେଶରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ଦଳର ୩ଜଣ କାର୍ଯ୍ୟକାରୀ ସଭାପତିଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ମଧ୍ୟ ଏଥିରେ ସାମିଲ ହେବେ।

### ଗୁଳି ଫୁଟାଇ ଲୁଟିନେଲେ ୧.୭ ଲକ୍ଷ

**ରଘୁନାଥପୁର, ୨୬।୧୧(ଡି.ଏନ.ଏ.):** ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ ପୁରଣ ଓଡ଼ପଡ଼ା ନିକଟରେ ସୋମବାର ଅପରାହ୍ନ ୨ଟାରେ ଏକ ବଡ଼ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗୁଳି ମାରି ଜଣେ ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କଠାରୁ ୧ଲକ୍ଷ ୬୯ ହଜାର ୩୫୦ ଟଙ୍କା ଲୁଟି ନେଇଛନ୍ତି। ତେବେ ଗୁଳି ତାଙ୍କ ବାଇକ୍ ଟାଙ୍କିରେ ବାଜିଛି। ମା' ନାରାୟଣୀ ପେଟ୍ରୋଲ ପମ୍ପ ମ୍ୟାନେଜର କୈଳାସ ଚନ୍ଦ୍ର ଦାସ ବାଇକ୍ ଯୋଗେ ଟଙ୍କା ନେଇ ବ୍ୟାଙ୍କ୍‌ରେ ଜମା କରିବାକୁ ଯାଉଥିଲେ। ପେଟ୍ରୋଲ ପମ୍ପଠାରୁ ୨ଶହ ମିଟର ଦୂର ଶ୍ରଦ୍ଧାଞ୍ଜଳି ବାର୍ ନିକଟରେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ମ୍ୟାନେଜର ଦାସ ତଳେ ପଡିଯାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ତାଙ୍କ ବାଇକ୍ ଚାବି ଛଡ଼ାଇ ନେବା ସହ ବନ୍ଧୁକ ଦେଖାଇ ଟଙ୍କା ମାଗିଥିଲେ। ଦାସ ସେମାନଙ୍କ ପ୍ରତିରୋଧ କରିବାବେଳେ ଗୁଳି ଫୁଟିଯାଇଥିଲା। ସୌଭାଗ୍ୟବଶତଃ ଗୁଳିଟି କାହା ଦେହରେ ନ ବାଜି ବାଇକ ଟାଙ୍କିରେ ବାଜିଥିଲା। ସଙ୍ଗେ ସଙ୍ଗେ ଦୁର୍ବୃତ୍ତମାନେ ମ୍ୟାନେଜର ଦାସଙ୍କଠାରୁ ଟଙ୍କା ନେଇ କଟକ ଆଡେ ଦ୍ରୁତ ବେଗରେ ପଳାଇଥିଲେ।

### ଭାଇକୁ ମାରି କୂଅରେ ପୋତିଦେଲେ

**ବଲାଙ୍ଗୀର ଅଫିସ/ସଇଁତଲା, ୨୬।୧୧(ଡି.ଏନ୍.ଏ.):** ନିଜ ସାନଭାଇଙ୍କୁ ହତ୍ୟା କରି ଏକ ପରିତ୍ୟକ୍ତ କୂଅରେ ପୋତି ଦେଇଥିବା ଜଣାପଡ଼ିବା ପରେ ସଇଁତଲା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ୮ଦିନ ତଳର ଏହି ଘଟଣା ଉପରୁ ସୋମବାର ପରଦା ହଟିଛି। ମଙ୍ଗଳବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କୂଅ ଖୋଳାଯାଇ ମୃତଦେହ ଉଦ୍ଧାର କରାଯିବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସଇଁତଲା ଥାନା ବାଗମରା ଗାଁର ଗୟାଧର କର୍ମୀଙ୍କ ସାନପୁଅ ଅନିରୁଦ୍ଧ ଗତ ୧୮ ତାରିଖ ସନ୍ଧ୍ୟାରେ ମଦ ପିଇ ଘରକୁ ଆସିଥିଲେ। ସେ ପରିବାର ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଏକ ଲୁହା ରଡ୍ ଧରି ପରିବାର ଲୋକଙ୍କୁ ଟଙ୍କା ମାଗିଥିଲେ। ତେବେ ପରିବାର ଲୋକେ ଟଙ୍କା ଦେବାକୁ ମନା କରିବା ସହ ଅନିରୁଦ୍ଧଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେ ଉତ୍‌କ୍ଷିପ୍ତ ହୋଇ ଧରିଥିବା ଲୁହା ରଡ୍‌ରେ ମଝିଆ ଭାଇ ଜଗବନ୍ଧୁ କର୍ମୀଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ନିଜକୁ ବଞ୍ଚାଇବାକୁ ଯାଇ ଜଗବନ୍ଧୁ ଏକ କାଠ ଫାଳିଆରେ ଅନିରୁଦ୍ଧଙ୍କୁ ପାଲଟା ଆକ୍ରମଣ କରିଥିଲେ। ଫଳରେ ସେ ତଳେ ପଡ଼ି ମୃତ୍ୟୁବରଣ କରିଥିଲେ। ଘଟଣାକୁ ଲୁଚାଇବାକୁ ଯୋଜନା କରି ଜଗବନ୍ଧୁ ଘର ପଛପଟେ ଥିବା ଏକ ପରିତ୍ୟକ୍ତ କୂଅରେ ମୃତଦେହ ପକାଇ ସେଥିରେ ମାଟି ପକାଇ ସମତୁଲ କରିଦେଇଥିଲେ। ଅନିରୁଦ୍ଧଙ୍କୁ କିଛିଦିନ ହେଲା ଦେଖିବାକୁ ମିଳୁ ନ ଥିବା ଏବଂ ହଠାତ୍ ତାଙ୍କ ଘର ପଛପଟ ପରିତ୍ୟକ୍ତ କୂଅକୁ ମାଟି ପକାଇ ପୋତାଯିବା ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା। ଅନିରୁଦ୍ଧଙ୍କୁ ହତ୍ୟା କରାଯାଇ ଉକ୍ତ କୂଅରେ ପୋତି ଦିଆଯାଇଥିବା ସନ୍ଦେହ କରି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏ ନେଇ ତଦନ୍ତ ଆରମ୍ଭ କରି ଜଗବନ୍ଧୁ ଓ ଗୟାଧରଙ୍କୁ ପଚରାଉଚୁରା କରିବା ପରେ ସେମାନେ ଅନିରୁଦ୍ଧଙ୍କୁ ହତ୍ୟା କରି ଉକ୍ତ କୂଅରେ ପୋତିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

■ ଲୋୟର ପିଏମ୍‌ଜିରେ ଗର୍ଜିଲା ବିସ୍ଥାପିତ ସଚେତନ ସମିତି

# 'ବିସ୍ଥାପିତଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ମିଳୁ'

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

ଓଡ଼ିଶା କୋଇଲାକୁ ରାଜ୍ୟର ଶିଳ୍ପ ପାଇଁ ବିନିଯୋଗ କରାଯାଉ। ସି.ଏସ୍.ଆର୍. ଅର୍ଥ ୨ପ୍ରତିଶତରୁ ୨୦ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହେବା ଆବଶ୍ୟକ। ଶିଳ୍ପ ସଂସ୍ଥା ପ୍ରତିଷ୍ଠା ପାଇଁ ବିସ୍ଥାପିତ କରାଯାଇଥିବା ଲୋକମାନଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉ ବୋଲି ବିସ୍ଥାପିତ ସଚେତନ ସମିତି ପକ୍ଷରୁ ଦାବି କରାଯାଇଛି। ସମିତିର ଆବାହକ ତଥା ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସଙ୍କ ନେତୃତ୍ୱରେ ସୋମବାର ଲୋୟର ପିଏମ୍‌ଜିଠାରେ ଏହି ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନବ ଦାସ କହିଛନ୍ତି ଯେ, ଝାରସୁଗୁଡ଼ା ସମେତ ସୁନ୍ଦରଗଡ଼, ସମ୍ବଲପୁର ଓ ଅନୁଗୁଳ ଅଞ୍ଚଳର ପ୍ରତିଷ୍ଠିତ କାରଖାନାଗୁଡ଼ିକ ନିୟମିତଭାବେ ଆବଶ୍ୟକୀୟ କୋଇଲା ପାଉ ନାହାନ୍ତି। ଏଥିପାଇଁ କେତେଗୁଡିଏ ଶିଳ୍ପାନୁଷ୍ଠାନ ବନ୍ଦ ଅବସ୍ଥାକୁ ଆସିଗଲାଣି। ଏ ପ୍ରକାର ମାନ୍ଦା ବାତାବରଣ ଯୋଗୁ ଛଟେଇ ଶ୍ରମିକମାନଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି।



ଲୋୟର ପିଏମ୍‌ଜିଠାରେ ଏକାଠି ହୋଇଥିବା ବିସ୍ଥାପିତ ସଚେତନ ସମିତିର ସଦସ୍ୟ।

ଶିଳ୍ପାନୁଷ୍ଠାନଗୁଡ଼ିକ ନିଜସ୍ୱ କାପଟିଭ୍ ପ୍ଲାଣ୍ଟ ପାଇଁ କୋଇଲା ଆବଶ୍ୟକ କରନ୍ତି ଓ ପ୍ଲାଣ୍ଟରୁ ଉତ୍ପାଦିତ ବିଦ୍ୟୁତ୍‌କୁ ଉତ୍ପାଦନ ପାଇଁ କାରଖାନାରେ ଲଗାନ୍ତି। କୋଇଲା ଅଭାବ ଯୋଗୁ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଏହାର ଖରାପ ପ୍ରଭାବ ସିଧାସଳଖ ଉତ୍ପାଦନ ଏବଂ ଶ୍ରମିକ ନିଯୁକ୍ତି ଉପରେ ପଡୁଛି ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଓଡ଼ିଶାରେ ମହାନଦୀ କୋଲ ଫିଲ୍ଡ ଦ୍ୱାରା ଉତ୍ପାଦିତ ହେଉଥିବା କୋଇଲାର ୪୬ପ୍ରତିଶତ ରାଜ୍ୟ ଶିଳ୍ପାନୁଷ୍ଠାନଗୁଡ଼ିକରେ ବ୍ୟବହୃତ ହେଉଛି। କିନ୍ତୁ ରାଜ୍ୟର ଆଭ୍ୟନ୍ତରୀଣ ଚାହିଦା ହେଉଛି ବାର୍ଷିକ ୧୪୦ଲକ୍ଷ ମିଲିୟନ ଟନ୍। ଆଭ୍ୟନ୍ତରୀଣ ଆବଶ୍ୟକତା ମେଣ୍ଟି ପାରୁ ନ ଥିବାରୁ ଓଡ଼ିଶାରୁ ୫୪ପ୍ରତିଶତ କୋଇଲା ଓଡ଼ିଶା ବାହାରକୁ ରପ୍ତାନି ହେଉଛି। ଆଗାମୀ ଦିନରେ ଏ ପ୍ରକାର ବୈମାତୃକଭାବ ବିରୋଧରେ ଅହିଂସା ଏବଂ ଗଣତାନ୍ତ୍ରିକ ଉପାୟରେ ପ୍ରତିବାଦ କରାଯିବ। ରାଜ୍ୟରେ ଦେଶର ସର୍ବାଧିକ କୋଇଲା ଉତ୍ପାଦନ ହେଉଛି। ମାତ୍ର ବିଡ଼ମ୍ବନାର ବିଷୟ ଉତ୍ପାଦିତ କୋଇଲାର ୫୪ପ୍ରତିଶତ ରାଜ୍ୟ ବାହାରକୁ ରପ୍ତାନି ହେଉଛି। ଖଣି ପ୍ରଭାବିତ ଅଞ୍ଚଳରେ ଆର୍ଥିକ ସ୍ଥିତି ଅଧୋଗାମୀ ଘଟୁଛି ବୋଲି ନବ କହିଛନ୍ତି। ଏହି ଅବସରରେ ବିଧାୟକ ଯୋଗେଶ ସିଂ କହିଛନ୍ତି, ୨ମାସ ମଧ୍ୟରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଦାବିଗୁଡିକ ପୂରଣ ନ କଲେ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ବିସ୍ଥାପିତ ସଚେତନ ସମିତି ପକ୍ଷରୁ ଏମ୍.ସି.ଏଲ୍ ଏବଂ ସମସ୍ତ ଖଣି କାର୍ଯ୍ୟାଳୟ ସମ୍ମୁଖରେ ରିଲେ ଅନଶନ କରାଯିବ। ବିଧାୟକ ପ୍ରଫୁଲ୍ଲ ମାଝୀ ବିସ୍ଥାପିତ ଅଞ୍ଚଳର ଲୋକମାନଙ୍କୁ ଏପର୍ଯ୍ୟନ୍ତ ନିୟମ ଅନୁଯାୟୀ ନିଯୁକ୍ତି ଦିଆଯାଇ ନ ଥିବା ଯୋଗୁ ବହୁ ପରିବାର ଦୁଃଖ କଷ୍ଟରେ ଜୀବନ ବିତାଉ ଥିବା କହିଛନ୍ତି। ମହାନଦୀ କୋଲ ଫିଲ୍ଡ ପରିବ୍ୟାପ୍ତ ଅଞ୍ଚଳର ବିସ୍ଥାପିତ ୫ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

■ ଖାରବେଳଙ୍କୁ ଆକ୍ରମଣ ଘଟଣା: ଆଉ ଜଣେ ଗିରଫ

# ସୁରକ୍ଷା ଯୋଗାଇଦେବାକୁ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)/ କାଶୀପୁର (ଡି.ଏନ୍.ଏ.)**

ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁଙ୍କୁ ବାରମ୍ବାର ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ଆଡୁ ପୋଲିସ ସମାଲୋଚନାର ଶିକାର ହେବାପରେ ଶେଷରେ ଗୁରୁତ୍ୱ ଦେଇଛି। ଖାରବେଳଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ପୋଲିସ ଡିଜି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମା ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର କ୍ୟାମ୍ପ ଅଫିସ୍‌ରେ ସୂଚନା ଦେଇ ସେ କହିଛନ୍ତି, ଖାରବେଳ ଯେଉଁଠି ସଭା କରିବେ ସେଠାରେ ପୋଲିସ ମୁତୟନ ରହିବେ। ତାଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ସମସ୍ତ ଜିଲାର ଏସ୍‌ପିଙ୍କୁ ଚିଠି ଲେଖାଯାଇ ଅବଗତ କରାଯାଇଛି। ଏହାସତ୍ତ୍ୱେ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ଗଣ୍ଡଗୋଳକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ରାୟଗଡ଼ା ଜିଲା କାଶୀପୁର ଆକ୍ରମଣ ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି ପୋଲିସ। ସେ ହେଲେ ପି. ଗୋବିନ୍ଦ ରାଓ। ସୋମବାର ଗୋବିନ୍ଦ କାଶୀପୁର ଥାନାରେ ଆତ୍ମସମର୍ପଣ କରିଥିଲେ। ଏହି ଘଟଣାରେ ପୋଲିସ ପୂର୍ବରୁ ଅଭିଯୁକ୍ତ ସୁମନ୍ତ ନାୟକଙ୍କୁ ଗିରଫ କରିଥିବାବେଳେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଚାଲିଛି ବୋଲି ପୋଲିସ କହିଛି। ତେବେ ଏହି ଘଟଣାର ତଦନ୍ତ ପାଇଁ କ୍ରାଇମ୍‌ବ୍ରାଞ୍ଚର ଜଣେ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ୩ଜଣିଆ ଟିମ୍ କାଶୀପୁର ଗସ୍ତ କରିଛି। ଏହାସହ ଆକ୍ରମଣ କରିଥିବା ଅଭିଯୁକ୍ତ ସୁମନ୍ତଙ୍କୁ ପୋଲିସ ୩ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରୁଛି। ଏହି ଆକ୍ରମଣ ପଛରେ ୩ଜଣ ଅଭିଯୁକ୍ତ ନା ଆଉ କିଏ ସଂପୃକ୍ତ ଅଛନ୍ତି ତାହା ଜାଣିବାକୁ ଉଦ୍ୟମ ଚଳାଇଛନ୍ତି। କ୍ରାଇମ୍‌ବ୍ରାଞ୍ଚ ଡିଆଇଜି ସନ୍ତୋଷ ଉପାଧ୍ୟାୟ ସୂଚନା ଦେଇ କହିଛନ୍ତି, ଆକ୍ରମଣ କରିଥିବା ବ୍ୟକ୍ତିମାନେ ନିଜ ଇଚ୍ଛାରେ ନା କାହା ପ୍ରରୋଚନାରେ ଆକ୍ରମଣ କରିଛନ୍ତି ତାହାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଏହାର ପର୍ଦ୍ଦାଫାଶ କରାଯିବ ବୋଲି ଉପାଧ୍ୟାୟ କହିଛନ୍ତି। ସୂଚନାଯୋଗ୍ୟ, ଗତ ଶନିବାର ଖାରବେଳ ସ୍ୱାଇଁ କାଶୀପୁରରେ ଏକ ପଥପ୍ରାନ୍ତ ସଭାରେ ଭାଷଣ ଦେଉଥିବାବେଳେ ତାଙ୍କୁ ଆକ୍ରମଣ ହୋଇଥିଲା।

# 'ମୋ ସାଇକେଲ' ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୬।୧୧ (ବ୍ୟୁରୋ)**

- ୨୪ ଘଣ୍ଟିଆ ମିଳିବ ସେବା
- ଗଢ଼ିବ ୨୦୦୦ ସାଇକେଲ
- ତିଆରି ହୋଇଛି ୪୦୦ ସାଇକେଲ ଷ୍ଟେଶନ
- ପଞ୍ଜୀକରଣ ପରେ ପ୍ରଥମ ଅଧଘଣ୍ଟା ମାଗଣା

ହକି ବିଶ୍ୱକପ୍ ଅବ୍ୟବହିତ ପୂର୍ବରୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏୟାରପୋର୍ଟ ଛକଠାରେ ମୋ ସାଇକେଲ ଅଭିଯାନକୁ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସବୁଜ ପତାକା ଦେଖାଇ ସାଇକେଲକୁ ଶୁଭାରମ୍ଭ କରିବା ପରେ ଛାତ୍ରୀଛାତ୍ର ଏବଂ ଯୁବବର୍ଗ ସାଇକେଲ ଚଳାଇ କଳିଙ୍ଗ ଷ୍ଟାଡିୟମ ଯାଏ ଆସିଛନ୍ତି। ତେବେ ସାଇକେଲ ଚଳାଇ ଏୟାରପୋର୍ଟ ଛକରୁ କଳିଙ୍ଗ ଷ୍ଟାଡିୟମ୍‌କୁ ଆସୁଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ହାତ ହଲାଇ ଅଭିନନ୍ଦନ ଜଣାଇଥିଲେ।

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଏବଂ କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (ସିଆର୍‌ୟୁଟି)ର ମିଳିତ ଆନୁକୂଲ୍ୟରେ ମୋ ସାଇକେଲ ସହରବାସୀଙ୍କ ନିମନ୍ତେ ଉପଲବ୍ଧ ହେବ। ହକିବିଶ୍ୱକପ୍ ବେଳେ ପର୍ଯ୍ୟଟକ, ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ର ଏବଂ ସହରବାସୀଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ସାଇକେଲ ଚଳାଇବାର ସୁବିଧା ମିଳିବ। ସହରରେ ସମୁଦାୟ ୨୦୦୦ ମୋ ସାଇକେଲ ଗଡ଼ିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧୦୦୦ ସାଇକେଲକୁ ସାମିଲ କରାଯାଇଛି। ସାଇକେଲ ଚଳାଇବାକୁ ହେଲେ ପ୍ରଥମେ ମୋ ସାଇକେଲ ଆପ୍‌କୁ ଯାଇ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ନାମ ପଞ୍ଜୀକରଣ କରିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଥମ ଅଧଘଣ୍ଟା ମାଗଣାରେ ସାଇକେଲ ଚଳାଇବାକୁ ଅନୁମତି ଦିଆଯିବ। ପରବର୍ତ୍ତୀ ସମୟରେ ସାଇକେଲ ଚଳାଇବାକୁ ହେଲେ ଟଙ୍କା ଦେଇ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ସାଇକେଲ ଚଳାଇବା ପାଇଁ ସହରର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ୱତନ୍ତ୍ର ସାଇକେଲ ଟ୍ରାକ୍ ତିଆରି କରାଯାଇଛି। ଏହି ଟ୍ରାକରେ ନାଲିରଙ୍ଗ ଦିଆଯାଇଛି। ସହରରେ ୩୦ କି.ମି.ରୁ ଅଧିକ ରାସ୍ତାର ଉଭୟ ପାର୍ଶ୍ୱରେ ସାଇକେଲ ଟ୍ରାକ୍ ବ୍ୟବସ୍ଥା ରହିଛି। ଏଥିପାଇଁ ୪୦୦ ମୋ ସାଇକେଲ ଷ୍ଟେଶନ ନିର୍ମାଣ ହୋଇଛି। ଏହି ଷ୍ଟେଶନଗୁଡ଼ିକରେ ସାଇକେଲ ରହିବ। ବ୍ୟକ୍ତି ମୋ ସାଇକେଲ ଆପ୍‌କୁ ଯାଇ ନାମ ପଞ୍ଜୀକରଣ କରିବା ପରେ ନିକଟସ୍ଥ ମୋ ସାଇକେଲ ଷ୍ଟେଶନକୁ ଯାଇ ସାଇକେଲ ଆଣିବାର ବ୍ୟବସ୍ଥା ରହିଛି। ମୋ ସାଇକେଲ ସେବା ସହରରେ ୨୪ ଘଣ୍ଟିଆ ଉପଲବ୍ଧ ହେବ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସହିତ ବିଏମ୍‌ସି କମିଶନର କ୍ରିଷନ୍ କୁମାର ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସାଇକେଲଗୁଡ଼ିକ ଉପରେ ନଜର ରଖିବା ପାଇଁ ଜିପିଆର୍‌ଏସ୍ ସଂଯୋଗ କରାଯାଇଛି। ଫଳରେ ସାଇକେଲ ଚାଳକ କେଉଁଆଡେ ସାଇକେଲ ନେଇ ଯାଉଛନ୍ତି ତାହାକୁ ସହଜରେ ଅନୁଧ୍ୟାନ କରାଯାଇପାରିବ। ସାଇକେଲରେ ସମସ୍ତ ପ୍ରକାର ବ୍ୟକ୍ତି ଚଳାଇବା ପାଇଁ ସିଟ୍ ଆଡଜଷ୍ଟମେଣ୍ଟ କରିବାର ସୁବିଧା ରହିଛି। ଆଗରେ ଜିନିଷ ରଖିବା ପାଇଁ ସାଇକେଲରେ ଲଗେଜ କ୍ୟାରିୟର ଲଗାଯାଇଛି ବୋଲି ସିଆର୍‌ୟୁଟି ପକ୍ଷରୁ ସୂଚନା ମିଳିଛି।


ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଅଭିନନ୍ଦନ ଜଣାଉଛନ୍ତି।

# ଆଶାକର୍ମୀଙ୍କ ମାସିକ ଭତ୍ତା ୨୦୦୦ ଟଙ୍କାକୁ ବୃଦ୍ଧି ପ୍ରତିଶ୍ରୁତି

**ଭୁବନେଶ୍ୱର, ୨୬।୧୧ (ବ୍ୟୁରୋ)**

ଆଶାକର୍ମୀଙ୍କ ମାସିକ ଭତ୍ତା ୨୦୦୦ ଟଙ୍କାକୁ ବୃଦ୍ଧି କରିବା ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ (ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସୋମବାର ବିକ୍ଷୋଭ ଆଶାକର୍ମୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହିତ ସମସ୍ତ ମେଡ଼ିକାଲ୍‌ରେ ଆଶାଗୃହ ନିର୍ମାଣ କରାଯିବ। ଗୃହରେ ରୋଟେସନ୍ ମାଧ୍ୟମରେ ଆଶାକର୍ମୀମାନେ ଦାୟିତ୍ୱ ନେବେ। ତେବେ ଅନ୍ୟ ନୀତିଗତ ଦାବିଗୁଡ଼ିକ କେନ୍ଦ୍ର ସରକାରଙ୍କ ବିଚାର ନିମନ୍ତେ ପଠାଇବି ବୋଲି ନିର୍ଦ୍ଦେଶିକା ପଣ୍ଡିତ ଆଶାକର୍ମୀଙ୍କୁ ପ୍ରତିଶ୍ରୁତି ଦେଇଥିବା ସଂଘର ସଭାପତି ରାଧାରମଣ ଷଡଙ୍ଗୀ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କହିଛନ୍ତି।

ଏନେଇ ସଭାପତି ଷଡଙ୍ଗୀ କୁହନ୍ତି, ସିଆଇଟିୟୁ ନେତୃତ୍ୱରେ ଓଡ଼ିଶା ଆଶାକର୍ମୀ ଆସୋସିଏଶନ୍ ଲୋୟର ପିଏମ୍‌ଜିରେ ସୋମବାର ବିକ୍ଷୋଭ କରିଛି। ଆନ୍ଦୋଳନ ଚଳାଇଥିଲା। ଆଶାଙ୍କ ଦାବିଗୁଡିକ ହେଲା, ମାସିକ ଦରମା ପ୍ରଦାନ, ଭତ୍ତା ବୃଦ୍ଧି, ସରକାରୀ କର୍ମଚାରୀ ମାନ୍ୟତା, ଏନ୍‌ଏଚ୍‌ଏମ୍‌କୁ ସ୍ଥାୟୀ କରିବା, ମାସିକ ସର୍ବନିମ୍ନ ୧୮,୦୦୦ ଟଙ୍କା ଦରମା ଦେବା, ଇପିଏଫ୍ ଲାଗୁ, ପେନ୍‌ସନ୍ ପ୍ରଦାନ, ପ୍ରତ୍ୟେକ ଆଶାକର୍ମୀଙ୍କୁ ସେଲ୍‌ଫୋନ୍, ଅବସର ସମୟରେ ପ୍ରତ୍ୟେକ ଆଶାକର୍ମୀଙ୍କୁ ଏକ ଲକ୍ଷ ଟଙ୍କାର ଗ୍ରାଚ୍ୟୁଇଟି ଏବଂ ବାକିଥିବା ଆଠଟି ଜିଲାରେ ଆଶାକର୍ମୀଙ୍କୁ କିଟ୍ ପାଇଁ ଦଶ ହଜାର ଟଙ୍କା ଦେବା ଭଳି ୨୦ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଛି। ପରେ ନିର୍ଦ୍ଦେଶିକା ପଣ୍ଡିତଙ୍କୁ ସଂଘ ଦାବିପତ୍ର ପ୍ରଦାନ କରି ଆଲୋଚନା କରିଛି।

ଏହି ବିକ୍ଷୋଭବେଳେ ସମ୍ପାଦିକା ନଳିନୀ ସାହୁ, ଉପସଭାପତି ଲୋଭାକାନ୍ତ ସ୍ୱାଇଁ, ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■ ଧାର୍ଯ୍ୟ ସମୟ ପୂର୍ବରୁ ବିଧାନସଭା ବନ୍ଦ

# ରାଜ୍ୟପାଳଙ୍କୁ ଫେରାଦ ହେଲେ ବିରୋଧୀ ଦଳ ନେତା

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

ବିଧାନସଭା ଅଧିବେଶନ ୨୩ ଦିନ ଚାଲିପାରିଲା ନାହିଁ। ଏମିତି କି ଗୋଟିଏ ସପ୍ତାହ ମଧ୍ୟ ସମ୍ପୂର୍ଣ୍ଣ ଚାଲିପାରିଲା ନାହିଁ, ଯାହାକୁ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି। ଏହି ମର୍ମରେ ସୋମବାର ବିରୋଧୀ ଦଳ ନେତା ରାଜଭବନ ଯାଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭେଟିଛନ୍ତି। ରାଜ୍ୟ ସରକାର ଧାର୍ଯ୍ୟ ସମୟର ଯଥେଷ୍ଟ ପୂର୍ବରୁ ବିଧାନସଭା ବନ୍ଦ କରିବା ନେଇ ସେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏକ ଚିଠି ମଧ୍ୟ ପ୍ରଦାନ କରିଛନ୍ତି।

ବିରୋଧୀ ଦଳ ନେତାଙ୍କ ଦ୍ୱାରା ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିବା ଚିଠିରେ ଶାସକ ଦଳକୁ ସମାଲୋଚନା କରାଯାଇଛି। ବିରୋଧୀ ଦଳ ନେତା କହିଛନ୍ତି ଯେ, ଶାସକ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ସର୍ବସମ୍ମତକ୍ରମେ ୨୪ରେ ବିଧାନସଭା ମୁଲତବୀ ନିଷ୍ପତ୍ତି ନେଇ ଦେଇଥିବା ମନ୍ତବ୍ୟ ସତ୍ୟ ନୁହେଁ। ଯେତେବେଳେ ସର୍ବଦଳୀୟ ବୈଠକରେ ବାଚସ୍ପତି ଏହି ପ୍ରସଙ୍ଗ ଉଠାଇଥିଲେ, ସେ ସମୟରେ ତାହାକୁ ବିରୋଧ କରିଥିଲି। ସରକାରୀ କାର୍ଯ୍ୟ ନ ଥିଲେ ବି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ପାଇଁ ରହିଥିଲା। ସେହିପରି ମୁଲତବୀ ପରେ ଗୃହ ବାହାରେ ମଧ୍ୟ ତାହାର ବିରୋଧ କରିଥିଲି। ତେଣୁ ସର୍ବସମ୍ମତକ୍ରମେ ଗୃହ ମୁଲତବୀ ନିଷ୍ପତ୍ତି ନେଇ ସରକାରୀ ମୁଖ୍ୟ ସଚେତକ ଶତପଥୀ ଦେଇଥିବା ମନ୍ତବ୍ୟ ପ୍ରତ୍ୟାହାର କରନ୍ତୁ। ବିରୋଧୀ ଦଳ ଆଗକୁ ଗୃହ ବନ୍ଦ ସପକ୍ଷରେ ନ ଥିଲା ବୋଲି ନରସିଂହ କହିଛନ୍ତି।

**ଯାଜପୁରରେ ପ୍ରତିଷ୍ଠା ହେବ ବିଜ୍ଞାନକେନ୍ଦ୍ର**

# ଜମି ଚିହ୍ନଟକୁ ନେଇ କଳ୍ପନାଜଳ୍ପନା

**ଯାଜପୁର ଅଫିସ, ୨୬।୧୧**

- ପ୍ରସ୍ତାବ ଯାଇଛି, ଅନୁମୋଦନ ମିଳିନାହିଁ
- ଏଥିପାଇଁ ଆବଶ୍ୟକ ୫ ଏକର ଜମି
- ୬ କୋଟି ୫୦ ଲକ୍ଷ ଟଙ୍କା ରହିଛି ଅଟକଳ

ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୦ଟି ଜିଲାରେ ବିଜ୍ଞାନ କେନ୍ଦ୍ର/ପାର୍କ ପ୍ରତିଷ୍ଠା କରିବାକୁ ସରକାର କଳ୍ପନା କରିଛନ୍ତି। ଏ ସମ୍ବନ୍ଧରେ ବିଜ୍ଞାନ ଓ ବୈଷୟିକ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୩୯୬୦/୧।୮।୨୦୧୮ରେ ସୂଚନା ଦିଆଯାଇଛି। ସମ୍ପୃକ୍ତ ଜିଲାପାଳଙ୍କ ପତ୍ରସଂଖ୍ୟା ୪୨୫୯/୨୩।୮।୨୦୧୮ ଦ୍ୱାରା ମଧ୍ୟ ନିର୍ଦ୍ଦେଶ ଦିଆଯାଇ ଯଥାଶୀଘ୍ର ପ୍ରସ୍ତାବ ଦେବାକୁ ଅନୁରୋଧ କରାଯାଇଛି। ଏହିକ୍ରମରେ ଯାଜପୁର ଜିଲାରେ ବିଜ୍ଞାନ କେନ୍ଦ୍ର/ପାର୍କ ପ୍ରତିଷ୍ଠା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ପ୍ରେରଣ ହୋଇସାରିଛି। ପୂର୍ବରୁ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଯାଜପୁର ସହରରେ ସ୍ଥାନ ଚିହ୍ନଟ ହୋଇସାରିଛି। ତେବେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନଶନ ଜାରି ରହିଛି। ଏବେ ବିଜ୍ଞାନକେନ୍ଦ୍ର/ପାର୍କ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଡୁଥିବା ୫ଏକର ଜମି ଜିଲାର କେଉଁଠାରେ ବ୍ୟବସ୍ଥା କରାଯାଉଛି ତାହା ଆଲୋଚନାର ବିଷୟ ହୋଇଛି।

ବିଜ୍ଞାନକେନ୍ଦ୍ର/ପାର୍କ ପାଇଁ ୬କୋଟି ୫୦ଲକ୍ଷ ଟଙ୍କା ଅଟକଳ ରହିଛି। ଏଥିପାଇଁ ବ୍ୟୟବରାଦ ମଧ୍ୟ କରାଯାଇଛି। ନୟାଗଡ଼ ଜିଲା ଖଣ୍ଡପଡାଠାରେ ଇଡକୋ ଦ୍ୱାରା ହେବାକୁ ଥିବା ଜିଲାସ୍ତରୀୟ ଆଞ୍ଚଳିକ ବିଜ୍ଞାନକେନ୍ଦ୍ର ପାଇଁ ବିଜ୍ଞାନ ଓ ବୈଷୟିକ ବିଭାଗ ତରଫରୁ ୨.୬୦ କୋଟି ଟଙ୍କା ବ୍ୟୟବରାଦ ହୋଇସାରିଛି। ଏହି ପ୍ରକଳ୍ପର ପ୍ଲାନ ଓ ଏଷ୍ଟିମେଟ ତୁରନ୍ତ ଦାଖଲ କରିବାକୁ ଇଡକୋ ପକ୍ଷରୁ କୁହାଯାଇଛି। ଏହାର ପ୍ରଶାସନିକ ଅନୁମୋଦନ ପରେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିସାରିଛି। ତେବେ ଯାଜପୁର ଜିଲାରେ ଏଭଳି ଅଗ୍ରଗତି ହୋଇ ପାରିନାହିଁ। ବିଜ୍ଞାନ କେନ୍ଦ୍ର କେଉଁଠି ପ୍ରତିଷ୍ଠା ହେବ ସେ ନେଇ ଏବେଠୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୫ ଏକର ଜମି ସହ ଜମିକୁ ଲାଗି ବିଦ୍ୟୁତ ସରବରାହ, ଟେଲିଫୋନ ଲାଇନ, ପିଇବା ପାଣି ଓ ଡ୍ରେନେଜ ବ୍ୟବସ୍ଥା ରହିଥିବ। ଉକ୍ତ ଜାଗାକୁ ଯିବା ଆସିବା ନିମନ୍ତେ ଉନ୍ନତମାନର ପରିବହନ ବ୍ୟବସ୍ଥା ଥିବା ଦରକାର ବୋଲି ବିଜ୍ଞାନକେନ୍ଦ୍ର ପାଇଁ ସର୍ତ୍ତାବଳୀ ରହିଛି। ଏକ ବିଜ୍ଞାନକେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ୩୦ ମାସ ସମୟ ଲାଗିଥାଏ। ଭାରତ ଓ ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ସଂସ୍ଥାଗୁଡ଼ିକ ଏହି ପ୍ରକଳ୍ପ ନିର୍ମାଣ କରିବେ। ବିଜ୍ଞାନକେନ୍ଦ୍ର ପାଇଁ ସର୍ବମୋଟ ୩ଜଣ କର୍ମଚାରୀ ନିୟୋଜିତ ହେବେ। ଏହି କେନ୍ଦ୍ର ନିର୍ମାଣ କାର୍ଯ୍ୟର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ପରବର୍ତ୍ତୀ ସମୟରେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପୌରପରିଷଦ କିମ୍ବା ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା ବିଜ୍ଞାନ ପ୍ରସାର ସମିତିକୁ ଦିଆଯିବ। ପ୍ରସ୍ତାବିତ ବିଜ୍ଞାନ କେନ୍ଦ୍ର କେଉଁ ପୌରପରିଷଦ ଅଧୀନରେ ରହିବ ତାହା ଏବେଠୁ ଚର୍ଚ୍ଚାର ବିଷୟ ହୋଇଛି। ବିଜ୍ଞାନକେନ୍ଦ୍ର ପାଇଁ ୨ମାସରୁ ଊର୍ଦ୍ଧ୍ୱ ହେବ ପ୍ରସ୍ତାବ ଯାଇଛି। ତେବେ ସରକାରଙ୍କ ପକ୍ଷରୁ ଏଯାଏ କୌଣସି ଅନୁମୋଦନ ମିଳିନାହିଁ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ରାଜ୍ୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନରେ କେବଳ ଭୁବନେଶ୍ୱର ଓ ଢେଙ୍କାନାଳରେ ୨ଟି ବିଜ୍ଞାନକେନ୍ଦ୍ର ଅବସ୍ଥାପିତ।





ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା, ହିଂସା ଓ କ୍ରୂପାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
- ସାମବେଦ

■ ଉଦ୍‌ଘାଟିତ ହେଲା ୩୫ ମଡେଲ ଥାନା

# ମଡେଲ ଥାନା ପୋଲିସକୁ ସ୍ମାର୍ଟ କରିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୧୧ (ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏୟାରପୋର୍ଟ ମଡ଼େଲ ଥାନାକୁ ଉଦ୍‌ଘାଟନ କରୁଛନ୍ତି।

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପରିସରରେ ଏୟାରପୋର୍ଟ ଥାନାକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହାସହ ରାଜ୍ୟର ବିଭିନ୍ନ ଜିଲାରେ ଥିବା ଅନ୍ୟ ୩୪ଟି ମଡେଲ ଥାନାକୁ ମୁଖ୍ୟମନ୍ତ୍ରୀ ସଚିବାଳୟରେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ସେହିଭଳି ହକି ବିଶ୍ୱକପ୍ ପାଇଁ ୧୨ଟି ନୂଆ ପିସିଆର ଭ୍ୟାନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ମଡେଲ ଥାନା ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବ। ଏହା ପୋଲିସକୁ ଅଧିକ ପ୍ରୋତ୍ସାହିତ କରିବା ସହ ସୁରକ୍ଷା ଓ ପୋଲିସ ପ୍ରତି ଲୋକଙ୍କ ବିଶ୍ୱାସ ବଢ଼ିବ। ବିଶେଷ କରି ମଡେଲ ଥାନା ପୋଲିସକୁ ସ୍ମାର୍ଟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପୋଲିସ ଡିଜିପି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ପୋଲିସ କେବଳ ସ୍ମାର୍ଟ ହେଲେ ଚଳିବ ନାହିଁ। ପୋଲିସକୁ ଲୋକାଭିମୁଖୀ ହେବାକୁ ପଡିବ। ଲୋକଙ୍କ ଦୁଃଖ ବୁଝି ତାହାର ସମାଧାନ କରିବାକୁ ହେବ। ବିଶେଷ କରି ଦଳିତ ଓ ନିଷ୍ପେଶିତ ଲୋକଙ୍କୁ ନ୍ୟାୟ ଦେଲେ ଅଧିକ ବିଶ୍ୱାସ ଭାଜନ ହୋଇପାରିବ ବୋଲି ଡିଜିପି କହିଛନ୍ତି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ମଡେଲ ଥାନାରେ ଅଧିକ ମ୍ୟାନ୍ ପାୱାର ରହିବେ। ଏଥିରେ ମହିଳା ଓ ଶିଶୁଙ୍କ ପାଇଁ ସମସ୍ତ ବ୍ୟବସ୍ଥା ରଖାଯାଇଛି। ଏସବୁ ଥାନାକୁ ୩୫ଟି ନୂଆ ବୋଲେରୋ ଓ ୭୦ଟି ମୋଟରସାଇକେଲ ଦିଆଯିବ। ମଡେଲ ଥାନା ତା'ର ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ କରିବା ସହ ଲୋକଙ୍କ ସହ ବନ୍ଧୁତା କରି କାର୍ଯ୍ୟ କରିବ ବୋଲି କମିଶନର କହିଛନ୍ତି।

## ହକି ପାଇଁ ସାମିଲ ୧୨ ନୂଆ ପିସିଆର ଭ୍ୟାନ୍

ଏୟାରପୋର୍ଟ ଥାନା ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ସିଧା ସଚିବାଳୟ ଯାଇ ଅନ୍ୟ ମଡେଲ ଥାନାକୁ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଲୋକଙ୍କ ସହ କଥା ହୋଇଥିଲେ। ତେବେ ଏୟାରପୋର୍ଟ ଥାନାରେ ଜଣେ ଇନ୍ସପେକ୍ଟରଙ୍କ ସହ ୨ଜଣ ଏସ୍‌ଆଇ, ୨ଜଣ ଏଏସ୍‌ଆଇ, ଜଣେ ହାବିଲଦାର, ୧୦ ଜଣ କନଷ୍ଟେବଲ, ୨୦ ଜଣ ହୋମଗାର୍ଡ ରହିବେ। ଏହି ଥାନାର ପରିସୀମା ଏୟାରଫିଲ୍ଡ ଓ କ୍ୟାପିଟାଲ ଥାନା ସୀମାରୁ ଚିହ୍ନଟ କରାଯାଇଛି। ଏଥିରେ ଭୀମପୁର ଓ ପୋଖରୀପୁଟ ଅଞ୍ଚଳ ରହିଛି।

# ଦକ୍ଷତା ଓ ନିର୍ଭୀକତା ପାଇଁ ବୀରେନ ଚିର ସ୍ମରଣୀୟ

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)



ବୀରେନ ମିତ୍ରଙ୍କ ଜୟନ୍ତୀ ସମାରୋହରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓ ଅନ୍ୟ ଅତିଥିମାନେ।

ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ର ଛାତ୍ରାବସ୍ଥାରୁ ତାଙ୍କର ପ୍ରତିଭା ଓ ବ୍ୟକ୍ତିତ୍ୱର ଦିଗଗୁଡ଼ିକୁ ପ୍ରଦର୍ଶନ କରିଥିଲେ। ବ୍ୟକ୍ତିଗତ ଜୀବନରେ ସରଳତା, ତ୍ୟାଗ, ସେବା ଓ ରାଜନୈତିକ ଜୀବନରେ ଦକ୍ଷତା ଓ ନିର୍ଭୀକତା ନିମନ୍ତେ ବୀରେନ ଚିରସ୍ମରଣୀୟ ରହିବେ। ଅନ୍ୟାୟ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ତାଙ୍କର ସହଜାତ ପ୍ରବୃତ୍ତି ଥିଲା। ଧନୀ ପରିବାରରେ ଜନ୍ମ ହୋଇ ମଧ୍ୟ ସାଧାରଣ ଜୀବନ ଜିଇଁବାରେ ତାଙ୍କର ରୁଚି ଥିଲା। ସୋମବାର ପୂର୍ବତନ ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗଦେଇ ବୋଲି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏହା କହିଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ବୀରେନ୍ ମିତ୍ର ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ବିଶିଷ୍ଟ ସାହିତ୍ୟିକା ମନୋରମା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଛାତ୍ରଜୀବନରୁ ସଂଗ୍ରାମୀ ନେତା ଭାବରେ ଜଣାଶୁଣା ବୀରେନ୍ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥଲେ। ପଚାଶ ଦଶକରେ ସେ ଓଡ଼ିଶାର ରାଜନୈତିକ ମହଲରେ ଜଣେ ପ୍ରିୟପାତ୍ର ନେତା ଓ ସୁସଙ୍ଗଠକ ଭାବରେ ପ୍ରତିଷ୍ଠିତ ହୋଇସାରିଥିଲେ। ତାଙ୍କୁ ସମସ୍ତେ କଟକର ଆଧୁନିକ ବାଇମୁଣ୍ଡି ବୋଲି ଡାକୁଥିଲେ। ବୀରେନ୍ ବାବୁ ଆବାଳ ବୃଦ୍ଧବନିତାଙ୍କର 'ଦାଦା' ଥିଲେ ବୋଲି ମହାପାତ୍ର ପ୍ରକାଶ କରିଥିଲେ। ବିଧାୟକ ଦେବୀପ୍ରସାଦ ମିଶ୍ର, ବିଧାୟକ ତଥା ବୀରେନ୍ ମିତ୍ର ଫାଉଣ୍ଡେଶନର ସଭାପତି ପ୍ରିୟଦର୍ଶୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୀରେନ୍‌ଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବୀରେନ୍ ମିତ୍ରଙ୍କ ତୈଳଚିତ୍ର ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଉପଲକ୍ଷେ ବିଭାଗ ପକ୍ଷରୁ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଫାଉଣ୍ଡେଶନ୍‌ର ସାଧାରଣ ସମ୍ପାଦକ ସୋମିତ୍ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁବାସ ଦାଶ ଓ ସାଥି କଳାକାରମାନେ ଦେଶାତ୍ମବୋଧକ ସଙ୍ଗୀତ ଓ ଭଜନ ପରିବେଷଣ କରିଥିଲେ। ସକାଳେ ଜୟଦେବ ବିହାର ଛକଠାରେ ବୀରେନ୍ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ବିଭାଗ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

## ହକି ବିଶ୍ୱକପ ପାଇଁ...



ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟ ପାଚେରି ପାର୍ଶ୍ୱକୁ ରଙ୍ଗିନ ଆଲୋକରେ ସଜାଯାଇଛି।



ବିନ୍ଦୁସାଗର କୂଳରେ ବାଉଁଶ ଝୁଡ଼ିରେ ବିଭିନ୍ନ ଦେବଦେବୀଙ୍କ ଫଟୋ ସହ ତିଆରି କଳାକୃତି।



ବିନ୍ଦୁସାଗର କୂଳରେ ମାଟିଦୀପରେ ପ୍ରସ୍ତୁତ ମାଛ ଆକୃତି।



ଏୟାରପୋର୍ଟ ଛକ।

ଫଟୋ– ମନୋରଞ୍ଜନ






ଭାଗ୍ୟଶ୍ରୀ



ମୋନାଲିସା



ଦେବସ୍ମିତା



ବି.ବି. ଦାସ



ଜଗତମୋହନ



ଅମରେଶ



ସୌମ୍ୟାଶ୍ରୀ



ନିଶିକାନ୍ତ






କଟକ ବାଲିଯାତ୍ରାର ତଳପଡ଼ିଆରେ ଆକର୍ଷଣ ସାଜିଥିବା ଅକ୍ଟୋପସ୍ ଦୋଳି।



ତଳପଡ଼ିଆରେ ପଡ଼ିଥିବା ହାମର ଦୋଳି।



ନଡ଼ିଆକତାରେ ପ୍ରସ୍ତୁତ ଘରସଜ୍ଜା ସାମଗ୍ରୀକୁ ଜଣେ ମହିଳା ଦେଖୁଛନ୍ତି।

# ଯୁବପିଢ଼ିଙ୍କ ସେଲ୍ଫି କ୍ରେଜ୍, ବରିଷ୍ଠଙ୍କୁ ଭିଡ଼ ଅଡୁଆ

**କଟକ ଅଫିସ, ୨୬।୧୧**

ବାଲିଯାତ୍ରାର ଚତୁର୍ଥ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନଙ୍କ ଗୀତରେ ଉପସ୍ଥିତ ଦର୍ଶକ ଝୁମିବା ସହିତ କଳାହାଣ୍ଡି ପ୍ରତିଭା ଅନୁଷ୍ଠାନ ପକ୍ଷରୁ ସିଙ୍ଘାରୀ ନୃତ୍ୟ ପରିବେଷଣକୁ ବେଶ୍ ପସନ୍ଦ କରିଛନ୍ତି।

ସୋମବାର ବାଲିଯାତ୍ରା ଭିଡ଼ରେ ଦେଖିବାକୁ ମିଳିଥିଲା ପିଲାଠୁ ନେଇ ବୟସ୍କଙ୍କ ପର୍ଯ୍ୟନ୍ତ। ସମସ୍ତେ ତଳ, ଉପର ପଡ଼ିଆ ଘୂରି ବୁଲି ମଜା ଉଠାଇବାରେ ଲାଗିଥିଲେ। ବିଶେଷ କରି ଯୁବତୀଯୁବକମାନେ ଦଳ ଦଳ ହୋଇ ପଡ଼ିଆ ଭିଡ଼ ଭିତରେ ସେଲ୍ଫି ନେବାରେ ବ୍ୟସ୍ତ ଥିଲେ। ହେଲେ ବାଲିଯାତ୍ରାର ଅନୁଭୂତି ବରିଷ୍ଠ ଓ ଯୁବପିଢ଼ିଙ୍କ ଭିତରେ ଅଲଗା ଥିଲା। କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ର ଅଭିଷେକ ଶର୍ମା କହିଛନ୍ତି, ବହୁ ଦୂରଦୂରାନ୍ତରୁ ସାଙ୍ଗମାନେ ଏଥର ଏକାଠି ହୋଇ ବାଲିଯାତ୍ରା ବୁଲିବାକୁ ଆସିଛୁ। ତେଣୁ ବାଲିଯାତ୍ରାରେ ସେଲ୍ଫି ନେଇ ସୋସିଆଲ ମିଡିଆରେ ଶେୟାର କଲେ ବାଲିଯାତ୍ରା ବୁଲା ମିସ୍ କରିଥିବା ସାଙ୍ଗମାନେ ଜାଣିପାରିବେ ଏହାର ପ୍ରକୃତ ମଜା କ'ଣ। ଅନ୍ୟପଟେ ବରିଷ୍ଠ ନାଗରିକଙ୍କ ବାଲିଯାତ୍ରା ବୁଲାରେ ଭିଡ଼ ଅଡୁଆ ସାଜୁଛି ବୋଲି କହିଛନ୍ତି ଆଠଗଡ଼ ଅଞ୍ଚଳର ସନ୍ତୋଷ ବେହେରା। ବେହେରା କହିଛନ୍ତି, ପୂର୍ବରୁ ଆମେ ମଧ୍ୟ ବାଲିଯାତ୍ରା ବୁଲୁଥିଲୁ ହେଲେ ଏତେ ଭିଡ଼ ନ ଥିଲା। ଏବେ କିନ୍ତୁ ଦୋକାନ ସଂଖ୍ୟା ସାଙ୍ଗକୁ ଭିଡ଼ ବଢୁଛି। ଏଣୁ ଇଚ୍ଛା ଥିଲେ ମଧ୍ୟ ବାଲିଯାତ୍ରାକୁ ସବୁଦିନ ଆସିହେଉ ନାହିଁ। ଉଭୟ ପଡ଼ିଆରେ ଲମ୍ବି ରହିଥିବା ଭଳିକି ଭଳି ଷ୍ଟଲ୍ ମଧ୍ୟରେ କିଛି ନୂଆ ମଧ୍ୟ ପ୍ରଥମ କରି ଦେଖିବାକୁ ମିଳୁଛି। ଯେପରି କି ବାଲିଯାତ୍ରା ତଳ ପଡ଼ିଆରେ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ପକ୍ଷରୁ ପ୍ରଦର୍ଶିତ ହେଉଥିବା ଅଟୋ ଅପରେଟ ମିଲ୍କ ମେଶିନ।

## ଚତୁର୍ଥ ସନ୍ଧ୍ୟା
## ମେଶିନ ଦୁହୁଁଛି କ୍ଷୀର

ଏହି ମେଶିନ କିଭଳି ବିନା ମଣିଷରେ କ୍ଷୀର ଦୁହିଁ ପାରୁଛି ତାହା ଦେଖିବାକୁ ଷ୍ଟଲ୍‌ରେ ଭିଡ଼ ଜମୁଛି। ବିଦ୍ୟୁତ୍‌ଚାଳିତ ଏହି ଅଟୋ ମିଲ୍କ ମେଶିନରେ କାଓ ଫିଡିଂ ବକେଟ୍, କାଓ ବ୍ରସ, ମିଲ୍କ୍ ବକେଟ ଏବଂ ୪ଟି କ୍ଲଷ୍ଟର ଏକସଙ୍ଗେ ସଂଯୋଗ ହୋଇ ରହିଛି। ୮୫ ହଜାର ଟଙ୍କା ମୂଲ୍ୟ ବିଶିଷ୍ଟ ଏହି ମେଶିନ ସ୍ୱିଡେନ ନିର୍ମିତ। ଏହି ମେଶିନର ଡେମୋ ଦେଖିବା ପରେ ଗାଈ ବ୍ୟବସାୟ କରୁଥିବା ଲୋକେ ତାହାକୁ କିଣିବାକୁ ଆଗ୍ରହ ଦେଖାଉଛନ୍ତି ବୋଲି ଷ୍ଟଲ୍ କର୍ମଚାରୀ କହିଛନ୍ତି। ପ୍ରତିବର୍ଷ ଭଳି ଏବର୍ଷ ବାଲିଯାତ୍ରାରେ ରେଡ୍‌କ୍ରସ ପକ୍ଷରୁ ବିଭିନ୍ନ ପ୍ରକାର ସେବା କାର୍ଯ୍ୟ କରାଯାଉଛି। ଯେମିତି କି ଲୋକଙ୍କୁ ମାସ୍କ ବାଣ୍ଟିବା, ଫାଷ୍ଟଏଡ୍ ସୁବିଧା ଯୋଗାଇଦେବା, ପଡ଼ିଆ ମଧ୍ୟରେ ହଜି ଯାଇଥିବା ବ୍ୟକ୍ତିଙ୍କୁ ଖୋଜି ଆଣିବା ଏହି ସବୁ କାର୍ଯ୍ୟରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରେଡ୍‌କ୍ରସ ପକ୍ଷରୁ ନିୟୋଜିତ ହୋଇଛନ୍ତି।



ବାଲିଯାତ୍ରା ତଳ ପଡ଼ିଆରେ ଥିବା ପଲ୍ଲିଶ୍ରୀ ମେଳାର ଏକ ଷ୍ଟଲରେ କାଠରେ ନିର୍ମିତ ଗାଈ ଓ ବାଛୁରୀ।



ପଲ୍ଲିଶ୍ରୀ ମେଳାରେ ଜଣେ ଶିଳ୍ପୀ ଟେରାକୋଟା କଳାକୃତିକୁ ନୂତନ ରୂପ ଦେଉଛନ୍ତି।



ଗଣକବି ବୈଷ୍ଣବ ପାଣି ମଞ୍ଚରେ ସଂକୀର୍ତ୍ତନ ପରିବେଷଣ କରାଯାଉଛି।



ଜଣେ ଛାତ୍ରୀ ଶିଙ୍ଗରେ ପ୍ରସ୍ତୁତ କଳାକୃତିକୁ ଦେଖୁଛନ୍ତି।



ବାଲିଯାତ୍ରା ପଡ଼ିଆରେ ବିକ୍ରି ହେଉଥିବା ଏଲଇଡ଼ି ବେଲୁନ୍ ।



ବିଭିନ୍ନ ଦୋଳି ଓ ଆଲୋକମାଳାରେ ଝଲସୁଥିବା ବାଲିଯାତ୍ରା ତଳପଡ଼ିଆ।



ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ସୋମବାର ଭୁବନେଶ୍ୱରରେ ପହଞ୍ଚିବା ପରେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କଳିଙ୍ଗ ଷ୍ଟାଡିୟମରେ ଅନ୍ୟ କଳାକାରଙ୍କ ସହ ନୃତ୍ୟ ଅଭ୍ୟାସ କରୁଛନ୍ତି। (ଫଟୋ: ବିକାଶ ନାୟକ)

### ଆଜି ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ମହାକୁମ୍ଭ

# ପହଞ୍ଚିଲେ ମାଧୁରୀ

**ସଲମାନ୍ ଖାନ୍‌ଙ୍କ ପାଇଁ ବଢ଼ିଲା ବାରବାଟୀ ଡିମାଣ୍ଡ**

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ମହାକୁମ୍ଭରେ ନିଜର ଜଲୱା ଦେଖାଇବାକୁ ସୋମବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି ବଲିଉଡ୍‌ର ଏଭରଗ୍ରୀନ୍ କୁଇନ୍ ମାଧୁରୀ ଦୀକ୍ଷିତ। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବରେ 'ଦି ଆର୍ଥ ସଙ୍ଗ୍'ରେ ମାଧୁରୀ ନୃତ୍ୟ ପରିବେଷଣ କରିବେ। ଏଥିପାଇଁ ଗୋଟିଏ ଦିନ ପୂର୍ବରୁ ସେ ବିମାନ ଯୋଗେ ଭୁବନେଶ୍ୱରରେ ଆସି ପହଞ୍ଚିଛନ୍ତି। ହକି ବିଶ୍ୱକପ୍ ଉଦ୍‌ଘାଟନୀ ସମାରୋହର ଥିମ୍ 'ଏକତ୍ରିତ ବିଶ୍ୱ' ରହିଥିବା ବେଳେ 'ଦି ଆର୍ଥ ସଙ୍ଗ୍' ମାଧ୍ୟମରେ ଥିମ୍‌କୁ ପ୍ରଦର୍ଶନ କରାଯିବ। ଏହାର ମୁଖ୍ୟ ଚରିତ୍ର 'ମଦର ଆର୍ଥ' ଭୂମିକାରେ ମାଧୁରୀ ନଜର ଆସିବେ, ଯେଉଁଥିରେ ସେ ୧୧୦୦ ନୃତ୍ୟଶିଳ୍ପୀଙ୍କ ସହ ଷ୍ଟେଜ୍ ଶେୟାର କରିବେ।

ନୂପୁର ମହାଜନଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଦି ଆର୍ଥ ସଙ୍ଗ୍' ପାଖାପାଖି ୪୦ ମିନିଟ୍ ଧରି ଚାଲିବାକୁ ଥିବାବେଳେ ଏଥିରେ ୫ଟି ଭିନ୍ନ ଭିନ୍ନ ଆକ୍ଟ ରହିବ। ରଣଜିତ୍ ବାରୋଟଙ୍କ ସଙ୍ଗୀତ ସଂଯୋଜନା ଏବଂ କୋରିଓଗ୍ରାଫର ଶୈମକ୍ ଡାଭରଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଏହା ପରିବେଷଣ ହେବ। ୪୦ ମିନିଟ୍ ଧରି ମାଧୁରୀଙ୍କ ଜଲୱା ଦେଖିବାକୁ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ରହିଥିବା ବେଳେ ସୋମବାର କଡ଼ା ସୁରକ୍ଷା ବଳୟରେ ଭୁବନେଶ୍ୱରରେ ତାଙ୍କୁ ସ୍ୱାଗତ କରାଯାଇଛି। ସେହିଭଳି ଉଦ୍‌ଘାଟନୀ ସମାରୋହରେ ଯୋଗଦେବାକୁ ମଙ୍ଗଳବାର ଶାହରୁଖ୍ ଖାନ୍ ଭୁବନେଶ୍ୱରରେ ଆସି ପହଞ୍ଚିବେ। କେବଳ ସେତିକି ନୁହେଁ, ୨୮ ତାରିଖରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ହକି ବିଶ୍ୱକପ୍‌ର ଆଉ ଏକ ଉଦ୍‌ଘାଟନୀ ସମାରୋହରେ ଯୋଗଦେବେ ବଲିଉଡ୍‌ର ଭାଇଜାନ୍ ସଲମାନ୍ ଖାନ୍। ଏ ନେଇ ସୋମବାର କ୍ରୀଡ଼ା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିବା ବେଳେ ବିଭାଗୀୟ ସଚିବ ବିଶାଳ ଦେବ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସଲମାନ୍‌ଙ୍କ ଫ୍ୟାନ୍‌କ୍ରେଜ୍ ଓଡ଼ିଶାରେ କାହିଁରେ କେତେ ଥିବାବେଳେ ସୋମବାର ବାରବାଟୀ ଟିକେଟ୍‌ର ଡିମାଣ୍ଡ ହଠାତ୍ ବଢ଼ିଯାଇଛି। ସଲମାନ୍‌ଙ୍କ ଉପସ୍ଥିତି ଏବଂ ଏ. ଆର୍. ରହମାନ୍‌ଙ୍କ ଲାଇଭ୍ କନସର୍ଟ କଟକ ଉଦ୍‌ଘାଟନୀ ସମାରୋହକୁ ଭୁବନେଶ୍ୱରଠାରୁ ମଧ୍ୟ ଅଧିକ ମହାଆଡ଼ମ୍ବର କରିଛି। ଉଭୟ ଉତ୍ସବରେ ଅନେକ ନାମୀଦାମୀ କଳାକାର ଯୋଗଦେଉଥିବା ବେଳେ ଏଥିପାଇଁ ଟୁଇନ୍‌ସିଟିକୁ ନବବଧୂ ଭଳି ସଜାଯାଇଛି।



କଳିଙ୍ଗ ଷ୍ଟାଡିୟମରେ ନୃତ୍ୟ ଅଭ୍ୟାସବେଳେ ଆକର୍ଷଣୀୟ ଆଲୋକସଜ୍ଜା।



ପାରମ୍ପରିକ ନୃତ୍ୟର ଅଭ୍ୟାସ କରାଯାଉଛି।

# ବିଶ୍ୱ ନଜରରେ ୯୦ ମିନିଟ୍

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ବହୁ ପ୍ରତୀକ୍ଷିତ ହକି ବିଶ୍ୱକପ୍‌ର ମଙ୍ଗଳବାର ଉଦ୍‌ଘାଟନୀ ସମାରୋହ ଓଡ଼ିଶା ପାଇଁ ସୃଷ୍ଟି କରିବ ଇତିହାସ। ୯୦ ମିନିଟ୍ ଲାଗି କଳିଙ୍ଗ ଷ୍ଟାଡିୟମ୍ ଉପରେ ରହିବ ସମଗ୍ର ବିଶ୍ୱର ନଜର। କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତର ବିଭିନ୍ନତା ମଧ୍ୟରେ ଥିବା ଏକତାକୁ ଦେଖିବେ ଦର୍ଶକ। ହକି ପାଇଁ ରାଜ୍ୟ ଏବଂ ଦେଶବାସୀଙ୍କ ମନରେ ଥିବା ଭଲପାଇବାର ସାକ୍ଷୀ ହେବେ ୧୬ଟି ଦେଶରୁ ଆସିଥିବା କ୍ରୀଡ଼ାବିତ୍ ଓ ଅଫିସିଆଲ୍। ଏକତା ଏବଂ ବିଶ୍ୱ ଐକ୍ୟର ବାର୍ତ୍ତାକୁ ୯୦ ମିନିଟ୍ ଧରି ବିଭିନ୍ନ କଳା ମାଧ୍ୟମରେ ମଞ୍ଚରେ ପ୍ରଦର୍ଶନ କରିବେ ଶିଳ୍ପୀ ଓ କଳାକାର। କ୍ଲାସିକାଲ୍‌ରୁ ୱେଷ୍ଟର୍ନ ପର୍ଯ୍ୟନ୍ତ, 'ଜୟ ହିନ୍ଦ୍'ରୁ 'ଦି ଆର୍ଥ ସଙ୍ଗ୍' ପର୍ଯ୍ୟନ୍ତ, ଏ.ଆର୍. ରହମନ୍ ଓ ଶାହରୁଖ୍ ଖାନ୍‌ଙ୍କଠାରୁ ମାଧୁରୀ ଦୀକ୍ଷିତଙ୍କ ପର୍ଯ୍ୟନ୍ତ, ଉଦ୍‌ଘାଟନୀ ସମାରୋହ ଦେଖିବ କଳାର ଏଭଳି ଅନେକ ଅବତାର।

### 'ମଦର ଆର୍ଥ' ରୂପରେ ମାଧୁରୀ

ହକି ମହାକୁମ୍ଭର ଉଦ୍‌ଘାଟନୀ ସମାରୋହ ଆରମ୍ଭ ହେବ ମାଧୁରୀ ଦୀକ୍ଷିତଙ୍କଠାରୁ। ୪୦ ମିନିଟ୍ ପାଇଁ ହେବାକୁ ଥିବା 'ଦି ଆର୍ଥ ସଙ୍ଗ୍'ରେ ସେ 'ମଦର୍ ଆର୍ଥ ରୂପରେ ଏଣ୍ଟ୍ରି କରିବେ। 'ୱାନ୍‌ନେସ ଅଫ୍ ହ୍ୟୁମାନିଟି' ବା ମାନବିକତାର ଏକତାକୁ ଧରିତ୍ରୀ ମା' ଭାବେ ମଞ୍ଚରେ ଉପସ୍ଥାପନ କରିବେ ବଲିଉଡ୍‌ର ଏହି ଚିରସବୁଜ ସୁନ୍ଦରୀ। ଡ୍ରାମା, ଡାଏଲଗ୍ ଓ ମ୍ୟୁଜିକ୍‌ର ତାଳେ ତାଳେ ଉଭୟ ଶାସ୍ତ୍ରୀୟ ଏବଂ ଆଧୁନିକ ନୃତ୍ୟର ସମାହାର ଏହି ଅବସରରେ ପରିବେଷଣ ହେବ। ବାଲେଟ୍', 'ସାମ୍ବା', 'ଜାଜ୍' ସହ ଓଡ଼ିଶୀ, ଭାରତନାଟ୍ୟମ୍, କୁଚିପୁଡ଼ି ଭଳି ଏକାଧିକ ନୃତ୍ୟଶୈଳୀରେ ନାଚିବେ ମାଧୁରୀ। ତାଙ୍କ ସହ ତାଳଦେଇ ଏକାସାଙ୍ଗରେ ନୃତ୍ୟ କରିବେ ୧୧୦୦ ଶିଳ୍ପୀ। 'ଦି ଆର୍ଥ ସଙ୍ଗ୍'ର କାହାଣୀକୁ ବ୍ୟାଖ୍ୟା କରିବେ ମାଧୁରୀ। ଶୈମକ୍ ଡାଭର୍ ଓ ମାଧୁରୀଙ୍କ ଯୋଡ଼ି ପୁଣିଥରେ ସୃଷ୍ଟି କରିବ ଇତିହାସ। ଏଥିପାଇଁ ସୋମବାର ମାଧୁରୀ ଦୀକ୍ଷିତ ଭୁବନେଶ୍ୱରରେ ଆସି ପହଞ୍ଚିଥିବା ବେଳେ ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମ୍‌ରେ ପହଞ୍ଚି ସେଠାରେ ଅଭ୍ୟାସ କରିଥିଲେ।

### ପ୍ରକୃତିକୁ ବଖାଣିବେ ଜନଜାତି ଛାତ୍ରୀଛାତ୍ର

ଘଞ୍ଚ ଜଙ୍ଗଲ ଓ ମାଳ ମାଳ ପାହାଡ଼, ପର୍ବତ ଆଦି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଓଡ଼ିଶା, ଯାହାକୁ ସମଗ୍ର ବିଶ୍ୱ ନିକଟରେ ଉପସ୍ଥାପନ କରିବେ ଜନଜାତି ଛାତ୍ରୀଛାତ୍ର। ବିଶ୍ୱକପ୍‌ର ଉଦ୍‌ଘାଟନୀ ସମାରୋହରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ୍(କିସ୍)ର ୮୦୦ ଜନଜାତି ଛାତ୍ରୀଛାତ୍ର ପ୍ରଥମଥର ପାଇଁ ନୃତ୍ୟ ପରିବେଷଣ କରିବେ। ନୃତ୍ୟରେ ସେମାନେ ବିଭିନ୍ନ ବୃକ୍ଷଲତା ରୂପରେ ନଜର ଆସିବେ। କୋରିଓଗ୍ରାଫର ଶୈମିକ୍ ଡାଭର୍ ପିଲାମାନଙ୍କୁ ସ୍ୱତନ୍ତ୍ରଭାବେ ପ୍ରଶିକ୍ଷଣ ଦେଇଥିବା ବେଳେ ଏହାଦ୍ୱାରା ଓଡ଼ିଶାର କୁନି କୁନି ପିଲା ଓ ଯୁବପିଢ଼ି ଏକ ବିଶ୍ୱସ୍ତରୀୟ ମଞ୍ଚର ଅଂଶ ହୋଇପାରିବେ। ଏହାଛଡ଼ା ଉଦ୍‌ଘାଟନୀ ସମାରୋହରେ ବିଭିନ୍ନ ପ୍ରକାର ଜନଜାତି ନୃତ୍ୟ ଓ ଲୋକନୃତ୍ୟ ପରିବେଷଣ କରାଯିବ। ଓଡ଼ିଶାରେ ଥିବା ଜନଜାତିମାନଙ୍କର ପାରମ୍ପରିକ ନୃତ୍ୟ ଅନ୍ୟତମ ଆକର୍ଷଣ ସାଜିବ।

### ଶାହରୁଖ୍‌ଙ୍କଠାରେ ଶେଷହେବ 'ହାର୍ଟ ବିଟ୍‌ସ' କ୍ୟାମ୍ପେନ୍

ଗତ ଅଗଷ୍ଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ହାର୍ଟ ବିଟ୍‌ସ ଫର୍ ହକି' କ୍ୟାମ୍ପେନ୍‌ର ମୁଣ୍ଡି ମାରିବେ ବଲିଉଡ୍ ସୁପରଷ୍ଟାର୍ ଶାହରୁଖ୍ ଖାନ୍। ଉଦ୍‌ଘାଟନୀ ସମାରୋହରେ ଶାହରୁଖ୍‌ଙ୍କୁ ଏକ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳିବ। ବିଶ୍ୱର ୧୬ଟି ରାଷ୍ଟ୍ରରୁ ଆସିଥିବା ହକି ଦଳର କ୍ୟାପ୍ଟେନମାନଙ୍କୁ ଶାହରୁଖ୍ ଏହି କ୍ୟାମ୍ପେନ୍‌କୁ ଭାରତର କୋଣ ଅନୁକୋଣରୁ ମିଳିଥିବା ବିପୁଳ ସମର୍ଥନ ଦେଖାଇବେ। ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ସେଲିବ୍ରିଟିଙ୍କ ପର୍ଯ୍ୟନ୍ତ, ହକି ପାଇଁ ସମସ୍ତଙ୍କ ହୃଦୟ କିଭଳି ଧଡ଼କୁଛି, ତାହା ଶାହରୁଖ୍‌ଙ୍କ କଣ୍ଠରୁ ଶୁଣିବାକୁ ମିଳିବ। ପୂର୍ବରୁ ଟୁଇଟରରେ 'ମେରା ଦିଲ୍ ହକି କୈ ଲିୟେ ବହତ୍ ତେଜ୍ ଧଡ୍‌କତା ହେଁ' କହି ଓଡ଼ିଶାବାସୀଙ୍କ ମନ ଜିଣିଥିଲେ ଏହି ବଲିଉଡ୍ ବାଦ୍‌ଶାହା।

## ଭଡ଼ାରେ ମିଳିବ ବାଇକ୍

ହକି ବିଶ୍ୱକପ୍ ପାଇଁ ଭଡ଼ାରେ ମିଳିବ ବାଇକ୍। ବିଶ୍ୱକପ୍ ସମୟରେ ବାହାରୁ ଆସିବାକୁ ଥିବା ପର୍ଯ୍ୟଟକଙ୍କ ଗମନାଗମନକୁ ସୁବ୍ୟବସ୍ଥିତ କରିବା ପାଇଁ 'ମୋ ସାଇକେଲ' ଭଳି ରାଜ୍ୟରେ ଭଡ଼ାରେ ଦୁଇଚକିଆ ଯାନ ଉପଲବ୍ଧ ହେବ। ଏଥିପାଇଁ ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ 'ୟୋର୍ ସ୍ମାର୍ଟ ରାଇଡ୍ ପ୍ରାଇଭେଟ୍ ଲିମିଟେଡ୍'କୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏହାଦ୍ୱାରା ପର୍ଯ୍ୟଟକ ନିଜ ପସନ୍ଦର ସ୍ଥାନ ଭ୍ରମଣ କରିବା ଲାଗି ଏଠାରୁ ଭଡ଼ାରେ ବାଇକ୍ ନେଇପାରିବେ। ବୈଧ ଡ୍ରାଇଭିଂ ଲାଇସେନ୍ସ ଥିବା ଯେକୌଣସି ବ୍ୟକ୍ତି ଏଠାରୁ ଭଡ଼ାରେ ମୋଟର ସାଇକେଲ ନେଇପାରିବେ। ସୋମବାର ଆର୍‌ଟିଓ-୨ ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପରିବହନ ସଚିବ ସଞ୍ଜୀବ ପଣ୍ଡା ସ୍ମାର୍ଟ ରାଇଡ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ରାଜେଶ କୁମାର ଖିଲୋଙ୍କୁ ଲାଇସେନ୍ସ ହସ୍ତାନ୍ତର କରିଛନ୍ତି। ହକି ବିଶ୍ୱକପ୍ ସମୟରେ ରାଜ୍ୟକୁ ଅଧିକ ପର୍ଯ୍ୟଟକ ଆସିବାର ସମ୍ଭାବନା ରହିଛି। ସେମାନେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ନିଜ ମନପସନ୍ଦର ବାଇକ୍ ଓ ସ୍କୁଟି ଏଠାରୁ ଭଡ଼ାରେ ନେଇପାରିବେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଅନ୍‌ଲାଇନ୍‌ରେ ବାଇକ୍ ବୁକିଂ ସହ ସିକ୍ୟୁରିଟି ବାବଦରେ ୩୦୦ ଏବଂ ୫୦୦ ଟଙ୍କା ଦାଖଲ କରିବାକୁ ପଡ଼ିବ। ଜିପିଏସ୍ ଥିବା ଏହି ଗାଡ଼ିରେ ଚାଳକର ଗତିବିଧି ଉପରେ ନଜର ରଖିହେବ। ଅଧିକ ବେଗରେ ଗାଡ଼ି ଚଳାଇଲେ ଜରିମାନା ଆଦାୟ ହେବ। ବାଇକ୍ ଅନୁଯାୟୀ ଘଣ୍ଟା ପ୍ରତି ୩୯ରୁ ୯୫ ଟଙ୍କା ପର୍ଯ୍ୟନ୍ତ ଦେୟ ରହିଛି।



### ଖୋଲାରହିବ ସଂଗ୍ରହାଳୟ

ହକି ବିଶ୍ୱକପ୍ ପାଇଁ ସହରରେ ଥିବା ସମସ୍ତ ସଂଗ୍ରହାଳୟ ଛୁଟିଦିନଗୁଡ଼ିକରେ ବି ଖୋଲାରହିବ। ରାଜ୍ୟ ସଂଗ୍ରହାଳୟ ସହ ହସ୍ତତନ୍ତ ଓ ହସ୍ତକଳା ସଂଗ୍ରହାଳୟ 'କଳାଭୂମି', ଜନଜାତି ସଂଗ୍ରହାଳୟ ଆଦିକୁ ଖୋଲା ରଖାଯିବ। ବିଶ୍ୱକପ୍ ଚାଲୁଥିବା ସମୟରେ ପର୍ଯ୍ୟଟକ ଯେପରି ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ଦେଖିବାର ସୁଯୋଗ ପାଇପାରିବେ, ତାହାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।




ରାଜଭବନ ଛକରେ ନବନିର୍ମିତ ବସ୍‌ଷ୍ଟପ୍‌ରେ ହକି ବିଶ୍ୱକପ୍‌ର ପ୍ରଚାର।



କଳିଙ୍ଗ ଷ୍ଟାଡିୟମ ସମ୍ମୁଖ ରାସ୍ତାକଡ଼ରେ ହୋଇଥିବା ସାଜସଜ୍ଜାର ରାତ୍ରିକାଳୀନ ଦୃଶ୍ୟ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ-୨୦୧୮ର ୫ମ ଦିବସ ସଭାକାର୍ଯ୍ୟ, ବାଲିଯାତ୍ରା ପଡ଼ିଆ, ଐତିହାସିକ ପଟିଆ ବନ୍ଧର କୁଆଖାଇ ନଦୀପଠା, ସକାଳ ୬ଟା ୩୦ । ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଣିଜ୍ୟ ମେଳା, ରାତି ୭ଟା ୩୦ ।
- ଭୁବନେଶ୍ୱର ମହାନଗର ନିଗମ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୧, ସକାଳ ୯ଟାରୁ ଅପରାହ୍ନ ୪ଟା ୩୦ ।
- ମଦର ପକ୍ଷରୁ ଭାରତୀୟ ଅଙ୍ଗଦାନ ଦିବସ ପାଳନ ଓ ପ୍ରତିଷ୍ଠାନ ବାର୍ଷିକ ଉତ୍ସବ, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୦ଟା ୩୦ ।
- ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଉତ୍ସବ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟ, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା ।
- ସର୍ବସାଧାରଣ ବାର୍ଷିକ ଉତ୍ସବ-୨୦୧୮, ହୋଟେଲ ସ୍ୱସ୍ତି ପ୍ରିମିୟମ୍ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ।
- କେନ୍ଦୁଝର ଜିଲା ଅଙ୍ଗନୱାଡ଼ି କର୍ମୀଙ୍କ ଗଣଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା ।
- ଆର୍ଟିଷ୍ଟ୍‌ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ କଳା ପ୍ରଦର୍ଶନୀ 'ଚାରୁଚିତ୍ର'ର ଉଦ୍‌ଯାପନୀ ଦିବସ, ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ଖାରବେଳନଗର, ପୂର୍ବାହ୍ନ ୧୧ଟାରୁ ରାତି ୭ଟା ।
- ଜାତୀୟ ଜନଜାତି କଳା ସାମଗ୍ରୀ ପ୍ରଦର୍ଶନୀର ଚତୁର୍ଥ ଦିବସ, ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସର, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସିଆର୍‌ପି ଛକ, ଅପରାହ୍ନ ୨ଟାରୁ ରାତି ୮ଟା ।
- ବିଶିଷ୍ଟ ସାମାଜିକ କର୍ମୀ ମନି ସାମନ୍ତରାୟଙ୍କ ରାଜ୍ୟସ୍ତରୀୟ ଦ୍ୱିତୀୟ ପୁଣ୍ୟତିଥି ପାଳନ, ଆର୍ଯ୍ୟ ସଂସ୍କୃତ ମନ୍ଦିର ପ୍ରାଙ୍ଗଣ, ଅଶୋକ ନଗର, ୟୁନିଟ୍-୨, ସନ୍ଧ୍ୟା ୬ଟା ।
- ଜଳସେଚନ ସାଂସ୍କୃତିକ ପରିଷଦର ୯ମ ବାର୍ଷିକ ଉତ୍ସବ ଉଦ୍‌ଯାପନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦ ।
- ଉତ୍ତର ପୁରୁଷ ପକ୍ଷରୁ ନାଟକ 'ୟୁପକାଷ୍ଠ' ପରିବେଷଣ, ଭଞ୍ଜ କଳାମଣ୍ଡପ, ରାତି ୭ଟା ।

**ବାଲିଅନ୍ତା**

- ବ୍ଲକସ୍ତରୀୟ ବିଜ୍ଞାନମେଳା, ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସକାଳ ୯ଟା ୩୦ ।

**ବାଲିପାଟଣା**

- ବ୍ଲକସ୍ତରୀୟ ବିଜ୍ଞାନମେଳା, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ରାଜସ, ସକାଳ ୮ଟା । ଉଦ୍‌ଯାପନ, ଅପରାହ୍ନ ୩ଟା ।

# ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ୍‌ର ୪ ଗିରଫ

■ ଗୁପ୍ତି, ୨୫ ମୋବାଇଲ ଫୋନ୍, ୨ ବାଇକ, ୪୦ ହଜାର ଟଙ୍କା ଜବତ

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

ହକି ବିଶ୍ୱକପ୍‌ର ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଅପରାଧୀ ଦମନ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ରବିବାର ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳରେ ଚଢ଼ାଉ କରି ଡକାୟତି ଯୋଜନା କରୁଥିବା ଏକ ଆନ୍ତଃଜିଲା ଅପରାଧୀ ଗ୍ୟାଙ୍ଗ୍‌ର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯାଜପୁର ଜିଲା ଟାଉନ ଥାନା ଅଞ୍ଚଳର ଶିବା ଦାସ ଓରଫ ଶିବା(୪୦), ଟୁନା ଦାସ ଓରଫ କୁନା(୨୩), ଲକ୍ଷ୍ମଣ ଦାସ ଓରଫ ଲକନ(୨୨) ଏବଂ ଗଞ୍ଜାମ ଜିଲା କୋଦଳା ଅଞ୍ଚଳର ପି. ରାଜା ଓରଫ ରାଜ(୧୯)।



ଗିରଫ ଅଭିଯୁକ୍ତ ଓ ଜବତ ଚୋରି ସାମଗ୍ରୀ।

ସୂଚନା ମୁତାବକ, ଭରତପୁର ଅଞ୍ଚଳରେ କେତେଜଣ ଅପରାଧୀ ଡକାୟତି ଯୋଜନା କରୁଥିବା ନେଇ ସ୍ପେଶାଲ ସ୍କ୍ୱାଡ୍ ନିକଟରେ ଖବର ପହଞ୍ଚିଥିଲା। ତୁରନ୍ତ ଖଣ୍ଡଗିରି ପୋଲିସ ସହ ସ୍କ୍ୱାଡ୍ ଘଟଣାସ୍ଥଳକୁ ଘେରିଯାଇ ଉପରୋକ୍ତ ୪ଜଣଙ୍କୁ ଗିରଫ କରିଥିଲା। ଏଥିସହ ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଗୁପ୍ତି, ୪୦ ହଜାର ଟଙ୍କା, ୨୫ଟି ମୋବାଇଲ ଫୋନ, ଡିକି, ଗ୍ରୀଲ କବାଟ ଭାଙ୍ଗିବା ଯନ୍ତ୍ର, ଗୋଟିଏ ବାଇକ ଓ ସ୍କୁଟି ଜବତ କରିଛି। ଏହି ଗ୍ୟାଙ୍ଗ୍ ଡକାୟତି, ଚୋରି ସହ ଜାତୀୟ ରାଜପଥରେ ଆକ୍ରମଣ କରି ଲୁଟ୍ କରିବା ଆଦି ଏକାଧିକ ମାମଲାରେ ଏମାନଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି। ପଚରାଉଚରା ପରେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଚିତା ବାଘ ଚମଡ଼ା ଜବତ, ଶିକାରୀ ଗିରଫ

**ବଡ଼ମ୍ବା,୨୬।୧୧(ଡି.ଏନ.ଏ.):**

ନିକଟରେ ବଡ଼ମ୍ବା ଅଞ୍ଚଳରୁ ଜଣେ ହାତୀ ଶିକାରୀଙ୍କୁ ବନବିଭାଗ ଗିରଫ କରିଥିଲା। ସୋମବାର ପୁଣି ଜଣେ ବାଘ ଶିକାରୀଙ୍କୁ ବିଭାଗ ଗିରଫ କରିଛି। ସେ ହେଲେ ନରସିଂହପୁର ଥାନା ଅନ୍ତର୍ଗତ ପାତ୍ରଭଗା ଗ୍ରାମର ଇଚ୍ଛାନନ୍ଦ ଜାନୀ (୩୦)। ଇଚ୍ଛାନନ୍ଦ ଏକ ଚିତାବାଘ ଚମଡ଼ାକୁ ନେଇ ବଡ଼ମ୍ବା ବନାଞ୍ଚଳ ଅନ୍ତର୍ଗତ ଗୁପ୍ତମାରିକ ଜଙ୍ଗଲ ନିକଟସ୍ଥ ଛାଞ୍ଚୁଣିଆ ଦେଇ ଯାଉଥିଲେ। ଏହି ସମୟରେ ତାଙ୍କୁ ସେଠାରୁ ଆଠଗଡ଼ ଉପଖଣ୍ଡ ବନ ବିଭାଗ ମୋବାଇଲ୍ ଟିମ୍ ଗିରଫ କରିବା ସହିତ ତାଙ୍କଠାରୁ ଚମଡ଼ାକୁ ଜବତ କରିଥିଲା। ଆଠଗଡ଼ ଡିଏଫଓ ସସ୍ମିତା



ଲେଙ୍କାଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଗିରଫ ଶିକାରୀଙ୍କୁ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରହିଥିବା ଡିଏଫଓ ଲେଙ୍କା ପ୍ରକାଶ କରିଛନ୍ତି।



ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ସୋମବାର ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ଇଞ୍ଜିନିୟର୍ସ ଏକତା ମଞ୍ଚ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

## ୩ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ବାଲିଅନ୍ତା,୨୬।୧୧(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ଓ ଜୟଦେବ ପଞ୍ଚାୟତର ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରତାପରୁଦ୍ରପୁର ଓ ଜୟଦେବ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଏବଂ ପ୍ରତାପରୁଦ୍ରପୁରର ଭୋଇ ସାହିରେ ମା' ମଙ୍ଗଳାଙ୍କ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା। ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ଏହି ୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ ସମ୍ବିଧାନ ଦିବସ




**ଭୁବନେଶ୍ୱର,୨୬।୧୧**

ପୂର୍ବତଟ ରେଳପଥ ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ ରେଳ ସଦନଠାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ରାଜୀବ ଶର୍ମା ସମ୍ବିଧାନର ପ୍ରାକ୍ କଥନକୁ ରେଳ କର୍ମଚାରୀଙ୍କୁ ପାଠ କରାଇଥିଲେ। ଏଥିରେ ରେଳପଥର ବରିଷ୍ଠ ଅଧିକାରୀଙ୍କ ସହ କର୍ମଚାରୀମାନେ ଯୋଗ ଦେଇଥିଲେ। ପ୍ରମୁଖ କାର୍ମିକ ଅଧିକାରୀ ପି.ସି ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଗତିଶୀଳ ଉତ୍କଳ' ଗଣଦୌଡ଼

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ୭୫ତମ ପ୍ରତିଷ୍ଠା ଦିବସ ତଥା ପ୍ଲାଟିନମ୍ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସୋମବାର 'ଗତିଶୀଳ ଉତ୍କଳ' ଶୀର୍ଷକ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପତାକା ଦେଖାଇ ଏହି ଗଣଦୌଡ଼କୁ ଉଦ୍‌ଘାଟନ କରିଥିଲେ। 'ଉତ୍କଳକୁ ଉତ୍କର୍ଷର କେନ୍ଦ୍ର' ଭାବେ ଗଢ଼ିତୋଳିବା ପାଇଁ ବାର୍ତ୍ତା ନେଇ ପ୍ରାୟ ଏକ ହଜାରରୁ ଅଧିକ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ ଏଥିରେ ଦୌଡ଼ିଥିଲେ। ସେମାନେ ବାଣୀବିହାର ଦ୍ୱିତୀୟ ଫାଟକରୁ ବାହାରି ଆଚାର୍ଯ୍ୟ ବିହାର, ରିଜିଓନାଲ ଛକ, ରୁପାଲି ଛକ ଓ ବାଣୀବିହାର ଛକ ଦେଇ ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପହଞ୍ଚିଥିଲେ। ଆଗାମୀ ଦିନରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଏ++ ମାନ୍ୟତା ପାଇଁ ପ୍ରୟାସ ଜାରି ରହିବାର ପ୍ରତିଜ୍ଞା ନେଇଥିଲେ ସମସ୍ତେ। କୁଳପତି ପ୍ରଫେସର ପଟ୍ଟନାୟକ କହିଛନ୍ତି ଯେ, ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ନିରନ୍ତର ଭାବେ ଉନ୍ନତିର ଚରମ ସୋପାନରେ ପହଞ୍ଚିବା ପାଇଁ ଗତିଶୀଳ ଅଛି। ହକିବିଶ୍ୱକପ୍ ଆୟୋଜନ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଏହି ଗତିଶୀଳତାକୁ ପ୍ରତିପାଦନ କରିବା ପାଇଁ 'ଗତିଶୀଳ ଉତ୍କଳ' ନାମରେ ଏହି ପ୍ରତୀକାତ୍ମକ ଏହି ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଗଣଦୌଡ଼ କମିଟି ସଂଯୋଜକ ପ୍ରଫେସର କୁଞ୍ଜବିହାରୀ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ, କୁଳସଚିବ ଦୟାନିଧି ନାୟକ, ସିଡିସି ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କ୍ରୀଡ଼ା ନିର୍ଦ୍ଦେଶକ କବୀର ମୋହନ ସେଠୀ, ପ୍ଲାଟିନମ୍ ଜୟନ୍ତୀ ଓଏସ୍‌ଡି ତଥା ଡିଏସ୍‌ଡବ୍ଲ୍ୟୁ ଡ. ଚିନ୍ମୟ ପ୍ରଧାନ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ।

### ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

ମଙ୍ଗଳବାର ପାଳନ ହେବ ଉତ୍କଳ ବିଶ୍ୱବିଦ୍ୟାଳୟର ୭୫ତମ ପ୍ରତିଷ୍ଠା ଦିବସ। ଏହି ପରିପ୍ରେକ୍ଷୀରେ ୩ମାସ ହେଲା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ଲାଟିନମ୍ ଜୁବୁଲି ଉତ୍ସବ ପାଳିତ ହୋଇଆସୁଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେବେ। ସମ୍ମାନିତ ଅତିଥି ଭାବେ ଜେଏନ୍‌ୟୁର ପ୍ରଫେସର ଆର.କେ ଜୈନ, ଭାରତ ସରକାରଙ୍କ ଡାକ ଓ ତାର ବିଭାଗର ସଚିବ ଅନନ୍ତ ନାରାୟଣ ନନ୍ଦ ଏବଂ ବିଶ୍ୱବିଦ୍ୟାଳୟର କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଉପସ୍ଥିତ ରହିବେ। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୋଷ୍ଟାଲ ଷ୍ଟାମ୍ପ ଏବଂ ଆଲୁମନି ୱେବପୋର୍ଟାଲ ଲୋକାର୍ପିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

■ ସିବିଆଇ ତଦନ୍ତ ଶେଷ କରିବା ଦାବି

# ସିଭିଲ୍ ସୋସାଇଟିର ୫ଦିନ ବ୍ୟାପୀ ପ୍ରତୀକ ଅନଶନ

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

ଚିଟ୍‌ଫଣ୍ଡ ଦୁର୍ନୀତି ଏବଂ ବ୍ଲାକରୋଜ ଜାହାଜ ବୁଡ଼ି ଘଟଣାର ସିବିଆଇ ତଦନ୍ତ ତୁରନ୍ତ ଶେଷ କରିବା ଦାବିରେ ସିଭିଲ୍ ସୋସାଇଟିର ୫ଦିନ ବ୍ୟାପୀ ପ୍ରତୀକ ଅନଶନ ସୋମବାରଠାରୁ ଆରମ୍ଭ ହୋଇଛି। ସାମାଜିକ କର୍ମୀ, ସୂଚନା ଅଧିକାର କର୍ମୀମାନେ ଏକଜୁଟ ହୋଇ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଅନଶନ ଆରମ୍ଭ କରିଛନ୍ତି। ଅନଶନସ୍ଥଳରେ ଏକ ମହାଯଜ୍ଞର ଆୟୋଜନ କରାଯାଇଥିଲା। ଏହି ଅନଶନରେ ସାମାଜିକ କର୍ମୀ ସଂଯୁକ୍ତା ପାଣିଗ୍ରାହୀ, ଜିତେନ୍ଦ୍ର ସାହୁ, ଆଇନଜୀବୀ ସୁଧୀର ମହାନ୍ତି, ପ୍ରତାପ ସାହୁ, ସଞ୍ଜୟ ସାହୁ, ଅବଦୁଲ ୱାଲି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ପ୍ରତୀକ ଅନଶନ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।




ଉଦ୍‌ଘାଟନୀ ଅବସରରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ଅନ୍ୟମାନେ।

# ନନ୍ଦନକାନନ ଥାନା ପାଇଲା ଆଦର୍ଶ ଥାନାର ମାନ୍ୟତା

**ବାରଙ୍ଗ,୨୬।୧୧(ଡି.ଏନ୍.ଏ.)**

ଆଦର୍ଶ ଥାନାର ମାନ୍ୟତା ପାଇଛି ନନ୍ଦନକାନନ ଥାନା। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ସଚିବାଳୟରେ ଭିଡିଓ କନଫରେନ୍ସି ମାଧ୍ୟମରେ ସନ୍ଧ୍ୟାରେ ଉଦ୍‌ଘାଟନ କରିଛନ୍ତି। ଆଦର୍ଶ ଥାନା ପାଇଁ ମୌଳିକ ସୁବିଧା ସହ ଭିତ୍ତିଭୂମିର ବ୍ୟବସ୍ଥା ଏହି ଥାନାରେ ଉପଲବ୍ଧ ଅଛି। ଏଠାରେ ମହିଳା ଓ ପୁରୁଷ ରହିବାପାଇଁ ୧୨ଟି ହାଜତ, ଅଭ୍ୟର୍ଥନା ଗୃହ, ବେତାର ଗୃହ, ମାଲଖାନା ଗୃହ, ସଭାଗୃହ, ପୋଲିସ ବ୍ୟାରିକେଡ, ବିଶ୍ରାମକକ୍ଷ, ମହିଳା ଶିଶୁ ଡେସ୍କ, ଶୌଚାଳୟ ଭଳି ସବୁ ସୁବିଧା ରହିଛି। ଥାନାରେ ଇନସ୍‌ପେକ୍ଟରଙ୍କୁ ମିଶାଇ ୩ଜଣ ସବଇନସପେକ୍ଟର, ଜଣେ ଏଏସଆଇ, ୧୨ଜଣ କନଷ୍ଟେବଳ ଓ ଓଡ଼ିଶା ଅଗଜୁଲାରୀ ପୋଲିସ ଫୋର୍ସ ୮ଜଣ ରହିଛନ୍ତି। ଏହି ଅବସରରେ ଥାନା ସଭାଗୃହରେ ନନ୍ଦନକାନନ ଥାନାଧିକାରୀ ରବୀନ୍ଦ୍ରନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉତ୍ତରବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆଡିଶନାଲ ଡିଜିପି ଆର.ପି. କୋଚେ, ଆଡସିନାଲ କମିସନର ସଞ୍ଜୟ କୁମାର ସିଂହ, ଜୋନ୬ ଏସିପି ରବିନାରାୟଣ ଶତପଥୀ, ଜିଲା ପରିଷଦ ସଭ୍ୟ କୁନାଲ ରାଉତ ଅତିଥିଭାବେ ଯୋଗଦାନ କରିଥିଲେ ।

ନନ୍ଦନକାନନ ଏହି ଥାନା ଅଧୀନରେ ରହୁଥିବାରୁ ଏହାର ଗୁରୁତ୍ୱ ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶମୁତାବକ ଲୋକମାନଙ୍କୁ ଉତ୍ତମ ବ୍ୟବହାର ବଜାୟ ରଖିବା ସହ ପୋଲିସ ଜନସାଧାରଣଙ୍କ ବନ୍ଧୁ ସାଜିଲେ ଆଦର୍ଶଥାନାର ମାନ ବୃଦ୍ଧି ହେବ ବୋଲି ବିଧାୟକ କହିଥିଲେ। ଏଥିରେ ଥାନା ଅଧୀନସ୍ଥ ଗ୍ରାମଗୁଡ଼ିକର ମୁରବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଥାନା ପରିସରରେ ଆଦର୍ଶ ଥାନାର ଏକ ଫଳକକୁ ବିଧାୟକ ଉଦ୍‌ଘାଟନ କରିଥିଲେ ।

## ଭାଜପାର ଜନ ପରାମର୍ଶ ପଦଯାତ୍ରା

**ପୁରୁଣା ଭୁବନେଶ୍ୱର,୨୬।୧୧(ଡି.ଏନ.ଏ.)**

ଭାଜପା ପକ୍ଷରୁ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସ୍ଥାନରେ ସୋମବାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଭାଜପା ନେତା ଅମୀୟ ଦାଶ ଅଧ୍ୟକ୍ଷତା କରିଥିଲେ। ଏହି ପଦଯାତ୍ରାରେ ଦଳର ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତି ଯୋଗଦେଇ ବିଭିନ୍ନ ସମସ୍ୟା କିପରି ସମାଧାନ ହେବ ସାଧାରଣ ଜନତା ପରାମର୍ଶ ଦେବା ପାଇଁ ସେ ନିବେଦନ କରିଥିଲେ। ଆଇଗିଣିଆରେ ଗଦାଧର ସୁନ୍ଦରରାୟଙ୍କ ସଂଯୋଜନାରେ ଏହି ପଦଯାତ୍ରା ହୋଇଥିବା ବେଳେ ନାଗେଶ୍ୱର ଟାଙ୍ଗୀ, ଗୌତମ ନଗରରେ ବିଜୟ ପରିଡ଼ାଙ୍କ ସଂଯୋଜନାରେ ଓ ପଳାସପଲ୍ଲୀରେ ମଦନ ମୋହନଙ୍କ ସଂଯୋଜନାରେ ପଦଯାତ୍ରା କରାଯାଇଥିଲା। ଏଥିରେ ସୁନିଲ ପଣ୍ଡା, ଶିବ ପ୍ରସାଦ ବେହେରା, କର୍ପୋରେଟର ରଘୁ ମହାନ୍ତି, ମଣ୍ଡଳ ସଭାପତି ଶେଷ ଶେଖର ଗରାବଡ୍ଡୁ, ଅଜୟ ଜେନା, ଅନିକେତ ବଟ୍ଟୁ, ସୁବାଷିନୀ ପୃଷ୍ଟି, ହେମନ୍ତ ରାଉତରାୟଙ୍କ ସମେତ କର୍ମୀମାନେ ସାମିଲ ହୋଇଥିଲେ।

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ବାଲିଅନ୍ତା,୨୬।୧୧(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ସାହେବନଗରସ୍ଥିତ ଖେଳ ପଡ଼ିଆରେ ସୋମବାର ବିଜୁ ଯୁବବାହିନୀ ପକ୍ଷରୁ ୩ଟି ପଞ୍ଚାୟତସ୍ତରୀୟ ମୁଁ ହିରୋ ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତାପରୁଦ୍ରପୁର, କାକରୁଦ୍ରପୁର ଓ ଜୟଦେବ ପଞ୍ଚାୟତର ବିଜୁ ଯୁବବାହିନୀର କର୍ମକର୍ତ୍ତା ଓ ଅନେକ ଯୁବ ପ୍ରତିଭା ଯୋଗଦେଇଥିଲେ। ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

# କିସ୍‌ରେ ଭାରତୀୟ ସମ୍ବିଧାନ ଦିବସ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**

୬୯ତମ ଭାରତୀୟ ସମ୍ବିଧାନ ଦିବସ ସୋମବାର କିସ୍ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ କିସ୍‌ର ୨୭ ହଜାର ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ଏବଂ କର୍ମଚାରୀ ଦେଶର ଜଣେ ଜଣେ ଦାୟିତ୍ୱବାନ୍, ପ୍ରତିବଦ୍ଧ ଓ ନିୟମ ପାଳନକାରୀ ନାଗରିକ ହେବା ପାଇଁ ଶପଥ ନେଇଥିଲେ। ପ୍ରତିବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ରୂପେ ପାଳନ କରାଯାଉଥିବା ବେଳେ ୧୯୪୯ ମସିହାର ଏହି ଦିବସରେ ଭାରତୀୟ ସଂସଦ ସମ୍ବିଧାନକୁ ଆପଣାଇଥିଲା ଏବଂ ୧୯୫୦ ମସିହା ଜାନୁୟାରୀ ୨୬ରୁ ସମ୍ବିଧାନ ବିଧିବଦ୍ଧ କାର୍ଯ୍ୟ କରିଆସୁଛି। କାର୍ଯ୍ୟକ୍ରମରେ କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ସମବେତ ଛାତ୍ରୀଛାତ୍ରଙ୍କୁ ସମ୍ବିଧାନ ଦିବସର ଗୁରୁତ୍ୱ ସମ୍ପର୍କରେ କହିବା ସହ ସମ୍ବିଧାନ ପ୍ରଣୟନ ଦିଗରେ ଡ. ବି. ଆର୍. ଆମ୍ବେଡକରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କିସ୍‌ର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାତ୍ର ଉପସ୍ଥିତ ରହି ସମ୍ବିଧାନକୁ ମାନି ଚଳିବା କିଭଳି ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ, ସେ ସମ୍ପର୍କରେ ବୁଝାଇଥିଲେ। ସୁପ୍ରିୟା ପଟ୍ଟନାୟକ ପିଲାମାନଙ୍କୁ ସୁନାଗରିକ ହେବା ପାଇଁ ଶପଥ ପାଠ କରାଇଥିଲେ।

# ପର୍ଯ୍ୟଟକ ବୃଦ୍ଧି ପାଇଁ 'ଏଚ୍‌ଆର୍‌ଏଓ'ର ପରାମର୍ଶ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**




■ ବ୍ରାଣ୍ଡିଂ, ମାର୍କେଟିଂ ଉପରେ ଫୋକସ୍
■ ସେଲିବ୍ରିଟି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ପାଇଁ ପରାମର୍ଶ
■ ଦୃଢ଼ ସୋସିଆଲ ମିଡିଆ ଟିମ୍ କରିବାକୁ ଦାବି

ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଡିଜିଟାଲ ପ୍ଲାଟଫର୍ମକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ବର୍ତ୍ତମାନର ଯୁବପିଢ଼ି ୫୦ ପ୍ରତିଶତ ସମୟ ସୋସିଆଲ ମିଡିଆରେ ଅତିବାହିତ କରୁଥିବା ବେଳେ ଏହା ମାଧ୍ୟମରେ ପର୍ଯ୍ୟଟନର ପ୍ରଚାର ପ୍ରସାର ଏକ ଭଲ ପଦକ୍ଷେପ। ଏଥିଲାଗି ଓଡ଼ିଶା ପର୍ଯ୍ୟଟନ ଏକ ସ୍ୱତନ୍ତ୍ର ଡିଜିଟାଲ ମାର୍କେଟିଂ ଟିମ୍ ରଖି ଅତିକମ୍‌ରେ ବଜେଟର ୨୦ ପ୍ରତିଶତ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ ଖର୍ଚ୍ଚ କରିବା ଉଚିତ। ନାଇଟ୍ ଲାଇଫ୍, ରକ୍ ବ୍ୟାଣ୍ଡ, କାର୍ ରାଲି, ଆଡ୍‌ଭେଞ୍ଚର ଓ ୱାଟର ସ୍ପୋର୍ଟସ, ବ୍ରାଣ୍ଡିଂ ଓ ମାର୍କେଟିଂ, ସେଲିବ୍ରିଟି ବ୍ରାଣ୍ଡ ଆମ୍ବାସାଡର, ଷ୍ଟାର୍ ହୋଟେଲ ପ୍ରତିଷ୍ଠା ଆଦି ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ହୋଟେଲ ଓ ପର୍ଯ୍ୟଟନ ଶିଳ୍ପରେ ପ୍ରଫେସନାଲମାନଙ୍କୁ ନିଯୁକ୍ତି ଦିଆଯିବା ଏବଂ ରାଜ୍ୟରେ ମାଇସ୍ ଓ ମେଡିକାଲ ଟୁରିଜମ୍ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବାରୁ ଏହାର ବିକାଶ କଥା ଚିନ୍ତା କରାଯିବା ଆବଶ୍ୟକ ବୋଲି ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା(ଏଚ୍‌ଆର୍‌ଏଓ) ପକ୍ଷରୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ଗତ ଅଗଷ୍ଟରେ ଆୟୋଜିତ ହୋଇଥିବା ୩ୟ ଓଡ଼ିଶା ପର୍ଯ୍ୟଟନ ସମ୍ମିଳନୀର ନିଷ୍କର୍ଷକୁ ଆଧାର କରି ରାଜ୍ୟ ପର୍ଯ୍ୟଟନ ବିଭାଗକୁ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛି ଏଚ୍‌ଆର୍‌ଏଓ।

ରାଜ୍ୟରେ ମାସ୍ ଟୁରିଜମ୍ ପରିବର୍ତ୍ତେ ଏବେ କ୍ଲାସ୍ ଟୁରିଜମ୍‌କୁ ଗୁରୁତ୍ୱ ଦିଆଯିବା ଉଚିତ। ଯୁବବର୍ଗଙ୍କ ପାଇଁ ପର୍ଯ୍ୟଟନ ଶିଳ୍ପର ବ୍ୟାପକତା ବୃଦ୍ଧି ପାଉଥିବାରୁ ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ଉପାଦାନ ଉପଲବ୍ଧ କରାଇବା ଦରକାର। ଅଧିକରୁ ଅଧିକ ରାଷ୍ଟ୍ରକୁ ସିଧାସଳଖ ବିମାନ ଚଳାଚଳ ସେବା ଯୋଗାଇବା ସହ ଅଧିକ ଷ୍ଟାର୍ ହୋଟେଲ ପ୍ରତିଷ୍ଠା କରିବାକୁ କୁହାଯାଇଛି। ସେହିଭଳି ସ୍ୱତନ୍ତ୍ର ବ୍ରାଣ୍ଡିଂ ଏକ୍ସପର୍ଟଙ୍କ ଦ୍ୱାରା ପର୍ଯ୍ୟଟନ ସମ୍ବଳର ଉଚିତ ମାର୍କେଟିଂ କରାଯିବାର ଆବଶ୍ୟକତା ରହିଛି। ଘରୋଇ ପର୍ଯ୍ୟଟକ ବୃଦ୍ଧି ଉପରେ ଫୋକସ୍ କରିବା ସହ ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ଜାତୀୟ କିମ୍ବା ଅନ୍ତର୍ଜାତୀୟସ୍ତରର ସେଲିବ୍ରିଟିଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିବାକୁ ଏଚ୍‌ଆର୍‌ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି।

## କାର୍ତ୍ତିକେଶ୍ୱର ପୂଜାର ପ୍ରଥମପର୍ଯ୍ୟାୟ ଭସାଣି

**ବାରଙ୍ଗ,୨୬।୧୧(ଡି.ଏନ୍.ଏ.)**

ବାରଙ୍ଗ ପ୍ରସିଦ୍ଧପର୍ବ କାର୍ତ୍ତିକେଶ୍ୱର ପୂଜାର ମଙ୍ଗଳବାର ଆରମ୍ଭ ହୋଇଛି ଭସାଣି ଉତ୍ସବ। ଦୁଇଟି ପର୍ଯ୍ୟାୟରେ ଭସାଣି କରାଯିବାକୁ ବାରଙ୍ଗ ଆଞ୍ଚଳିକ ଶାନ୍ତିକମିଟି ପକ୍ଷରୁ ପ୍ରଶାସନ ସହ ଆଲୋଚନା ହୋଇଛି। ଏହି ପୂଜାକୁ କେତେକ ଗ୍ରାମବାସୀ ପଞ୍ଚୁକରୁ ଆରମ୍ଭ କରିଥିବାବେଳେ ଅନ୍ୟକେତେ କାର୍ତ୍ତିକ ପୂର୍ଣ୍ଣିମାରେ ପୂଜା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ତ୍ରିଶୁଳିଆ ପଟରୁ ପ୍ରାୟ ୧୭ଟି ମେଢ଼ ଯୋଗ ଦେଇଥିଲେ। ଶାନ୍ତିଶୃଙ୍ଖଳା ସହ ନିଶାମୁକ୍ତ ଓ ପ୍ଲାଷ୍ଟିକମୁକ୍ତ ଭାବେ ଶୋଭାଯାତ୍ରାରେ ସାମିଲ ହେବାକୁ ଶାନ୍ତି କମିଟିର ସଭାପତି ପ୍ରତାପ ଚନ୍ଦ୍ର ପାଣି, ସମ୍ପାଦକ ସୁରେଶ ମହାନ୍ତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଧାକର ପାଣି, ଅଶୋକ ରାଉତ, ବିଜୟ ପଣ୍ଡା, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ପରାମର୍ଶ ଦେଇଛନ୍ତି।



ଗପ ଶୁଣିବା ମୋ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି ।
– ରାଧିକା ଆପ୍ତେ, ବଲିଉଡ୍ ଅଭିନେତ୍ରୀ



# ମହିଳାଙ୍କ ପାଇଁ 'ସବୁଠୁ ବିପଦ' ଘର

**ଭିଏନା:**

୨୦୧୭ରେ ସାରା ବିଶ୍ୱରେ ଯେତେ ମହିଳାଙ୍କୁ ହତ୍ୟା କରାଯାଇଛି ତନ୍ମଧ୍ୟରୁ ଅର୍ଦ୍ଧେକ ମହିଳା ନିଜ ସ୍ୱାମୀ ବା ପରିବାର ସଦସ୍ୟଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି। ଏହି ଦୃଷ୍ଟିରୁ ଗୃହ ହିଁ ମହିଳାଙ୍କ ନିମନ୍ତେ ସର୍ବାଧିକ ବିପଜ୍ଜନକ ସ୍ଥଳ ବୋଲି ଜାତିସଂଘ ଦ୍ୱାରା କରାଯାଇଥିବା ଏକ ନୂତନ ଅଧ୍ୟୟନରୁ ଜାଣିବାକୁ ମିଳିଛି।

ଅନ୍ତର୍ଜାତୀୟ ମହିଳା ବିରୋଧୀ ହିଂସା ଦୂରୀକରଣ ଦିବସରେ ୟୁନାଇଟେଡ ନେସନ୍ସ ଅଫିସ ଅନ୍ ଡ୍ରଗ୍ସ ଆଣ୍ଡ କ୍ରାଇମ୍ (ୟୁଏନ୍ଓଡିସି) ଦ୍ୱାରା ଏ ସଂକ୍ରାନ୍ତୀୟ ଏକ ପରିସଂଖ୍ୟାନ ଉନ୍ମୋଚିତ ହୋଇଛି। ଏଥିରେ କୁହାଯାଇଛି ୨୦୧୭ରେ ବିଶ୍ୱରେ ୮୭,୦୦୦ ମହିଳାଙ୍କୁ ହତ୍ୟା କରାଯାଇଛି। ତନ୍ମଧ୍ୟରୁ ୫୮% ବା ପାଖାପାଖି ୫୦,୦୦୦ ମହିଳାଙ୍କୁ ତାଙ୍କ ସ୍ୱାମୀ ବା ପରିବାର ସଦସ୍ୟ ହତ୍ୟା କରିଛନ୍ତି। ପାଖାପାଖି ୩୪% ବା ୩୦,୦୦୦ ମହିଳାଙ୍କୁ କେବଳ ସେମାନଙ୍କ ସ୍ୱାମୀ ହିଁ ହତ୍ୟା କରିଛନ୍ତି। ତେବେ ପରିସଂଖ୍ୟାନ ଅନୁସାରେ ପ୍ରତି ଘଣ୍ଟାରେ ୬ ମହିଳାଙ୍କୁ ହତ୍ୟା କରାଯାଉଛି ବୋଲି ଭିଏନାସ୍ଥିତ ୟୁଏନ୍ଓଡିସି ପକ୍ଷରୁ ସୂଚନା ମିଳିଛି। ଉକ୍ତ ଅଧ୍ୟୟନରେ କୁହାଯାଇଛି, ଆଫ୍ରିକା ଓ ଆମେରିକାରେ ଅଧିକାଂଶ ମହିଳା ମୃତ୍ୟୁ ଘଟଣାରେ ସେମାନଙ୍କ ଜୀବନସାଥୀ ଏବଂ ପରିବାର ସଦସ୍ୟ ଦାୟୀ। ଆଫ୍ରିକାରେ ପ୍ରତି ଲକ୍ଷେ ମହିଳାରେ ୩.୧ ହତ୍ୟାର ଶିକାର ହେଉଥିବା ବେଳେ ଆମେରିକାରେ ଏହି ହାର ୧.୬, ଓସନିଆରେ ଏହି ହାର ୧.୩ ଏବଂ ଏସିଆରେ ୦.୯। ତେବେ ଏ କ୍ଷେତ୍ରରେ ସବୁଠୁ ନିମ୍ନରେ ରହିଛି ୟୁରୋପ। ଏଠାରେ ପ୍ରତି ଲକ୍ଷେ ମହିଳାରେ ହତ୍ୟାର ଶିକାର ହେଉଥିବା ମହିଳା ହେଉଛନ୍ତି ୦.୭।

ପୋଲିସ, ନ୍ୟାୟ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ସେବା ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ମହିଳା ହତ୍ୟା ହାରକୁ ରୋକାଯାଇପାରିବ। ଏଥିସହ ଶିକ୍ଷା ଓ ସଚେତନତା ଏବଂ ସମସ୍ୟା ସମାଧାନରେ ପୁରୁଷଙ୍କୁ ସମ୍ପୃକ୍ତ କରାଇବା ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ୟୁଏନ୍ଓଡିସି ପକ୍ଷରୁ ପରାମର୍ଶ ଦିଆଯାଇଛି।




# ଗୌରବ ଅର୍ଜିଲେ ଶିଳ୍ପା

**ପୁଣେ:** ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀଙ୍କ ନେତୃତ୍ୱରେ ୨୩୫୩ ଜଣ ବ୍ୟକ୍ତି ଏକକାଳୀନ ଦୀର୍ଘ ୬୦ ସେକେଣ୍ଡ ଆବଡୋମିନାଲ୍ ପ୍ଲାଙ୍କ୍ ପୋଜିଶନ୍‌ରେ ରହି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ପୁଣେସ୍ଥିତ ସଶସ୍ତ୍ର ବାହିନୀ ମେଡିକାଲ କଲେଜ ଗ୍ରାଉଣ୍ଡ୍‌ରେ ବଜାଜ୍ ଆଲିଆଞ୍ଜ୍ ଲାଇଫ ଇନ୍ସ୍ୟୁରାନ୍ସ କମ୍ପାନୀ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ୨୦୧୭ ମାର୍ଚ୍ଚ ୧୮ରେ ଚାଇନାର ଲୁଆନ୍‌ସ୍ଥିତ ସେଣ୍ଟ୍ରାଲ୍ ପାର୍କରେ ୧୭୭୯ ବ୍ୟକ୍ତି ଏକକାଳୀନ ପ୍ଲାଙ୍କ୍ ମୁଦ୍ରା କରି ବିଶ୍ୱ ରେକର୍ଡ କରିଥିଲେ। ତେବେ ଭାରତ ସେହି ରେକର୍ଡକୁ ଭଙ୍ଗ କରିପାରିଛି। ଏଥିରେ ଉତ୍ସାହିତ ହୋଇ ଶିଳ୍ପା କହିଛନ୍ତି, ଶାରୀରିକ ଉପଯୁକ୍ତତା ପାଇଁ ଯାହା କିଛି କରିବାକୁ ହେବ ସେ କରିବେ। ଏ ସଂକ୍ରାନ୍ତୀୟ ସଚେତନତା ସୃଷ୍ଟି ପାଇଁ ଯେ କୌଣସି ସ୍ଥାନକୁ ଯାଇପାରିବେ। କାରଣ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଅନ୍ୟମାନଙ୍କୁ ସେ ସମର୍ଥନ କରିବେ ବୋଲି ପ୍ରକାଶ କରିଛନ୍ତି। ଶିଳ୍ପା ପ୍ରଥମେ ପ୍ଲାଙ୍କ ଭଙ୍ଗୀ ପ୍ରଦର୍ଶନ କରିଥିଲେ। ଏହାପରେ ଅଂଶଗ୍ରହଣକାରୀମାନେ ତାଙ୍କୁ ଠିକ୍ ଭାବେ ଅନୁସରଣ କରିଥିଲେ। ସମସ୍ତେ ୧ ମିନିଟ୍ ପର୍ଯ୍ୟନ୍ତ ଗୋଟିଏ ମୁଦ୍ରାରେ ରହି ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ। ସ୍ୱାଭାବିକ ଭାବରେ ୨ ମିନିଟ୍ ପର୍ଯ୍ୟନ୍ତ ଏଭଳି ସ୍ଥିତିରେ ରହିପାରିବେ ବୋଲି ଶିଳ୍ପା ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ। ଗିନିଜ୍ ୱାର୍ଲଡ ରେକର୍ଡ୍ସର ବିଚାରକ ରିଶି ନାଥ ନିଜ ଗିନିଜ୍ ୱାର୍ଲଡ ରେକର୍ଡସ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ।



## ଇତିହାସର ଆଇନାରେ

### ନଭେମ୍ବର ୨୭ର ପ୍ରମୁଖ ଘଟଣା

୧୯୦୧ ନଭେମ୍ବର ୨୭ରେ ଆମେରିକାରେ ପ୍ରତିଷ୍ଠା ହୋଇଥିଲା ସାମରିକ ଯୁଦ୍ଧ କଲେଜ। ଦେଶର ପେନ୍‌ସିଲ୍‌ଭାନିଆ ଅନ୍ତର୍ଗତ ଚାର୍ଲିସ୍‌ଲେଠାରେ ୫୦୦ ଏକର ଅଞ୍ଚଳରେ ଏହାର ପ୍ରତିଷ୍ଠା କରାଯାଇଥିଲା। ଏଠାରେ ବରିଷ୍ଠ ସେନା ଅଧିକାରୀଙ୍କୁ ଏବଂ ସାଧାରଣ ଜନତାଙ୍କୁ ଗ୍ରାଜୁଏଟ୍ ଲେଭେଲ୍ ପ୍ରଶିକ୍ଷଣ ସାଙ୍ଗକୁ ବରିଷ୍ଠ ନେତୃତ୍ୱ ଏବଂ କାର୍ଯ୍ୟ ଲାଗି ଶିକ୍ଷା ଦିଆଯାଉଥିଲା। ପ୍ରତିବର୍ଷ ଏଠାରେ ବହୁ ସଂଖ୍ୟାରେ ସେନା କଲୋନେଲ୍ ଏବଂ ଲ୍ୟୁଟନାଣ୍ଟ କଲୋନେଲ୍ ନାମ ଲେଖାଇଥାନ୍ତି। ଏଠାରେ ଥରକେ ୮୦୦ ଛାତ୍ରୀଛାତ୍ର ଅଧ୍ୟୟନ କରିଥାନ୍ତି। ପାସ୍ ପରେ କ୍ୟାଡେଟ୍‌ଙ୍କୁ ଷ୍ଟ୍ରାଟିଜିକ୍ ଟ୍ରେନିଂରେ ମାଷ୍ଟର ଡିଗ୍ରୀ ପ୍ରଦାନ କରାଯାଇଥାଏ।

୧୯୬୮ ନଭେମ୍ବର ୨୭ରେ ପେନି ଆନ୍ ଆର୍ଲି ପ୍ରଥମ ମହିଳା ଭାବେ ପ୍ରମୁଖ ପ୍ରଫେଶନାଲ୍ ବାସ୍କେଟ୍‌ବଲ୍ ପ୍ରତିଯୋଗିତାରେ ଖେଳିବାର ସୁଯୋଗ ପାଇଥିଲେ। ସେହିବର୍ଷ ସେ ଆମେରିକାର ପ୍ରଥମ ଘୋଡ଼ା ଦୌଡ଼ାଳିର ମାନ୍ୟତା ମଧ୍ୟ ପାଇଥିଲେ। କିନ୍ତୁ ତାଙ୍କର ଏହି ସଫଳତାକୁ ପ୍ରଥମେ ପୁରୁଷ ଘୋଡ଼ା ଦୌଡ଼ାଳିମାନେ ବିରୋଧ କରିଥିଲେ। ସେମାନଙ୍କ ବିରୋଧ ଯୋଗୁ ତାଙ୍କୁ ପ୍ରଥମ କେତୋଟି ଘୋଡ଼ାଦୌଡ଼ରୁ ବାଦ୍ ରହିବାକୁ ପଡ଼ିଥିଲା। ଆର୍ଲିଙ୍କୁ ନେଇ ବିବାଦ ଲାଗି ରହିଥିବାବେଳେ ଆମେରିକା ବାସ୍କେଟ୍‌ବଲ ଆସୋସିଏଶନ୍‌ର କେଣ୍ଟୁକୀ କଲୋନେଲ୍ସ ତାଙ୍କୁ ସାଇନ୍ କରିଥିଲା। ଲସ୍ ଏଞ୍ଜେଲ୍ସ ଷ୍ଟାର୍ ବିରୋଧରେ ସେ ଏହି ଖେଳ ଖେଳିଥିଲେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୫ | ୧୩.୮ |
| ଚାନ୍ଦବାଲି | ୨୮.୩ | ୧୫.୪ |
| କଟକ | ୨୯.୪ | ୧୪.୦ |
| ପାରାଦ୍ୱୀପ | ୨୯.୯ | ୧୭.୩ |
| ଭୁବନେଶ୍ୱର | ୩୦.୬ | ୧୩.୮ |
| ଗୋପାଳପୁର | ୩୧.୦ | ୧୫.୪ |
| ପୁରୀ | ୩୦.୦ | ୧୮.୦ |
| ଅନୁଗୋଳ | ୨୮.୩ | ୧୦.୬ |
| ବାରିପଦା | ୨୭.୨ | ୧୪.୨ |
| ଝାରସୁଗୁଡ଼ା | ୩୦.୫ | ୧୨.୦ |
| କେନ୍ଦୁଝର | ୨୭.୨ | ୧୧.୮ |
| ସମ୍ବଲପୁର | ୩୦.୬ | ୧୨.୫ |
| ସୁନ୍ଦରଗଡ଼ | ୨୮.୦ | ୧୨.୫ |
| ହୀରାକୁଦ | ୩୦.୩ | ୧୨.୬ |
| ତାଲଚେର | ୩୨.୨ | ୧୨.୪ |
| ଭବାନୀପାଟଣା | ୨୯.୦ | ୧୧.୦ |
| ବଲାଙ୍ଗୀର | ୨୯.୭ | ୧୨.୬ |
| କୋରାପୁଟ | ୨୭.୬ | ୯.୬ |
| ଫୁଲବାଣୀ | ୨୬.୫ | ୯.୦ |
| ଟିଟିଲାଗଡ଼ | --- | ୧୧.୫ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୦.୦ | ୧୧.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ମଙ୍ଗଳକୁ ଯିବେ ଏଲନ୍ ମସ୍କ



**ୱାଶିଂଟନ୍:** ସ୍ପେସେକ୍ସ ସିଇଓ ଏଲନ୍ ମସ୍କ ମଙ୍ଗଳ ଗ୍ରହକୁ ଯିବା ୭୦% ସମ୍ଭାବନା ଅଛି। ସେ ମଙ୍ଗଳ ଗ୍ରହକୁ ଯିବା ବାଟରେ କିମ୍ବା ମଙ୍ଗଳରେ ଅବତରଣ କରିବାପରେ ଯଦି ମୃତ୍ୟୁବରଣ କରନ୍ତି ତାହା ତାଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହେବ ବୋଲି ସେ ପ୍ରକାଶ କରିଛନ୍ତି। ମସ୍କ ଏକ ସାକ୍ଷାତକାରରେ କହିଛନ୍ତି, ସେ ମଙ୍ଗଳ ଗ୍ରହକୁ ଯାତ୍ରା କରିବା ପାଇଁ ଅତ୍ୟନ୍ତ ଉତ୍ସାହିତ। ସେଠାରେ ସେ ଏକ ନୂଆ ଦୁନିଆ ଦେଖିବାକୁ ପାଇବେ। ଏହି ଭାବନାରେ ତାଙ୍କର ଆନନ୍ଦ କହିଲେ ନ ସରେ। ମଙ୍ଗଳ ଅଭିଯାନ ଅତ୍ୟନ୍ତ ବିପଦପୂର୍ଣ୍ଣ ବୋଲି ସେ ଜାଣନ୍ତି। କିନ୍ତୁ ପୃଥିବୀ ଅପେକ୍ଷା ମଙ୍ଗଳରେ ମରିବାକୁ ସେ ଭଲ ପାଆନ୍ତି ବୋଲି ପ୍ରକାଶ କରିଛନ୍ତି। ମାଉଣ୍ଟ ଏଭେରଷ୍ଟ ଆରୋହଣ କରିବା ବେଳେ କେତେଜଣ ଲୋକ ମୃତ୍ୟୁବରଣ କରନ୍ତି। ତଥାପି ମଣିଷ ଦୁଃସାହସିକ ଚ୍ୟାଲେଞ୍ଜ୍ ଛାଡ଼ିଦେଇ ନାହିଁ ବୋଲି ସେ ପ୍ରକାଶ କରିଥିଲେ।

With Best Compliments From :
ଇଣ୍ଡିଆନଓୟଲ IndianOil
M/s. BARIPADA FUELS
Authorised Dealer :
Indian Oil Corporation Ltd.
Murgabadi Golei, Baripada, Mayurbhanj

ପାତ୍ର ଜୁଏଲାରୀ
ଲକ୍ଷ୍ମୀ ମାର୍କେଟ୍, (ବସ୍ ଷ୍ଟାଣ୍ଡ), ଜାରକା, ଯାଜପୁର
ପ୍ରୋ: ଶରତ ଚନ୍ଦ୍ର ପାତ୍ର
ଆଜି ହିଁ ପଦାର୍ପଣ କରନ୍ତୁ
ଅତ୍ୟାଧୁନିକ ଡିଜାଇନର
୨୨ କ୍ୟାରେଟ୍ ଖାଣ୍ଟି
ଗିନି ସୁନା ଓ ରୁପାର
ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ମାଁ ବରାଳଦେବୀ ଅଟୋମୋବାଇଲସ୍ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
Mahindra Rise.
ଚାଷୀଭାଇଙ୍କର ଆଶା ଓ ଭରସା
ମହିନ୍ଦ୍ରା ଟ୍ରାକ୍ଟର ନଂ–୧ ଟ୍ରାକ୍ଟର
ସହଜ ଋଣ ଉପଲବ୍ଧ
ଆକର୍ଷଣୀୟ ଉପହାର
ମାଁ ବରାଳଦେବୀ ଅଟୋମୋବାଇଲସ୍
ଏଫ୍.ସି.ଆଇ. ଛକ, ଭୁବନେଶ୍ୱର ରୋଡ଼, ଫୁଲବାଣୀ, କନ୍ଧମାଳ
ଯୋଗାଯୋଗ ଠିକଣା: 06842-154520 (ଅଫିସ), 9337097677
ବ୍ରାଞ୍ଚ ଅଫିସ୍: ବାଲିଗୁଡ଼ା (ଦଣ୍ଡପଦର), ଯୋଗାଯୋଗ: 8480206408
ଦାରିଙ୍ଗବାଡ଼ି (ବସ୍‌ଷ୍ଟାଣ୍ଡ ପାଖ), ଯୋଗାଯୋଗ: 8280333361, 6371777496

With Best Compliments Froms :




ADITYA HERO, BAISINGA (Mayurbhanj)
6371171881

With Best Compliments From-
Sj. Umakanta Nayak
Inspector Incharge,
Dharmasala Police Station
AMA POLICE
Dharmasala, Jajpur

With Best Compliments From-
Akshya Kumar Nayak
(Managing Partner)
M/S. BHUBANESWARI CONSTRUCTION
At: Bhuban, PO: Dharmasala, Dist: Jajpur-755008, Office at: Jaraka, Jajpur-755050
Land Line: 06725-273206, Mob: 9437170506, 9437088393, E-mail: bhubaneswariconstruction@gmail.com

With Best Compliments From-
M/S. P.C.R. FILLING STATION
NUAGAON, JARAKA, DIST.- JAJPUR
Authorised Dealer-
BHARAT PETROLEUM
Bharat Petroleum
ଏଠାରେ ଶୁଦ୍ଧ ପେଟ୍ରୋଲ ଓ ଡିଜେଲ ପକାଇ ମାଇଲେଜ୍ ବଢ଼ାନ୍ତୁ।

With Best Compliments From-
PREMIER ROCK PRODUCTS PVT. LTD.
Dankari, Dharmasala, Jajpur (Odisha)
ଏଠାରେ ଉନ୍ନତ ଧରଣର କଳା ପଥର, ଚିପ୍ସ, ମେଟାଲ, ବହୁରି, ସୁଲଭ ମୂଲ୍ୟରେ ମିଳେ।

With Best Compliments From-
The best time to plant a tree just now.
A WELL WISHER
Dharmasala, Jajpur

With Best Compliments From-
M/S. MAMALI FILLING STATION
M/S. ASUTOSH CONSTRUCTION
Kaima, Dharmasala, Jajpur
Porp.:
SARAT KUMAR NAYAK
Authorised Dealer-
BHARAT PETROLEUM
Bharat Petroleum
ଏଠାରୁ ଶୁଦ୍ଧ ତେଲ ପକାଇ ଗାଡ଼ିର ମାଇଲେଜ୍ ବଢ଼ାନ୍ତୁ

With Best Compliments From-
Sj. Susanta Kumar Das
Inspector Incharge, Jenapur, Police Station
AMA POLICE
Jenapur, Jajpur

With Best Compliments From-
SAVE FOREST LOVE INDUSTRY
Ratikant Samal
President
Depak Kumar Behera
Joint Secretary
SAW MILL CLUSTER
ODISHA WOOD BASED INDUSTRIES COUNCIL
Jaraka Industrial Estate, Dharmasala, Jajpur

## ସଂକ୍ଷେପରେ

### ଗୁଣିଆ ସନ୍ଦେହରେ ଜଣକୁ ହତ୍ୟା:୩ ଗିରଫ

**ମାଲକାନଗିରି, ୨୬।୧୧(ଡି.ଏନ.ଏ):** ମାଲକାନଗିରି ଜିଲାରେ ଗୁଣିଆ ସନ୍ଦେହରେ ଜଣକୁ ହତ୍ୟା କରାଯିବା ଘଟଣା ସୋମବାର ପଦାକୁ ଆସିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ନାଚପାର୍ଟିରେ ଲୋକ ନ ହେବାକୁ ନେଇ ଏପରି ଘଟଣା ଘଟିଥିବା କୁହାଯାଉଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଗବାନ ବେହେରା, ତ୍ରିନାଥ ପୂଜାରି ଓ ଲକି ବେହେରା। ଖବରରୁ ଜଣାପଡିଛି କଲାଗୁଡା ଗ୍ରାମବାସୀ ଗତବର୍ଷ ଏକ ଦେଶିଆ ନାଚପାର୍ଟି ଗ୍ରାମକୁ ଆଣିଥିଲେ। ଗତବର୍ଷ ନାଚ ଦେଖିବାକୁ ବହୁତ ଲୋକ ଆସିଥିଲେ। ଚଳିତ ବର୍ଷ ମଧ ନାଚପାର୍ଟି ଆଣିଥିଲେ। ମାତ୍ର ନାଚ ଦେଖିବାକୁ ଲୋକ ହୋଇ ନ ଥିଲେ। ଫଳରେ ଗ୍ରାମ କମିଟି ଆର୍ଥିକ ବୋଝ ସହିଥିଲେ । ଏଥିରେ ଲିମାଗୁଡାର ଚୈତନ୍ୟ ନାୟକ ଗୁଣି କରି ଲୋକଙ୍କୁ ଅଟକାଉଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ଗତ ୨୦ ତାରିଖ ରାତିରେ ଭଗବାନ, ତ୍ରିନାଥ, ଲକି ଦୁର୍ମାଗୁଡା ନାଚ ଦେଖିବାକୁ ଯାଇଥିବା ବେଳେ ସେଠାରେ ଚୈତନ୍ୟଙ୍କୁ ଦେଖି ତାଙ୍କୁ ଚିଡିପାଲି ନାଚ ଦେଖିବା ପାଇଁ ସାଙ୍ଗରେ ଡାକି ନେଇଥିଲେ । ସେହିଦିନ ରାତି ୩ଟାରେ ସମସ୍ତେ ନାଚ ଦେଖି ଫେରୁଥିବା ବେଳେ ଚୈତନ୍ୟଙ୍କୁ ଉପରୋକ୍ତ ୩ ଜଣ ରାସ୍ତାରେ ମାଡ ମାରି ହାତଗୋଡ ବାନ୍ଧି ପୋଖରୀରେ ଫିଙ୍ଗି ଦେଇଥିଲେ।୨ଦିନ ପରେ ଚୈତନ୍ୟଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଗତ ୨୩ରେ ଏମ.ଭି-୨୨ ଗ୍ରାମର ତାପସ ବାଛାଡ୍ ଆମ୍ବଗଛଗୁଡା ନିକଟରେ ଥିବା ତାଙ୍କ ପୋଖରୀରେ ହାତଗୋଡ ବନ୍ଧା ଅବସ୍ଥାରେ ଏକ ମୃତଦେହ ପାଣିରେ ଭାସୁଥିବା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି । ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିଲା। ପରେ ସୋମବାର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ପରେ ଘଟଣା ବିଷୟରେ ଜଣାପଡ଼ିଥିଲା।

■ ପୋକତୁଙ୍ଗାରେ ହାତୀ ଉପଦ୍ରବ

# ନଷ୍ଟ କଲେ ୬ ହଜାର କଦଳୀ ଗଛ

■୨ମାସରେ ପାକଳ ହୋଇଥାନ୍ତା କାନ୍ଦି

■ଧାନ, ଫୁଲ, ବିରି ଫସଲ ମଧ କ୍ଷତିଗ୍ରସ୍ତ

■କ୍ଷତିପୂରଣ ଦାବି କଲେ ୩୦ ଚାଷୀ

**ବନ୍ତଲା, ୨୬।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ରେଞ୍ଜ ପୋକତୁଙ୍ଗା ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଫସଲ କ୍ଷତି ଘଟିଛି। ଧାନ, ଫୁଲ, ବିରି ଫସଲ ସହ ଚାଷୀଙ୍କ କଦଳୀ ବଗିଚା ଉଜୁଡ଼ି ଯାଇଛି। ଶନିବାର ଓ ରବିବାର ୨ ଦିନ ଧରି ୭ଟି ହାତୀ ଏଠାରେ ପଶି ଫସଲ ନଷ୍ଟ କରୁଥିଲେ ବି ବନ ବିଭାଗ ଘଉଡ଼ାଇବାରେ ବିଫଳ ହୋଇଛି। ଫଳରେ ବ୍ୟାଙ୍କରୁ ଋଣ ଓ ଗାଁରୁ ସୁଧିଆରେ ଟଙ୍କା ଆଣି କଦଳୀ ଚାଷ କରିଥିବା ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଆଉ ୨ ମାସ ପରେ କଦଳୀ କାନ୍ଦୀ ପାକଳ ହୋଇଥାନ୍ତା। ଚାଷୀମାନେ ସେଥିରୁ ଭଲ ଆୟ କରି ଋଣ ଶୁଝିବା ସହ ବର୍ଷକ ଚଳିବା ପାଇଁ ଅର୍ଥ ସଂଗ୍ରହ କରିଥାନ୍ତେ। ହେଲେ ହାତୀପଲ ସବୁକିଛି ଛାରଖାର କରିଦେଇଥିବାରୁ ତୁରନ୍ତ ସେମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ୩୦ ଚାଷୀ ଦାବି କରିଛନ୍ତି।

ହାତୀପଲ ଗାଁକୁ ପଶିଆସିବା ଖବର ପାଇବା ପରେ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ୨ ଦିନ ଧରି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଥିଲା। ହେଲେ ହାତୀଙ୍କୁ ସାତକୋଶିଆ ଅଭୟାରଣ୍ୟ ମଧକୁ ଘଉଡ଼ାଇବାରେ ବନ କର୍ମଚାରୀମାନେ ସଫଳ ହୋଇ ନ ଥିଲେ। ରାତିରେ ବାଣ ଫୁଟାଇ ଓ ଲାଇଟ୍ ପକାଇ ସେମାନେ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ ବି ହାତୀ ପୁଣି ଗାଁକୁ ପଶିଆସି ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରିଥିଲେ। ଗ୍ରାମର ବିଜୟ ସାହୁଙ୍କ ୫୫୦ କଦଳୀ ଗଛ, ଅଭୟ ସାହୁଙ୍କ ୪୦୦, ଛବି ସାହୁଙ୍କ ୪୦୦, କବି ସାହୁଙ୍କ ୩୦୦, ଲକ୍ଷ୍ମୀ ମହାଲିକଙ୍କ ୩୦୦, ଘୁରୁଡୁ ପ୍ରଧାନଙ୍କ ୨୦୦, ସୁରେଶ ପ୍ରଧାନଙ୍କ ୧୫୦, ପ୍ରଶାନ୍ତ ଦେହୁରୀଙ୍କ ୧୦୦, ନିରଞ୍ଜନ ପ୍ରଧାନଙ୍କ ୨୦୦, ପ୍ରଭାକର ମହାଲିକଙ୍କ ୨୦୦, ହେମନ୍ତ ମହାଲିକଙ୍କ ୧୦୦ କଦଳୀ ଗଛ ସହ ମୋଟ୍ ୩୦ ଚାଷୀଙ୍କ ୬ ହଜାର କଦଳୀ ଗଛ ନଷ୍ଟ ହୋଇଛି। ସେହିପରି ଦିଲୀପ ପ୍ରଧାନଙ୍କ ଫୁଲ ବଗିଚା ଉଜୁଡ଼ି ଯାଇଥିବା ବେଳେ ଅନ୍ୟ କେତେଜଣଙ୍କ ଧାନ, ବିରି ଆଦି ଫସଲ କ୍ଷତି ହୋଇଛି। ତୁରନ୍ତ ବନ ବିଭାଗ ଏହାର ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।



ଚାଷୀମାନେ ନଷ୍ଟ ହୋଇଥିବା କଦଳୀ ଫସଲ ଦେଖାଉଛନ୍ତି।

■ ସ୍ପେକ୍ଟ୍ରମ ବିକ୍ରି ଲାଗି ତତ୍ପରତା

## ରିଭର୍ସ ଅକ୍ସନ ଫର୍ମୁଲା ଆପଣାଯାଇପାରେ

**ନୂଆଦିଲ୍ଲୀ, ୨୬।୧୧:** ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ(ଡିଓଟି) ସ୍ପେକ୍ଟ୍ରମ ବିକ୍ରି କରିବା ଲାଗି ରିଭର୍ସ ଅକ୍ସନ ମଡେଲ ଉପରେ ବିଚାର କରୁଛି। ଏହାଦ୍ୱାରା ନିର୍ଦ୍ଧାରିତ ସମୟ ମଧରେ ସରକାର ବିତ୍ତୀୟ ନିଅଣ୍ଟକୁ ମୁକାବିଲା କରିପାରିବେ। ଏହାଛଡ଼ା ଅର୍ଥ ସଙ୍କଟର ସାମ୍ନା କରୁଥିବା ଟେଲିକମ୍ କମ୍ପାନୀମାନଙ୍କୁ ମଧ ଆଶ୍ୱସ୍ତି ମିଳିବ। ଡିଓଟିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରିଭର୍ସ ଅକ୍ସନକୁ ନେଇ ଟେଲିକମ୍ ଉଦ୍ୟୋଗ ବାଣ୍ଟି ହୋଇଯାଇଛି। କିଛି କମ୍ପାନୀ ବର୍ତ୍ତମାନର ଦରରେ ସ୍ପେକ୍ଟ୍ରମ ଚାହୁଁଥିବାବେଳେ ଅନ୍ୟ କିଛି ଦର ହ୍ରାସ ପାଇଁ ଦାବି କରୁଛନ୍ତି। ସେମାନଙ୍କ କହିବାନୁଯାୟୀ ଦର ହ୍ରାସ ନ କଲେ ଏବେ ନିଲାମୀ ବନ୍ଦ ରଖାଯାଉ। ଅଧିକାରୀଙ୍କ କହିଛନ୍ତି ଯେ, ସରକାର ରିଭର୍ସ ଅକ୍ସନ ମଡେଲରେ ନିଲାମୀ ଲାଗି ସମସ୍ତ ବ୍ୟାଣ୍ଡରେ ସ୍ପେକ୍ଟ୍ରମ ଅଫର ଦିଆଯିବ। ଯେଉଁ ବ୍ୟାଣ୍ଡ୍ ପ୍ରତି ଭଲ ଅଫର ନ ମିଳିବ ତା'ର ଦର ସ୍ୱତଃ କମିଯିବ। ରିଲାଏନ୍ସ ଜିଓ ଚଳିତ ବର୍ଷ ୪ଜି ଓ ୫ଜି ସ୍ପେକ୍ଟ୍ରମରେ ନିଲାମୀକୁ ସମର୍ଥନ କରୁଥିବାବେଳେ ଭୋଡାଫୋନ ଆଇଡିଆ ଏହାକୁ ୨୦୨୦ ପର୍ଯ୍ୟନ୍ତ ଟାଳିବାକୁ ପରାମର୍ଶ ଦେଇଛି।

### ୧୭୩ କୁଇଣ୍ଟାଲ ଧାନର ପ୍ରାପ୍ୟ ବର୍ଷେ ହେଲା ମିଳିନି

# ଆତ୍ମାହୁତି ଚେତାବନୀ ଦେଲେ ୩ ଚାଷୀ

**କୁନ୍ଦୁରା ୨୬।୧୧(ଡି.ଏନ.ଏ.)**

କୋରାପୁଟ ବୈପାରୀଗୁଡା ବ୍ଲକର ୩ଜଣ ଚାଷୀ ଦୀର୍ଘ ୧ବର୍ଷ ହେଲା ୧୭୩କୁଇଣ୍ଟାଲ ଧାନର ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେମାନେ ଲ୍ୟାମ୍ପସ (ବୈପାରିଗୁଡା)ଙ୍କ ବାରମ୍ବାର ଦ୍ୱାରସ୍ଥ ହୋଇ ଦାବି ସମ୍ପର୍କରେ ଜଣାଇ ନିରାଶ ହୋଇଛନ୍ତି। ଫଳରେ ସେମାନେ ବାଧ ହୋଇ ଡଙ୍ଗରପାଉଁସିଠାରେ କୃଷକ କଲ୍ୟାଣ ମଞ୍ଚ ଉପଦେଷ୍ଟା ରାଧାନାଥ ଭଞ୍ଜଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ପ୍ରାପ୍ୟ ନ ମିଳିଲେ ଆତ୍ମାହୁତି ଦେବେ ବୋଲି ଏହି ୩ ଜଣ ଚାଷୀ ସ୍ଥାନୀୟ ପ୍ରଶାସନକୁ ଚେତାବାନୀ ଦେଇଛନ୍ତି।

ବୈପାରୀଗୁଡ଼ା ବ୍ଲକ୍ ବାଲିଗାଁ ଗ୍ରାମର ଗୋବର୍ଦ୍ଧନ କାଟଲି (୭୦) କୁଇଣ୍ଟାଲ, ସନ୍ୟାସୀ କାଟଲି (୩୩) କୁଇଣ୍ଟାଲ ଏବଂ ନରସିଂହ ଚିଲକୁରିଆ (୭୦) କୁଇଣ୍ଟାଲ ଧାନମଣ୍ଡିରେ ୨୦୧୭ରେ ବିକ୍ରି କରିଥିଲେ । ୨୦୧୭ ଖରିଫ ମଣ୍ଡି ଆରମ୍ଭର ଦ୍ୱିତୀୟ ସପ୍ତାହରେ ଧାନ ବିକ୍ରୟ କରିଥିଲେ । ଚାଷୀଙ୍କ କହିବା ଅନୁଯାୟୀ, ଏହି ବିକ୍ରୟ ଧାନ ସମସ୍ତ କାଗଜପତ୍ର କାର୍ଯ୍ୟ ସରକାରୀ ନିୟମାନୁଯାୟୀ ଶେଷ ହେବା ପରେ ଉକ୍ତ ଧାନକୁ ବୋରିଗୁମ୍ମାସ୍ଥିତ ଏସ୍‌ଡିଏନ୍‌ଏଲ୍ ନାମକ ଏକ ମିଲର୍ସ ନେଇଥିଲେ । କିନ୍ତୁ ପ୍ରାପ୍ୟ ଦେଇ ନ ଥିଲେ । ଏ ନେଇ ଗତ ଦିନରେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ବୈପାରୀଗୁଡା ନବୀନ ଚନ୍ଦ୍ର ପାତ୍ରଙ୍କ ନିକଟକୁ ବାରମ୍ବାର ଯାଇଥିଲୁ। 'ତୁମେ ଯଦି ଏମିତି ଆସିବ ତା ହେଲେ ମୁଁ ଆତ୍ମହତ୍ୟା କରିଦେବି' ବୋଲି ନିର୍ଦ୍ଦେଶକ ପାତ୍ର ଧମକ ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାପରେ ଏହି ଚାଷୀମାନେ କୃଷକ କଲ୍ୟାଣ ମଞ୍ଚ ଉପଦେଷ୍ଟା ଭଞ୍ଜଙ୍କୁ ଭେଟିଥିଲେ । ସେ ଉକ୍ତ ୩ଜଣଙ୍କୁ ଆଶ୍ୱାସନା ଦେଇ ଜୟପୁରସ୍ଥିତ କେସିସି (ସଦର) ବ୍ୟାଙ୍କକୁ ପଠାଇଥିଲେ । କିନ୍ତୁ ନିରାଶ ଏହି ୩ଜଣ ଚାଷୀଙ୍କୁ ଜୟପୁର କେସିସି ବ୍ୟାଙ୍କ ସହକାରୀ ଜେନେରାଲ ମ୍ୟାନେଜର ବିନୋଦ ଷଡ଼ଙ୍ଗୀ କହିଛନ୍ତି ଯେ, ଏଭଳି ସମସ୍ୟା ବିଗତ ଦିନରେ ମଧ ହୋଇଛି ଏବଂ ଗତ ସପ୍ତାହରେ ମଧ ଘଟିଥିବାବେଳେ ତାର ସମାଧାନ କରିଛୁ। କେଉଁ କାରଣ ତୁମ୍ଭମାନଙ୍କର ଯୋଗୁ ପ୍ରାପ୍ୟ ମିଳିନାହିଁ ତାହାର ତଦନ୍ତ କରାଯାଇ ଅତିଶୀଘ୍ର ଏହା ପ୍ରଦାନ କରାଯିବ। ଏହି ଆଶ୍ୱାସନା ପାଇବା ପରେ ଚାଷୀମାନେ ଫେରିଥିଲେ।

# ୱେବ୍ ଚେକ୍ ଇନ୍ ନୀତି : ପୂର୍ବ ନିଷ୍ପତ୍ତିରୁ ଓହରିଲା ଇଣ୍ଡିଗୋ

**ନୂଆଦିଲ୍ଲୀ,୨୬।୧୧**

ସୋସିଆଲ ମିଡିଆରେ କଡ଼ା ସମାଲୋଚନାର ଶିକାର ହେବା ପରେ ୱେବ୍ ଚେକ୍ ଇନ୍‌ରେ ଶୁଳ୍କ ଆଦାୟ ପାଇଁ ନେଇଥିବା ନିଷ୍ପତ୍ତିରୁ ଇଣ୍ଡିଗୋ ଓହରି ଆସିଛି। କମ୍ପାନୀ ପକ୍ଷରୁ ସୋମବାର ମଧ୍ୟାହ୍ନରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ନିଜ ନିଷ୍ପତ୍ତି ସମ୍ପର୍କରେ ଏକ ବିବୃତି ଜାରି କରି ଇଣ୍ଡିଗୋ କହିଛି ଯେ, ନିଜ ପସନ୍ଦ ମୁତାବକ ଆସନ ଚୟନ ପାଇଁ ସର୍ବନିମ୍ନ ୧୦୦ ଟଙ୍କା ଦେବାକୁ ପଡିବ। ତେବେ ବଜାର ପରିସ୍ଥିତିକୁ ଦୃଷ୍ଟିରେ ରଖି ମାଗଣା ସିଟ୍ ଉପଲବ୍ଧ ହୋଇପାରେ। ଉଲ୍ଲେଖଥାଉ କି, ବିମାନ ଉଡିବାର ଦିନକ ପୂର୍ବରୁ କମ୍ପାନୀ ପକ୍ଷରୁ କିଛି ମାଗଣା ସିଟ୍ ଉପଲବ୍ଧ କରାଯାଏ। ଏହି ଆସନ ପାଇଁ କୌଣସି ଶୁଳ୍କ ଦେବାକୁ ପଡେ ନାହିଁ। ତାଙ୍କୁ ବିମାନ ବନ୍ଦରରେ ଚେକ୍ ଇନ୍ ବେଳେ ମନ ପସନ୍ଦର ଆସନ ଦିଆଯାଇଥାଏ। ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱ ସ୍ତରରେ ଏହା ଏକ ସାଧାରଣ ପ୍ରକ୍ରିୟା। ଯାତ୍ରୀ ବିମାନ ବନ୍ଦରରେ ମାଗଣା ସିଟ୍ ପାଇବେ, ତେବେ ଏହା ତାଙ୍କର ମନ ପସନ୍ଦର ହେବ କି ନା ଗ୍ୟାରେଣ୍ଟି ଦେଇ ହେବ ନାହିଁ। ଅନ୍ୟପକ୍ଷରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏହା ଉପରେ ତର୍ଜମା କରିବେ ବୋଲି ଟୁଇଟର ଜରିଆରେ ଜଣାଇଛି।


No.18-W

ACCESS TO JUSTICE FOR ALL

## ରାଷ୍ଟ୍ରୀୟ ଲୋକ ଅଦାଲତ

### ତା୦୮।୧୨।୨୦୧୮ ରିଖ (ଶନିବାର)

**ବିଶେଷ ସୂଚନା**

୧ । ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧିନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?

୨ । ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତିରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ ।

୩ । ତା ୦୮.୧୨.୨୦୧୮ ରିଖ (ଶନିବାର)ରେ ଉଚ୍ଚନ୍ୟାୟଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ର-ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି ।

୪ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ ।

୫ । କେବଳ ବିଚାରାଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମବିବାଦ, ପାରିବାରିକ ବିବାଦ ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ହୋଇପାରିବ ।

୬ । ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୁଡାନ୍ତ ଏବଂ ଅମଳଯୋଗ୍ୟ ।

୭ । ଯଦି କୌଣସି ବିଚାରାଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।

୮ । ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ।

୯ । ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
କଟକ
ଯୋଗାଯୋଗ : (୦୬୭୧) ୨୩୦୭୦୭୧

18008/11/0013/1819



## Zilla Swasthya Samiti, Angul

NATIONAL HEALTH MISSION

**NOTICE**

**No. 2970** **Date: 24.11.2018**

With reference to the advertisement No: 2873/ Dtd. 15.11.2018 followed by Corrigendum No. 2903/Dtd. 16.11.2018, No. 2933/Dtd. 22.11.2018 and No. 2950/Dtd. 22.11.2018 published in the daily Odiya newspapers i.e. in "The Samaj" & in "The Dharitri" and in the District Website i.e. in www.angul.nic.in in a periodical manner towards the filling of Contractual Staff Nurses under NHM through open advertisement is hereby cancelled.

**Sd./-**
**CDM & PHO-cum-District Mission Director, NHM, Angul**



## ODISHA HYDRO POWER CORPORATION LTD.

**(A Government of Odisha Undertaking)**

OHPC **Regd. Office: ODISHA STATE POLICE HOUSING & WELFARE CORPORATION BUILDING**

VANIVIHAR CHOUK, JANPATH, BHOINAGAR, BHUBANESWAR – 751022
Tel: 91 -0674-2542983, 2542802, 2545526, Fax- 2542102
E-mail – ohpc.co@gmail.com
CIN : U40101OR1995SGC003963

OHPC/HQ/IT/029/2018/ 11629 Date: 22.11.2018

**NOTICE INVITING TENDER NO.- 02/2018**

No.CAD-1058: Sealed Tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from reputed ERP Implementation Partners fulfilling the eligibility criteria as per terms and conditions mentioned in the tender documents.

| Description of Services | Cost of Tender Documents (Non-refundable) in Rs. | EMD in shape of DD / BG only (Refundable) in Rs. |
|---|---|---|
| Selection of ERP Product, Implementation Partner and End-to-End Implementation Services for Successful Implementation of ERP in OHPC & GEDCOL. | 10,000.00 + (GST @ 18%) | 15,00,000.00 |

For details of the tender documents, terms & conditions, please visit / refer our website **www.ohpcltd.com** from dtd.27.11.2018.

04012/11/0026/1819 **AGM (IT)**



**NOTICE INVITING BID**

## Office of the Chief District Medical and Public Health Officer, Jajpur

**Website: www.jajpur.nic.in, E-mail: dpmujajpur1@gmail.com**

**Bid Reference No.: 2046/NHM/Jaj** **Date: 26.11.2018**

Bids are invited from eligible transporters to transport Khushi-Sanitary Napkins from the Block Warehouses of Jajpur District to different Govt. Schools under the Blocks. The bid document with all information relating to the bidding process including cost of bid document, EMD, Eligibility criteria and terms & conditions etc. are available in the website: www.jajpur.nic.in. Last date of submission of Tender document is dt.11.12.2018 upto 11 AM. The Authority reserves the right to accept/reject any part thereof or all the bids without assigning any reason thereof.

**Sd./- Chief District Medical and Public Health Officer, Jajpur**



## OFFICE OF THE MUNICIPAL COUNCIL, BHAWANIPATNA

No. 3309 Dated 23.11.2018

**QUOTATION CALL NOTICE**

Sealed quotations are invited from reputed manufacturer / supplier / agency having valid Registration Certificate, upto date Tax Clearance Certificate, GST Certificate and PAN card for supply of the following sanitation materials. The quotation will be received on or before 30.11.2018 upto 2.00 PM by Registered Post / Speed Post and it will be opened on the same day at 4.00 PM in presence of the agency or their authorized representative if any if the date of opening happens to be a holiday then the next working day will be treated as the date of opening at the same time. The authority reserves the right to accept or reject any or all quotation without assigning the reason thereof.

| Sl. No. | Description of the materials | Unit | Quantity | Offered rate |
|---|---|---|---|---|
| 1 | Bleaching power | 25 KG Bag | 200 | |
| 2 | Black Phenyl | Liter | 1000 | |
| 3 | White phenyl | Liter | 1000 | |
| 4 | Malaria oil (Lerva Killer) | Liter | 600 | |
| 5 | Pyrothorium oil suitable for king fog machine | Liter | 200 | |
| 6 | Malathing Oil | Liter | 100 | |
| 7 | Gum boot | Pair | 100 | |
| 8 | Hand glove | Pocket | 10 | |
| 9 | Try Cycle with 18 gauge M.S Sheet fabrication trolley box for lifting dust wide 2 ½' x 3 fit lay depth 2 ½' fit with 35x5 M.S Angle mounted at trolley | Nos. | 60 | |
| 10 | Wheel barrow made by 18 gauge M.S Sheet with 36" x 24" width and depth 12" and 8" polymate heavy duty wheel with full cleaning | Nos. | 60 | |
| 11 | Street garbage bin made by 18 gauge M.S Sheet with mounted three side 30x5 angle frame height - 3fit wide 2 ½ fit with both side locking hinger | Nos. | 60 | |
| 12 | Aluminium ladder | Each | 01 | |

**Sd./- Executive Officer, Bhawanipatna Municipality**



## OFFICE OF THE MUNICIPAL COUNCIL, SUBARNAPUR

**No. 2695** **Date: 26.11.18**

**Corrigendum Notice**

As per e-tender call notice No. 2675 dt. 17.11.2018 published in daily newspaper Dharitri & Samaj, the class of contractor for the work Sl. NO. 1, 2 & 13 are hereby modify and read as "B" & "A" class contractor. The other term & condition as per DTCN are remained unchanged and can be seen in the Govt. website i.e. www.tenderorissa.gov.in.

**Sd./- Executive Officer**
**Subarnapur Municipality**



**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
**E-mail seec.bbsr2010@gmail.com**

No.871-B

## Government of Odisha "e" Procurement Notice

**Bid Identification No.:- S.E.E.C (R&B) 04/2018-19**
**No.__2922_____/Date__19.11.2018_____/**

| | | | |
|---|---|---|---|
| 1. | The Superintending Engineer, Electrical Circle (R&B) Odisha Bhubaneswar on behalf of Governor of Odisha inviting percentage rate bid in double cover system in ONLINE MODE from eligible bidders for the works as mentioned below : | | |
| 2. | Nature of work | : | Shifting of HT, LT line and S/S. |
| 3. | No. of work | : | 1no. |
| 4. | Estimated cost | : | As per DTCN. |
| 5. | Period of completion | : | 3(three) calendar months. |
| 6. | Date and Time of availability of bid document in the portal | : | From 28.11.2018 to 12.12.2018. |
| 7. | Last date/Time of receipt of bids in the portal | : | 5.00PM of 12.12.2018. |
| 8. | Date and time of opening of bids | : | 11.30 A.M of 13.12.2018. |
| 9. | Name and address of the officer Inviting Bid | : | Superintending Engineer, Electrical Circle (R&B) Odisha, Bhubaneswar. |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in . Any addendum / corrigendum / cancellation of tender can also be seen in the said website. | | |

**Sd./- Superintending Engineer**
34107/11/0004/1819 **Electrical Circle (R&B), Odisha, BBSR**



No.859-A

## GOVERNMENT OF ODISHA
### DEPARTMENT OF WATER RESOURCES
### OFFICE OF THE EXECUTIVE ENGINEER

**SUNDARGARH IRRIGATION DIVISION, SUNDARGARH**
**Email ID-irreesng@yahoo.in**
**'e'Procurement for Civil Works**
**Bid Identification No. SID-12/2018-19(Online) Dt. 24.11.2018**
**No. 14201** **Dt. 24.11.2018**

| | | | |
|---|---|---|---|
| 1 | No. of Works | : | Two (02 Nos) |
| 2 | Estimated Cost | : | Rs. 8.77 Lakhs & Rs. 10.97 Lakhs |
| 3 | Period of Completion | : | Two (02) Calendar Months |
| 4 | Date & Time of availability | : | Dt. 04.12.2018 at 10.00 AM to Dt. 13.12.2018 upto 5.00 PM |
| 5 | Last date / Time for receipt of bids in the portal | : | Dt. 13.12.2018 upto 5.00 PM |
| 6 | Date and time of opening of tender | : | Dt. 17.12.2018 at 11.00 AM |

Further details can be seen from the State Govt. Portal : www.tendersodisha.gov.in. Any addendum / corrigendum/ cancellation of tender can also be seen in the said website.

**Sd./- Executive Engineer**
32134/11/0016/1819 **Sundargarh Irrigation Division, Sundargarh**



OFFICE OF THE
## NOTIFIED AREA COUNCIL, JUNAGARH

**No. 2951/NAC (J)** **Dated 22.11.2018**

**DETAILED TENDER CALL NOTICE**

Sealed tenders in percentage bid are invited in conformity with the detailed tender call notice to be eventually drawn up in the PWD prescribed Form F-2 for the following works of NAC, Junagarh from the Govt. license holder of D & C Class Contractors. The tender papers will be available during office hour on payment of cost (Non-refundable) in cash or Bank Draft as indicated in column 4 below upto **5.00 PM** on all working days till **30.11.2018** and will be received upto **1.00 PM** on **01.12.2018** in specified tender box placed in the office of the undersigned. The tender will be opened on **01.12.2018** at **3.00 PM** in presence of the bidders or their authorized representatives who wish to remain present. Earnest money as indicated in col.5 shall be deposited in shape of Cash or TDR of any Nationalized or Schedule Bak duly pledged in favour of Executie Officer, NAC, Junagarh and the deposit receipt or TDRs as the case may be should be accompanied with the tender papers along with valid GST, PAN and Valid Contractor registration Certificate issued by the competent authority. The authority reserves the rights to rejects any or all tenders without assigning any reason there to. The tender received after due date and time shall not be entertained and authority shall not be responsible for delay or missing of tender. Additional Performance Security Deposit shall be obtained from the bidder when the bid amount is less than the estimated cost put to tender. In such an event, only the successful bidder who has quoted less bid price / rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of demand draft / term deposit/receipt pledged in favour of the Executive Officer within seven days, otherwise the bid shall be cancelled and the EMD shall be forfeited. Further proceeding for blacklisting shall be initiated against defaulting bidder. Any other information can be had from the office of the NAC, Junagarh during office hours on all working days only. The details of works may be seen from the Notice Board of NAC, Junagarh and website **www.junagarhnac.in**.

**Sd./- Executive Officer,**
**N.A.C., Junagarh**



ସୌନ୍ଦର୍ଯ୍ୟ

# ମେକ୍ ଅପ୍ ନେଉଥିଲେ...

ମହିଳାମାନେ ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ବ୍ୟୁଟି ପ୍ରଡକ୍ଟସ୍ ବ୍ୟବହାର କରିଥାନ୍ତି। ଆବଶ୍ୟକ ପଡ଼ିଲେ ପାର୍ଲର ଯାଇଥାନ୍ତି। ଯଦି ଆପଣ ଘରେ ମେକ୍ ଅପ୍ ନେବାକୁ ଚାହୁଁଛନ୍ତି ତେବେ କିଛି କଥାକୁ ଧ୍ୟାନରେ ରଖନ୍ତୁ।

❖ଫାଉଣ୍ଡେଶନ ପୂର୍ବରୁ ଆଇଶ୍ୟାଡୋ ଲଗାନ୍ତୁ। କେତେଜଣ ମହିଳାଙ୍କର ଆଇଶ୍ୟାଡୋ ଲଗାଇବାର ଭୁଲ୍ ଧାରଣା ରହିଛି, ଯେ ଏହାକୁ ଫାଉଣ୍ଡେଶନ୍ ଲଗାଇବା ପରେ ଲଗାଯାଏ। ହେଲେ ଏହାର ଉପଯୁକ୍ତ ପଦ୍ଧତି ହେଉଛି ପ୍ରଥମେ ଆଇଶ୍ୟାଡୋ ଓ ପରେ ମୁହଁରେ ଫାଉଣ୍ଡେଶନ ଲଗାନ୍ତୁ। କାରଣ ବେଳେବେଳେ ଆଇଶ୍ୟାଡୋ ଲଗାଇବାବେଳେ ତାହା ମୁହଁର କିଛି ସ୍ଥାନରେ ଲାଗିଯାଏ। ଆଗରୁ ଫାଉଣ୍ଡେଶନ ଲଗାଇଥିଲେ ଆଇଶ୍ୟାଡୋକୁ ସେଥିରୁ ପୋଛିବା କଷ୍ଟକର ହୋଇଯାଏ। ଆବଶ୍ୟକ ପଡିଲେ ସ୍କାଚ୍ ଟେପ୍ ଉକ୍ତ ଜାଗାରେ ଲଗାନ୍ତୁ। ଏହାଦ୍ୱାରା ଅଧିକ ଲାଗିଥିବା ଶ୍ୟାଡୋକୁ ଲିଭାଇପାରିବେ।

❖ପ୍ରାଇମର ଲଗାଇବାକୁ ଭୁଲନ୍ତୁ ନାହିଁ। ପ୍ରାଇମର ମୁହଁରେ ମେକ୍‌ଅପ୍‌କୁ ଅଧିକ ସମୟ ପର୍ଯ୍ୟନ୍ତ ବଜାୟ ରଖିଥାଏ। ହେଲେ ମଇଶ୍ଚରାଇଜର ଲଗାଇବା ପରେ ପ୍ରାଇମର ଲଗାନ୍ତୁ। ଅଳ୍ପ ମାତ୍ରାରେ ପ୍ରାଇମରକୁ ହାତ ପାପୁଲିରେ ନେଇ ଭଲଭାବେ ଗୋଳାଇ ଏକ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ମାଲିସ କରନ୍ତୁ। ଏହାର ପାଞ୍ଚ ମିନିଟ୍ ପରେ ଫାଉଣ୍ଡେଶନ ଲଗାନ୍ତୁ।

❖ଆପଣଙ୍କ ତ୍ୱଚାକୁ ମ୍ୟାଚ୍ କରି ଫାଉଣ୍ଡେଶନର କଲର କିଣନ୍ତୁ। ଏହା ନ୍ୟାଚୁରାଲ ଏବଂ ଆପଣଙ୍କ ସ୍କିନ୍ ପାଇଁ ଉପଯୋଗୀ ହେବା ଦରକାର। ସ୍ପଞ୍ଜ୍ ଏବଂ ବ୍ରଶ୍ ମଧ ହାଇଜେନିକ ହେବା ଦରକାର।

❖ଆଜିକାଲି ଲିକ୍ୱିଡ୍ ଏବଂ ଗ୍ଲେସ୍ କରୁଥିବା ଫାଉଣ୍ଡେଶନ କେହି ପସନ୍ଦ କରୁନାହାନ୍ତି। କୌଣସି ପାର୍ଟି ବା ଫଙ୍କ୍‌ସନକୁ ଯିବାବେଳେ ମହିଳାମାନେ ଲିକ୍ୱିଡ୍ ଫାଉଣ୍ଡେଶନ ଲଗାଉଛନ୍ତି, କିନ୍ତୁ ଲୁଜ୍ ପାଉଡର ଲଗାଇବାକୁ ଭୁଲିଯାଉଛନ୍ତି। ମାତ୍ର ଏପରି କରନ୍ତୁ ନାହିଁ।

❖ମସ୍କରା ଖୋଲିବାର ୩ ମାସ ମଧ୍ୟରେ ହିଁ ଏହାକୁ ବ୍ୟବହାର କରିଦିଅନ୍ତୁ। ୩ ମାସ ପରେ ଏହାର ବ୍ୟବହାର କଲେ ଇନ୍‌ଫେକ୍ସନ ହେବା ସମ୍ଭାବନା ରହିଛି।

❖ଶୋଇବା ପୂର୍ବରୁ ମେକ୍‌ଅପ୍ ଛଡ଼ାଇବାକୁ ଭୁଲନ୍ତୁ ନାହିଁ। ମେକ୍ ଅପ୍ ଲଗାଇ ଶୋଇବା ଦ୍ୱାରା ସ୍କିନ୍ ଖରାପ ହୋଇଥାଏ। କାରଣ ଏହାଦ୍ୱାରା ତ୍ୱଚାର ପୋର୍ସ ବନ୍ଦ ହୋଇଯାଏ; ଯଦ୍ଦ୍ୱାରା ଚେହେରାରେ ଦାଗ ଆସିଥାଏ।



ଖାଦ୍ୟ ରୁଚି

# ମଲାଇ ପନିର

**ଆବଶ୍ୟକ ସାମଗ୍ରୀ**

୧୫୦ ଗ୍ରାମ୍ ପନିର,୧/୪ କପ୍ କ୍ରିମ୍, ୧/୨ ଚାମଚ କସୁରୀ ମେଥି, ଗୋଟିଏ ପିଆଜ, ୪ଟି ଚିନାବାଦାମ, ୪ଟି କାଜୁ, ୧/୨ ଚାମଚ ଅଦା, ୨-୩ଟି ରସୁଣ କୋଳା, ୧/୪ ଚାମଚ ଗରମ ମସଲା ପାଉଡର, ୧/୮ ଚାମଚ ହଳଦୀଗୁଣ୍ଡ, ୧ ଚାମଚ ଲଙ୍କାଗୁଣ୍ଡ, ୧ ଚାମଚ ଧନିଆ ପାଉଡର, ପାଣି, ୩ ଚାମଚ ତେଲ,୧ ଚାମଚ କଟା ଧନିଆପତ୍ର, ସ୍ୱାଦ ଅନୁସାରେ ଲୁଣ।



**ପ୍ରସ୍ତୁତି ପ୍ରଣାଳୀ**

କାଜୁ ଏବଂ ଚିନାବାଦାମକୁ ଗ୍ରାଇଣ୍ଡରରେ ପେଷି ଦିଅନ୍ତୁ। ପେଷ୍ଟ ପ୍ରସ୍ତୁତି ପାଇଁ ଏଥିରେ ୨ ଚାମଚ ପାଣି ମିଶାନ୍ତୁ। ପନିରକୁ ୧.୫ ଇଞ୍ଚ ଲମ୍ବା ଏବଂ ୦.୫ ଇଞ୍ଚ ମୋଟା ତ୍ରିକୋଣ ଆକାରରେ କାଟନ୍ତୁ। ଗ୍ୟାସ୍‌କୁ ମଧ୍ୟମ ଆଞ୍ଚରେ ରଖି ପ୍ୟାନ୍‌ରେ ୨ ଚାମଚ ତେଲ ଗରମ କରନ୍ତୁ। ଏଥିରେ ପନିରକୁ ପକାଇ ଲାଲ୍ ହେବା ପର୍ଯ୍ୟନ୍ତ ଭାଜି ତାକୁ ଏକ ପ୍ଲେଟ୍‌ରେ ରଖି ଦିଅନ୍ତୁ। ଏହି ପ୍ୟାନ୍‌ରେ ଆଉ ଏକ ଚାମଚ ତେଲ ଗରମ କରନ୍ତୁ। ଏଥିରେ କଟାଯାଇଥିବା ପିଆଜ ପକାଇ ୧-୨ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଏହାପରେ ଅଦା,ରସୁଣ ପେଷ୍ଟ ପକାଇ ୧ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଧନିଆ ପାଉଡର ଏବଂ ଲୁଣ ମିଶାଇ ୩୦ ସେକେଣ୍ଡ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏବେ କାଜୁ ଓ ଚିନାବାଦାମର ପେଷ୍ଟକୁ ଏଥିରେ ମିଶାଇ ଗୋଟିଏ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଏଥିରେ ୧/୨ କପ୍ ପାଣି ମିଶାଇ ଫୁଟାନ୍ତୁ। ଫୁଟିଯିବା ପରେ ଆଞ୍ଚକୁ କମ୍ କରିଦିଅନ୍ତୁ। ଏବେ ପନିର, ଗରମ ମସଲା ପାଉଡର ଏବଂ କସୁରୀ ମେଥି ପକାନ୍ତୁ। ୩/୪ ମିନିଟ୍ ପରେ ୧/୪ କପ୍ କ୍ରିମ୍ ମିଶାନ୍ତୁ। ଏହାକୁ ଭଲ ଭାବେ ଗୋଳାଇ ଧନିଆପତ୍ର ପକାଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମଲାଇ ପନିର। ଗରମ ଗରମ ଏହାକୁ ରୁଟି ସହ ପରଷନ୍ତୁ।

# ୱିଣ୍ଟର୍ ଫ୍ୟାଶନ୍

ଶୀତଦିନେ ଉଲେନ୍ କୁର୍ତ୍ତିର କ୍ରେଜ୍ ଅଧିକା ଏବେ ଏହି କୁର୍ତ୍ତି କେବଳ କାଜୁଆଲ୍ ୱେର ହୋଇ ରହିନାହିଁ ବରଂ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ପାଲଟିଗଲାଣି ଏହାର ଷ୍ଟାଇଲ୍, କଲର ଏବଂ ଡିଜାଇନ୍‌ର ରହିଛି ଡିମାଣ୍ଡ




HOTEL SEAGULL
Exclusive Chinese Restaurant
Indian Food & Special Bengali Thali along with Mocktail Bar
A/c, N-A/c, Sea facing rooms
70 জনের কনফারেন্স হল
Occasion for celebrating & get together party
Sea Beach, Puri, Pin-752001, Ph: (06752)222966 223618, 08763786114, 09178795925
E-mail : seagullpuri@yahoo.co.in • www.hotelseagull.in

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଦୀପ କୁମାର ନାୟକ
ସଂପାଦକ, ବିଜୁ ଶ୍ରମିକ ସାମ୍ମୁଖ୍ୟ, ଓଡ଼ିଶା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ମାମି ମହାନ୍ତି
ସରପଞ୍ଚ, ବାହାଦଲାପୁର ଗ୍ରାମ ପଞ୍ଚାୟତ, ରସୁଲପୁର ବ୍ଲକ, ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରହ୍ଲାଦ ପଣ୍ଡା
ଉପସଭାପତି, ଯାଜପୁର ଜିଲ୍ଲା ବିଜେଡି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ, ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
Bharatgas
Cook Food. Serve Love.
ମା ପାଟଖଣ୍ଡା ଭାରତ ଗ୍ୟାସ୍, ସିମନବାଡ଼ି
ଏଲପିଜି ବ୍ୟବହାରର ସୁରକ୍ଷିତ ଉପାୟ
- ଏଲପିଜି ସିଲିଣ୍ଡରକୁ ସବୁବେଳେ ଠିଆ ଅବସ୍ଥାରେ ରଖନ୍ତୁ।
- ଗ୍ୟାସ୍ ଚୁଲା, ଗ୍ୟାସ୍ ସିଲିଣ୍ଡରଠାରୁ ଅତି କମରେ ଛଅ ଇଞ୍ଚ ଉପରେ କୌଣସି ସମତଳ ସ୍ଥାନରେ ରଖନ୍ତୁ। ସବୁବେଳେ ଠିଆ ହୋଇ ରୋଷେଇ କରନ୍ତୁ।
- ଚୁଲାକୁ ଏପରି ସ୍ଥାନରେ ରଖନ୍ତୁ ଯେଉଁଠାରେ ବାହାରୁ ସିଧା ପବନ ଲାଗୁ ନ ଥିବ।
- ରୋଷେଇ ଘରେ ଗ୍ୟାସ ସିଲିଣ୍ଡର ବ୍ୟତୀତ ଅନ୍ୟ କୌଣସି ଜ୍ୱଳନଶୀଳ ବସ୍ତୁର ବ୍ୟବହାର କରନ୍ତୁ ନାହିଁ।
- ଗ୍ୟାସ ଚୁଲା ଜଳାଇବା ସମୟରେ ପ୍ରଥମେ ଦିଆସିଲି ଜଳାନ୍ତୁ, ତା'ପରେ ଗ୍ୟାସ ଅନ କରନ୍ତୁ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସର ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସୁଶାନ୍ତ କୁମାର ବେହେରା
ସରପଞ୍ଚ, ରାଜେନ୍ଦ୍ରପୁର ଗ୍ରାମପଞ୍ଚାୟତ ରସୁଲପୁର ବ୍ଲକ, ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଫୁଲ କୁମାର ସାହୁ
ବରୀ ବିଧାୟକଙ୍କ ରସୁଲପୁର ବ୍ଲକ ପ୍ରତିନିଧି, ଯାଜପୁର

See Career Appointment on every Wednesday & Saturday

With Best Compliments from
AARTI STEELS LTD.
...Sharing the dreams of Odisha.
(An ISO 9001, 14001 & OHSAS 18001 Certified Company)
A leading manufacturer of Special Steels of North has integrated itself with East having following facilities at plant.

| EXISTING FACILITIES | PROPOSED EXPANSION |
|---|---|
| • RAW MATERIAL PREPARATION PLANT | • POWER PLANT |
| • SPONGE IRON PLANT | • COKE OVEN PLANT |
| • POWER PLANT | • SINTER PLANT |
| • STEEL MELTING SHOP | • SPONGE IRON PLANT |
| • FERRO ALLOYS PLANT | • COAL WASHERY |
| • ELECTRIC ARC FURNACE | • ROLLING MILL (IN PROGRESS) |

Registered Office:
G.T.Road, Miller Ganj, Ludhiana, Pin- 141003
Ph: 91- 161-3006100, Fax:91-161-3006150
E-mail: info@aartisteelsltd.com
Works:
At: Ghantikhal, P.O. Mahakalabasta
Dist: Cuttack, Pin-754029
Ph: 0671-3061000, Fax:0671-3061150
E-mail: cuttack@aartisteelsltd.com
City Office:
Plot No: 18/1B, Sector-10, C.D.A, Bidanasi, Cuttack, Pin:753014 (INDIA), Ph: 91-671-3061000, 2309285, Fax:+91-671-2309407
E-mail:aartisteel@sify.com
Website: www.aartisteelsltd.com

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପୀୟୂଷ ପାଣି
କମିଶନର ବିକ୍ରିକର ବିଭାଗ, ଓଡ଼ିଶା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପବିତ୍ର ରାହାସ ଉତ୍ସବ ଉପଲକ୍ଷେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
ଯତିନ୍ଦ୍ର କୁମାର ସାହୁ (ବୁଲୁ)
ଉପାଧକ୍ଷ
ରସୁଲପୁର ପଞ୍ଚାୟତ ସମିତି, ଯାଜପୁର
ପ୍ରଶାନ୍ତ କୁମାର ଦାସ (ବାପି)
ବିଜେଡି ସଭାପତି, ନରସିଂହପୁର ଗ୍ରାମପଞ୍ଚାୟତ ରସୁଲପୁର ବ୍ଲକ, ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବିଭୂତି ଭୂଷଣ ଜେନା
ସ୍ପେଶାଲ କ୍ଲାସ କଣ୍ଟ୍ରାକ୍ଟର, କୋଟପୁର- ଯାଜପୁର

## ସଂକ୍ଷେପରେ

### ମାର୍ଚ୍ଚ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ମିଳିବ ୪୨ ହଜାର କୋଟି

**ନୂଆଦିଲ୍ଲୀ,୨୬-୧୧:** କେନ୍ଦ୍ର ସରକାର ନିଜର ପ୍ରତିଶ୍ରୁତି ମୁତାବକ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ପରବର୍ତ୍ତୀ କିସ୍ତିରେ ୪୨ ହଜାର କୋଟି ଟଙ୍କା ପ୍ରଦାନ କରିବେ। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୋମବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସରକାର ଚଳିତବର୍ଷ ୫ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଆଲ୍ଲାହାବାଦ୍ ବ୍ୟାଙ୍କ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେଶନ ବ୍ୟାଙ୍କକୁ ସେମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଲାଗି ୧୧,୩୩୬ କୋଟି ଟଙ୍କା ପ୍ରଦାନ କରିଥିଲେ। ଚଳିତ ଆର୍ଥିକ ବର୍ଷ ଶେଷରେ ୪୨ ହଜାର କୋଟି ଟଙ୍କା ଦିଆଯିବ। ଅବଶିଷ୍ଟ କିସ୍ତି ଆସନ୍ତା ବର୍ଷ ଡିସେମ୍ବରରେ ପ୍ରଦାନ କରାଯିବ। ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ଦୁଇଟି ବୃହତ୍ ବ୍ୟାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କକୁ ଅଧିକ ପୁଞ୍ଜିର ଆବଶ୍ୟକତା ପଡିବନି ବୋଲି ସେ ପ୍ରକାଶ କରିଛନ୍ତି। ବ୍ୟାଙ୍କଗୁଡିକୁ ପୁଞ୍ଜି ପର୍ଯ୍ୟାପ୍ତତା ନିୟମ ଅନୁଯାୟୀ ରିଜର୍ଭ ବ୍ୟାଙ୍କରେ ଅଧିକ ଟଙ୍କା ଜମା ରଖିବାକୁ ପଡିବ ନାହିଁ। କାରଣ ରିଜର୍ଭ ବ୍ୟାଙ୍କ ନିଜ ଦ୍ୱାରା ପ୍ରଣୀତ ନିୟମକୁ କୋହଳ କରିବା ଲାଗି ରାଜି ହୋଇଛି। ବ୍ୟାଙ୍କଗୁଡିକୁ ଏଥିପାଇଁ ୨୦୨୦ ପର୍ଯ୍ୟନ୍ତ ସମୟ ମିଳିଯାଇଛି। ତେବେ କ୍ରେଡିଟ୍ ରେଟିଂ ଏଜେନ୍ସି ମୁଡିଜ ରିଜର୍ଭ ବ୍ୟାଙ୍କର ନିଷ୍ପତ୍ତିକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ପାଇଁ କ୍ରେଡିଟ୍ ନକାରାତ୍ମକତା ବୋଲି ଦର୍ଶାଇଛି।

### ଏତିହାଦ ନେଇପାରେ ଜେଟ୍ ଏୟାରୱେଜର ପରିଚାଳନା ଦାୟିତ୍ୱ

**ମୁମ୍ବାଇ,୨୬-୧୧:** ଦେଶର ଅନ୍ୟତମ ବୃହତ ଘରୋଇ ଏୟାରଲାଇନ ଜେଟ୍ ଏୟାରୱେଜର ମାଲିକ ତଥା ଅଧକ୍ଷ ନରେଶ ଗୋଏଲ କମ୍ପାନୀର ଅର୍ଥ ସଙ୍କଟ ଦୂର ଲାଗି ନୂଆ ପନ୍ଥା ଆପଣାଇବାକୁ ବିଚାର କରୁଛନ୍ତି। ୟୁଏଇର ଦ୍ୱିତୀୟ ସର୍ବବୃହତ ଏୟାରଲାଇନ୍ସ କମ୍ପାନୀ ଏତିହାଦ ଏୟାରୱେଜକୁ ପରିଚାଳନା ଦାୟିତ୍ୱ ଦେଇଦେବାକୁ ସେ ବିଚାର କରୁଛନ୍ତି। ଏହା ବଦଳରେ ଜେଟ୍‌ର ଇକ୍ୟୁଟି କିଣିବ ଏହି କମ୍ପାନୀ। ନିଜେ ଅଧକ୍ଷ ପଦରେ ରହିବାକୁ ଗୋଏଲ ଚାହୁଁଛନ୍ତି। ଗତ ରବିବାର ଏତିହାଦ ଗ୍ରୁପ୍ ସିଇଓ ଟନି ଡଗ୍‌ଲାସଙ୍କ ନେତୃତ୍ୱରେ ଏକ ଦଳକୁ ଗୋଏଲ ଭେଟିବା ସହ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସୂଚନାଥାଉ କି, ଜେଟ୍ ଏୟାରୱେଜର ୨୪% ଅଂଶଧନ ଏତିହାଦ ନିକଟରେ ରହିଛି। ସେହିପରି ନରେଶ ଗୋଏଲ ଓ ତାଙ୍କ ପତ୍ନୀ ଅନୀତା ଗୋଏଲ ମୋଟରେ ୫୧% ଅଂଶଧନ ରଖିଛନ୍ତି। ଡିଲ୍ ପାଇଁ ଏତିହାଦ ରାଜି ହେଲେ ଏହା ଜେଟ୍ ଏୟାରୱେଜର ୪୯% ଅଂଶଧନର ମାଲିକ ହୋଇଯିବ। କମ୍ପାନୀକୁ ଏହି ଡିଲ୍‌ରୁ କେତେ ଟଙ୍କା ମିଳୁଛି ଜାଣିବା ପରେ ଗୋଏଲ ନିଜ ଅଂଶଧନ ମଧ୍ୟରୁ ୧୫% ବିକ୍ରି କରିପାରନ୍ତି।



ନୂଆ କରି ବଜାରକୁ ଆସିଥିବା ସାଣ୍ଟ୍ରୋକୁ ଗ୍ରାହକଙ୍କ ପକ୍ଷରୁ ଭଲ ରେସ୍‌ପନ୍ସ ମିଳୁଛି। ବର୍ତ୍ତମାନର ଉନ୍ନତ ବୁକିଂ ଧାରାକୁ ନେଇ ଅତ୍ୟନ୍ତ ଖୁସି।
– ୱାଇ.କେ. କୋ, ଏମ୍‌ଡି ତଥା ସିଇଓ, ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ



ଘରୋଇ କମ୍ପାନୀଗୁଡିକୁ ପ୍ରମୁଖ ବହୁ ଦେଶୀୟ କମ୍ପାନୀ ଭାବେ ଗଢି ତୋଳିବା ନେଇ ପ୍ରୋତ୍ସାହିତ କରିବାକୁ ସରକାର ବିଚାର କରୁଛନ୍ତି।
– ରାଜୀବ କୁମାର,ଉପାଧ୍ୟକ୍ଷ, ନୀତି ଆୟୋଗ

## ଖସୁଛି ଅଶୋଧିତ ତେଲ ଦର
# ଗ୍ରାହକଙ୍କୁ ମିଳୁନି ପୂରା ଫାଇଦା

**ନୂଆଦିଲ୍ଲୀ,୨୬-୧୧**

- ଅକ୍ଟୋବରରୁ ଆଜିସୁଦ୍ଧା ତେଲ ଦର ୭ରୁ ୧୧% କମିଛି
- ଏହି ସମୟରେ ଅଶୋଧିତ ତେଲ ୨୫% ହ୍ରାସ ପାଇଛି
- କ୍ରୁଡ୍ ଦର ୮୬.୭ରୁ ୬୦ ଡଲାରକୁ କମିଲାଣି



ଗତ କିଛି ଦିନ ହେଲା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ(କ୍ରୁଡ୍ ଅଏଲ) ଦର କ୍ରମାଗତ ହ୍ରାସ ପାଉଛି। ତୈଳ କମ୍ପାନୀଗୁଡିକ ଫାଇଦା ମାରୁଥିବା ବେଳେ ଗ୍ରାହକ ଏଥିରୁ ବଞ୍ଚିତ ହେଉଛନ୍ତି। ଅକ୍ଟୋବର ଆରମ୍ଭରୁ ଆଜିଯାଏ ପେଟ୍ରୋଲ ଓ ଡିଜେଲ ଦର ପ୍ରାୟ ୭ରୁ ୧୧ ପ୍ରତିଶତ ହ୍ରାସ ପାଇଛି। କିନ୍ତୁ ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଦର ପ୍ରାୟ ୨୫% ହ୍ରାସ ପାଇସାରିଲାଣି।

କେନ୍ଦ୍ର ସରକାରଙ୍କ କହିବାନୁଯାୟୀ, ଦେଶରେ ପେଟ୍ରୋଲ ଓ ଡିଜେଲ ଦରକୁ କ୍ରୁଡ୍ ସହ ସିଧାସଳଖ ଯୋଡାଯାଇଛି। ଅର୍ଥାତ୍ କ୍ରୁଡ୍ ଦର ହ୍ରାସ ପାଇଲେ ସେହି ଅନୁପାତରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦର କମିବା କଥା। କିନ୍ତୁ ବାସ୍ତବ ଚିତ୍ର ଓଲଟା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଅକ୍ଟୋବରରେ ବ୍ୟାରେଲ ପିଛା ୮୬.୭୦ ଡଲାର ଥିଲା, ଯାହାକି ଗତ ସପ୍ତାହରେ ହ୍ରାସ ପାଇ ୬୦ ଡଲାରରେ ପହଞ୍ଚିଛି। ଇରାନ ଠାରୁ ତେଲ କିଣିବା ଲାଗି ଭାରତ ସମେତ ୮ଟି ଦେଶକୁ ଆମେରିକା କଟକଣାମୁକ୍ତ କରିବା ପରେ ଏବଂ ଆମେରିକା, ରୁଷ ଓ ସୌଦି ଆରବ ତେଲ ଉତ୍ପାଦନ ବଢ଼ାଇବା କାରଣରୁ ଏବେ ବଜାରରେ ଅଶୋଧିତ ତେଲ ବଳକା ହେଲାଣି। ସେହି କାରଣରୁ କ୍ରୁଡ୍ ଦର ଖସୁଛି। ସୂଚନାଥାଉ କି, ଦେଶର ତୈଳ କମ୍ପାନୀଗୁଡିକ ପେଟ୍ରୋଲ ଓ ଡିଜେଲର ରିଟେଲ ଦର ସ୍ଥିର କରିବା ବେଳେ ଦୈନିକ ଅଶୋଧିତ ତେଲ ଦର, ଡଲାର ତୁଳନାରେ ଟଙ୍କାର ମୂଲ୍ୟ, ପରିବହନ ଖର୍ଚ୍ଚ, ବୀମା ଓ ଅନ୍ୟ କେତେକ ଚାର୍ଜକୁ ହିସାବକୁ ନେଇଥାନ୍ତି। ଏହାପରେ ଚୂଡ଼ାନ୍ତ ରିଟେଲ ଦର ଧାର୍ଯ୍ୟ କରିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ, ଡିଲରଙ୍କ କମିଶନକୁ ହିସାବ କରାଯାଏ। ଏହି ଦର ଧାର୍ଯ୍ୟ ପରେ ଏହାକୁ ଦୈନିକ ପ୍ରକାଶ କରାଯାଏ। ଇଣ୍ଡିଆନ ଅଏଲ କର୍ପୋରେଶନର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ ଅନ୍ତର୍ଜାତୀୟ ସ୍ତରରେ ଦର ହ୍ରାସ ପାଇଥିବାରୁ ପେଟ୍ରୋଲ ଦର ସେହି ଅନୁପାତରେ କମିଲାଣି। ତେବେ ଦେଶରେ ରିଟେଲ ଦରରେ ଏହା ଦେଖିବାକୁ ମିଳୁନି। ଏହାର ଅର୍ଥ ତୈଳ କମ୍ପାନୀଗୁଡିକ ଗ୍ରାହକଙ୍କ ହିତକୁ ଅଣଦେଖା କରି ସେମାନଙ୍କ ଲାଭ ବଢ଼ାଇବାରେ ଲାଗିଛନ୍ତି। ସେମାନେ ଧାର୍ଯ୍ୟ ଫର୍ମୁଲା ଅନୁଯାୟୀ ଡିଲରଙ୍କୁ ତେଲ ବିକୁଛନ୍ତି। ସମାନୁପାତରେ ତେଲ ଦର ନ କମିବାର ଆଉ ଏକ କାରଣ ହୋଇପାରେ। ତାହା ହେଲା, ତେଲ କମ୍ପାନୀଗୁଡିକ ଗତ ୧୫ ଦିନର ହାରାହାରି ଅନ୍ତର୍ଜାତୀୟ ଦରକୁ ହିସାବକୁ ନେଉଛନ୍ତି। ଏହି କାରଣରୁ ଗତ କିଛି ଦିନ ଧରି ଅନ୍ତର୍ଜାତୀୟ ବଜାରରେ ତେଲ ଦର ଯଥେଷ୍ଟ ହ୍ରାସ ପାଇଥିଲେ ସୁଦ୍ଧା ଏବେ ଏହାର ପ୍ରଭାବ ଘରୋଇ ବଜାରରେ ଦେଖିବାକୁ ମିଳୁନି। ତୈଳ କମ୍ପାନୀଗୁଡିକ ପେଟ୍ରୋଲ ପମ୍ପ ଡିଲରଙ୍କୁ ଅକ୍ଟୋବର ୮ରୁ ନଭେମ୍ବର ୧୯ ମଧ୍ୟରେ ୧୦ ପ୍ରତିଶତ କମ୍ ଦରରେ ପେଟ୍ରୋଲ ବିକିଛନ୍ତି। ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୨୨% ଖସିଛି। ସେହିପରି ଡିଲରଙ୍କ ଲାଗି ଡିଜେଲ ଦର ମାତ୍ର ୪.୫% ହ୍ରାସ ପାଇଥିବା ବେଳେ ବେଞ୍ଚ ମାର୍କ ଦର ୧୧.୫% କମିଥିଲା। ଏହାର ଅର୍ଥ ତୈଳ କମ୍ପାନୀଗୁଡିକ ଅକ୍ଟୋବର ୮ରୁ ନଭେମ୍ବର ୧୯ ମଧ୍ୟରେ ଗ୍ରସ୍ ମାର୍କେଟ ମାର୍ଜିନ ଲିଟର ପିଛା ପେଟ୍ରୋଲ ପାଇଁ ୪.୯୮ ଟଙ୍କା ଓ ଡିଜେଲ ପାଇଁ ୩.୦୩ ଟଙ୍କା ଅଧିକ ପାଉଛନ୍ତି। ତୈଳ କମ୍ପାନୀଗୁଡିକର ଏକ୍‌ଜିକ୍ୟୁଟିଭ ମାନେ ମଧ୍ୟ ଲାଭ ବଢୁଥିବା ସ୍ୱୀକାର କରିଛନ୍ତି।

## ରାଜ୍ ଇଲେକ୍‌ଟ୍ରୋନିକ୍ସର ଶୁଭ ବିବାହ ଅଫର

**ଭୁବନେଶ୍ୱର,୨୬-୧୧**



ବିବାହ ସିଜନକୁ ଧ୍ୟାନରେ ରଖି ରାଜ୍ ଇଲେକ୍‌ଟ୍ରୋନିକ୍ସ ପକ୍ଷରୁ ଶୁଭ ବିବାହ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ବିଭିନ୍ନ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ କ୍ରୟ ଉପରେ ଆକର୍ଷଣୀୟ ରିହାତି ଉପଲବ୍ଧ ହେବ ବୋଲି ରାଜ ଇଲେକଟ୍ରୋନିକ୍ସ ପକ୍ଷରୁ ସୂଚନା ରହିଛି। କମ୍ବୋ ପ୍ରାଇସ ଅଫରରେ ଗ୍ରାହକମାନେ ପ୍ରଡକ୍ଟ ଅନୁଯାୟୀ ପ୍ରାଇସ ପାଇପାରିବେ। ଏହା ବାଦ ସହଜ କିସ୍ତି ସୁବିଧା, ବଜେଟକୁ ସୁହାଇଲା ଭଳି ଇଏମ୍‌ଆଇ, ୦% ସୁଧହାର ରହିଛି। ବଜାଜ ଫାଇନାନ୍ସ ପକ୍ଷରୁ ରେଫ୍ରିଜରେଟର ଏବଂ ୱାଶିଂ ମେଶିନ କ୍ରୟ ଉପରେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ ସୁବିଧା ରହିଛି। ଗୋଟିଏ ପ୍ରଡକ୍ଟ କିଣି ଦୁଇଟି ଉପହାର ସହ ରିହାତି ମୂଲ୍ୟ ଗ୍ରାହକଙ୍କ ଲାଗି ପ୍ରଦାନ କରାଯାଉଛି। ହକି ବିଶ୍ୱକପ୍ ଉପଲକ୍ଷେ ବଛା ବଛା କମ୍ପାନୀଗୁଡିକର ୫୫ ଇଞ୍ଚ ଏଲ୍‌ଇଡି କ୍ରୟ ଉପରେ ୩୨ ଇଞ୍ଚର ଏଲ୍‌ଇଡି ମାଗଣା ରହିଛି। ବଛାବଛା ଏସି କ୍ରୟ ଉପରେ ଏହି ସୁବିଧା ମଧ୍ୟ ରହିଛି। ବାଲିଯାତ୍ରା ଉପଲକ୍ଷେ କଟକର ମଧୁପାଟଣା ଶୋ'ରୁମଠାରେ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଗ୍ରାହକ ଗୋଟିଏ ପ୍ରଡକ୍ଟ କିଣି ଦୁଇଟି ଉପହାର ପାଇପାରିବେ। ଏକ୍ସଚେଞ୍ଜ ଅଫର ମାଧ୍ୟମରେ ପୁରୁଣା ପ୍ରଡକ୍ଟ ବଦଳରେ ନୂଆ ପ୍ରଡକ୍ଟ କ୍ରୟ ସହ ସଞ୍ଚୟ ସୁବିଧା ପାଇବେ। ଏସି ଉପରେ ଆକର୍ଷଣୀୟ ଡିସକାଉଣ୍ଟ ସହ ସହଜ ଇନଷ୍ଟାଲେସନ ସୁବିଧା ରହିଛି। ଗୋଟିଏ ଛାତ ତଳେ ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡର ପ୍ରଡକ୍ଟ ଯୋଗାଇ ଦେଉଛୁ ବୋଲି ରାଜ ଇଲେକଟ୍ରୋନିକ୍ସର ମ୍ୟାନେଜିଂ ପାର୍ଟନର ପ୍ରକାଶ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

## ଅଜିମ୍ ପ୍ରେମ୍‌ଜୀଙ୍କୁ ମିଳିବ ଫ୍ରାନ୍ସର ସର୍ବଶ୍ରେଷ୍ଠ ନାଗରିକ ସମ୍ମାନ

**ନୂଆଦିଲ୍ଲୀ,୨୬-୧୧**



ଆଇଟି କ୍ଷେତ୍ରରେ ସମ୍ରାଟ କୁହାଯାଉଥିବା ଅଜିମ୍ ପ୍ରେମ୍‌ଜୀଙ୍କୁ ଫ୍ରାନ୍ସର ସର୍ବଶ୍ରେଷ୍ଠ ନାଗରିକ ସମ୍ମାନ ଚେଭଲିୟର ଡି ଲା ଲିଜିୟନ ଡି'ଅନେୟୁର (ନାଇଟ୍ ଅଫ୍ ଦି ଲେଜିୟନ ଅଫ୍ ଅନର) ଚଳିତ ମାସରେ ପ୍ରଦାନ କରାଯିବ। ଭାରତରେ ଫ୍ରାନ୍ସର ରାଷ୍ଟ୍ରଦୂତ ଆଲେକଜାଣ୍ଡାର ଜିଗ୍‌ଲର ପ୍ରେମ୍‌ଜୀଙ୍କୁ ଏହି ସମ୍ମାନ ପ୍ରଦାନ କରିବେ। ଭାରତରେ ଆଇଟି ଶିଳ୍ପକୁ ବିକାଶ ପଥରେ ଆଗେଇନେବାର ଫଳସ୍ୱରୂପ ତାଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ ବୋଲି ଜାରି ଏକ ବିବୃତିରେ କୁହାଯାଇଛି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ବଙ୍ଗଳା ଚଳଚ୍ଚିତ୍ରର ବର୍ଷୀୟାନ ଅଭିନେତା ସୌମିତ୍ର ଚାଟାର୍ଜୀ ଏବଂ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍ ରହିଛନ୍ତି।

## ନାଲ୍‌କୋକୁ ସିଆଇଆଇ-ଏକ୍ସିମ୍ ବ୍ୟାଙ୍କ ବ୍ୟବସାୟ ଉତ୍କର୍ଷ ପୁରସ୍କାର

**ଭୁବନେଶ୍ୱର,୨୬-୧୧**



ନାଲ୍‌କୋର କୋରାପୁଟସ୍ଥିତ ଆଲୁମିନା ରିଫାଇନେରୀ ବ୍ୟବସାୟରେ ଉତ୍କର୍ଷ ଲାଗି ସିଆଇଆଇ-ଏକ୍ସିମ୍ ବ୍ୟାଙ୍କ ପୁରସ୍କାର ଲାଭ କରିଛି। ଏହି ପୁରସ୍କାର ଅନ୍ତର୍ଜାତୀୟ ସ୍ତରର ପ୍ରସିଦ୍ଧ ଇଏଫ୍‌କ୍ୟୁଏମ୍ ଉତ୍କର୍ଷ ମଡେଲ ଉପରେ ପର୍ଯ୍ୟବସିତ। ଦେଶର ବ୍ୟବସାୟିକ ଉତ୍କର୍ଷ କ୍ଷେତ୍ରରେ ଏହା ସର୍ବୋଚ୍ଚ ମର୍ଯ୍ୟାଦା ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନିକଟରେ ବାଙ୍ଗାଲୋରଠାରେ ଅନୁଷ୍ଠିତ କ୍ୱାଲିଟି ସମିଟ ଅବସରରେ ସିଆଇଆଇ ଏବଂ ଏକ୍ସପୋର୍ଟ ଇମ୍ପୋର୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ କମ୍ପାନୀକୁ ଏହି ପୁରସ୍କାର ମିଳିଛି। କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିବା ସହ ଏହି ପୁରସ୍କାର ପାଇଁ କମ୍ପାନୀର ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଅଭିନନ୍ଦନ ଜଣାଇଛନ୍ତି। ନୂତନ ଯୋଜନା ଦ୍ୱାରା ନାଲକୋ ବ୍ୟବସାୟ କ୍ଷେତ୍ରରେ ଆହୁରି ଉନ୍ନତି କରିବ ବୋଲି ଚାନ୍ଦ ସୂଚନା ଦେଇଛନ୍ତି।


**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ବିଜ୍ଞପ୍ତି ସଂଖ୍ୟା..6144...(TBS) ତା.24.11.2018

2019 -2021 ମସିହା ପାଇଁ ପାଠ୍ୟପୁସ୍ତକ ବିକ୍ରେତା ସମ୍ବନ୍ଧରେ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ଦ୍ୱାରା ପ୍ରକାଶିତ ପାଠ୍ୟପୁସ୍ତକ ବିକ୍ରୟ ପାଇଁ ପରିଷଦ ତରଫରୁ ନୂତନ ବିକ୍ରେତା ପଞ୍ଜିକରଣ ଏବଂ ପୁରାତନ ବିକ୍ରେତା ନବୀକରଣ ନିମନ୍ତେ ଇଚ୍ଛୁକ ପୁସ୍ତକ ବିକ୍ରେତାମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଅଧିକ ବିବରଣୀ ବୋର୍ଡ Website www.bseodisha.nic.in ରେ ଉପଲବ୍ଧ ଅଟେ । ସ୍ୱା/ସମ୍ପାଦକ



**PARADIP PORT TRUST**

**E-TENDERING NOTICE**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from Manufacturers / authorized Dealers for **supply of Suspension Electro Magnet**. The last date and time of submission of the tender is **17.15 Hours on dt. 13.12.2018**. For details, log on to website **https://eprocure.gov.in/eprocure/app**.

Sr. Deputy Materials Manager

PPT/PR/494/18-19 Dt.26.11.2018



**CENTRAL ELECTRICITY SUPPLY UTILITY OF ODISHA**

IDCO TOWERS (2nd Floor), Janapath, Bhubaneswar-751022, Odisha
Phone : 0674-2541575, Fax : 0674 - 2543125
Website : www.cescoorissa.com / www.cesuodisha.com

**TENDER NOTICE**

No. : CESU/Hqrs/CIVIL/4-Part/26903 Date : 26.11.2018

**Central Electricity Supply Utility of Odisha (CESU)** invites bids from reputed firms to be engaged as an Executor on turnkey basis in **two-part bidding** system for Renovation / Modification of 33/11KV Primary Substations and Control Rooms under different Electrical Divisions. **Last date & time for submission of bid** : 01:00 P.M. of 19.12.2018. **Date & time of opening of bid** : 03:30 P.M. of 19.12.2018. **Non refundable Cost of Bid document :** Rs.15,000.00 + 12% GST (Irrespective of no. of package). Downloading of tender documents starts from Date : **28.11.2018.** Pre-bid meeting will be held in the conference hall on Date : **06.12.18 at 11.30 A.M.** at CESU Hqrs., Bhubaneswar. For details please visit our website : **www.cescoorissa.com / www.cesuodisha.com** on or after **28.11.2018.** The authority reserves the rights to accept or reject any or whole of the offers without assigning any reason thereof.

Chief General Manager (Tech.)



**idco** Your power to grow | ODISHA NEW OPPORTUNITIES | **ODISHA INDUSTRIAL INFRASTRUCTURE DEVELOPMENT CORPORATION** (A Government of Odisha Undertaking) IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-3589/15-16/ 5217 Dt: 22.11.2018

**TENDER CALL NOTICE**

| | | |
|---|---|---|
| Name of the Work | : | Servicing with spare parts for 4 X 1500KVA DG sets installed at Tower-2010, Mancheswar I.E. Bhubaneswar. |
| Estimated Cost of the Work | : | Rs. 8,14,242.00 |
| Period of Completion | : | 30 days. |
| EMD Amount | : | Rs. 8,000.00 |
| Cost of Bid Document | : | Rs. 4,000.00 + 720.00 (GST @ 18%) |
| Date of Availability of Tender | : | 30.11.2018 to 01.12.2018 up to 11.00 hrs to 16.00 hrs. |
| Last Date of Submission of Tender | : | Upto 15.00 Hrs. of 05.12.2018. |
| Date of Opening of Tender | : | At 16.00 Hrs. on 05.12.2018 |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. M. Amiya, Manager (Electrical) at Tel. No. (0674) 2541766 during office hours.

Sd/-
D.H. (Electrical), IDCO, Bhubaneswar



ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LTD.**

A GOVT. OF ODISHA UNDERTAKING
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur,
Dist- Ganjam (Odisha),Pincode-761020 CIN:U40102OR2004SGC007553

Advt. No. 05/2018-19 **NOTICE INVITING TENDER**

For and on behalf of OPTCL, Sealed tenders are invited from VEHICLE OWNERS/TRAVEL AGENCIES for engagement of one No. Diesel run commercial registered five seated pick-up VAN or equivalent which shall not be more than 3 years old from the date of Registration required for Grid S/s Chatrapur under EHT (O&M) Division Chatrapur on monthly basis with daily hiring rate along with copies of relevant documents of the Vehicle & copy of valid PAN of the owner. **Cost of Tender Paper:** Rs.2000/- + GST@ 12% (Rs.2240/-), **EMD @ 1% of estimated cost** : Rs.4460/-, **Sale of Tender documents:** From Dt. 27.11.18 to Dt.11.12.18 up to 5.00PM on working days only. **Last date of submission of tender:** Dt.12.12.18 up to 1.00 PM., **Date of opening of tender:** Dt.12.12.18 at 3.30PM, For details please visit our web site:**www.optcl.co.in**. Corrigendum if any will be published in the web site only.

*Dy.General Manager, EHT(O&M) Div.*



**idco** Your power to grow | ODISHA NEW OPPORTUNITIES | **ODISHA INDUSTRIAL INFRASTRUCTURE DEVELOPMENT CORPORATION** (A Government of Odisha Undertaking) IDCO Towers, Janpath, Bhubaneswar - 751022

IDCO/HO/FD/Cash/7693/17-18(Part-III)/ 23768 Dated-24.11.2018

**EXPRESSION OF INTEREST**

*Sealed bids are invited for rate of interest in the following prescribed format for fixed deposit amounting to Rs. 80.00 Crore **(interest compounded quarterly)** from Bhubaneswar based eligible Govt. approved Banks only as per Finance Department Order No-32648/F, dated 10.10.2018 Govt. of Odisha (Except BOI, HDFC Bank, Odisha Gramya Bank and Utkal Gramya Bank).*

| Sl No | Period | %Rate of Interest Per Annum (Only-Callable) | |
|---|---|---|---|
| | | Rs. 1.00 Crore to Rs.10.00 Crore | Above Rs.10.00 Crore to Rs.80.00 Crore |
| 1 | One Year | | |

*The Bid should be super scribed in red – **"Rate of interest"** & must reach the undersigned in sealed cover by Speed Post / Special Messenger on or before 1.00 P.M. on 03.12.2018 and the same will be opened at 3.30 P.M. on the same day in the office chamber of CGM (Finance) IDCO, Bhubaneswar in the presence of the representatives of the participating Banks. Interest offer of bank shall remain valid from 04.12.2018 to 06.12.2018. The interest rate quoted by Bank is final & in no circumstances change of rate can be entertained. The decision of the Management will be final.*

Sd/-
Chief General Manager (Finance)






**ଶକ୍ତି ସଂରକ୍ଷଣ ହିଁ ଶକ୍ତି ଉତ୍ପାଦନ**

- ପୂଜା ମଣ୍ଡପକୁ ଆଇନ୍‌ସମ୍ମତ ବିଦ୍ୟୁତ୍ ସଂଯୋଗ ନେଇ ଆଲୋକିତ କରନ୍ତୁ । ସବିଶେଷ ବିବରଣୀ ପାଇଁ ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
- ବିଦ୍ୟୁତ୍ ସୁରକ୍ଷା ନିୟମ ମାନି ଚଳନ୍ତୁ ଏବଂ ସୁରକ୍ଷିତ ଭାବରେ ରୁହନ୍ତୁ ।
- ବିଦ୍ୟୁତ୍ ଚୋରି ଏକ ଦଣ୍ଡନୀୟ ଅପରାଧ ଅଟେ । ବିଦ୍ୟୁତ୍ ଚୋରିରୁ ନିବୃତ୍ତ ରୁହନ୍ତୁ ଏବଂ ଅନ୍ୟକୁ ନିବୃତ୍ତ ରହିବାକୁ କୁହନ୍ତୁ ।
- ଛାତ ଉପରେ ସୌର ବିଦ୍ୟୁତ୍ ପ୍ଲାଣ୍ଟ ଯନ୍ତ୍ର ସ୍ଥାପନ କରି ବିଦ୍ୟୁତ୍ ଶକ୍ତି ପାଆନ୍ତୁ । ଏଥିପାଇଁ ସରକାର ରିହାତି ବ୍ୟବସ୍ଥା କରିଛନ୍ତି ।

**ଗ୍ରୀଡ୍‌କୋ ଲିମିଟେଡ୍**
ଜନପଥ, ଭୁବନେଶ୍ୱର-୭୫୧ ୦୨୨
www.gridco.co.in
CIN-L401090R1995SGC003960

Sobhagya

ଶକ୍ତି ବଞ୍ଚାଅ, ଦେଶ ବଞ୍ଚାଅ



ଜର୍ମାନୀ ଅଧିନାୟକ ମାର୍ଟିନ ହାନେର ଓ ଭାରତର ମନପ୍ରୀତ ସିଂଙ୍କ ସହ ସେଲ୍‌ଫି।

## ଆମେ ପ୍ରସ୍ତୁତ: ଓଲ୍ଟମ୍ୟାନ୍ସ

**ବିଶ୍ୱ ହକିରେ ରୋଲାଣ୍ଟ**

**ଓଲ୍ଟମ୍ୟାନ୍ସ ଜଣେ ସମ୍ମାନ୍‌ନୀୟ କୋଚ୍ ରୂପେ ପରିଗଣିତ ହୋଇଥାନ୍ତି। ଜଣେ ଖେଳାଳି ଓ କୋଚ୍ ଭାବେ ସେ ଅସାଧାରଣ ସଫଳତା ହାସଲ କରିଛନ୍ତି। ବିଭିନ୍ନ ଦେଶର ପୁରୁଷ ଓ ମହିଳା ହକି ଦଳକୁ ସେ ପ୍ରଶିକ୍ଷଣ ଦେଇ ଆସିଛନ୍ତି। ତାଙ୍କଠାରୁ ପ୍ରଶିକ୍ଷଣ ପାଇଥିବା ଦଳଗୁଡିକ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି। ନେଦରଲାଣ୍ଡ୍ସର ଏହି କୋଚ୍ ଏସିଆ ସମେତ ୟୁରୋପ୍‌ରେ ବେଶ୍ ସକ୍ରିୟ ରହି ଆସିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ନେଦରଲାଣ୍ଡ୍ସ ମହିଳା ଦଳ ୧୯୯୦ରେ ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ପୁଣି ୧୯୯୮ରେ ସେ ନେଦରଲାଣ୍ଡ୍ସ ପୁରୁଷ ଦଳ ପାଇଁ ଏହି ସଫଳତାକୁ ଦୋହରାଇଥିଲେ। ଗତ କେତେବର୍ଷ ଧରି ଅଲ୍ଟମ୍ୟାନ୍ସ ଭାରତ ଓ ପାକିସ୍ତାନ ପୁରୁଷ ଦଳର କୋଚ୍ ରୂପେ କାର୍ଯ୍ୟ କରିଆସିଛନ୍ତି। ଏବେ ସେ ମାଲେସିଆ ଦଳର କୋଚ୍ ରହିଛନ୍ତି। ଗତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଓଲ୍ଟମ୍ୟାନ୍ସଙ୍କ ତତ୍ତ୍ୱାବଧାନରେ ମାଲେସିଆ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଜାପାନକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏହି ହାଇପ୍ରୋଫାଇଲ କୋଚ୍‌ଙ୍କ ସହ ଏକ ସାକ୍ଷାତ୍‌କାର...**

**❍ ବିଶ୍ୱକପ୍ ପାଇଁ ପ୍ରସ୍ତୁତି କିପରି ଚାଲିଛି?**

➢ଚାମ୍ପିୟନ୍ସ ଟ୍ରଫି ଖେଳିବା ପରେ ଆମେ କୁଆଲାଲମ୍ପୁରରେ ପ୍ରଶିକ୍ଷଣ ଶିବିରର ଆୟୋଜନ କରିଥିଲୁ। ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ମଧ୍ୟ ଆମ ପ୍ରସ୍ତୁତିକୁ ଜୋର୍‌ଦାର କରିଥିଲା। ବିଶ୍ୱକପ୍ ପାଇଁ ଆମ ପ୍ରସ୍ତୁତି ଠିକ୍ ବାଟରେ ରହିଛି।

**❍ବିଶ୍ୱକପ୍‌ରେ ସମ୍ମୁଖୀନ ହେବାକୁଥିବା ବିଭିନ୍ନ ଚ୍ୟାଲେଞ୍ଜ୍ ପାଇଁ ଆପଣ କିଭଳି ଖେଳାଳିମାନଙ୍କୁ ମାନସିକ ଭାବେ ପ୍ରସ୍ତୁତ କରୁଛନ୍ତି?**

➢ଚଳିତ ୨୦୧୮ରେ ବିଶ୍ୱକପ୍ ଶେଷ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଏଥିରେ ଆମ ଦଳ ବେଶ୍ ଭଲ ପ୍ରଦର୍ଶନ କରିବାକୁ ଚାହୁଁଛି। ଆମେ ଏକ କଷ୍ଟସାଧ୍ୟ ପୁଲ୍‌ରେ ସାମିଲ ହୋଇଛୁ। ଆମ ପୁଲ୍‌ରେ ପାକିସ୍ତାନ, ଜର୍ମାନୀ ଓ ନେଦରଲାଣ୍ଡ୍ସ ସାମିଲ ହୋଇଛନ୍ତି। ମାଲେସିଆ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଦ୍ୱାଦଶ ସ୍ଥାନରେ ରହିଥିବା ବେଳେ ନେଦରଲାଣ୍ଡ୍ସ ଚତୁର୍ଥ, ପାକିସ୍ତାନ ୧୩ତମ ଓ ଜର୍ମାନୀ ଷଷ୍ଠ ସ୍ଥାନରେ ରହିଛି। ତେଣୁ ଆମର ପ୍ରଥମ ଲକ୍ଷ୍ୟ ହେଉଛି କିପରି ଆମେ ପରବର୍ତ୍ତୀ ରାଉଣ୍ଡକୁ ଉଠିବୁ। ଏଥିପାଇଁ ଆମକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡିବ। ଏହା ହୋଇପାରିଲେ ଆମେ ପରବର୍ତ୍ତୀ ଲକ୍ଷ୍ୟ କଥା ଚିନ୍ତା କରିବୁ।

**❍ଚାପକୁ ସଫଳ ଭାବେ ମୁକାବିଲା କରିବା ପାଇଁ ଆପଣଙ୍କର କ'ଣ ଯୋଜନା ଅଛି?**

➢ଜଣେ କୋଚ୍ ହିସାବରେ ମୋର ଅଭିଜ୍ଞତା ଯଥେଷ୍ଟ ରହିଛି। ଗତ କେତେବର୍ଷ ହେବ ବିଶ୍ୱର ବିଭିନ୍ନ ତଥା ଶ୍ରେଷ୍ଠ ଦଳଗୁଡିକ ପାଇଁ ମୁଁ କୋଚ୍ ହିସାବରେ କର୍ଯ୍ୟ କରିଛି ଓ ସଫଳତା ମଧ୍ୟ ହାସଲ କରିଛି। ଦଳର ଲକ୍ଷ୍ୟ ଯାହା, କୋଚ୍ ହିସାବରେ ମୋର ଲକ୍ଷ୍ୟ ମଧ୍ୟ ତାହା ରହିଛି। ତେଣୁ ମୋ ଖେଳାଳିମାନଙ୍କୁ ପ୍ରସ୍ତୁତ କରିବା ପାଇଁ ମୁଁ ଯଥାସମ୍ଭବ ଚେଷ୍ଟା କରିଛି। ପ୍ରତିପକ୍ଷ ଦଳଗୁଡିକୁ ନେଇ ଆମେ ହୋମ୍ ୱାର୍କ ବା ପ୍ରାକ୍ ପ୍ରସ୍ତୁତି ମଧ୍ୟ କରିଛୁ। ଟୁର୍ନାମେଣ୍ଟ ଅବସରରେ ପ୍ରତିଦିନ ହାଲ୍‌କା ହେବା ପାଇଁ ଖେଳାଳିମାନଙ୍କୁ ପରାମର୍ଶ ଦେଇଛି। କୌଣସି ମ୍ୟାଚ୍‌କୁ ଆବଶ୍ୟକଠାରୁ ଅଧିକ କିମ୍ବା ଅତ୍ୟଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ନାହିଁ ବୋଲି ଖେଳାଳିମାନଙ୍କୁ କହିଛି।

**❍ ଖେଳାଳିମାନଙ୍କୁ ପ୍ରସ୍ତୁତ କରିବା ପାଇଁ କ'ଣ ଯୋଜନା କରିଛନ୍ତି। ଖାସ୍ କରି ମ୍ୟାଚ୍‌ଗୁଡିକ ମଧ୍ୟରେ ଥିବା ସମୟ ଅନ୍ତର ନେଇ ଆପଣଙ୍କର ଆଭିମୁଖ୍ୟ କ'ଣ ରହିବ?**

➢ବିଶ୍ୱକପ୍‌ରେ ଏକ ଭିନ୍ନ ପ୍ରକାର ଆଭିମୁଖ୍ୟ ବଜାୟ ରଖିବା କଥା ଆମ ଖେଳାଳିମାନେ ବେଶ୍ ଭଲଭାବେ ହୃଦୟଙ୍ଗମ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ମ୍ୟାଚ୍‌ଗୁଡିକ ମଧ୍ୟରେ ଯଥେଷ୍ଟ ସମୟ ଅନ୍ତର ରହିଛି। ଏଥିପାଇଁ ଖେଳାଳିମାନଙ୍କୁ ଅବଶ୍ୟ ବିଶ୍ରାମ ମିଳିବ। ଏହି ଦିନଗୁଡିକରେ ଆମେ କ'ଣ କରିବୁ ସେନେଇ ଯୋଜନା ପ୍ରସ୍ତୁତ କରିଛୁ। ମିଳିବାକୁ ଥିବା ଲମ୍ବା ବ୍ରେକ୍‌ର ଆମେ ଫାଇଦା ଉଠାଇବୁ। ରିକଭରି ଉପରେ ଧ୍ୟାନ ଦେବୁ। ତାହା ପରେ ଟ୍ରେନିଂକୁ ଅଗ୍ରାଧିକାର ଦେବୁ।

**❍ବିଶ୍ୱକପ୍‌ରେ ମାଲେସିଆର ପ୍ରଦର୍ଶନ କିପରି ରହିବ?**

➢ମାଲେସିଆ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବ। ବ୍ୟକ୍ତିଗତ ସହ ଦଳଗତ ପ୍ରଦର୍ଶନ ଉପରେ ଅଧିକ ଧ୍ୟାନ ଦିଆଯିବ।

**❍କୋଚିଂ ଦାୟିତ୍ୱ ନେବା ପରେ ଦଳରେ ଆସିଥିବା ଉନ୍ନତି ସଂକ୍ରାନ୍ତରେ କିଛି କହିବେ।**

➢ଅଳ୍ପ ସମୟ ମଧ୍ୟରେ ଦଳର ଆକ୍ରମଣାତ୍ମକ ଓ ରକ୍ଷଣାତ୍ମକ କୌଶଳରେ ମୁଁ ସ୍ୱଚ୍ଛତା ଆଣିବାରେ ସଫଳ ହୋଇଛି। ଖେଳାଳିମାନଙ୍କ ଦକ୍ଷତା ନେଇ ଦଳ ଗଠନ କରାଯାଇଛି। ଦଳର ସବୁ ଦୁର୍ବଳତା ଓ ସବଳତା ସମ୍ପର୍କରେ ସମସ୍ତେ ବେଶ୍ ଅବଗତ ଅଛନ୍ତି।

**❍ମେଡାଲ ପାଇଁ ରାସ୍ତାରେ କେଉଁ ଦଳ ସର୍ବାଧିକ ଚ୍ୟାଲେଞ୍ଜ୍ ଦେବ?**

➢ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୬ଟି ଦଳରୁ ଗୋଟିଏ ଦଳ ବିଶ୍ୱକପ୍‌ର ଦୃଢ଼ ଦାବିଦାର। ତେଣୁ ୬ଟି ଦଳ କଡ଼ା ଚ୍ୟାଲେଞ୍ଜ୍ ଦେବେ। ତେଣୁ ଯଥାସମ୍ଭବ ପ୍ରସ୍ତୁତି ଜୋର୍‌ଦାର କରିବାକୁ ଚେଷ୍ଟା କରିବୁ। ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ, ଶକ୍ତି ଓ ସାମର୍ଥ୍ୟ ସହ ପଡିଆକୁ ଓହ୍ଲାଇବା ସହ ଚତୁର ଖେଳ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛୁ।



## କାର୍ଯ୍ୟସୂଚୀ

**ପୁଲ୍-ଏ:** ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ସ୍ପେନ, ଫ୍ରାନ୍ସ
**ପୁଲ୍-ବି:** ଅଷ୍ଟ୍ରେଲିଆ, ଇଂଲଣ୍ଡ, ଆୟର୍ଲାଣ୍ଡ, ଚାଇନା
**ପୁଲ୍-ସି:** ବେଲଜିୟମ, ଭାରତ, କାନାଡ଼ା, ଦକ୍ଷିଣ ଆଫ୍ରିକା
**ପୁଲ୍-ଡି:** ନେଦରଲାଣ୍ଡ୍ସ, ଜର୍ମାନୀ, ମାଲେସିଆ, ପାକିସ୍ତାନ

| ତାରିଖ | ପୁଲ୍ | ମ୍ୟାଚ | ସମୟ |
|---|---|---|---|
| ନଭେମ୍ବର ୨୮ | ସି | ବେଲଜିୟମ ବନାମ କାନାଡ଼ା | ଅପରାହ୍ନ ୫ଟା |
| | ସି | ଭାରତ ବନାମ ଦକ୍ଷିଣ ଆଫ୍ରିକା | ରାତି ୭ଟା |
| ନଭେମ୍ବର ୨୯ | ଏ | ଆର୍ଜେଣ୍ଟିନା ବନାମ ସ୍ପେନ | ଅପରାହ୍ନ ୫ଟା |
| | ଏ | ନ୍ୟୁଜିଲାଣ୍ଡ ବନାମ ଫ୍ରାନ୍ସ | ରାତି ୭ଟା |
| ନଭେମ୍ବର ୩୦ | ବି | ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ | ଅପରାହ୍ନ ୫ଟା |
| | ବି | ଇଂଲଣ୍ଡ ବନାମ ଚାଇନା | ରାତି ୭ଟା |
| ଡିସେମ୍ବର ୧ | ଡି | ନେଦରଲାଣ୍ଡ୍ସ ବନାମ ମାଲେସିଆ | ଅପରାହ୍ନ ୫ଟା |
| | ଡି | ଜର୍ମାନୀ ବନାମ ପାକିସ୍ତାନ | ରାତି ୭ଟା |
| ଡିସେମ୍ବର ୨ | ସି | କାନାଡ଼ା ବନାମ ଦକ୍ଷିଣ ଆଫ୍ରିକା | ଅପରାହ୍ନ ୫ଟା |
| | ସି | ଭାରତ ବନାମ ବେଲଜିୟମ | ରାତି ୭ଟା |
| ଡିସେମ୍ବର ୩ | ଏ | ସ୍ପେନ ବନାମ ଫ୍ରାନ୍ସ | ଅପରାହ୍ନ ୫ଟା |
| | ଏ | ନ୍ୟୁଜିଲାଣ୍ଡ ବନାମ ଆର୍ଜେଣ୍ଟିନା | ରାତି ୭ଟା |
| ଡିସେମ୍ବର ୪ | ବି | ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ | ଅପରାହ୍ନ ୫ଟା |
| | ବି | ଆୟର୍ଲାଣ୍ଡ ବନାମ ଚାଇନା | ରାତି ୭ଟା |
| ଡିସେମ୍ବର ୫ | ଡି | ଜର୍ମାନୀ ବନାମ ନେଦରଲାଣ୍ଡ୍ସ | ଅପରାହ୍ନ ୫ଟା |
| | ଡି | ମାଲେସିଆ ବନାମ ପାକିସ୍ତାନ | ରାତି ୭ଟା |
| ଡିସେମ୍ବର ୬ | ଏ | ସ୍ପେନ ବନାମ ନ୍ୟୁଜିଲାଣ୍ଡ | ଅପରାହ୍ନ ୫ଟା |
| | ଏ | ଆର୍ଜେଣ୍ଟିନା ବନାମ ଫ୍ରାନ୍ସ | ରାତି ୭ଟା |
| ଡିସେମ୍ବର ୭ | ବି | ଅଷ୍ଟ୍ରେଲିଆ ବନାମ ଚାଇନା | ଅପରାହ୍ନ ୫ଟା |
| | ବି | ଆୟର୍ଲାଣ୍ଡ ବନାମ ଇଂଲଣ୍ଡ | ରାତି ୭ଟା |
| ଡିସେମ୍ବର ୮ | ସି | ବେଲଜିୟମ ବନାମ ଦକ୍ଷିଣ ଆଫ୍ରିକା | ଅପରାହ୍ନ ୫ଟା |
| | ସି | କାନାଡ଼ା ବନାମ ଭାରତ | ରାତି ୭ଟା |
| ଡିସେମ୍ବର ୯ | ଡି | ମାଲେସିଆ ବନାମ ଜର୍ମାନୀ | ଅପରାହ୍ନ ୫ଟା |
| | ଡି | ନେଦରଲାଣ୍ଡ୍ସ ବନାମ ପାକିସ୍ତାନ | ରାତି ୭ଟା |
| ଡିସେମ୍ବର ୧୦ | କ୍ରସ୍‌ଓଭରଏ-୨ ବନାମ ବି-୩ | | ଅପରାହ୍ନ ୪ଟା ୪୫ |
| | କ୍ରସ୍‌ଓଭରବି-୨ ବନାମ ଏ-୩ | | ରାତି ୭ଟା |
| ଡିସେମ୍ବର ୧୧ | କ୍ରସ୍‌ଓଭରସି-୨ ବନାମ ଡି-୩ | | ଅପରାହ୍ନ ୪ଟା ୪୫ |
| | କ୍ରସ୍ ଓଭରଡି-୨ ବନାମ ସି-୩ | | ରାତି ୭ଟା |
| ଡିସେମ୍ବର ୧୨ | କ୍ୱାର୍ଟର ଫାଇନାଲଏ-୧ ବନାମ କ୍ରସ୍‌ଓଭର-୨ ବିଜେତା | | ଅପରାହ୍ନ ୪ଟା ୪୫ |
| | କ୍ୱାର୍ଟର ଫାଇନାଲ ବି-୧ ବନାମ କ୍ରସ୍‌ଓଭର-୧ ବିଜେତା | | ରାତି ୭ଟା |
| ଡିସେମ୍ବର ୧୩ | କ୍ୱାର୍ଟର ଫାଇନାଲ ସି-୧ ବନାମ କ୍ରସ୍‌ଓଭର-୪ ବିଜେତା | | ଅପରାହ୍ନ ୪ଟା ୪୫ |
| | କ୍ୱାର୍ଟର ଫାଇନାଲ ଡି-୧ ବନାମ କ୍ରସ୍‌ଓଭର-୩ ବିଜେତା | | ରାତି ୭ଟା |
| ଡିସେମ୍ବର ୧୪ | | ବିଶ୍ରାମ ଦିବସ | |
| ଡିସେମ୍ବର ୧୫ | | ସେମିଫାଇନାଲ - କ୍ୱାର୍ଟର ୧ ବନାମ ୪ ବିଜେତା | ଅପରାହ୍ନ ୪ଟା |
| | | ସେମିଫାଇନାଲ - କ୍ୱାର୍ଟର ୨ ବନାମ ୩ ବିଜେତା | ସନ୍ଧ୍ୟା ୬ଟା ୩୦ |
| ଡିସେମ୍ବର ୧୬ | ବ୍ରୋଞ୍ଜ ପଦକ ମ୍ୟାଚ | ସେମିଫାଇନାଲର ପରାଜିତ ୨ ଦଳ | ଅପରାହ୍ନ ୪ଟା ୩୦ |
| **ଫାଇନାଲ** | | | |
| | ସେମିଫାଇନାଲର ବିଜେତା ୨ ଦଳ | | ରାତି ୭ଟା |

## ବିଶ୍ୱସ୍ତରୀୟ ଭିତ୍ତିଭୂମି

ବିଶ୍ୱକପ୍ ପାଇଁ ଭୁବନେଶ୍ୱର ଓ କଳିଙ୍ଗ ଷ୍ଟାଡିୟମ ନବବଧୂ ପରି ସଜେଇ ହୋଇଛି। ବର୍ଦ୍ଧିତ ଦର୍ଶକ କ୍ଷମତା ଓ ନୂଆକରି ସ୍ଥାପନ ହୋଇଥିବା ଟର୍ଫ ସହ ଷ୍ଟାଡିୟମର ହକି କମ୍ପ୍ଲେକ୍ସ ସମ୍ପୂର୍ଣ୍ଣ ରୂପେ ସଜେଇ ହୋଇଛି। କେବଳ ମୁଖ୍ୟ ଭେନ୍ୟୁ ନୁହେଁ, ଅଭ୍ୟାସ ପାଇଁ ପ୍ରସ୍ତୁତ କରାଯାଇଥିବା ଗ୍ରାଉଣ୍ଡରେ ମଧ୍ୟ ନୂଆ ଟର୍ଫ ବିଛାଯାଇଛି। ଆନ୍ତର୍ଜାତିକ ହକି ଫେଡେରେଶନ ନିୟମ ଅନୁସାରେ, ପ୍ରସ୍ତୁତ ହୋଇଥିବା ଏହି ଟର୍ଫ ଉପରେ ଏବେ ସମସ୍ତଙ୍କ ନଜର। ବିଶ୍ୱସ୍ତରୀୟ ଭିତ୍ତିଭୂମି ସହ ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ କଳିଙ୍ଗ ଷ୍ଟାଡିୟମ ଏକ୍‌ଦମ ପ୍ରସ୍ତୁତ।

ମୁଖ୍ୟ ଷ୍ଟାଡିୟମର ସିଟ୍ ସଂଖ୍ୟା ୧୫ ହଜାରକୁ ବୃଦ୍ଧି କରାଯାଇଛି। ଷ୍ଟାଡିୟମର ଉତ୍ତର ଓ ଦକ୍ଷିଣ ପଟେ ଦୁଇଟି ନୂଆ ଷ୍ଟାଣ୍ଡ ବା ଗ୍ୟାଲେରିର ନିର୍ମାଣ କରାଯାଇଛି। ଫଳରେ ଷ୍ଟାଡିୟମରେ ମୋଟ ଉପରେ ୪ଟି ସୁନ୍ଦର ଷ୍ଟାଣ୍ଡ ନୂଆରୂପରେ ଠିଆ ହୋଇଛି।

ଷ୍ଟାଡିୟମରେ ଖେଳାଳିମାନଙ୍କ ପାଇଁ ୪ଟି ଚେଞ୍ଜିଂରୁମ୍ ରହିଛି। ବିଭିନ୍ନ ଉଚ୍ଚକୋଟୀର ଆନ୍ତର୍ଜାତିକ ଷ୍ଟାଡିୟମ/କ୍ଲବ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡକୁ ନେଇ ରୀତିମତ ରିସର୍ଚ୍ଚ କରିବା ପରେ ହକି ଇଣ୍ଡିଆର କମ୍ପିଟିଶନ ଡିପାର୍ଟମେଣ୍ଟ ଏହାକୁ ଡିଜାଇନ୍ କରିଛି। ଏଥିସହିତ ୩ଟି ଉଚ୍ଚକୋଟୀର ଗୋଲକିପର ଇକ୍ୟୁପ୍‌ମେଣ୍ଟ ରୁମ୍ ମଧ୍ୟ ନିର୍ମାଣ କରାଯାଇଛି। ଆଧୁନିକ ହକି ଓ ଗୋଲକିପରଙ୍କ କିଟିଂକୁ ଦୃଷ୍ଟିରେ ରଖି ଏହାର ନିର୍ମାଣ କରାଯାଇଛି। ସେହିପରି ଏକ ଉଚ୍ଚକୋଟୀର ଅମ୍ପାୟର ଚେଞ୍ଜିଂରୁମ୍ ମଧ୍ୟ ନିର୍ମାଣ କରଯାଇଛି। ସେହିପରି ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ମିଡିଆ ସେଣ୍ଟର ନିର୍ମାଣ କରାଯାଇଛି। ଭିଆଇପି ଓ ଅଫିସିଆଲମାନଙ୍କ ପାଇଁ ସ୍ୱତନ୍ତ୍ର ବକ୍ସ ନିର୍ମାଣ କରାଯାଇଛି। ଏଥିସହିତ ଏକ ୱାକ୍ ଅଫ୍ ଚାମ୍ପିୟନ୍ସର ମଧ୍ୟ ନିର୍ମାଣ ହୋଇଛି। ୧୯୭୧ରୁ ୨୦୧୪ ପର୍ଯ୍ୟନ୍ତ ହକି ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ବିଶ୍ୱବିଜୟୀ ଦଳଗୁଡିକ ସମେତ ୨୦୧୮ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ଖେଳାଳିଙ୍କୁ ଏହା ଉତ୍ସର୍ଗ କରାଯାଇଛି। ଏହି ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ଆମେ ସବୁମତେ ଚେଷ୍ଟା କରୁଛୁ ବୋଲି ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନର୍ବାହୀ ଏଲିନା ନର୍ମାନ କହିଛନ୍ତି। ଖେଳାଳି, ଦର୍ଶକ, ପ୍ରଶଂସକ ଓ ଷ୍ଟେକ୍ ହୋଲ୍ଡରଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସବୁ ବିଷୟକୁ ଦୃଷ୍ଟିରେ ରଖି ଷ୍ଟାଡିୟମର ନବନିର୍ମାଣ କରାଯାଇଛି। ଏହି ଇଭେଣ୍ଟ ନିଶ୍ଚିତ ଭାବେ ବିଶ୍ୱସ୍ତରୀୟ ହେବ ବୋଲି ନର୍ମାନ କହିଛନ୍ତି। ଭୁବନେଶ୍ୱର ତଥା ଓଡ଼ିଶାରେ ପ୍ରଥମଥର ପାଇଁ ଏଭଳି ମେଗା ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ଷ୍ଟାଡିୟମକୁ ଆସିବାକୁ ଥିବା ସବୁ ଦର୍ଶକ, ପ୍ରଶଂସକ କିପରି ଏକ ଚମତ୍କାର ସ୍ମୃତି ନେଇ ଘରକୁ ଫେରିବେ, ସେନେଇ ଆମେ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଛୁ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଲ କୁମାର ଦେବ କହିଛନ୍ତି।

### ସାରାଂଶ

**୧. ଦୁଇ ନୂଆ ଆଷ୍ଟ୍ରୋ ଟର୍ଫ ବିଛାଯାଇଛି। ୨. ଦର୍ଶକଙ୍କ ସଂଖ୍ୟା ୧୫ ହଜାରକୁ ବୃଦ୍ଧି। ୩. ୨ ନୂଆ ଷ୍ଟାଣ୍ଡ (ଉତ୍ତର ଓ ଦକ୍ଷିଣ) ନିର୍ମିତ। ୪. ଏକ ଉନ୍ନତ ତଥା ଆଧୁନିକ ମିଡିଆ ସେଣ୍ଟର ନିର୍ମିତ। ୫. ଉନ୍ନତ ପ୍ଲେୟାର ଚେଞ୍ଜିଂ ରୁମ୍, ଅମ୍ପାୟର ଚେଞ୍ଜିଂ ରୁମ୍, ଗୋଲକିପର ଇକ୍ୟୁପ୍‌ମେଣ୍ଟ ଷ୍ଟୋରେଜ୍ ରୁମ୍, ଆଥ୍‌ଲେଟ୍ସ ଓ ଅଫିସିଆଲ ଲଙ୍ଗ୍ ନିର୍ମିତ।**



ଖେଳାଳିଙ୍କ ଡ୍ରେସିଂରୁମ୍।

## ମୁରଲୀ, ପୂର୍ବା, ଆୟୁଷଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୨୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ୫ମ ନଳିନୀକାନ୍ତ ମହାନ୍ତି ମେମୋରିଆଲ ରାଜ୍ୟ ଓପନ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟପ୍ ସିଡ୍ ତଥା ଭୁବନେଶ୍ୱରର କାନୁରି ମୁରଲୀ କ୍ରିଷ୍ଣା, ସମ୍ବଲପୁରର ପୂର୍ବା ପ୍ରତ୍ୟାଶା ପଣ୍ଡା ଏବଂ ମୟୂରଭଞ୍ଜର ଆୟୁଷ ପଟ୍ଟନାୟକ ଡବଲ ଟାଇଟଲ ହାସଲ କରିଛନ୍ତି। ମୁରଲୀ କ୍ରିଷ୍ଣା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ବଲାଙ୍ଗୀରର ଅରବିନ୍ଦ ସାହୁଙ୍କୁ ୨୧-୧୩, ୧୩-୨୧, ୨୩-୨୧ରେ ହରାଇ ଦେଇଛନ୍ତି। ମୁରଲୀ କଟକର ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ସାଥୀ କରି ମିକ୍ସଡ ଡବଲ୍ସରେ ରଣଜିତ କୁମାର ବର୍ମ୍ମା ଓ ସେବାଶ୍ରୀ ମହାନ୍ତି ଯୋଡ଼ିଙ୍କୁ ୨୧-୧୭, ୨୧-୧୧ରେ ହରାଇ ଦେଇଥିଲେ। ସେହିପରି ୧୭ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ପୂର୍ବା ପ୍ରତ୍ୟାଶା ପଣ୍ଡା ଫାଇନାଲରେ ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ୨୧-୭, ୨୧-୧୩ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ପ୍ରଶଂସା ଦାସଙ୍କୁ ୨୧-୧୫, ୨୧-୧୩ରେ ହରାଇ ଦେଇଥିଲେ। ଆୟୁଷ ପଟ୍ଟନାୟକ ଉଭୟ ୧୭ ବର୍ଷରୁ କମ୍ ଏବଂ ୧୯ ବର୍ଷରୁ କମ୍ ବିଭାଗ ସିଙ୍ଗଲ୍ସ ଫାଇନାଲରେ ନନ୍ଦିଶ ପୋଦ୍ଦାରଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିବାବେଳେ ଅମ୍ରିତ ମହାନ୍ତି ୧୫ ବର୍ଷରୁ କମ୍ ବାଳକ ବିଭାଗରେ ଚାମ୍ପିୟନ ହୋଇଛନ୍ତି। ଗୌରବ ବେହୁରା ଓ ପର୍ଶୁରାମ ସାହୁ ୧୭ ବର୍ଷରୁ କମ୍ ବାଳକ ଡବଲ୍ସ ଇଭେଣ୍ଟ ଜିତିଥିବାବେଳେ ଅମ୍ଳାନ କେଶରୀ ଗାଏନାଏକ ଓ ଅବିନାଶ ମହାନ୍ତି ୧୯ ବର୍ଷରୁ କମ୍ ଡବଲ୍ସ ବାଳକ ଟାଇଟଲ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଗଣେଶି ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଇଷ୍ଟକୋଷ୍ଟ ରେଲୱେ ଜିଏମ ଉମେଶ ସିଂ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୁଳ ସୁକିନ୍ଦା ରେଲୱେ ଏମଡି ଦିଲୀପ ସାମନ୍ତରାୟ, ବିଧାୟକ ଅଂଶୁମାନ ମହାନ୍ତି, ଏବିସି ସଭାପତି ପୃଥିବୀ ବଲ୍ଲଭ ପଟ୍ଟନାୟକ ଏବଂ କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୟ ପଥରେ ପାକିସ୍ତାନ

**ଦୁବାଇ, ୨୬।୧୧ (ପି.ଟି.):** ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ଲେଗ୍ ସ୍ପିନର ୟାସିର ଶାହଙ୍କ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ଫଳରେ ପାକିସ୍ତାନର ବିଜୟ ସମ୍ଭାବନା ସୃଷ୍ଟି ହୋଇଛି। ୩୨ ବର୍ଷୀୟ ୟାଶିର ୧୨.୩ ଓଭର ବୋଲିଂରେ ୪୧ରନ ବିନିମୟରେ ୮ଉଇକେଟ ନେବା ଦ୍ୱାରା ନ୍ୟୁଜିଲାଣ୍ଡ ୩୫. ୩ ଓଭରରେ ୯୦ରନ କରି ଅଲଆଉଟ ହୋଇଯାଇଥିଲା। ଫଲୋଅନ ହେବା ପରେ ନ୍ୟୁଜିଲାଣ୍ଡ ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ସୋମବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ ବିନିମୟରେ ୧୩୨ ରନ କରିଛି।

## ଇଂଲଣ୍ଡର କ୍ଲିନ୍ ସୁଇପ୍

**କଲମ୍ବୋ, ୨୬।୧୧:** ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ଟେଷ୍ଟ ମ୍ୟାଚ୍‌କୁ ଇଂଲଣ୍ଡ ୪୨ ରନ୍‌ରେ ଜିତିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ କ୍ଲିନ୍ ସୁଇପ କରିଛି। ମୋଟ ଉପରେ ତୃତୀୟ ଦଳ ଭାବେ ଜୋ ରୁଟ୍‌ଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଦଳ ଶ୍ରୀଲଙ୍କାରେ କ୍ଲିନ୍ ସୁଇପ୍ ହାସଲ କରିଛି। ପୂର୍ବରୁ କେବଳ ଅଷ୍ଟ୍ରେଲିଆ ଦଳ ଦୁଇଥର ଶ୍ରୀଲଙ୍କାରେ ଟେଷ୍ଟ ସିରିଜ୍‌କୁ ୩-୦ ବ୍ୟବଧାନରେ ଜିତିଥିଲା। ବିଜୟୀ ଦଳର ଜନି ବେୟାରଷ୍ଟୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ବେନ୍ ଷ୍ଟୋକ୍ସଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।



ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର.ରହମନଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା।



କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ହକି ଷ୍ଟାଡିୟମରେ ପୂଜାର୍ଚ୍ଚନା କରୁଛନ୍ତି।

## ଫଟୋ ସେସନ

ପୁରୁଣା ଭୁବନେଶ୍ୱରସ୍ଥିତ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀଙ୍କ ସହ ୧୬ଟି ଯାକ ଦଳର ଅଧିନାୟକଙ୍କ ଫଟୋ ସେସନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ଥିଲେ ଆର୍ଜେଣ୍ଟିନାର ପେଡ୍ରୋ ଲିବାରା, ଅଷ୍ଟ୍ରେଲିଆର ଆରନ ଜେଲସ୍କି, ବେଲଜିୟମର ଥୋମାସ ବ୍ରିଏଲ୍ସ, କାନାଡ଼ାର ସ୍କଟ ଟୁପେର, ଚାଇନାର ଚେନ୍ ଗୁ, ଇଂଲଣ୍ଡର ଫିଲ୍ ରୋପର, ଫ୍ରାନ୍ସର ଭିକ୍ଟର ଚାର୍ଲେଟ, ଜର୍ମାନୀର ମାର୍ଟିନ ହାନେର, ଭାରତର ମନପ୍ରୀତ ସିଂ, ଆୟର୍ଲାଣ୍ଡର ଡେଭିଡ ହାର୍ଟ, ମାଲେସିଆର ସୁକିର ମୁତାଲିବ, ନେଦରଲାଣ୍ଡସର ବିଲି ବାକର, ନ୍ୟୁଜିଲାଣ୍ଡର ବ୍ଲେଆର ଟରେଣ୍ଟ, ପାକିସ୍ତାନର ମହମ୍ମଦ ରିଜୱାନ ସିନିୟର, ଦକ୍ଷିଣ ଆଫ୍ରିକାର ଟିମ୍ ଡ୍ରମଣ୍ଡ ଓ ସ୍ପେନର ମିଗୁଏଲ ଡେଲାସ।

## କଳିଙ୍ଗ ଷ୍ଟାଡିୟମରେ ପୂଜାର୍ଚ୍ଚନା

ନଭେମ୍ବର ୨୭ରେ ଉଦ୍‌ଘାଟନୀ ଉତ୍ସବ ପରେ ୨୮ ତାରିଖରୁ ଆରମ୍ଭ ହେବ ହକି ବିଶ୍ୱକପର ମୁଖ୍ୟ ପର୍ଯ୍ୟାୟ। ଓଡ଼ିଶାରେ ପ୍ରଥମଥର ପାଇଁ ଏପରି ଏକ ବଡ଼ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ହକି ଷ୍ଟାଡିୟମ ପରିସରରେ ପୂଜାର୍ଚ୍ଚନା କରିଥିବା ପରିଲକ୍ଷିତ ହୋଇଛି।

## ପହଞ୍ଚିଲେ ରହମନ

ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଜୁ ପଟ୍ଟନାୟକ ବିମାନବନ୍ଦରରେ ସ୍ୱାଗତ କରାଯିବାପରେ କଡ଼ା ସୁରକ୍ଷା ମଧ୍ୟରେ ତାଙ୍କୁ ନିଆ ଯାଇଥିଲା।

## ପ୍ରଦର୍ଶିତ ହେଲା ମାଧୁରୀଙ୍କ ଡ୍ରେସ

ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଗୀତ 'ଦି ଆର୍ଥ ସଙ୍ଗ'ର ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହେବେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ସେ ପୃଥିବୀ ମାତା ରୂପରେ ଦେଖାଦେବେ। ତାଙ୍କ ପାଇଁ ଡ୍ରେସ୍ ଡିଜାଇନ୍ କରିଛନ୍ତି ସ୍ୱପ୍ନିଲ ସିନ୍ଦେ। ଦି ଆର୍ଥ ସଙ୍ଗ୍‌ର ଉଦଘାଟନୀ ସମାରୋହର କ୍ରିଏଟିଭ୍ ଡାଇରେକ୍ଟର ନୂପୁର ମହାଜନଙ୍କ ସହିତ ସ୍ୱପ୍ନିଲ ସୋମବାର ଏହି ଡ୍ରେସ୍‌କୁ ପ୍ରଦର୍ଶନ କରିଛନ୍ତି।

**ଭୁବନେଶ୍ୱର ଏବେ ଚଳଚଞ୍ଚଳ। ଏଠାରେ ଏବେ ଏକାଠି ହୋଇଛନ୍ତି ବିଶ୍ୱର ନାମୀ ଦାମୀ କଳାକାର, ଖେଳାଳି ଓ କର୍ମକର୍ତ୍ତା। ରାତି ପାହିଲେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ ହକି ବିଶ୍ୱକପର ପ୍ରଥମ ପର୍ବ ଉଦ୍‌ଘାଟନୀ ସମାରୋହ। ଏଥିରେ ଏକସଙ୍ଗେ ୧୧୦୦ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିପାଇଁ ଦର୍ଶକଙ୍କ ମନରେ ନାହିଁ ନ ଥିବା ଉତ୍ସାହ। ହକି ଜଗତର ଶ୍ରେଷ୍ଠ ୧୬ଟି ଦଳ ଏବେ ଏଠାରେ ଏକତ୍ରିତ। ଭୁବନେଶ୍ୱର ନୂଆ ରୂପରେ ସଜେଇ ହୋଇଥିବା ବେଳେ ଚାରିଆଡ଼େ ଦେଖିବାକୁ ମିଳୁଛି ହକିର ସ୍ପର୍ଶ।**



ସବ୍ୟସାଚୀ, ଅର୍ଚ୍ଚିତାଙ୍କ ରିହର୍ସାଲ।

# ଚଳଚଞ୍ଚଳ ଭୁବନେଶ୍ୱର



ମାଧୁରୀଙ୍କ ଡ୍ରେସ୍ ପ୍ରଦର୍ଶନ କରୁଛନ୍ତି ସ୍ୱପ୍ନିଲ ସିନ୍ଦେ ଓ ନୂପୁର ମହାଜନ।



## 'ପୂର୍ବରୁ କେବେ ଏପରି ସମ୍ବର୍ଦ୍ଧନା ପାଇ ନ ଥିଲି'

ଧ୍ୟାନଚାନ୍ଦଙ୍କ ସହ ମୋ ନାମ ଯୋଡ଼ି ହୋଇଥିବାରୁ କେବଳ ତାଙ୍କ ପୁଅଭାବେ ନୁହେଁ ଜଣେ ଖେଳାଳି ହିସାବରେ ମଧ୍ୟ ମୋର କିଛି କରିବାର ଇଚ୍ଛା ମନରେ ରହିଥିଲା। ଆଉ ଏହି ସୁଯୋଗ ୧୯୭୫ ବିଶ୍ୱକପ୍‌ରେ ମୋତେ ମିଳିଥିଲା। ପାକିସ୍ତାନ ବିପକ୍ଷ ଫାଇନାଲରେ ମ୍ୟାଚ୍ ବିଜୟୀ ଗୋଲଟି ମୋ ଷ୍ଟିକ୍ସରୁ ସ୍କୋର ହୋଇଥିବାରୁ ଜଣେ ଖେଳାଳିଭାବେ ତା'ର ଅନୁଭୂତି ମୋ ଲାଗି ଆଜି ବି ସ୍ମରଣୀୟ ହୋଇ ରହିଛି। ବିଶ୍ୱକପ୍ ପରେ ଯେତେବେଳେ ଘରକୁ ଫେରିଲି ମୋ ପିତା କିଛି ନ କହି ଦୁଇଥର ପିଠି ଆପୁଡ଼ି ଦେଇଥିଲେ, ଯାହା ମୋ ଲାଗି ସମ୍ମାନ ସଦୃଶ ଥିଲା ଏବଂ ଏହାକୁ ଆଜି ପର୍ଯ୍ୟନ୍ତ ଭୁଲିପାରିନାହିଁ ବୋଲି ୧୯୭୫ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିବା ଅଶୋକ କୁମାର ଧ୍ୟାନଚାନ୍ଦ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବା ପରେ କହିଛନ୍ତି। ୧୯୭୫ରେ ବିଶ୍ୱ ଚାମ୍ପିୟନ ହେବାର ଶ୍ରେୟ ପୂରା ଦଳକୁ ଯିବ। ସମସ୍ତ ଖେଳାଳିଙ୍କ କମାଲ ଯୋଗୁ ଆମେ ବିଶ୍ୱକପ୍ ଜିତିପାରିଥିଲୁ ବୋଲି କିମ୍ବଦନ୍ତୀ ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ପୁତ୍ର ଅଶୋକ ଏହି ଅବସରରେ ପ୍ରକାଶ କରିଛନ୍ତି।

ଆଜି ଯେଉଁଭଳି ଭାବେ ଆମକୁ ଏଠାରେ ସମ୍ବର୍ଦ୍ଧିତ କରାଯାଇଛି ୧୯୭୫ରେ ମାଲେସିଆରୁ ବିଶ୍ୱକପ୍ ଜିତି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାପରେ ସେତେବେଳେ ମଧ୍ୟ ଏହିଭଳି ସମ୍ବର୍ଦ୍ଧନା ମୁଁ ଭାବୁଛି ମିଳି ନ ଥିଲା। ସେହି ସ୍ମୃତି ଆଜି ଭୁବନେଶ୍ୱରରେ ମନେ ପଡ଼ିଯାଇଛି। କଳିଙ୍ଗ ଷ୍ଟାଡିୟମରେ ଏହିଭଳି ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ରହିଥିବାରୁ ବିଶ୍ୱକପ୍ ଆୟୋଜନ କରିବାର ଅଧିକାର ଓଡ଼ିଶାକୁ ମିଳିଛି। ସେହିଭଳି ଏତେ ବଡ଼ ଇଭେଣ୍ଟ ଆୟୋଜନ କରିବାର ଦାୟିତ୍ୱ ହାତକୁ ନେଇଥିବାରୁ ବିଶେଷ କରି ହକିରେ ଆମେ ଯେଉଁ ପୂର୍ବ ଗୌରବକୁ ହରାଇଥିଲୁ ତାହାକୁ ପୁଣିଥରେ ଉଜ୍ଜିବିତ କରିବାରେ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପଦକ୍ଷେପ ନେଇଛନ୍ତି ସେଥିଲାଗି ତାଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ଧ୍ୟାନଚାନ୍ଦ କହିଛନ୍ତି। ବର୍ତ୍ତମାନର ଭାରତୀୟ ହକି ଦଳ ୧୯୭୫ ବିଶ୍ୱକପ୍ ସଫଳତା ଦୋହରାଇବ ବୋଲି ଧ୍ୟାନଚାନ୍ଦ ଆଶା ରଖିଛନ୍ତି।

## ୧୯୭୫ ବିଶ୍ୱ ବିଜେତାଙ୍କୁ ଭବ୍ୟ ସ୍ୱାଗତ

ହକି ବିଶ୍ୱକପ୍‌ର ଚର୍ତୁଦଶ ସଂସ୍କରଣ ଲାଗି ଭୁବନେଶ୍ୱର ପ୍ରସ୍ତୁତ ହୋଇସାରିଛି। ରାତି ପାହିଲେ ହକି ମହାକୁମ୍ଭର ଉଦ୍‌ଘାଟନୀ ସମାରୋହ କଳିଙ୍ଗ ଷ୍ଟାଡିୟମରେ ରଙ୍ଗାରଙ୍ଗ ଉତ୍ସବ ମଧ୍ୟରେ ଅନୁଷ୍ଠିତ ହେବ। ଏହି ଆକର୍ଷଣୀୟ ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାଁ, ଅଭିନେତ୍ରୀ ମାଧୁରୀ ଦୀକ୍ଷିତ, ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରହମନଙ୍କ ସମେତ ଓଲିଉଡ୍ ତାରକା ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା ସାହୁ ଯୋଗଦେଇ ସେମାନଙ୍କ ଅଭିନୟର ଯାଦୁ ଦେଖାଇବେ। ଆଖି ଝଲସିବା ଭଳି ହେବାକୁ ଥିବା ଏହି ଉଦ୍‌ଘାଟନୀ ଉତ୍ସବର ଅନ୍ୟ ଏକ ଆକର୍ଷଣ ହେଉଛି ୧୯୭୫ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟଙ୍କୁ ଏହି ଅବସରରେ ଦେଖିବାକୁ ମିଳିବ। ବିଶ୍ୱକପ୍ ଇତିହାସରେ ପ୍ରଥମ ଓ ଅନ୍ତିମଥର ଲାଗି ସ୍ୱର୍ଣ୍ଣପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟଙ୍କୁ ଏକ ବିଶେଷ ମୁହୂର୍ତ୍ତରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ସୋମବାର ସନ୍ଧ୍ୟାରେ ୧୯୭୫ ବିଶ୍ୱବିଜେତା ହକି ଦଳର ଅଧିନାୟକ ଅଜିତ୍ ପାଲ୍ ସିଂଙ୍କ ସମେତ ୧୩ଜଣ ସଦସ୍ୟ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଯେଉଁଥିରେ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ପୁତ୍ର ଅଶୋକ କୁମାର ଧ୍ୟାନଚାନ୍ଦ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲେ। ସୋମବାର ସନ୍ଧ୍ୟା ୬ଟା୧୫ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନରେ ପହଞ୍ଚିବାପରେ ସମସ୍ତଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ କଡ଼ା ସୁରକ୍ଷା ମଧ୍ୟରେ ଏକ ସ୍ୱତନ୍ତ୍ର ବସ ଯୋଗେ ନୟାପଲ୍ଲୀସ୍ଥିତ ଏକ ତାରକା ହୋଟେଲକୁ ନିଆଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ବିମାନବନ୍ଦରରେ ଉପସ୍ଥିତ ରହି ସମସ୍ତ ଖେଳାଳିଙ୍କୁ ଉତ୍ତରୀୟ ଓ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ। ବିଶ୍ୱକପ୍ ବିଜୟୀ ଏହି ଭାରତୀୟ ଦଳର ୩ଜଣ ଖେଳାଳିଙ୍କ ବିୟୋଗ ହୋଇସାରିଥିବାବେଳେ ତାଙ୍କ ପରିବାରର ଅନ୍ୟସଦସ୍ୟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ବୋଲି ଜଣାପଡ଼ିଛି।

## ଯୋଗ ଦେଇପାରିବେନି ମାଇକେଲ କିଣ୍ଡୋ

୧୯୭୫ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଥିବା ମାଇକେଲ କିଣ୍ଡୋ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇପାରିବେ ନାହିଁ ବୋଲି ଜଣାପଡ଼ିଛି। ତେବେ ତାଙ୍କ ସ୍ତ୍ରୀ ସୀଲା କିଣ୍ଡୋ ଓ ପୁତ୍ର ଆଲବର୍ଟ୍ କିଣ୍ଡୋ ମଙ୍ଗଳବାର ହେବାକୁ ଥିବା ସମ୍ବର୍ଦ୍ଧନା ଉତ୍ସବରେ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ରହିବେ।

## ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ

ଅଜିତ୍ ପାଲ୍ ସିଂ (ଅଧିନାୟକ), ଅଶୋକ ଦିୱାନ, ଅଶୋକ କୁମାର ଧ୍ୟାନଚାନ୍ଦ, ଆସଲାମ ଶେର ଖାଁ, ବ୍ରିଗେଡିୟର ଏଚ୍.ଜେ.ଏସ୍. ଚିମନି, ବ୍ରିଗେଡିୟର ହରଚରଣ ସିଂ, ଓଙ୍କାର ସିଂ, ବରିନ୍ଦର ସିଂ, ଭି.ଜେ. ଫିଲିପ୍ସ, ପି.ଇ. କାଲିଆ, ଲେସଲୀ ଫର୍ନାଣ୍ଡିଜ ଓ ରାଜେନ୍ଦ୍ର କାଲରା।

ଅନୁପସ୍ଥିତ ରହିଥିବା ଅନ୍ୟସଦସ୍ୟଙ୍କ ପରିବାରବୃନ୍ଦଙ୍କୁ ସମ୍ମାନିତ କରାଯିବ। ସେମାନେ ହେଲେ ଚଞ୍ଚଳା ରାନ୍ଧୱା ଓ ସରବିନ୍ଦର ସିଂ ରାନ୍ଧୱା (ସୁର୍‌ଜିତ୍ ସିଂ ରାନ୍ଧୱାଙ୍କ ସ୍ତ୍ରୀ ଓ ପୁତ୍ର), ମନ୍‌ଜିତ୍ ସିଂ ବୋଧି (୧୯୭୫ ବିଶ୍ୱବିଜେତା ଭାରତୀୟ ଦଳର କୋଚ୍ ଗୁରୁଚରଣ ସିଂ ବୋଧିଙ୍କ ପୁତ୍ର), ସତ୍‌ପାଲ୍ ସିଂ (ମହିନ୍ଦର ସିଂ ମୁନ୍‌ସୀଙ୍କ ପୁତ୍ର), ନବୀନ ପାୱାର (ଶିବାଜୀ ପାୱାରଙ୍କ ପୁତ୍ର), ସୀଲା କିଣ୍ଡୋ ଓ ଆଲବର୍ଟ କିଣ୍ଡୋ (ମାଇକେଲ କିଣ୍ଡୋଙ୍କ ସ୍ତ୍ରୀ ଓ ପୁତ୍ର) ଏବଂ ମଧୁ କାଲରା (ଡ. ରାଜେନ୍ଦ୍ର କାଲରାଙ୍କ ସ୍ତ୍ରୀ)।



ସୋମବାର ଭୁବନେଶ୍ୱରରେ ପହଞ୍ଚିଥିବା ୧୯୭୫ ବିଶ୍ୱକପ ବିଜୟୀ ଦଳର ସଦସ୍ୟ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# କୋଣାର୍କର ସୁରକ୍ଷା ନେଇ ସାନି ପିଟିଶନ

**କଟକ ଅଫିସ, ୨୬।୧୧:** କୋଣାର୍କ ସୂର୍ଯ୍ୟ ମନ୍ଦିରର ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉ। କୋଣାର୍କର ସଂରକ୍ଷଣ ଓ ମରାମତି ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଉ। ମରାମତି କାର୍ଯ୍ୟ ତଦାରଖ ପାଇଁ ଅମିକସ୍ କ୍ୟୁରିଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଆଇନଜୀବୀ ଦିଲୀପ କୁମାର ମହାପାତ୍ର ହାଇକୋର୍ଟରେ ଏକ ସାନି ପିଟିଶନ ଦାଖଲ କରିଛନ୍ତି। ପୂର୍ବରୁ କୋଣାର୍କର ସୁରକ୍ଷା ପ୍ରସଙ୍ଗକୁ ନେଇ ମହାପାତ୍ରଙ୍କ ଆବେଦନ ହାଇକୋର୍ଟରେ ବିଚାରାଧୀନ ଥିବାବେଳେ ବର୍ତ୍ତମାନ ଦେଖା ଦେଇଥିବା ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ପାଇଁ ସାନି ପିଟିଶନ୍ ଦାଖଲ କରାଯାଇଛି। ମହାପାତ୍ରଙ୍କ ପକ୍ଷରୁ ଦର୍ଶାଯାଇଛି ଯେ, କୋଣାର୍କ ସ୍ଥିତି ଏତେ ଦୁର୍ବଳ ହୋଇଗଲାଣି ଯେ, ରିକ୍ଟର ସ୍କେଲରେ ୫ରୁ ୬ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ହେଲେ ଏହା ଭୁଶୁଡି ଯାଇପାରେ। ଏହି ପ୍ରସଙ୍ଗକୁ ନେଇ ଏଏସ୍ଆଇ ଓ ରାଜ୍ୟ ସରକାରଙ୍କ ମଧ୍ୟରେ କୌଣସି ପ୍ରକାର ସମନ୍ୱୟ ନ ଥିବାଭଳି ମନେ ହେଉଛି। ଏହି ପ୍ରସଙ୍ଗରେ ହାଇକୋର୍ଟଙ୍କ ହସ୍ତକ୍ଷେପ ଆବଶ୍ୟକ। ଏଏସ୍ଆଇ, ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ମିଳିତ ଭାବେ କୋଣାର୍କର ସୁରକ୍ଷା ପାଇଁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।




## ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ

**ପୁରୀ ଅଫିସ,୨୬।୧୧**

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି। ଅପରାହ୍ନ ପ୍ରାୟ ୩ଟା ୫୦ରୁ ସନ୍ଧ୍ୟା ୭ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଦଇତାପତି ସେବକମାନେ ଠାକୁରଙ୍କ ଶ୍ରୀଅଙ୍ଗରେ ପଇତାଲାଗି କରିଥିଲେ। ମଧ୍ୟାହ୍ନ ଧୂପ ସରିବା ପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରି ଦେଉଳକରଣଙ୍କଠାରୁ ବାସୁଙ୍ଗା ପାଟରେ ନିର୍ମିତ ପଇତା ନେଇ ଗୋଷ୍ଠୀଗତ ଭାବେ ପଇତାଲାଗି କରିଥିଲେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ୩ ଘଣ୍ଟା ସାଧାରଣ ଦର୍ଶନ ବନ୍ଦ ରହିଥିଲା ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ସୂଚନାଥାଉ କି, ଠାକୁରଙ୍କ ଶ୍ରୀଅଙ୍ଗର ସୁରକ୍ଷା ଲାଗି ବର୍ଷକୁ ପ୍ରାୟ ୪/୫ ଥର ପଇତାଲାଗି କରାଯାଏ।




ଉଦ୍‌ଘାଟନ ଉତ୍ସବ ସ୍ଥାନ : କଳିଙ୍ଗ ଆଥେଲେଟିକ୍ସ ଷ୍ଟାଡିୟମ୍

ODISHA INDIA'S BEST KEPT SECRET.
ODISHA HOCKEY MEN'S WORLD CUP BHUBANESWAR 2018

DSPL-268

ଓଡ଼ିଶା ହକି ପୁରୁଷ ବିଶ୍ୱକପ ଭୁବନେଶ୍ୱର ୨୦୧୮ ପାର୍କିଙ୍ଗ୍ ସ୍ଥାନ




ମଳିଙ୍ଗ ଷ୍ଟାଡିୟମର ନକ୍ସା




PK1 Janta Maidan Parking

PK2 Nicco Park Road Parking

PK3 Old AG Colony Parking

PK4 Behera Sahi Parking

PK5 Nayapalli Durga Puja Mandap Parking

PK6 IDCOL Ground Parking

PK7 Nayapalli Rabana Podi Ground Parking

29001/13/0065/1819



ପିଲା ଯାହା ମାଗେ ତାକୁ ସବୁ ଦେଇଦେଲେ
ସେ କ୍ରମେ ଖରାପ ହୋଇଯିବା।
- ଓସୋ



## ସଂକ୍ଷେପରେ

### ଚିତା ବାଘ ଚମଡ଼ା ଜବତ, ଶିକାରୀ ଗିରଫ



ବଡ଼ମ୍ବା,୨୬।୧୧(ଡି.ଏନ.ଏ.): ନିକଟରେ ବଡ଼ମ୍ବା ଅଞ୍ଚଳରୁ ଜଣେ ହାତୀ ଶିକାରୀଙ୍କୁ ବନବିଭାଗ ଗିରଫ କରିଥିଲା। ସୋମବାର ପୁଣି ଜଣେ ବାଘ ଶିକାରୀଙ୍କୁ ବିଭାଗ ଗିରଫ କରିଛି। ସେ ହେଲେ ନରସିଂହପୁର ଥାନା ଅନ୍ତର୍ଗତ ପାତ୍ରଭଗା ଗ୍ରାମର ଇଚ୍ଛାନନ୍ଦ ଜାନୀ (୩୦)। ଇଚ୍ଛାନନ୍ଦ ଏକ ଚିତାବାଘ ଚମଡ଼ାକୁ ନେଇ ବଡ଼ମ୍ବା ବନାଞ୍ଚଳ ଅନ୍ତର୍ଗତ ଗୁପ୍ତ ମାରିକ ଜଙ୍ଗଲ ନିକଟସ୍ଥ ଛାଞ୍ଚୁଣିଆ ଦେଇ ଯାଉଥିଲେ। ଏହି ସମୟରେ ତାଙ୍କୁ ସେଠାରୁ ଆଠଗଡ଼ ଉପଖଣ୍ଡ ବନ ବିଭାଗ ମୋବାଇଲ୍ ଟିମ୍ ଗିରଫ କରିବା ସହିତ ତାଙ୍କଠାରୁ ଚମଡ଼ାକୁ ଜବତ କରିଥିଲା। ଆଠଗଡ଼ ଡିଏଫଓ ସସ୍ମିତା ଲେଙ୍କାଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଗିରଫ ଶିକାରୀଙ୍କୁ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରହିଥିବା ଡିଏଫଓ ଲେଙ୍କା ପ୍ରକାଶ କରିଛନ୍ତି।

### ପାନୀୟ ଜଳ ସମସ୍ୟା ସମାଧାନ ଦାବି

ଆଠଗଡ଼,୨୬।୧୧(ସ୍ୱ.ପ୍ର.): ଆଠଗଡ଼ ବ୍ଲକ ଅଧୀନ ମହାକାଳବସ୍ତ ପଞ୍ଚାୟତର ମଞ୍ଜାରିପଦା ଗ୍ରାମରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ତେବେ ଏହି ସମସ୍ୟାର ସମାଧାନ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ଆଠଗଡ଼ ଉପଜିଲାପାଳଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗ୍ରୀଷ୍ମ ଋତୁଠାରୁ ଗ୍ରାମରେ ଜଳ ସଙ୍କଟ ଦେଖା ଦେଇଛି। ସେତେବେଳେ ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବ୍ଲକ କର୍ତ୍ତୃପକ୍ଷଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଅକର୍ଷଣ କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ତାହାର ସମାଧାନ ହୋଇ ପାରିଲା ନାହିଁ। ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ଗ୍ରାମରେ ୭୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ପାନୀୟ ଜଳ ପାଇଁ ୨ଟି ନଳକୂପ ଉପରେ ସମସ୍ତେ ନିର୍ଭରଶୀଳ। ମାତ୍ର ସେଥି ମଧ୍ୟରୁ ଗୋଟିଏ ନଳକୂପ ଦୀର୍ଘ ଦିନ ହେବ ଅଚଳ ହୋଇପଡିଛି। ଅନ୍ୟ ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରି ଚଳୁଥିଲେ। ଏବେ ସେଥିରୁ ମାଟିଆ ଓ କୋଇଲା ଗୁଣ୍ଡ ମିଶା ପାଣି ବାହାରୁଥିବାରୁ ତାହା ବ୍ୟବହାର ଅନୁପଯୋଗୀ ହୋଇଛି। ଗ୍ରାମରେ କିଛିଦିନ ହେବ ଟ୍ୟାଙ୍କର ସହାୟତାରେ ପାନୀୟଜଳ ଯୋଗାଇ ଦିଆଯାଉଥିଲା। ଆଜକୁ ଏକମାସ ହେବ ତାହା ବନ୍ଦ ରହିଛି। ତେବେ ଆଗାମୀ ଦିନରେ ଯଦି ଏହାର ସମାଧାନ ନ ହୁଏ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

ସାଲେପୁର,୨୬।୧୧(ଡି.ଏନ.ଏ.): ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ଉତ୍ତରବଟେଶ୍ୱର ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବିଡିଓ ଶିବବ୍ରତ ଘୋଷ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ଶିଶୁ ବିକାଶ ଯୋଜନା ଅଧିକାରିଣୀ ସୁଷମା ମହାପାତ୍ର, ସୁପରଭାଇଜର ସ୍ୱାଗତିକା ବେହେରା, ସରପଞ୍ଚ ସରସ୍ୱତୀ ବେହେରା, ସମିତିସଭ୍ୟ ବିଭୁତିଭୂଷଣ ଦାଶ, ବନମାଳୀ ମଲ୍ଲିକ, କୁନିଲତା ସାହୁ, ମେନକା ସାମଲ, ଜ୍ୟୋତ୍ସ୍ନାମୟୀ ଦୀକ୍ଷିତ, ବିଦୁଲତା ଦେଈ, ପ୍ରେମଲତା ପରିଡ଼ା ଓ ସୁଷମା ଦିକ୍ଷୀତଙ୍କ ସମେତ ଅଞ୍ଚଳର ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା ଯୋଗ ଦେଇଥିଲେ। ଜଇରାମ ବେହେରା, ରଞ୍ଜନ ସେଠୀ, ଲିନା ମହାନ୍ତି, ଗୀତାଞ୍ଜଳି ସେଠୀ ଓ ହିମାଂଶୁବାଳା ମହାନ୍ତିଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟମାନେ ସହଯୋଗ କରିଥିଲେ।

### ଚାଷୀଙ୍କୁ ବିହନ କିଟ୍ ବଣ୍ଟନ

ଆଠଗଡ଼,୨୬।୧୧(ସ୍ୱ.ପ୍ର.): ଆଠଗଡ଼ ବ୍ଲକ ପରିସରରେ ସୋମବାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ରବି ଋତୁପାଇଁ ଚାଷୀଙ୍କୁ ବିହନ କିଟ୍ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ କୃଷି ପରାମର୍ଶ କେନ୍ଦ୍ର ସଭାପତି ରବୀନ୍ଦ୍ରନାଥ ରାଉତ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ଦଳେଇ ଓ ରଞ୍ଜନ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏଥିରେ ୧୦୦ଜଣଙ୍କୁ ଚିନାବାଦାମ, ୧୨୫ ଜଣଙ୍କୁ ମୁଗ ଓ ୧୨୫ଜଣଙ୍କୁ ଶୋରିଷ ବିହନ ବଣ୍ଟନ କରାଯାଇଥିଲା।

■ ଏରକଣା ବଜାରରୁ ଜବରଦଖଲ ଉଚ୍ଛେଦ

# ମାଟିରେ ମିଶିଲା ୧୨୦ ଦୋକାନ

- ମିଳିଲାନି କ୍ଷତିପୂରଣ
- ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ
- ୫ ପ୍ଲାଟୁନ ଫୋର୍ସ ମୁତୟନ

ମାହାଙ୍ଗା/ଲଳିତଗିରି,୨୬।୧୧(ସ୍ୱ.ପ୍ର.)

ମାହାଙ୍ଗା ତହସିଲ ଅଧୀନ ଗୋକନସ୍ଥିତ ଏରକଣା ବଜାରରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଫଳରେ ଏଠାରେ ଥିବା ୧୨୦ ଦୋକାନ ଓ କେତେ ଗୁଡ଼ିଏ ବାସଗୃହ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ତହସିଲ ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ ସମୟରେ ସାମାନ୍ୟ ଉତ୍ତେଜନା ଦେଖା ଦେଇଥିଲା। କ୍ଷତିପୂରଣ ପ୍ରଦାନ କରା ନ ଯାଇ ଭଙ୍ଗା ଯାଇଥିବାରୁ ବ୍ୟବସାୟୀ ଓ ବାସ ଗୃହ କରିଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ପ୍ରକାଶଯୋଗ୍ୟ, ଏହି ବଜାର ଦେଇ ଯାଇଥିବା ମାହାଙ୍ଗା-କଟିକଟା ପୂର୍ତ୍ତ ବିଭାଗ ରାସ୍ତାର ବର୍ତ୍ତମାନ ଉନ୍ନତୀକରଣ କାର୍ଯ୍ୟ ଚାଲୁ ରହିଛି। ବଜାରର ଉଭୟ ପାର୍ଶ୍ୱରେ ସରକାରୀ ଜମିକୁ ଜବରଦଖଲ କରି ୧୨୦ରୁ ଊର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ଗଢ଼ି ଉଠିବା ସହ କେତେଜଣ ଲୋକ ବାସ ଗୃହ କରି ରହୁଥିଲେ। ରାସ୍ତା ସମ୍ପ୍ରସାରଣ ପାଇଁ ତହସିଲ ପକ୍ଷରୁ ଏହାକୁ ଖାଲି କରିବା ପାଇଁ ବାରମ୍ବାର ନୋଟିସ କରାଯାଇଥିଲା। ହେଲେ ବ୍ୟବସାୟୀ ଶୁଣି ନ ଥିଲେ। ଦୋକାନକୁ ଭରସା କରି ସେମାନେ ପରିବାର ପ୍ରତିପୋଷଣ କରୁଥିବାରୁ ଦୋକାନ ନ ଉଠାଇବା ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଭଳି ଭାବେ ଦୀର୍ଘ ଦିନ ହେବ ପ୍ରଶାସନ ଓ ବ୍ୟବସାୟୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଥିଲା। ଦୁଇ ଦିନ ପୂର୍ବେ ଜବରଦଖଲକାରୀଙ୍କୁ ଉଠିଯିବା ପାଇଁ ତହସିଲ ପକ୍ଷରୁ ନୋଟିସ ଦିଆଯିବା ସହ ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦିଆଯାଇଥିଲା। କିନ୍ତୁ ବ୍ୟବସାୟୀ ନ ଉଠିବାରୁ ବାଧ ହୋଇ ତହସିଲ ପକ୍ଷରୁ ଏହି ଉଚ୍ଛେଦ କରାଯାଇଛି।



ଜେସିବି ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ଉଚ୍ଛେଦ ସମୟରେ ୫ ପ୍ଲାଟୁନ ଫୋର୍ସ ଜଗି ରହିଥିଲେ। ୨ଟି ଜେସିବି ସହାଯ୍ୟରେ ଦେକାନଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା। ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନୃସିଂହ ଚରଣ ସ୍ୱାଇଁ, ପ୍ରଦ୍ୟୁମ୍ନ ଜେନା, ଡିଏସପି ଆଲୋକ ରାୟ, ପିକେ ମଲିକ, ଏସଏନ ଦାସ, ମାହାଙ୍ଗା ଥାନା ଆଇଆଇସି ଯୁଗଳ କିଶୋର ଦାସ ଓ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଶୁଭ୍ରାଂଶୁ ଶେଖର ପରିଡାଙ୍କ ସମେତ ନେମାଳ, କିଶନନଗର, ଟାଙ୍ଗୀ, ଗୁରୁଡିଝାଟିଆ ଥାନାର ଆଇଆଇସି ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ତହସିଲଦାର ଦିଲୀପ ମହାରଣା, ଅତିରିକ୍ତ ତହସିଲଦାର ଦିଲୀପ ନାୟକ, ପରିଦର୍ଶକ ଜଗବନ୍ଧୁ ଜେନାଙ୍କ ସମେତ ସମସ୍ତ ରାଜସ୍ୱ ନିରୀକ୍ଷକ ମଧ୍ୟ ଉପସ୍ଥିତ ରହିଥିଲେ। ତହସିଲଦାର ଏହି ଜବରଦଖଲ ମାମଲା ଶୁଣାଣି କରିବାର ଏକ ମାସ ମଧ୍ୟରେ ଉଚ୍ଛେଦ କରି ପାରିବେ ନାହିଁ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲା। ମାତ୍ର ମାମଲା ଶୁଣାଣିର ୬ ଦିନ ମଧ୍ୟରେ ତହସିଲଦାର ଜବରଦଖଲ ଉଚ୍ଛେଦ କରିଛନ୍ତି ବୋଲି ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଦୋକାନ ଭାଙ୍ଗି ଯାଇଥିବାରୁ କିପରି ପରିବାର ଚଳାଇବେ ବୋଲି ବ୍ୟବସାୟୀ ଚିନ୍ତାରେ ପଡ଼ିଛନ୍ତି। ଏ ସମ୍ପର୍କରେ ତହସିଲଦାର ଦିଲୀପ ମହାରଣା କହିଛନ୍ତି, ଜବରଦଖଲ ଉଚ୍ଛେଦ ବନ୍ଦ ନେଇ ହାଇକୋର୍ଟଙ୍କ କୌଣସି ନିର୍ଦ୍ଦେଶ ନ ଥିଲା। ଏକ ପୂର୍ବର ନିର୍ଦ୍ଦେଶକୁ ବ୍ୟବସାୟୀ ଉପସ୍ଥାପନ କରିଛନ୍ତି।



ପୁରୀରୁ ଆସିଥିବା କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଛନ୍ତି।

ନରସିଂହପୁର ଛାଡ଼ଖାଇ ଉତ୍ସବର ତୃତୀୟ ସନ୍ଧ୍ୟା

## ଗୋଟିପୁଅ ନୃତ୍ୟରେ ଦର୍ଶକ ମୁଗ୍ଧ

ନରସିଂହପୁର,୨୬।୧୧(ଡି.ଏନ.ଏ.)

ନରସିଂହପୁର ଛାଡ଼ଖାଇ ଉତ୍ସବର ତୃତୀୟ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୁରୀରୁ ଆସିଥିବା କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଏହା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଏହାପରେ କଟକରୁ ଆସିଥିବା ସଂଘମ ଅନୁଷ୍ଠାନର କଳାକାରମାନେ ନୃତ୍ୟସଂଗୀତ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ମ୍ୟୁଜିକ ମେକର ମେଲୋଡି କଳାକାରଙ୍କ ସଂଗୀତ ମୂର୍ଚ୍ଛନାକୁ ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ମଞ୍ଚର ଅତିଥିଭାବେ ଆଠଗଡ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରକାଶ ଚନ୍ଦ୍ର ପାଲ, ଆଇନଜୀବୀ ଲଳିତ ବିଶ୍ୱାଳ ଓ ପୂର୍ଣ୍ଣଚନ୍ଦ୍ର ଗୁରୁ ଯୋଗଦେଇ ଛାଡଖାଇର ଆରମ୍ଭ ଏବଂ ବର୍ତ୍ତମାନ ସ୍ଥିତି ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ଦେବଦତ୍ତ ମଳୟ କୁମାର ବରାଳ ସଂଯୋଜନା କରିଥିଲେ। ଶେଷରେ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ଦେଇଥିଲେ। ଢେଙ୍କାନାଳ, କଟକ, ନୟାଗଡ ଓ ଅନୁଗୋଳ ଜିଲାର ବହୁ ଦର୍ଶକ ଏଠାକୁ ଆସୁଛନ୍ତି। ଚଳିତ ବର୍ଷ ୫୪୫ ବିଭିନ୍ନ ଷ୍ଟଲ ସହିତ ବାଣିଜ୍ୟ ମେଳାର ସୁଯୋଗ ଦର୍ଶକ ଉଠାଉଛନ୍ତି। ବହୁ ସରକାରୀ ଅନୁଷ୍ଠାନ ଲୋକଙ୍କୁ ସଚେତନ କରିବା ପାଇଁ ଷ୍ଟଲ ଖୋଲିଛନ୍ତି। ପ୍ରତ୍ୟେହ ୨୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଭିଡ଼ ଜମୁଛି। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇଛି।



ବାଙ୍କୀଠାରେ ଆୟୋଜିତ ଆଇନ ଦିବସରେ ଯୋଗଦେଇଥିବା ଅତିଥି।

■ ବିଭିନ୍ନ ସ୍ଥାନରେ ଆଇନ ଦିବସ

## ଚରିତ୍ର ସଂଶୋଧନ ନ ହେଲେ ଶାସନ ଭୁଶୁଡ଼ିବ

ବାଙ୍କୀ,୨୬।୧୧(ସ୍ୱ.ପ୍ର.)

ବାଙ୍କୀ କୋର୍ଟ ପରିସରରେ ସୋମବାର ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଇନ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ତାଲୁକ ଆଇନ ସେବା କମିଟି ଅଧକ୍ଷ ମୋନାଲିସା ମହାନ୍ତି ଏହାକୁ ଉଦ୍‌ଘାଟନ କରି କହିଥିଲେ, ସମ୍ବିଧାନ ଓ ଆଇନର ଗାରିମା ରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ। କେବଳ ଆଇନ ପ୍ରଣୟନ କଲେ ଦୁର୍ନୀତି, ଅପରାଧ ଲୋପ ପାଇବ ନାହିଁ। ଚରିତ୍ରର ସଂଶୋଧନ ନ ହେଲେ ଆଇନର ଶାସନ ଭୁଶୁଡିବ। ଉପଖଣ୍ଡ ବିଚାର ବିଭାଗ ମାଜିଷ୍ଟ୍ରେଟ୍ ଡ. ମମତା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଇନଜୀବୀ ବିରଞ୍ଚି ନାରାୟଣ ଦାସ, ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା, ପ୍ରଦୀପ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। କୈଳାସ ଚନ୍ଦ୍ର ମହାପାତ୍ର, ଶିବ ପ୍ରସାଦ ପାଢୀ, ସୁନୀଲ ମଙ୍ଗରାଜ, ଲକ୍ଷ୍ମୀନାରାୟଣ ପଣ୍ଡା ଓ ସୁଜିତ୍ ପଣ୍ଡାଙ୍କ ସମେତ ଓକିଲ ମୋହରିରମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଆଠଗଡ଼,(ସ୍ୱ.ପ୍ର.):** ଆଠଗଡ଼ ତାଲୁକ ଆଇନ୍‌ସେବା କମିଟି ଆନୁକୁଲ୍ୟରେ ସ୍ଥାନୀୟ ବିଚାର ବିଭାଗୀୟ ପରିସରରେ ଆଇନ୍ ଦିବସ ପାଳିତ ହୋଇଯାଇଛି। କମିଟି ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷ ନନ୍ଦଙ୍କ ସମେତ ବରିଷ୍ଠ ଦେୱାନୀ ବିଚାର ବିଭାଗୀୟ ଅଧିକାରୀ ଶରତ ଜେନା, ଏସ୍‌ଡିଜେଏମ ଶାଶ୍ୱତୀ ମିଶ୍ର, ଜେଏମ୍‌ଏସସି ପ୍ରଜ୍ଞା ପରମିତା ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ଆଇନଜୀବୀ ପଦାରବିନ୍ଦ ଜେନା ପରିଚାଳନା କରିଥିଲେ।

**ନରସିଂହପୁର,(ସ୍ୱ.ପ୍ର.):** ନରସିଂହପୁର ବିଚାର ବିଭାଗ ଅଦାଲତ ପରିସରରେ ଆଇନ ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ ସଚେତନତା ଓ ସ୍ୱାକ୍ଷରତା କମିଟି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ୍ ମାନସ ରଞ୍ଜନ ସାମନ୍ତରାୟ ଅଧକ୍ଷତା କରିଥିଲେ। ବରିଷ୍ଠ ଆଇଜୀବୀ ପ୍ରଫୁଲ୍ଲ ପଣ୍ଡା, ଦେବଦତ୍ତ ମଳୟ କୁମାର ବରାଳ, ଜ୍ଞାନରଞ୍ଜନ ନାୟକ, ଅଶୋକ କୁମାର ଶତ୍‌ପଥୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ୮ଦଫା ଦାବିପତ୍ର

ଆଠଗଡ଼,୨୬।୧୧(ସ୍ୱ.ପ୍ର.)

ଆଠଗଡ଼ ସହରର ବିଭିନ୍ନ ସମସ୍ୟା ନେଇ ସୋମବାର ନଗର ଭାଜପା ପକ୍ଷରୁ ଆଠଗଡ଼ ଉପଜିଲାପାଳଙ୍କୁ ୮ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ୧୫ ଦିନ ମଧ୍ୟରେ ଏସବୁ ସମସ୍ୟାର ସମାଧାନ ନ ହେଲେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆଠଗଡରେ ଦୈନିକ ଦେଢ ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି, ଘରୋଇ ବିଦ୍ୟୁତ୍ କମ୍ପାନୀର ଅବଧି ସରିଯାଇଥିଲେ ମଧ୍ୟ ସେ କିଭଳି କାମ କରୁଛି ତାର ତଦନ୍ତ, ଠିକାଦାର ଡ୍ରେନ୍ ଓ ରାସ୍ତା କାମ କରିବା ଆଳରେ ରାସ୍ତା ଦୀର୍ଘଦିନ ଧରି ବାଲି, ଗୋଡି ପକାଇ ରାସ୍ତା ଅବରୋଧ କରୁଛନ୍ତି, ନଗରର ମୁଖ୍ୟ ରାସ୍ତା କଡରେ ଏବଂ ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ପାଇଁ ପାଇଖାନା ନିର୍ମାଣ, ଅର୍ଦ୍ଧ ନିର୍ମିତ ହୋଇ ପଡିଥିବା ଡ୍ରେନ କାମ ଓ ମୁଖ୍ୟରାସ୍ତାକୁ ତୁରନ୍ତ ଶେଷ କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ନଗର ସାଧାରଣ ସମ୍ପାଦକ ନଚିକେତା ପରମାଣିକ, ସଂଯୁକ୍ତା ତ୍ରିପାଠୀ, ଇଲା ପଣ୍ଡା, ବିଜୟ କୁମାର ପରିଡା ଓ ସନ୍ତୋଷ ପଟ୍ଟନାୟକ ପ୍ରମୁଖ କର୍ମୀ ଦାବିପତ୍ର ପ୍ରଦାନ କରିଥିଲେ।

## ଜନଶୁଣାଣିକୁ ଆସିଲେନି ଜିଲାପାଳ

ନିଶ୍ଚିନ୍ତକୋଇଲି,୨୬।୧୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ତେବେ ଏହି ଶିବିର ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିଲେ ମଧ୍ୟ ସେ ଆସି ନ ଥିଲେ। ଫଳରେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ ଓ ଉପଜିଲାପାଳ ସୁକାନ୍ତ ପ୍ରଧାନ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ବ୍ଲକ ଅଧକ୍ଷା ସବିତା ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀଙ୍କ ଅଭିଯୋଗ ଗୁଡ଼ିକର ସାମାଧାନ ଜିଲାସ୍ତରୀୟ ଅଧିକାରୀଙ୍କ ସହାୟତାରେ କରିଥିଲେ। ଶିବିରରେ ମୋଟ୍ ୯୨ ଅଭିଯୋଗ ଆସିଥିଲା। ସେଥିରୁ ୧୫ ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ୬ ଜଣଙ୍କୁ ୧୩ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାବେଳେ ୪ ଜଣଙ୍କୁ ଟ୍ରାଇ ସାଇକେଲ, ୩ ଜଣଙ୍କୁ ଆଶାବାଡି ଓ ୨ ଜଣଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଗ୍ରାମାଞ୍ଚଳ ଏସପି ମାଧବ ଚନ୍ଦ୍ର ସାହୁ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଜିଲା ସମାଜ ମଙ୍ଗଳଅଧିକାରୀ ନିରୂପମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏବିଡିଓ ସୁଶାନ୍ତ ରଣା, ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁ, ଗ୍ରାମ୍ୟ ଉନୟନ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟଜିତ ଦଳେଇ, ମେଡିକାଲ ଅଫିସର ଅମିତ କୁମାର ଜେନା ଓ ସମାଜମଙ୍ଗଳ ଅଧିକାରୀ ସର୍ବେଶ୍ୱର ସିଂ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଭାଜପାର ଜନ ପରାମର୍ଶ ପଦଯାତ୍ରା

ଆଠଗଡ଼,୨୬।୧୧(ସ୍ୱ.ପ୍ର.)

ଆଠଗଡ଼ରେ ସୋମବାର ଭାଜପାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ରାଧାଦର୍ଶନପୁରଠାରୁ କର୍ମୀ ଏକତ୍ରିତ ହୋଇ ବିଭିନ୍ନ ଗ୍ରାମକୁ ପଦଯାତ୍ରା କରିଥିଲେ। ବ୍ରଜେନ୍ଦ୍ର ରାୟଙ୍କ ନେତୃତ୍ୱରେ କାର୍ଯ୍ୟକାରିଣୀ ସଦସ୍ୟ ମନ୍ମଥ ମିଶ୍ର, ବିଶ୍ୱସୁନ୍ଦର ମିଶ୍ର ପ୍ରମୁଖ ଲୋକଙ୍କୁ ଭେଟିଥିଲେ। କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାରୁ ବଞ୍ଚିତ ହୋଇଥିବା ଲୋକଙ୍କଠାରୁ ସେମାନେ ଅଭିଯୋଗପତ୍ର ଗ୍ରହଣ କରିଥିଲେ।

## କୋଠପଦା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ମାହାଙ୍ଗା,୨୬।୧୧(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତର କୋଠପଦା ରଘୁନାଥଜୀଉ ମଠ ନିକଟରେ କୋଠପଦା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ବ୍ଲକ ଅଧକ୍ଷ ଶରତ ନାୟକ, ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ, ଯୁବ ବିଜେଡି ସଭାପତି ଶରତ ମହାପାତ୍ର ଓ ଦୀପକ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାନୀୟ ଜଳ ଓ ପରିମଳ ସହକାରୀ ନିର୍ବାହୀ ଯନ୍ତ୍ରୀ କାଳୁ ଚରଣ ବେହେରା, ସହକାରୀ ଯନ୍ତ୍ରୀ ବସନ୍ତ ସେଠୀ, କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରିୟା ସାହୁ, ଚିତ୍ତରଞ୍ଜନ ଦାସ, ଯୁବନେତା ନିରଞ୍ଜନ ପ୍ରଧାନ, ବଳରାମ ବେହେରା, ରଘୁନାଥ ଜେନା, ଗିରୀଶ ପଣ୍ଡା ଓ ଭ୍ରମରବର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ମନ୍ତ୍ରୀ ପାତ୍ର ଓ ଜେନାଙ୍କ ଦ୍ୱାରା କଲ୍ୟାଣପୁର ବଜାରର ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟନ କରାଯାଇଥିଲା।

## ମାନସ ମେମୋରିଆଲ କପ୍ କ୍ରିକେଟ୍, ସେମିରେ କାଇପଦର

ବାଙ୍କୀ,୨୬।୧୧(ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ କଳାପଥର-ଧଳାପଥର ଉଚ୍ଚ ବିଦ୍ୟାଳୟ ପଡିଆରେ ଆୟୋଜିତ ୨୪ତମ ମାନସ ମେମୋରିଆଲ କପ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ୩ୟ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ମ୍ୟାଚରେ ବାଙ୍କୀ ଆଥଲେଟିକ ଆସୋସିଏଶନକୁ ହରାଇ ସତ୍ୟପିର ସ୍ପୋର୍ଟିଂ କାଇପଦର ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବାଙ୍କୀ ବ୍ୟାଟିଂ କରିଥିଲା। ୨୨ ଓଭରରେ ଦଳ ୭ ଉଇକେଟ ହରାଇ ୧୭୭ ରନ୍ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ ସାହୁ ସର୍ବାଧିକ ୭୫ ରନ କରିଥିଲେ। ଜବାବରେ କାଇପଦର କୁଳଦ୍ୱୀପ ପାଇକରାୟଙ୍କ ବିସ୍ଫୋରକ ୧୦୩ ରନ୍ ସହାୟତାରେ ୨୦.୧ ଓଭରରେ ୪ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଅମ୍ପାୟାର ଚିତ୍ତରଞ୍ଜନ ପଣ୍ଡା ଓ ପାର୍ଥବୀର ରାୟଗୁରୁ ଖେଳ ପରିଚାଳନା କରିଥିଲେ। ଅତିଥିଭାବେକ ସୁଧିରଞ୍ଜନ ପଣ୍ଡା ଓ ବିଶ୍ୱଜିତ ମହାପାତ୍ର ଯୋଗ ଦେଇଥିଲେ।

## ନୃତ୍ୟଗୁରୁ ଗୋପୀକୃଷ୍ଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ବାଙ୍କୀ,୨୬।୧୧(ସ୍ୱ.ପ୍ର.)

ବାଙ୍କୀ ବରପୁତ୍ର ତଥା ନୃତ୍ୟଗୁରୁ ସ୍ୱର୍ଗତ ଗୋପୀକୃଷ୍ଣ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସୋମବାର କବିଚନ୍ଦ୍ର ଭବନ କଳା ସାହିତ୍ୟ ସଂସ୍କୃତି ପରିଷଦଠାରେ ପାଳିତ ହୋଇଯାଇଛି। ସେଠାରେ ସ୍ଥାପିତ ବେହେରାଙ୍କ ପ୍ରତିମୂର୍ତ୍ତିରେ କଳା ସାହିତ୍ୟ ସଂସ୍କୃତି ପରିଷଦ କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ମହାପାତ୍ର, ସାଂସ୍କୃତିକ ସମ୍ପାଦକ ବିଜୟ ଦିକ୍ଷୀତ, ଉପସଭାପତି ପ୍ରାଧ୍ୟାପକ ମନୋଜ ମହାପାତ୍ର, ସହସମ୍ପାଦକ ଶ୍ରୀନିବାସ ବେହେରା, ସମ୍ପାଦକ ବେଣୁଧର କର, ନୃତ୍ୟଗୁରୁ ମହେଶ ନାୟକ, ସ୍ମୃତି ସଂସଦ ସମ୍ପାଦକ କୁମାର ଗିରି, ସଭ୍ୟ ବିଜୟ ରାଜ, କାହ୍ନୁଚରଣ ବେହେରା, ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଗୁଣଗାନ କରିଥିଲେ।



ନୃତ୍ୟଗୁରୁ ଗୋପୀକୃଷ୍ଣଙ୍କ ପ୍ରତିମୂର୍ତ୍ତି ଅତିଥିମାନେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

## କାର୍ତ୍ତିକେଶ୍ୱର ଭସାଣି ବେଳେ ଗଣ୍ଡଗୋଳ ଘଟଣା : ୬ ଗିରଫ

କଟକ ଅଫିସ୍,୨୬।୧୧

କାର୍ତ୍ତିକେଶ୍ୱର ଭସାଣି ବେଳେ ଦୁଇଗୋଷ୍ଠୀ ମଧ୍ୟରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ଲାଲ୍‌ବାଗ୍ ପୋଲିସ ସୋମବାର ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲାଲ୍‌ବାଗ୍ ଥାନା ଅନ୍ତର୍ଗତ ମହୀ ଦାସ ବଜାର ଅଞ୍ଚଳର ସନ୍ତୋଷ ସିଂ, ସୁବ୍ରତ ଦେଓ, ରାଜୁ ବେହେରା, ଜୟଶ୍ୱର ସାହୁ, କିଶୋର ବେହେରା ଓ କୁନୁ ବେହେରା। ଏ ନେଇ ଅଭିଯୋଗ ହେବା ପରେ ଥାନାରେ ମାମଲା(ନଂ.୧୮୯/୧୮) ରୁଜୁ ହୋଇଛି। ସୂଚନାଯୋଗ୍ୟ, ରବିବାର ଅପରାହ୍ନ ପ୍ରାୟ ୩ ଟାରେ ମହୀ ଦାସ ବଜାର କାର୍ତ୍ତିକେଶ୍ୱର ମେଢ ଭସାଣି ଶୋଭାଯାତ୍ରାରେ କାଜି ବଜାର ଦେଇ ଯାଉଥିବାବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଉଭୟ ପକ୍ଷରୁ ଢେଲା, ପଥର ମାଡ କରାଯିବାରୁ ୪ ଜଣ ଆହତ ହୋଇଥିଲେ।

# ମଡେଲ ଥାନା ମାନ୍ୟତା ପାଇଲା ସାଲେପୁର





ମଡେଲ ଥାନା ଉଦ୍‌ଘାଟନ ଉତ୍ସବରେ ବିଧାୟକ ପ୍ରକାଶ ବେହେରା, ବରିଷ୍ଠ ପୋଲିସ ଅଧିକାରୀ ଓ ଅନ୍ୟମାନେ।

ସାଲେପୁର,୨୬।୧୧(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ରାଜ୍ୟର ୩୫ ମଡେଲ ଥାନା ଉଦ୍‌ଘାଟନ କରିଛନ୍ତି। ଏଥିରେ କଟକ ଜିଲାର ସାଲେପୁର ଥାନା ପ୍ରଥମ ମଡେଲ ଥାନା ଭାବେ ସ୍ଥାନ ପାଇଛି। ଏହି ଅବସରରେ ଥାନା ପରିସରରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କଟକ ଗ୍ରାମାଞ୍ଚଳ ଏସ୍‌ପି ମାଧବ ଚନ୍ଦ୍ର ସାହୁ ଓ ସାଲେପୁର ବିଧାୟକ ପ୍ରକାଶ ବେହେରାଙ୍କ ସମେତ ଅନ୍ୟ ଅତିଥି ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳ ଏସ୍‌ପି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣସଭାରେ ବିଧାୟକ ବେହେରା ଯୋଗଦେଇ ମୁଖ୍ୟମନ୍ତ୍ରୀ ମଡେଲ୍ ଥାନା ମଧ୍ୟରେ ସାଲେପୁରକୁ ସ୍ଥାନ ଦେଇଥିବାରୁ ତାହା ଆମ ଅଞ୍ଚଳ ପାଇଁ ଖୁସିର ବିଷୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଜ୍ୟୋତିରେଖା ନାୟକ, ବିଜେଡି ନେତା ପ୍ରଶାନ୍ତ ବେହେରା, ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ ସାହୁ ଯୋଗ ଦେଇଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ଅଧକ୍ଷା ସବିତା ଓଝା, ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ ଜେନା ଓ କାଳୀପ୍ରସାଦ ତ୍ରିପାଠୀ ଯୋଗଦେଇ ଚୋରା ମଦ ବେପାର ହଟାଇବା ଉପରେ ପୋଲିସ ଗୁରୁତ୍ୱ ଦେବାକୁ କହିଥିଲେ। ସାଲେପୁର ଆଇଆଇସି ଦେବେନ୍ଦ୍ର ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଏସ୍‌ପି ସାହୁ ଏବଂ ଅତିଥି ଥାନାର ନବୀକରଣ ହୋଇଥିବା ଗୃହକୁ ଉଦ୍‌ଘୋଟନ କରିଥିଲେ। ଥାନାକୁ ୨ ନୂଆ ପିସିଆର ଭ୍ୟାନ୍ ଓ ୨ ବାଇକ ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ମହିଳା ଶିଶୁ ଡେସ୍କକୁ ସମ୍ପ୍ରସାରିତ କରାଯିବା ସହ ନୂତନ ଗୃହ ନିର୍ମାଣ ଏବଂ ଆବଶ୍ୟକ କର୍ମଚାରୀ ଯୋଗାଇ ଦିଆଯିବ ବୋଲି ଏସ୍‌ପି ସାହୁ ପ୍ରତିଶ୍ରୁତି ଦେଇଥିଲେ।



ପିଲା ଯାହା ମାଗେ ତାକୁ ସବୁ ଦେଉଦେଲେ ସେ କ୍ରମେ ଖରାପ ହୋଇଯିବ।
-ଓସୋ



## ଆଜି କ'ଣ କେଉଁଠି

କଟକ

- ଧର୍ମ ଜାଗରଣ ସମନ୍ୱୟ, କଟକ ନଗର ପକ୍ଷରୁ ଧର୍ମ ଜାଗରଣ ମହିଳା ସମାରୋହ, ଶ୍ରୀରାମଚନ୍ଦ୍ର ଭବନ, ଟାଉନ୍ ହଲ ରୋଡ୍, ପୂର୍ବାହ୍ନ ୧୧ଟା ୩୦।
- ବାଲିଯାତ୍ରା କଟକ ଉତ୍ସବର ପଞ୍ଚମ ସନ୍ଧ୍ୟା, ବାଲିଯାତ୍ରା ପଡ଼ିଆ, ଅପରାହ୍ନ ୫ଟା।

## କାର୍ତ୍ତିକେଶ୍ୱର ଭସାଣି

**ଚୌଦ୍ୱାର/ଫୁଲନଖରା, ୨୬।୧୧ (ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କଖଡି ଓ ମାହାଳପଡା ଗ୍ରାମରେ ସୋମବାର କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମଣ୍ଡପରେ ପୂଜାପାଉଥିବା ଠାକୁର ଆସ୍ଥାନ ଛାଡି ରବିବାର ଅପରାହ୍ନରେ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ସୋମବାର ସକାଳେ ପୂଜା କମିଟି ଠାରୁ ଛନ୍ଦା ଓ ଟିକେଟ୍ ପ୍ରଦାନ କରାଯିବା ପରେ ମୃଣ୍ମୟୀ ମୂର୍ତ୍ତିକୁ ଭସାଣି ପାଇଁ ଶୋଭାଯାତ୍ରାରେ ନିଆଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଚୌଦ୍ୱାର ପୋଲିସ ଓ ଟିପିଏମ୍ ଫାଣ୍ଡି ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମହାନଦୀ କୂଳରେ ନିର୍ମାଣ ହୋଇଥିବା ଅସ୍ଥାୟୀ ପୋଖରୀରେ ମୃଣ୍ମୟ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ସେହିପରି କଟକସଦର ଥାନା ଅନ୍ତର୍ଗତ ଫୁଲନଖରା, ନୂଆକାଚରାମାଳ, ପୁରୁଣା କାଚରାମାଳ, ଶାସୋଳ, ଗରାମ, ଆମଣ, ବିଶ୍ୱାଳପଡ଼ା ଆଦି ବିଭିନ୍ନ ଗ୍ରାମରେ ହୋଇଥିବା କାର୍ତ୍ତିକେଶ୍ୱର ପୂଜାର ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଟକସଦର ପୋଲିସ ଓ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ଦାୟିତ୍ୱ ନେଇଥିଲେ।

## କିଶନନଗର ବିକାଶ ମଞ୍ଚର ଅନଶନ

**କଟକ ସଦର, ୨୬।୧୧ (ଡି.ଏନ୍.ଏ.):** କିଶନ ନଗର ତହସିଲ ଅଞ୍ଚଳର ୨୧ ଦଫା ଦାବି ପୂରଣରେ ବିଳମ୍ବ ଘଟିବା ପ୍ରତିବାଦରେ ସୋମବାର କିଶନନଗର ବିକାଶ ମଞ୍ଚର କର୍ମକର୍ତ୍ତାମାନେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଅନଶନ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ ବୋଲି ମଞ୍ଚର ସଭାପତି ସୀତାନାଥ ପଣ୍ଡା କହିଛନ୍ତି। ଶିକ୍ଷା ବ୍ୟବସ୍ଥାକୁ କଟକ ଜିଲାକୁ ଆଣିବା, ବ୍ଲକ ପ୍ରତିଷ୍ଠା, ଦମକଳ ଓ ସବ୍‌ରେଜିଷ୍ଟ୍ରାରଙ୍କ ଅଫିସ ଖୋଲିବା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଆଦି ପ୍ରମୁଖ ଦାବି ରହିଛି। ସୟସ ସାଜିଦ ଅଲ୍ଲୀ, ପ୍ରତାପ ବେହେରା, ଗଜେନ୍ଦ୍ର ସ୍ୱାଇଁ ଓ ନିର୍ମଳ ରଥ ଅନଶନରେ ବସିଛନ୍ତି।

## ଓଡ଼ିଶା ଇଜ୍‌ତମା ପ୍ରସ୍ତୁତି ବୈଠକ

**କଟକ ସଦର, ୨୬।୧୧ (ଡି.ଏନ୍.ଏ.):** ଆସନ୍ତା ଜାନୁୟାରୀ ମାସରେ ମୁସ୍‌ଲିମ ସମ୍ପ୍ରଦାୟର ଶାନ୍ତି ଓ ସଦ୍‌ଭାବନା ସଭା ଓଡ଼ିଶା ଇଜ୍‌ତମା କଟକ ସଦର ବ୍ଲକ ଅଧୀନ ରାଉତ୍ରାପୁରଠାରେ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ରବିବାର ୪୨ ମୌଜାରେ ମୁସ୍‌ଲିମ୍ ଓ ହିନ୍ଦୁ ସମ୍ପ୍ରଦାୟର ପ୍ରତିନିଧିମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅଧ୍ୟାପକ ସେକ୍ କଲ୍ଲିମୁଲ୍ଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମୌଲାନା ନୁରୁଦ୍ଦିନ ଇଜତମାର ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ରାଉତ୍ରାପୁରଠାରେ ସଭା ଆୟୋଜନ ଦୃଷ୍ଟିରୁ ଘରୋଇ ଜମି ଅଧିଗ୍ରହଣ ପାଇଁ ନିଷ୍ପତି ନିଆଯାଇଥିଲା। ବାହାରୁ ଆସିବାକୁ ଥିବା ଅତିଥିମାନଙ୍କ ସ୍ୱାଗତ କରିବା ପାଇଁ ଉଭୟ ସମ୍ପ୍ରଦାୟର ଲୋକଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏହି ବୈଠକରେ ବିଦ୍ୟାଧର ପାତ୍ର, ବିଭୂତି ଭୂଷଣ ପରିଡା, କେଶବ ଚନ୍ଦ୍ର କର, ଅଶୋକ ବିଶ୍ୱାଳ, ରାମଚନ୍ଦ୍ର ଗୋଚ୍ଛାୟତ, ଅଧ୍ୟାପକ ଖଲିକୁଜ ଜମାନ ଓ ରଘୁନାଥ ମାଝି ପ୍ରମୁଖ ଯୋଗଦେଇଥିଲେ।

## ୧କୁଇଣ୍ଟାଲ ଲୁହା ଜବତ, ଜଣେ ଗିରଫ

**ଖୁଣ୍ଟୁଣୀ, ୨୬।୧୧ (ଡି.ଏନ୍.ଏ.):** ଖୁଣ୍ଟୁଣୀସ୍ଥିତ ଏକ ପାୱାର ପ୍ଲାଣ୍ଟ ନିକଟରୁ ପୋଲିସ ରବିବାର ରାତିରେ ୧କୁଇଣ୍ଟାଲ ଲୁହା ସହ ଏକ ସ୍କୁଟିକୁ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ସ୍ଥାନୀୟ ଅଞ୍ଚଳର ବିଜୟ ଜେନାଙ୍କୁ ଖୁଣ୍ଟୁଣୀ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଏହି ପାୱାର ପ୍ଲାଣ୍ଟରୁ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ଲୁହା ଚୋରି ହେଉଥିବା ଖବରପାଇ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସମ୍ପୃକ୍ତ ବିଜୟଙ୍କୁ ଧରିବା ସହ ଲୁହାକୁ ଜବତ କରିଥିଲା। ଏ ନେଇ ପୋଲିସ ମାମଲା (ନଂ.୧୪୦/୧୮) ରୁଜୁ କରି ତଦନ୍ତ ଚଳାଇଛି।

# ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ୍‌ର ୪ ଗିରଫ

### ■ ଗୁପ୍ତି, ୨୫ ମୋବାଇଲ ଫୋନ୍, ୨ ବାଇକ୍, ୪୦ ହଜାର ଟଙ୍କା ଜବତ

**ଭୁବନେଶ୍ୱର, ୨୬।୧୧ (ବ୍ୟୁରୋ)**

ହକି ବିଶ୍ୱକପ୍‌ର ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଅପରାଧୀ ଦମନ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ରବିବାର ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳରେ ଚଢ଼ାଉ କରି ଡକାୟତି ଯୋଜନା କରୁଥିବା ଏକ ଆନ୍ତଃଜିଲା ଅପରାଧୀ ଗ୍ୟାଙ୍ଗ୍‌ର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯାଜପୁର ଜିଲା ଟାଉନ ଥାନା ଅଞ୍ଚଳର ଶିବା ଦାସ ଓରଫ ଶିବା(୪୦), ଚୁନା ଦାସ ଓରଫ କୁନା(୨୩), ଲକ୍ଷ୍ମଣ ଦାସ ଓରଫ ଲକନ(୨୨) ଏବଂ ଗଞ୍ଜାମ ଜିଲା କୋଦଲା ଅଞ୍ଚଳର ପି. ରାଜା ଓରଫ ରାଜ(୧୯)।



ଗିରଫ ଅଭିଯୁକ୍ତ ଓ ଜବତ ଚୋରି ସାମଗ୍ରୀ।

ସୂଚନା ମୁତାବକ, ଭରତପୁର ଅଞ୍ଚଳରେ କେତେଜଣ ଅପରାଧୀ ଡକାୟତି ଯୋଜନା କରୁଥିବା ନେଇ ସ୍ପେଶାଲ ସ୍କ୍ୱାଡ୍ ନିକଟରେ ଖବର ପହଞ୍ଚିଥିଲା। ତୁରନ୍ତ ଖଣ୍ଡଗିରି ପୋଲିସ ସହ ସ୍କ୍ୱାଡ୍ ଘଟଣାସ୍ଥଳକୁ ଘେରିଯାଇ ଉପରୋକ୍ତ ୪ଜଣଙ୍କୁ ଗିରଫ କରିଥିଲା। ଏଥିସହ ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଗୁପ୍ତି, ୪୦ ହଜାର ଟଙ୍କା, ୨୫ଟି ମୋବାଇଲ ଫୋନ, ଡିକି, ଗ୍ରୀଲ କବାଟ ଭାଙ୍ଗିବା ଯନ୍ତ୍ର, ଗୋଟିଏ ବାଇକ ଓ ସ୍କୁଟି ଜବତ କରିଛି। ଏହି ଗ୍ୟାଙ୍ଗ୍ ଡକାୟତି, ଚୋରି ସହ ଜାତୀୟ ରାଜପଥରେ ଆକ୍ରମଣ କରି ଲୁଟ୍ କରିବା ଆଦି ଏକାଧିକ ମାମଲାରେ ଏମାନଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି। ପଚରାଉଚରା ପରେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବୀରେନ ମିତ୍ର ଥିଲେ ଦରଦୀ ଜନନେତା

**କଟକ ଅଫିସ, ୨୬।୧୧**

ଜିଲା ପ୍ରଶାସନ ଏବଂ ବୀରେନ ମିତ୍ର ଫାଉଣ୍ଡେଶନର ମିଳିତ ସହଯୋଗରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରେନ ମିତ୍ରଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଷ୍ଟିୱାର୍ଟ ସ୍କୁଲ ସମ୍ମୁଖ ବୀରେନ୍ ମିତ୍ର ପାର୍କରେ ଥିବା ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କୁ ଜଣେ ଦରଦୀ ଜନନେତା ଭାବେ ଅଭିହିତ କରିଥିଲେ। ସେ କେବଳ ଜନନେତା ନ ଥିଲେ ବରଂ ଜଣେ ଶ୍ରମିକ ନେତା ଭାବେ ତାଙ୍କର ସୁଖ୍ୟାତି ଥିଲା ଏବଂ ଦରିଦ୍ରଙ୍କର ମାତାପିତା ସଦୃଶ ଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ମିନାକ୍ଷୀ ବେହେରା, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ମଧୁସୂଦନ ସାହୁ, ଚିତ୍ତରଞ୍ଜନ ମହାନ୍ତି, କର୍ପୋରେଟର ଏ. ଶ୍ରୀଦେବୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସମ୍ପାଦକ ଭିକାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ଓ ବୀରେନ ମିତ୍ର ଫାଉଣ୍ଡେଶନର ସମ୍ପାଦକ ସୋମିତ ମିତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅମିତ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସେକ୍ଟର-୧୧ ସିଡିଏଠାରେ ବୀରେନ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ଥୋରିଆସାହିସ୍ଥିତ ବୀରେନ ମିତ୍ର ସ୍ମାରକୀ ମହିଳା ମହାବିଦ୍ୟାଳୟଠାରେ ତାଙ୍କର ପ୍ରତିମୂର୍ତ୍ତି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କ ଦ୍ୱାରା ଅନାବରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ କୁମାର ତ୍ରିପାଠୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଭାତ ରଞ୍ଜନ ବିଶ୍ୱାଳ, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରହ୍ଲାଦ ଚନ୍ଦ୍ର ବିଶ୍ୱାଳ ଓ ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ମିତ୍ରଙ୍କ ସ୍ମୃତିଚାରଣ କରିଥିଲେ।



ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ଜୟନ୍ତୀ ଅବସରରେ ସୋମବାର ଷ୍ଟିୱାର୍ଟ ସ୍କୁଲ ସମ୍ମୁଖ ବୀରେନ୍ ମିତ୍ର ପାର୍କରେ ଥିବା ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

## ଚିତା ବାଘ ଚମଡ଼ା ଜବତ, ଶିକାରୀ ଗିରଫ



**ବଡ଼ମ୍ବା, ୨୬।୧୧ (ଡି.ଏନ.ଏ.):** ନିକଟରେ ବଡ଼ମ୍ବା ଅଞ୍ଚଳରୁ ଜଣେ ହାତୀ ଶିକାରୀଙ୍କୁ ବନବିଭାଗ ଗିରଫ କରିଥିଲା। ସୋମବାର ପୁଣି ଜଣେ ବାଘ ଶିକାରୀଙ୍କୁ ବିଭାଗ ଗିରଫ କରିଛି। ସେ ହେଲେ ନରସିଂହପୁର ଥାନା ଅନ୍ତର୍ଗତ ପାତ୍ରଭଗା ଗ୍ରାମର ଇଚ୍ଛାନନ୍ଦ ଜାନୀ (୩୦)। ଇଚ୍ଛାନନ୍ଦ ଏକ ଚିତାବାଘ ଚମଡ଼ାକୁ ନେଇ ବଡ଼ମ୍ବା ବନାଞ୍ଚଳ ଅନ୍ତର୍ଗତ ଗୁପ୍ତ ମାରିକ ଜଙ୍ଗଲ ନିକଟସ୍ଥ ଛାଞ୍ଚୁଣିଆ ଦେଇ ଯାଉଥିଲେ। ଏହି ସମୟରେ ତାଙ୍କୁ ସେଠାରୁ ଆଠଗଡ଼ ଉପଖଣ୍ଡ ବନ ବିଭାଗ ମୋବାଇଲ୍ ଟିମ୍ ଗିରଫ କରିବା ସହିତ ତାଙ୍କଠାରୁ ଚମଡ଼ାକୁ ଜବତ କରିଥିଲା। ଆଠଗଡ଼ ଡିଏଫଓ ସସ୍ମିତା ଲେଙ୍କାଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଗିରଫ ଶିକାରୀଙ୍କୁ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରହିଥିବା ଡିଏଫଓ ଲେଙ୍କା ପ୍ରକାଶ କରିଛନ୍ତି।

# ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ନିଆଳି, ୨୬।୧୧ (ଡି.ଏନ୍.ଏ.):**

ନିଆଳି ବ୍ଲକ ଅନ୍ତର୍ଗତ ପହଙ୍ଗା ପଞ୍ଚାୟତରେ ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ରୀଡା, ଚିତ୍ରାଙ୍କନ, ନୃତ୍ୟ ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସଙ୍ଗଠକ ପ୍ରଭାକର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନିଆଳି ବ୍ଲକ ଅଧ୍ୟକ୍ଷା କଳ୍ପନା ପାଣି, ମୁଖ୍ୟବକ୍ତା ସଙ୍ଗଠକ ପ୍ରଦୀପ ଦାସ, ସମ୍ମାନିତ ଅତିଥି ଜିଲାପରିଷଦ ସଭ୍ୟ ଅତୁଲ୍ୟ ଜେନା, ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ବିଷ୍ଣୁଚରଣ ସ୍ୱାଇଁ, ପହଙ୍ଗା ସେବା ସମବାୟ ସମିତି ସଭାପତି ପରୀକ୍ଷିତ ବାରିକ, ପହଙ୍ଗା ପଞ୍ଚାୟତ ଯୁବବାହିନୀ ସଭାପତି ମହାଦେବ ରାଉତ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଥଲେଟିକ୍‌ରେ ପାରଦର୍ଶିତା ଲାଭ କରିଥିବା ପହଙ୍ଗା ଗ୍ରାମର ଅମିତାଭ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଶତକଡା ୯୨ପ୍ରତିଶତ ମାର୍କ ରଖିଥିବା ସ୍ୱାଗତିକା ରାଉତଙ୍କ ସମେତ ଅନ୍ୟ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଭାଜପାର ଜନ ପରାମର୍ଶ ପଦଯାତ୍ରା

**କଟକ ସଦର/ଚୌଦ୍ୱାର/ଫୁଲନଖରା, ୨୬।୧୧ (ଡି.ଏନ୍.ଏ.):**

କଟକ ସଦର ବ୍ଲକ ଅଧୀନ କନ୍ଦରପୁର ମଣ୍ଡଳରେ ସୋମବାର ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ନିର୍ମଳ ଦାସଙ୍କ ପୌରୋହିତ୍ୟରେ ରାଜ୍ୟ ସମ୍ପାଦକ ଦିଲୀପ ମଲ୍ଲିକ, ହୃଷୀକେଶ ଜେନା, ଗୋକୁଳ ପ୍ରଧାନ, ପ୍ରତିଭା ଶତପଥୀ, ପିୟୁଷ ରଞ୍ଜନ ପରିଡା, ବନମାଳୀ ରାଉତ, ନାରାୟଣ ପଣ୍ଡା, ବାପି ମଲ୍ଲିକ ଓ ଯୋଗେନ୍ଦ୍ର ଭୋଇ ପ୍ରମୁଖ ଅଥଙ୍ଗା ଛକରୁ ପଦଯାତ୍ରାରେ ବାହାରି ପରମହଂସ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏଥିରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଲୋକଙ୍କ ମତାମତ ନିଆଯାଇଥିଲା।

ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ସୋମବାର ପୌରପାଳିକାର ୧୩, ୧୪, ୧୫ ଓ ୧୬ ନଂ. ୱାର୍ଡରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ପାଇକରାପୁର ଗ୍ରାମର ଶିବ ମନ୍ଦିର ପରିସରରୁ ପଦଯାତ୍ରା ବାହାରି ୱାର୍ଡ ପରିକ୍ରମା କରିବା ସହିତ ପ୍ରଥପ୍ରାନ୍ତ ସଭା କରାଯାଇଥିଲା। ଚିତ୍ତେଶ୍ୱର ଗନ୍ଧର୍ବନାଥ ମନ୍ଦିର ପରିସରରେ ପଦଯାତ୍ରା ସମାପ୍ତ ହୋଇଥିଲା। ଜିଲା ଉପ ସଭାପତି ପ୍ରଶାନ୍ତ ହୋତା, ବୈରାଗୀ ଚରଣ ପ୍ରଧାନ, ଜ୍ଞାନେନ୍ଦ୍ର ସ୍ୱାଇଁ, ଅଜିତ୍ କୁମାର ସୁବୁଦ୍ଧିରାୟ ଓ ଅକ୍ଷୟ କୁମାର ଭୂୟାଁଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ। ନିଆଳି ନିର୍ବାଚନ ମଣ୍ଡଳି ଭାଜପା ପକ୍ଷରୁ ନଗରୀ ପଞ୍ଚାୟତର ମହୀଧରପଡା ମେଡିକାଲ ଛକରୁ ଜନ ପରାମର୍ଶ ପଦଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ନିଆଳି ଭାଜପା ପ୍ରଭାରୀ ପ୍ରତିଭା ଶତପଥୀ, ଛବି ମଲ୍ଲିକ, ସୁଶାନ୍ତ ମଲ୍ଲିକ, ବେଣୁଧର ବେହେରା, ନ୍ୟାୟବ୍ରତ ରାଉତ, ପ୍ରତାପ ରାଉତରାୟ ଓ ଶିଶିର ଦାସଙ୍କ ସମେତ ବହୁ କର୍ମୀ ସାମିଲ ହୋଇ ଭାଜପାର ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ।

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ଅନଶନ

**ଖୁଣ୍ଟୁଣୀ, ୨୬।୧୧ (ଡି.ଏନ୍.ଏ.):**

୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣରେ କ୍ଷତି ହେଉଥିବା ଦେବଦେବୀଙ୍କ ମନ୍ଦିର, ପୁଷ୍କରିଣୀ, ନଳକୂପ ଓ କୋଠଘରର ପୁନରୁଦ୍ଧାର ପାଇଁ ଆବଶ୍ୟକୀୟ ଅର୍ଥ ଏବଂ ସରକାରୀ ସହାୟତା ଦାବିରେ ପୁରୁଷୋତ୍ତମ ଗ୍ରାମ କମିଟି ପକ୍ଷରୁ ସୋମବାର ମାର୍କଣ୍ଡେଶ୍ୱର ମନ୍ଦିର ପାର୍ଶ୍ୱ ଠାରେ ଗ୍ରାମବାସୀ ଆମରଣ ଅନଶନରେ ବସିଛନ୍ତି। ସୂଚନା ଅନୁଯାୟୀ, ଦୁଇ ଶହରୁ ଊର୍ଦ୍ଧ୍ୱ ବର୍ଷହେବ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱଲୋକେ ପୁରୁଷୋତ୍ତମପୁର ଗ୍ରାମରେ ରହି ଆସୁଛନ୍ତି। କିନ୍ତୁ ଏହି ସ୍ଥାନକୁ ଖୋର୍ଦ୍ଧା ଅଞ୍ଚଳର ଜଣେ ବ୍ୟକ୍ତି ନିଜ ନାମରେ ଥିବା ଦର୍ଶାଇ ରାଜପଥରୁ ମିଳିବାକୁ ଥିବା ଅର୍ଥ ନେବାକୁ ଚେଷ୍ଟା କରୁଛନ୍ତି। ଏ ନେଇ ଗ୍ରାମବାସୀ ପୂର୍ବରୁ ଜିଲାପାଳ ଓ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହାର ପ୍ରତିବାଦରେ ଅନଶନ ଜାରି ରହିବ ବୋଲି ସେମାନେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିବା ଗ୍ରାମର ମୁଖିଆ ସୁରେନ୍ଦ୍ର ବେହେରା, ମାୟାଧର ସାହୁ, ଗୋବର୍ଦ୍ଧନ ସାହୁ, ଚନ୍ଦ୍ରକାନ୍ତ ନନ୍ଦ, ରବୀନ୍ଦ୍ର ରାଉତ, ପବିତ୍ର ସାହୁ, ଦେବରାଜ ସାହୁ ପ୍ରମୁଖ ଜଣାଇଛନ୍ତି। ଏହି ଜମିକୁ ସମ୍ପୃକ୍ତ ବ୍ୟକ୍ତିଜଣକ କେବେ କିଣିଲେ ଏହାର ତଦନ୍ତ ପାଇଁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

# ଗଣ୍ଡଗୋଳ ଘଟଣା : ୬ ଗିରଫ

**କଟକ ଅଫିସ୍, ୨୬।୧୧**

କାର୍ତ୍ତିକେଶ୍ୱର ଭସାଣି ବେଳେ ଦୁଇଗୋଷ୍ଠୀ ମଧ୍ୟରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ଲାଲ୍‌ବାଗ୍ ପୋଲିସ ସୋମବାର ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲାଲ୍‌ବାଗ୍ ଥାନା ଅନ୍ତର୍ଗତ ମହୀଦାସ ବଜାର ଅଞ୍ଚଳର ସନ୍ତୋଷ ସିଂ, ସୁବ୍ରତ ଦେଓ, ରାଜୁ ବେହେରା, ଜୟଶ୍ୱର ସାହୁ, କିଶୋର ବେହେରା ଓ କୁନୁ ବେହେରା। ଏ ନେଇ ଅଭିଯୋଗ ହେବା ପରେ ଥାନାରେ ମାମଲା (ନଂ.୧୮୯/୧୮) ରୁଜୁ ହୋଇଛି। ସୂଚନାଯୋଗ୍ୟ, ରବିବାର ଅପରାହ୍ନ ପ୍ରାୟ ୩ ଟାରେ ମହୀ ଦାସ ବଜାର କାର୍ତ୍ତିକେଶ୍ୱର ମେଢ ଭସାଣି ଶୋଭାଯାତ୍ରାରେ କାଜି ବଜାର ଦେଇ ଯାଉଥିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା।

## ଆଦର୍ଶ ଥାନା ଉଦ୍‌ଘାଟିତ

**କଟକ ଅଫିସ୍, ୨୬।୧୧**

ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟରେ ମୋଟ୍ ୩୫ ଆଦର୍ଶ ଥାନା ଉଦ୍‌ଘାଟିତ ହୋଇଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଆଦର୍ଶ ଥାନା ଭାବେ ଭୁବନେଶ୍ୱରର ଏୟାରପୋର୍ଟ ଥାନାକୁ ଉଦ୍‌ଘାଟନ କରିଛନ୍ତି। ସେହିପରି କଟକରେ ସିଡିଏ ଫେଜ୍-୨ ଥାନାକୁ ଆଦର୍ଶ ଥାନା ଭାବେ ସୋମବାର ବିଧାୟକ ଦେବାଶିଷ ସାମନ୍ତରାୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଡିସିପି ଅଖିଳେଶ୍ୱର ସିଂ ଯୋଗଦେଇ ସମସ୍ତ ସୁବିଧା ସୁଯୋଗ ଏହି ଥାନାରେ ପ୍ରଦାନ କରାଯିବ ବୋଲି କହିଛନ୍ତି।

# ଆର୍‌ଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ, ୨୬।୧୧**

ଦୀର୍ଘ ୧୨ ବର୍ଷ ହେବ କଟକର ଦେଉଳସାହି ଓ ସିଡିଏ ଅଞ୍ଚଳର ମଧ୍ୟଭାଗରେ ରାଜ୍ୟ ସରକାର କୃଷକ ବଜାର ନିର୍ମାଣ କରିଥିଲେ। ଦେଉଳସାହି ଅଞ୍ଚଳର ଅନେକ ବେକାର ଯୁବକ ଓ ବାହାରୁ ଅନେକ ଉଠା ଦୋକାନୀଙ୍କୁ ଆଣି କୃଷକ ବଜାରରେ ବ୍ୟବସାୟ ନିମନ୍ତେ ସରକାର ସୁଯୋଗ ଦେଲେ। ହେଲେ ସ୍ଥାନୀୟ ଅଞ୍ଚଳର ବେକାର ଯୁବକମାନେ ଦୀର୍ଘବର୍ଷ ହେବ ଦୋକାନ ଓ ଗୋଦାମ କରିବା ନିମନ୍ତେ ଦରଖାସ୍ତ କରିବା ସତ୍ତ୍ୱେ ସେମାନଙ୍କୁ କୌଣସି ଦୋକାନ ଘର ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି କୃଷକ ବଜାର ବ୍ୟବସାୟୀ ସଂଘ ଓ ସ୍ଥାନୀୟ ଅଞ୍ଚଳର ଲୋକେ। ଏ ନେଇ ସୋମବାର କୃଷକ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ରେଗୁଲେଟେଡ ମାର୍କେଟ କମିଟି(ଆରଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆର୍‌ଏମ୍‌ସି କର୍ମଚାରୀମାନେ ବାହାର ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଇ ଦୋକାନ ଘର ଓ ଗୋଦାମ ଘର ନିମନ୍ତେ ଜାଗା ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରିବା ସହ ସେମାନେ ଭିଜିଲାନ୍ସ ତଦନ୍ତ ନିମନ୍ତେ ଦାବି କରିଛନ୍ତି। ଉପରୋକ୍ତ ଅଭିଯୋଗର ଠିକ୍ ତଦନ୍ତ କରି ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦେବା, ଚାଷୀ, ବ୍ୟବସାୟୀ, ସ୍ଥାନୀୟ ବେକାର ଯୁବକମାନଙ୍କୁ ଦୋକାନ ଓ ଗୋଦାମ ଘର ଯୋଗାଇ ଦିଆ ନ ଯାଏ ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଛୁରାମାଡ଼

**କଟକ ଅଫିସ, ୨୬।୧୧**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ଛୁରାମାଡ ହୋଇଛି। ରବିବାର ବିଡାନାସୀ ପୂଜା କମିଟିର କାର୍ତ୍ତିକେଶ୍ୱର ଭସାଣି ସାରି ଫେରୁଥିବା ବେଳେ ବିଡାନାସୀ ନୂଆସାହି ଓ ନିଉ କଲୋନୀ ଅଞ୍ଚଳର ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ନିଉ କଲୋନୀ ଅଞ୍ଚଳର ଏକାଧିକ ଯୁବକ ମାରଣାସ୍ତ୍ର ଧରି ନୂଆସାହିର ଯୁବକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ନୂଆସାହି ଅଞ୍ଚଳର ରାଜେଶ ନାୟକଙ୍କ ସମେତ ଏକାଧିକ ଯୁବକ ଗୁରୁତର ଆହତ ହୋଇଛନ୍ତି। ଏ ସମ୍ପର୍କରେ ରାଜେଶ ବିଡାନାସୀ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ

**କଟକ ଅଫିସ, ୨୬।୧୧**

ସୋମବାର ଓଡିଶା ଜୁଡିସିଆଲ ଏକାଡେମୀ ନିକଟସ୍ଥ ନେତାଜୀ ସେତୁ ପାର୍ଶ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ୨୨୨୪ ଜଣ ନିର୍ମାଣ ଶ୍ରମିକଙ୍କୁ ସାଇକେଲ, ନିରାପତ୍ତା ସାମଗ୍ରୀ ଓ ସାମାଜିକ ସୁରକ୍ଷା ବାବଦରେ ୧କୋଟି ୧୦ ଲକ୍ଷ ୪୧ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବିଧାୟକ ଦେବାଶିଷ ସାମନ୍ତରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ, ଅନ୍ୟ ଅତିଥି ଭାବେ ସିଏମ୍‌ସି ମେୟର ମିନାକ୍ଷୀ ବେହେରା, କର୍ପୋରେଟର ରମ୍‌ଜାନ ଖାନ୍, ବିକାଶ ବେହେରା, ପାରୁଲ ଜୈସ୍ୱାଲ, କାଞ୍ଚନ ଦାସ, ଇତିଶ୍ରୀ ବେହେରା, ସୁପ୍ରିୟା ରାଉତ, ଇତିଶ୍ରୀ ଦାସ, ଏ. ଶ୍ରୀଦେବୀ ଓ ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଉମାକାନ୍ତ ଜେନା ସ୍ୱାଗତ ଭାଷଣ ଓ ଜିଲା ଶ୍ରମ ଅଧିକାରୀ ବନମାଳୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୋଚର ଜମିରେ ରାସ୍ତା ନିର୍ମାଣକୁ ବିରୋଧ

**କଣ୍ଟାପଡା, ୨୬।୧୧ (ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଉରାଢ ପଞ୍ଚାୟତର ଏକ ଗୋଚର ଜମିରେ କୌଣସି ଆବଶ୍ୟକତା ନ ଥାଇ ବିଧାୟକ ପାଣ୍ଠିରୁ ଆସିଥିବା ଟଙ୍କାରେ ଢଳେଇ ରାସ୍ତା ନିର୍ମାଣକୁ ପୋହଳ ଗ୍ରାମବାସୀ ବିରୋଧ କରିଛନ୍ତି। ଗତ ୨୪ ତାରିଖରେ ଗ୍ରାମବାସୀ ଏ ସମ୍ପର୍କରେ କଣ୍ଟାପଡା ତହସିଲଦାର ଓ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅଭିଯୋଗରୁ ଜଣାପଡିଛି, ଅର୍ଡଶପୁର ରାଜସ୍ୱ ସର୍କଲ ଅଧୀନ ପୋହଳ ମୌଜାର ଖାତା ନଂ. ୬୭୪ ଓ ପ୍ଲଟ୍ ନଂ. ୧୫୬୬ରେ ୯୪ ଡିସିମିଲ ଜମିଥିବାବେଳେ ପ୍ଲଟ୍ ନଂ. ୧୫୮୧ ରେ ୬୦ ଡିସିମିଲ ଓ ପ୍ଲଟ୍ ନଂ. ୧୫୯୨ରେ ୯୫ ଡିସିମିଲ ଜମି ରହିଛି। ଉକ୍ତ ଗୋଚର ଜମି ଗ୍ରାମର ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ଏକମାତ୍ର ଚାରଣ ଭୂମି। ତେବେ ବିଧାୟକ ପାଣ୍ଠିରୁ ଆସିଥିବା ୧୫ଲକ୍ଷ ଟଙ୍କାକୁ ଏଠାରେ ରାସ୍ତାର ଆବଶ୍ୟକତା ନ ଥାଇ କେଉଁ ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯାଇଛି ତାହାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଠିକାଦାର ରାତିଅଧିଆ ଏହି ରାସ୍ତାକାମ କରୁଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହି କାମକୁ ତୁରନ୍ତ ବନ୍ଦ କରା ନ ଗଲେ ବ୍ଲକ ଓ ତହସିଲ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ କେ. ଅଶୋକ କୁମାର କୁହନ୍ତି, ଅଭିଯୋଗ ପାଇବା ପରେ ଏହାର ତଦନ୍ତ ପାଇଁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ତହସିଲଦାର ସୌଭାଗ୍ୟ କୁମାର ଦାସ କୁହନ୍ତି, ଏ ସମ୍ପର୍କରେ ମୋ' ନିକଟରେ କୌଣସି ଅଭିଯୋଗ ହୋଇନି।



ଗୋଚର ଜମିରେ ବେଆଇନ ଭାବେ ଢ଼ଳେଇ ରାସ୍ତା ନିର୍ମାଣ କରାଯାଇଛି।



ପିଲା ଯାହା ମାଗେ ତାକୁ ସବୁ ଦେଇଦେଲେ
ସେ କ୍ରମେ ଖରାପ ହୋଇଯିବ।
- ଓଶୋ



## ସଂକ୍ଷେପରେ

### କୋର୍ଟରେ ଆଇନ ଦିବସ

ଖୋର୍ଦ୍ଧା ଅଫିସ,୨୬।୧୧:ଖୋର୍ଦ୍ଧା ଦେୱାନୀ ଅଦାଲତ ପରିସରରେ ସୋମବାର ଆଇନ ଦିବସ ଅନୁଷ୍ଠିତ ହୋଇଯାଇଛି। ୨ୟ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ସୁଶୀଲ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସିନିୟର ଡିଭିଜନ ସିଭିଲ ଜଜ୍ ବିକାଶ ଚନ୍ଦ୍ର ଦେ, ସିଭିଲ ଜଜ୍ ଜୁନିୟର ଡିଭିଜନ ଶ୍ରଦ୍ଧାଞ୍ଜଳି ରାୟ, ଏସଡିଜେଏମ୍ ସୁଶ୍ରୀ ସଙ୍ଗିତା ପାତ୍ର, ଏସ୍‌ଜେଏମ୍ ସୁରେନ୍ଦ୍ର କୁମାର ପାଢ଼ୀ, ଖୋର୍ଦ୍ଧା ବାର ଆସୋସିଏଶନ ସଭାପତି ପ୍ରଭାତ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ସମ୍ବିଧାନରେ ଆଇନ ବ୍ୟବସ୍ଥାର ଦିଗ ଉପରେ ଆଲୋଚନା ହୋଇଥିଲା।

### ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାରର ପ୍ରତିବାଦ

ଖୋର୍ଦ୍ଧା ଅଫିସ,୨୬।୧୧:ଭୁବନେଶ୍ୱର ଓଟିଭିର ପ୍ରତିନିଧିଙ୍କୁ ଦୁର୍ବ୍ୟବହାରର ପ୍ରତିବାଦରେ ଖୋର୍ଦ୍ଧା ଜିଲା ସାମ୍ବାଦିକ ୟୁନିୟନ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା କ୍ରୀଡ଼ା ସଚିବ ବିଶାଳ ଦେବଙ୍କୁ ବହିଷ୍କୃତ ଓ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି ରହିଛି। ଏଥିରେ ସଂଘର ସଭାପତି ଉମାଶଙ୍କର ପ୍ରସାଦ, ସାଧାରଣ ସମ୍ପାଦକ ପ୍ରସନ୍ନ ପାଇକରାୟ, ଉପସଭାପତି ରାଜେଶ ଚନ୍ଦ୍ର ମହାନ୍ତି, ମୁଖ୍ୟ ଉପଦେଷ୍ଟା ସନତ କୁମାର ପଟ୍ଟନାୟକ ପ୍ରମୁଖ ଦାବିପତ୍ର ଦେବା ବେଳେ ଉପସ୍ଥିତ ଥିଲେ।

### ବିଶ୍ୱ ନାଟ୍ୟମେଳାକୁ ଝରାଫୁଲ ମନୋନୀତ

ଖୋର୍ଦ୍ଧା ଅଫିସ,୨୬।୧୧: ଶିଶୁ ନାଟକ 'ଝରାଫୁଲର କାହାଣୀ' ବିଶ୍ୱ ନାଟ୍ୟମେଳାକୁ ଉନ୍ନୀତ ହୋଇଛି। ଖୋର୍ଦ୍ଧା ଜିଲାର ଚିଲିକା ସଙ୍ଗୀତ ନାଟକ ଏକାଡେମୀର ଶିଶୁ କଳାକାରମାନେ ୨୦୧୯ ଜାନୁୟାରୀ ୨୩ରେ ବହଭାଷୀ ନାଟକ ମଧ୍ୟରେ ଏହି ନାଟକ ପ୍ରଦର୍ଶନ କରିବେ। କଟକ କଳା ବିକାଶ କେନ୍ଦ୍ରଠାରେ ଥିଏଟର ମୁଭ୍‌ମେଣ୍ଟ ଦ୍ୱାରା ଆୟୋଜିତ ହେଉଅଛି ଅଷ୍ଟାଦଶ ଜାତୀୟ ନାଟକ ମହୋତ୍ସବ ଓ ବିଶ୍ୱ ନାଟ୍ୟମେଳା ଜାନୁୟାରୀ ୨୦ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଜାତୀୟ ପୁରସ୍କାର ହାତେଇବାକୁ ନାଟ୍ୟକାର ଓ ନିର୍ଦ୍ଦେଶକ ଭିକାରୀ ଚରଣ ପ୍ରଧାନ ତାଙ୍କର ପରିଶ୍ରମକୁ ତ୍ୱରାନ୍ୱିତ କରିଛନ୍ତି।

### ଗୋଦାବରୀଶ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ

ଖୋର୍ଦ୍ଧା ଅଫିସ,୨୬।୧୧: ଗୋଦାବରୀଶ ମହାପାତ୍ରଙ୍କ ୫୩ ତମ ଶ୍ରାଦ୍ଧୋତ୍ସବ ଜନ୍ମମାଟି ବାଣପୁରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଚିଲିକା ସାହିତ୍ୟ ସମାଜ ପକ୍ଷରୁ କନକ ଭବନରେ ଆୟୋଜିତ ଉତ୍ସବରେ ବାଳମୁକୁନ୍ଦ ଦାସ ସଭାପତିତ୍ୱ କରିଥିଲେ । କବି ପୁରୁଷୋତ୍ତମ ମହାପାତ୍ର, ଗାଳ୍ପିକ ଶିବ ମିଶ୍ର, ଆଇନଜୀବୀ ଗୌରୀଶଙ୍କର ଷଡଙ୍ଗୀ ଓ ଓମ୍‌ପ୍ରକାଶ ଅଗ୍ରୱାଲା, ଅଧାପକ ଲକ୍ଷ୍ମୀଧର ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ଗୋଦାବରୀଶଙ୍କ ରଚିତ ଜାତୀୟବାଦୀ କବିତା ଉଠ କଙ୍କାଳ ଏବଂ ଗଳ୍ପ ନୀଳ ମାଷ୍ଟ୍ରାଣୀ, ମାଗୁଣୀର ଶଗଡ ପ୍ରଭୃତି ସାହିତ୍ୟିକ କୃତି ଉପରେ ଆଲୋକପାତ କରିଥିଲେ । ଅପରାହ୍ନରେ କବିତା ପାଠ ଉତ୍ସବ ହୋଇଥିଲା ।





କଂଗ୍ରେସ ପକ୍ଷରୁ ବଣପୁର ତହସିଲ ଅଫିସ ଘେରାଉରେ ନେତା ଓ ଚିଟ୍‌ଫଣ୍ଡ ଜମାକାରୀ ମହିଳାପୁରୁଷମାନେ।

■ ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ନ ହେବାରୁ ପ୍ରତିବାଦ

# ତହସିଲ ଅଫିସ ଘେରିଲା କଂଗ୍ରେସ

ଖୋର୍ଦ୍ଧା ଅଫିସ,୨୬।୧୧

ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ନ ହେବାରୁ ପ୍ରତିବାଦରେ କଂଗ୍ରେସ ପକ୍ଷରୁ ସୋମବାର ବାଣପୁର ତହସିଲ ଅଫିସ ଘେରାଉ କରାଯିବା ସହ ପ୍ରତିବାଦ ସଭା କରାଯାଇଛି। ଏଥିରେ ଚିଲିକା ନିର୍ବାଚନ ମଣ୍ଡଳୀର କଂଗ୍ରେସ ସଙ୍ଗଠକ ତଥା ଜିଲା କଂଗ୍ରେସର ଉପସଭାପତି ପ୍ରଦୀପ ସ୍ୱାଇଁଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଜିଲା କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ମହାପାତ୍ର, ପିସିସି ସଭ୍ୟା ସ୍ୱାଗତିକା ପଟ୍ଟନାୟକ, ସନ୍ତୋଷ କୁମାର ଷଡଙ୍ଗୀ, ବିଜୟ କୁମାର ରଥ, ଉଗ୍ରସେନ ବିଶ୍ୱାଳ, ଅକ୍ଷୟ ମହାପାତ୍ର, ସୁକାନ୍ତି ସେଠୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଏକ ମାସ ମଧ୍ୟରେ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ନଚେତ୍ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବା ପାଇଁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ବକ୍ତାମାନେ ନିଜ ବକ୍ତବ୍ୟରେ କହିଥିଲେ ଏଗ୍ରୀଗୋଲ୍ଡ, ପିଏସଏଲ, ଗୋଲଡେନ୍ ଲ୍ୟାଣ୍ଡ, ସିଶୋର, ରୋଜ୍‌ଭ୍ୟାଲି, ଆଇକୋର ଭଳି ଚିଟ୍‌ଫଣ୍ଡ କମ୍ପାନୀମାନେ ଖୋର୍ଦ୍ଧା ଜିଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟାଳୟ ଖୋଲି ଲୋଭନୀୟ ପ୍ରତିଶ୍ରୁତି ଦେଇ ଜମାକାରୀଙ୍କଠାରୁ କୋଟି କୋଟି ଟଙ୍କା ଜମା ନେଇଥିଲେ। ସଞ୍ଚୟ ସମୟ ପୂରଣ ହେବା ବେଳକୁ ଚିଟ୍‌ଫଣ୍ଡ କମ୍ପାନୀମାନେ ରାତାରାତି କାର୍ଯ୍ୟାଳୟ ବନ୍ଦ କରି ଉଭାନ୍ ହୋଇଯାଇଥିଲେ। ଏହାଦ୍ୱାରା ଚିଲିକା ନିର୍ବାଚନ ମଣ୍ଡଳୀର ସହସ୍ରାଧିକ ଜନସାଧାରଣ ଠକାମିର ଶିକାର ହୋଇ ସର୍ବସ୍ୱାନ୍ତ ହୋଇପଡିଛନ୍ତି। ଚାରିଆଡେ ଜନଅସନ୍ତୋଷ ବଢ଼ିବାରୁ ରାଜ୍ୟ ସରକାର ତଦନ୍ତ କମିଶନ୍ ଗଠନ କରିଥିଲେ। ଜମାକାରୀଙ୍କୁ ଚିହ୍ନଟ କରି ସେମାନଙ୍କର କଷ୍ଟ ଅର୍ଜିତ ଟଙ୍କା ଫେରସ୍ତ କରାଯିବ ବୋଲି ସରକାର ୨୦୧୩ରେ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୩୦୦ କୋଟି ଟଙ୍କାର କର୍ପସ ଫଣ୍ଡ ମଧ୍ୟ ଗଠନ କରିଥିଲେ। ମାତ୍ର ୫ବର୍ଷ ପରେ ମଧ୍ୟ ରାଜ୍ୟ ସରକାର ଜମାକାରୀଙ୍କୁ ଚିହ୍ନଟ କରିପାରି ନ ଥିବାରୁ ଜମାକାରୀ ଚିହ୍ନଟ ପ୍ରକ୍ରିୟା ଧୂଆଁବାଣ ପାଲଟିଛି କହି ସମାଲୋଚନା କରିଥିଲେ। ଘେରାଉ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ୨ ହଜାରରୁ ଊର୍ଦ୍ଧ୍ୱ ମହିଳା ଜମାକାରୀ ଚିଟ୍‌ଫଣ୍ଡ କମ୍ପାନୀରେ ନିଜର ଟଙ୍କା ବିନିଯୋଗ ପ୍ରମାଣପତ୍ର ସଂଯୋଗ କରିବା ସହ ତୁରନ୍ତ ଟଙ୍କା ଫେରସ୍ତ ପାଇଁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପୂର୍ବରୁ ୧୧୬୨ଜଣଙ୍କ ଟଙ୍କା ଫେରସ୍ତ ଆବେଦନପତ୍ର ତହସିଲ କାର୍ଯ୍ୟାଳୟ ମାଧ୍ୟମରେ ଦାଖଲ କରାଯାଇଥିବା କୁହାଯାଇଛି।

## ଖୋର୍ଦ୍ଧା ଟାଉନ ଥାନା ହେଲା ଆଦର୍ଶ ଥାନା

ଖୋର୍ଦ୍ଧା ଅଫିସ,୨୬।୧୧:

ଖୋର୍ଦ୍ଧା ଟାଉନ ଥାନାକୁ ଆଦର୍ଶ ଥାନାର ମାନ୍ୟତା ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରେ ଆଦର୍ଶ ଥାନାକୁ ଲୋକାର୍ପିତ କରିଛନ୍ତି। ଏ ଅବସରରେ ଖୋର୍ଦ୍ଧା ଟାଉନ ଥାନା ପରିସରରେ ଆଦର୍ଶ ଥାନାର ନାମଫଳକକୁ ସୋମବାର ସନ୍ଧ୍ୟାରେ ବିଧାୟକ ରାଜେନ୍ଦ୍ର ସାହୁ ଉନ୍ମୋଚନ କରିଛନ୍ତି। ଉନ୍ମୋଚନ ସମୟରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଏସ୍‌ପି ଦୀପ୍ତି ରଞ୍ଜନ ରାୟ, ଉପଜିଲାପାଳ ସରୋଜ ସାହୁ, ଅତିରିକ୍ତ ଏସ୍‌ପି କୃତ୍ତିବାସ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଉନ୍ମୋଚନ ସମୟରେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ ହଠାତ ପଳାଇ ଯାଉଥିଲେ। ଟାଉନ ଥାନା ଆଇଆଇସି ରଣଜିତ ସାହୁ ତାଙ୍କୁ ହାତଧରି ନ ଯିବାକୁ ଅନୁରୋଧ କରିଥିଲେ। ଉନ୍ମୋଚନ ପରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ଏସ୍‌ଡିପିଓ ଯୁଗଳ କିଶୋର ଦାସ ସଭାପତିତ୍ୱ କରିଥିଲେ। ସଭାରେ ଏସ୍‌ପି ଓ ଏସ୍‌ଡିପିଓ ନିଜ ବକ୍ତବ୍ୟରେ କହିଥିଲେ ଆଦର୍ଶ ଥାନା କହିଲେ, ସବୁ କ୍ଷେତ୍ରରେ ଆଦର୍ଶ ଦେଖିବାକୁ ମିଳିବ। ଅଭିଯୋଗକାରୀ ଯେପରି ଉପେକ୍ଷିତ ହେବାର ଅନୁଭବ କରିବେ ନାହିଁ ତା'ର ବ୍ୟବସ୍ଥା କରାଯାଇଛି। ସେହିପରି ମହିଳା ଓ ଶିଶୁ ଡେସ୍କ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କଲା। ଟାଉନ ଥାନାକୁ ଏକ ନୂଆ ବୋଲେରୋ ମିଳିବା ପରେ ପିସିଆର ସଂଖ୍ୟା ୩ରେ ପହଞ୍ଚିଛି ଥିବାରୁ ପାଟ୍ରୋଲିଂରେ ସୁବିଧା ହେବ। ସେହିପରି ୨ ବାଇକ୍ ମଧ୍ୟ ସରକାର ଯୋଗାଇ ଦେଇଛନ୍ତି। ଅନ୍ୟପକ୍ଷେ ସୋମବାରଠାରୁ ଜଣେ ଅତିରିକ୍ତ ଆଇଆଇସି, ଜଣେ ଏସ୍‌ଆଇ, ୪ ଜଣ କନଷ୍ଟେବଲ ଅନୁରୂପ ଭାବେ ନିଯୁକ୍ତି ପାଇଛନ୍ତି। ପୁଣି ୨୦ ଜଣ କର୍ମଚାରୀ ନିଯୁକ୍ତି ପାଇବାର ରହିଛି। ସେହିଭଳି ଜିମ୍ ପ୍ରତିଷ୍ଠା ହେବା ସହ ଔଷଧୀୟ ବଗିଚା କରାଯିବ। ଟ୍ରାଫିକ ସମସ୍ୟାର ସମାଧାନ ଉପରେ କହିଥିଲେ, ମାରୱାଡି ପଟିରେ ଡବଲ ରାସ୍ତା କରିବାର ସ୍ଥାନ ଅଭାବ ରହିଛି। ଏଣୁ ଟ୍ରାଫିକ ପୋଲିସ ପାଇଁ ସ୍ଥାନ ଯୋଗାଇଲେ କେତେଜଣଙ୍କୁ ସେଠାରେ ନିୟୋଜିତ କରାଯିବ। ଜିଲାପାଳ କହିଥିଲେ, ଭିତ୍ତିଭୂମିର ବିକାଶ ହେଲେ, କର୍ମଚାରୀ ସଂଖ୍ୟା ବଢିଲେ ଓ ଲୋକଙ୍କ ନିକଟତର ପୋଲିସ ହୋଇପାରିଲେ ସେବା ଠିକରେ ମିଳିବ ଏଥିରେ ଅସୁବିଧା ନାହିଁ।




ଆଦର୍ଶ ଥାନା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

## ଛାତ୍ର-ଶିକ୍ଷକଙ୍କ ସମ୍ପର୍କରେ ଆନ୍ତରିକତା ରହୁନି

ଟାଙ୍ଗୀ(ଖୋର୍ଦ୍ଧା), ୨୬।୧୧ (ଡି.ଏନ.ଏ.)

ଶୈକ୍ଷିକ ଜୀବନର ବିକାଶ ପାଇଁ ସେତେବେଳର ଗୁରୁଙ୍କ ଆକଟ ଓ ସ୍ନେହଶ୍ରଦ୍ଧା ମିଶ୍ରିତ ଦଣ୍ଡଯୁକ୍ତ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ସଂସ୍କାର ଦେଇପାରୁଥିଲା। ବର୍ତ୍ତମାନର ଦଣ୍ଡମୁକ୍ତ ଶିକ୍ଷା ତାହା ଦେଇପାରୁ ନାହିଁ। ବର୍ତ୍ତମାନ ଛାତ୍ର ଓ ଶିକ୍ଷକଙ୍କ ସମ୍ପର୍କରେ ଆନ୍ତରିକତା ପରିଲକ୍ଷିତ ହେଉନାହିଁ। ନାଟୁଣୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଅତିଥି ଶିକ୍ଷକମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ରବିବାର ଚିଲିକା ବ୍ଲକ ହରିପୁରସ୍ଥିତ ଲକ୍ଷ୍ମୀଧର ବିଦ୍ୟାପୀଠର ୧୯୮୮ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ମଥ କୁମାର ପଟ୍ଟନାୟକଙ୍କ ଆବାହକତ୍ୱ ଓ ମନୋଜମୋହନ ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲକ୍ଷ୍ମୀଧର ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଦାଶ, ତତ୍କାଳୀନ ଶିକ୍ଷକ ଗୋପବନ୍ଧୁ ବିଶ୍ୱାଳ, ଦୁଃଖିଶ୍ୟାମ ପ୍ରଧାନ, ଜିତେନ୍ଦ୍ର କୁମାର ବାଘସିଂ, ପ୍ରଦୋଷ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ଅତୀତର ସ୍ମୃତି ବଖାଣି ଭାବବିହ୍ୱଳ ହୋଇପଡିଥିଲେ। ନିମନ୍ତ୍ରିତ ଶିକ୍ଷକମାନଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୁମନ୍ତ ପଟ୍ଟନାୟକ, ମଦନ ମୋହନ ରାଉତରାୟ, ରଶ୍ମିତା ପଣ୍ଡା, ପ୍ରତିଭା ବେହେରା, ସନ୍ଧ୍ୟାରାଣୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୁଗ୍ମ ନିର୍ଦ୍ଦେଶକଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

କୃଷ୍ଣପ୍ରସାଦ,୨୬।୧୧(ଡି.ଏନ.ଏ.)

କୃଷ୍ଣପ୍ରସାଦ ବ୍ଲକ୍‌ର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଯୁଗ୍ମ ନିର୍ଦ୍ଦେଶକ ଦୀପକ କୁମାର ବିଶୋଇ ପରିଦର୍ଶନ କରିଥିଲେ। ସରକାରଙ୍କ 'କାୟାକଳ୍ପ' ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ବାହ୍ୟ ଏବଂ ଆଭ୍ୟନ୍ତର ଅବସ୍ଥା, ଲେବର ରୁମ୍ ଆଦି ବିଭିନ୍ନ ସ୍ଥାନର ସ୍ୱଚ୍ଛତା ଅନୁଧ୍ୟାନ କରିଥିଲେ। ସରକାରୀ ଅନୁଦାନପ୍ରାପ୍ତ ବିଭିନ୍ନ ସରଞ୍ଜାମ, ଯନ୍ତ୍ର ଓ ଉପକରଣ ଆଦି ଠିକ୍ ଭାବେ ବ୍ୟବହାର କରାଯାଉଛି ନା ନାହିଁ ତାହାର ମଧ୍ୟ ତଦନ୍ତ କରିଥିଲେ। ଯୁଗ୍ମ ନିର୍ଦ୍ଦେଶକ ପରିବେଶ ପରିଚ୍ଛନ୍ନତା ଓ ସ୍ୱଚ୍ଛତା ବଜାୟ ରଖିବାକୁ ଉପଦେଶ ଦେଇଥିଲେ। ତେବେ ସମ୍ପ୍ରତି ସ୍ୱାସ୍ଥ୍ୟସେବା କାହିଁକି ବିପର୍ଯ୍ୟସ୍ତ ହୋଇପଡ଼ିଛି ସେ ନେଇ ବିଶୋଇଙ୍କୁ ପଚାରିବା ପରେ ସେ କହିଥିଲେ ଯେ, ଡାକ୍ତରଙ୍କ ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ପୁରୀ ଜିଲା ଉପମୁଖ୍ୟ ଚିକିତ୍ସକ ଡା.ବ୍ରଜବନ୍ଧୁ ଦାଶ, ଆଇସିୟୁ ପରାମର୍ଶଦାତା ପୀୟୂଷ ମହାନ୍ତି, ପ୍ରକଳ୍ପ ଅଧିକାରୀ ରୋଜାଲିନ୍ ସ୍ୱାଇଁ, କମିଟି ପକ୍ଷରୁ ଟି.ନାରାୟଣ ସ୍ୱାଇଁ, ବ୍ଲକ୍ କାର୍ଯ୍ୟକ୍ରମ ଅଧିକାରୀ ସୁନୀଲ କୁମାର ସାମନ୍ତସିଂହାର ଏବଂ ଆକାଉଣ୍ଟ ମ୍ୟାନେଜର୍ ରୀତାମଞ୍ଜରୀ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ପଲ୍ଲିଶ୍ରୀ ମେଳା ଓ ଜିଲା ସଂସ୍କୃତି ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

## ଜିଲା ସଂସ୍କୃତି ମହୋତ୍ସବ ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୨୬।୧୧:

ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ଅଧୀନ ଓରମାସ୍ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ପଲ୍ଲିଶ୍ରୀ ମେଳା ଓ ଖୋର୍ଦ୍ଧା ଜିଲା ସଂସ୍କୃତି ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ସହରର ହାବେଳୀ ପଡିଆରେ ଆୟୋଜିତ ମହୋତ୍ସବକୁ ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ, ଏସ୍‌ପି ଦୀପ୍ତି ରଞ୍ଜନ ରାୟ, ପିଡି ଡିଆରଡିଏ ସରୋଜ ମିଶ୍ର, ଉପଜିଲାପାଳ ସରୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଭା ପରେ ଭୁବନେଶ୍ୱରର ନୂପର ଅନୁଷ୍ଠାନ ପକ୍ଷରୁ କବି ସଚି ରାଉତରାୟଙ୍କ ରଚନା ଆଧାରରେ ନୃତ୍ୟ ନାଟିକା ଛୋଟ ମୋର ଗାଁଟି ପରିବେଷଣ ହୋଇଥିଲା। ଉତ୍କଳ ଡ୍ୟାନ ରିସର୍ଚ୍ଚ ଏକାଡେମୀ ଅନୁଷ୍ଠାନ ଭୁବନେଶ୍ୱର ପକ୍ଷରୁ 'ନାରୀ' ପରିବେଷଣ ହୋଇଥିଲା। ଏଥିରେ ପୁରାଣ, ଇତିହାସରୁ ଭାରତୀୟ ନାରୀର ଆଦର୍ଶ ଓ ମହନୀୟତା ଉପରେ ଶିଳ୍ପୀ ମଞ୍ଚରେ ନୃତ୍ୟ ଏବଂ ଗୀତ ଆକାରରେ ଉପସ୍ଥାପନ କରିଥିଲେ। ଗୁରୁ ଲିଙ୍ଗରାଜ ବାରିକଙ୍କ ନିର୍ଦ୍ଦେଶନାରେ ଜୟଦେବ ଗୋଟିପୁଅ କଳା ପରିଷଦ ବାଲିପାଟଣା ପକ୍ଷରୁ ଶିଳ୍ପୀମାନେ ନୃତ୍ୟରେ ବନ୍ଧ ଓ ମଙ୍ଗଳାଚରଣ ପ୍ରସ୍ତୁତ କରିଥିଲେ।

## ବିଜ୍ଞାନମେଳାରେ ୨୮ ପ୍ରକଳ୍ପ

ଖୋର୍ଦ୍ଧା ଅଫିସ,୨୬।୧୧:

ଖୋର୍ଦ୍ଧା ସହରର ସାମନ୍ତରାପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୮ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଅଷ୍ଟମ ଶ୍ରେଣୀର ଛାତ୍ର ଷ୍ଟିଫାନ ପାଣି ବରିଷ୍ଠ ବିଭାଗରେ ଓ କନିଷ୍ଠ ବିଭାଗରେ ବଳିଆ ଘଟୁଆଳ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆମରି ସତ୍ୟ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ସତ୍ୟବାଦୀ ବଳିଆର ସିଂ, ସାମାଜିକ କର୍ମୀ ସମରଜିତ୍ ପଟ୍ଟନାୟକ ବିଚାରକ ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବ୍ଲକ ଆରିଇଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ମିଶ୍ର, ଖୋର୍ଦ୍ଧା ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଦେଇ ଅତିଥି ରୂପେ ଯୋଗ ଦେଇଥିଲେ।

### କ୍ଲଷ୍ଟରସ୍ତରୀୟ ବିଜ୍ଞାନମେଳା

କୃଷ୍ଣପ୍ରସାଦ, ୨୬।୧୧ (ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌ରେ ସୋମବାର ବିଦ୍ୟାଳୟ କ୍ଲଷ୍ଟରସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ପାରିକୁଦ କ୍ଲଷ୍ଟର୍ ତରଫରୁ ରସକୁଦୀ ସରକାରୀ ଆଶ୍ରମ ବିଦ୍ୟାଳୟ ପରିସରରେ ଆୟୋଜିତ ବିଜ୍ଞାନମେଳାକୁ ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ଦଳବେହେରା ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ବିବେକାନନ୍ଦ ପ୍ରଧାନ ପରିଚାଳନା କରିଥିଲେ । ରସକୁଦୀ ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପଲେଇ, ଇପିଙ୍ଗ ବାଉରିପଲ୍ଲୀ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଶ୍ରୀଚନ୍ଦନ, ଖଟିଆକୁଦି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଡାକୁଆ ପ୍ରମୁଖ ମେଳାରେ ଉପସ୍ଥିତ ଥିଲେ । ୧୦ ବିଦ୍ୟାଳୟରୁ ୧୦ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳାକୁ ୩ ପ୍ରକଳ୍ପ ମନୋନୀତ ହୋଇଥିଲା । ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ପର୍ଯ୍ୟବେକ୍ଷକ ଭାବେ ପ୍ରଶାନ୍ତ କୁମାର ପ୍ରଧାନ, ସୁନୀଲ କୁମାର ଜେନା ଯୋଗ ଦେଇଥିଲେ। ସେହିଭଳି ମର୍ଦ୍ଦରାଜପୁର କ୍ଲଷ୍ଟର୍ ପକ୍ଷରୁ କମଳେଶ୍ୱର ଦେବ ବିଦ୍ୟାପୀଠରେ ସିଆର୍‌ସିସି ଭବାନୀ ଶଙ୍କର ଜେନାଙ୍କ ନେତୃତ୍ୱରେ, ଗୋମୁଣ୍ଡିଆ କ୍ଲଷ୍ଟର୍ ପକ୍ଷରୁ ସିଆର୍‌ସିସି ସଚ୍ଚିନ୍ଦ୍ର ନାଥ ଜେନାଙ୍କ ତତ୍ତ୍ୱାବଧାନରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମନୋନୀତ ପ୍ରକଳ୍ପଗୁଡ଼ିକ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳାରେ ଭାଗ ନେବେ ବୋଲି ବିଇଓ ରବୀନ୍ଦ୍ରନାଥ ଜେନା କହିଛନ୍ତି।

## ବିଜୁ ପକ୍କାଘର: ତାଲିକାରେ ନାଁ ଥାଇ ନିରାଶ

ଜଟଣୀ,୨୬।୧୧(ଡି.ଏନ.ଏ):

ରୁନୁ ବେହେରା। ଅଙ୍ଗାରପଡ଼ା ପଞ୍ଚାୟତର ପଳାଶପୁର ଗ୍ରାମରେ ଘର। ସ୍ୱାମୀ ଦିନ ମଜୁରିଆ। ବିଜୁ ପକ୍କା ଘର ପାଇଁ ଆବେଦନ କରିଥିଲେ। ବ୍ଲକ ପକ୍ଷରୁ ବାହାରିଥିବା ତାଲିକାର କ୍ରମିକ ନଂ. ୧୫ରେ ତାଙ୍କର ନାମ ଥିଲା। ହେଲେ ତାଙ୍କ ତଳକୁ ତାଲିକାରେ ଥିବା ହିତାଧିକାରୀ ଏହି ଯୋଜନାରେ ଘର କରିବାକୁ ଅର୍ଥ ପାଇ ସାରିଲେଣି। ଅଥଚ ରୁନୁଙ୍କୁ ଏଯାବତ୍ ମିଳିନାହିଁ। ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଦୌଡି ଦୌଡି କେହି ତାଙ୍କ ଗୁହାରି ଶୁଣୁନାହାନ୍ତି। ଜଟଣୀ ବ୍ଲକ ପରିସରରେ ଜିଲାପାଳଙ୍କ ଉପସ୍ଥିତିରେ ସୋମବାର ହୋଇଥିବା ଯୁଗ୍ମ ଅଭିଯୋଗ ଶୁଣାଣିରେ ରୁନୁ ଏପରି ଅଭିଯୋଗ କରିଥିଲେ। ଏହି ଯୋଜନାରେ ଘର ତୋଳିବାକୁ ଅର୍ଥ ମଞ୍ଜୁର ନିମନ୍ତେ ଜିଲାପାଳଙ୍କୁ ଗୁହାରି କରିଥିଲେ। ରୁନୁଙ୍କ ପରି ଅନେକ ଗରିବ ନିରାଶ୍ରୟ ମହିଳାପୁରୁଷ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆଣିଥିଲେ। ବିଶେଷ କରି ବିଜୁ ପକ୍କା ଘର, ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ନିର୍ମାଣ ବାବଦ ଅର୍ଥ ମିଳୁ ନ ଥିବା, ଭତ୍ତା ଆଦି ଉପରେ ଅଭିଯୋଗ ହୋଇଥିଲା। ବ୍ଲକ ଅନ୍ତର୍ଗତ ବେଣାପଞ୍ଜରୀ ଗାଁର ଅମାତୁନ୍ ନିଶା, ମହମ୍ମଦ ଅସରଫ୍, ମଇରୁନ୍ ବିବି, କନ୍ତିଆ ଗାଁର ପଠାଣି ବଳିଆରସିଂ, ବଡ଼ତୋଟାର ଲିପିନା ପ୍ରଧାନ, ବିକାଶନଗରର ଦିବାକର ବେହେରା ଏହିପରି ବିଭିନ୍ନ ସମସ୍ୟା ନେଇ ମୋଟ ୨୧୦ଟି ଅଭିଯୋଗ ହୋଇଥିଲା। ଏଥିରୁ ୧୫୫ଟି କେବଳ ବିଜୁ ପକ୍କାଘର ପାଇଁ ହୋଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାରୁ ସେମାନଙ୍କୁ ସୁଫଳ ନ ମିଳିବା ପଛରେ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ଅଧିକାରୀମାନେ କିପରି ହଇରାଣ କରୁଛନ୍ତି ଲୋକଙ୍କ ଅଭିଯୋଗରୁ ସ୍ପଷ୍ଟ ବାରି ହୋଇ ପଡିଥିଲା। ପୂର୍ବପରି ଶୁଣାଣିରେ ଅଭିଯୋଗକାରୀଙ୍କ ସମସ୍ୟା ଉପରେ ତଦନ୍ତ କରି ଶୀଘ୍ର ସମାଧାନ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ନାନା ସମସ୍ୟା ନେଇ ଆସିଥିବା ମହିଳାପୁରୁଷ, ବୃଦ୍ଧାବୃଦ୍ଧ ଲମ୍ବା ଲାଇନରେ ଦୀର୍ଘ ସମୟ ଛିଡା ହୋଇ ନିଜର ଅସୁବିଧା ଜଣାଇଥିଲେ। ସେମାନେ ମନରେ ଅନେକ ଆଶା ରଖି ଫେରିଥିଲେ। ଶୁଣାଣିରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ପିଡି ଡିଆର୍‌ଡିଏ ସରୋଜ କୁମାର ମିଶ୍ର, ବିଡିଓ ବାସୁଦେବ ମାହାରୀ, ଏବିଡିଓ ଜୟସୂର୍ଯ୍ୟ ରଥ ଓ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଶୁଣାଣି ଶିବିରରେ ଲୋକମାନେ ଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି।

■ ମିଳିଲାନି ଫସଲ ବୀମା ରାଶି, ଛାଡ଼ ହେଲାନି କୃଷିଋଣ

# ରାସ୍ତାରୋକୋ କରି ଚାଷୀଙ୍କ ପ୍ରତିବାଦ

ଖୋର୍ଦ୍ଧା ଅଫିସ/ବୋଲଗଡ, ୨୬।୧୧
(ଡି.ଏନ.ଏ.)

ଫସଲ ବୀମା ରାଶି ନ ମିଳିବା ଓ କୃଷି ଋଣ ଛାଡ ନ ହେବା ପ୍ରତିବାଦରେ ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକର ଭୀମପଡା ଟାଙ୍ଗିସାହିଠାରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥକୁ ଚାଷୀମାନେ ସୋମବାର ପୂର୍ବାହ୍ନ ୧୦ଟାରେ ଅବରୋଧ କରିଥିଲେ। ଆଞ୍ଚଳିକ କୃଷକ ସଭା ନେତୃତ୍ୱରେ ଦଳେଇସାହି, ଫାସିଓଦାର ଚାଷୀମାନେ ରାସ୍ତାରୋକୋ କରିଥିଲେ। ୨୦୧୭ ଖରିଫ ଋତୁରେ ଧାନ ଫସଲ ଉଜୁଡି ଯାଇଥିଲା। ଅମଳ ଆଦୌ ହୋଇ ନ ଥିଲା। ବାଲୁଗାଁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଫାସିଓଦା କୃଷି ସମବାୟ ସମିତିର ଟାଙ୍ଗିସାହି ଓ ମାଣିକାଗୋଡା କୃଷି ସମବାୟ ସମିତିର ମାଣିକାଗୋଡାଠାରେ ଦୁଇଟି ଧାନମଣ୍ଡି ଖୋଲିଥିଲା। ଧାନ ଅମଳ ହୋଇ ନ ଥିବାରୁ ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରି ପାରି ନ ଥିଲେ। ଫସଲ କ୍ଷୟକ୍ଷତି କାରଣରୁ ୨ ପଞ୍ଚାୟତ ଅଞ୍ଚଳର ଚାଷୀ ଇନପୁଟ୍ ସବ୍‌ସିଡି ପାଇଛନ୍ତି। ତେବେ ସେମାନଙ୍କ ବୀମା ରାଶି ମିଳିଲା ନାହିଁ କି କୃଷି ଋଣ ଛାଡ ହେଲାନି। ଏହାର ପ୍ରତିବାଦରେ ବିଭିନ୍ନ ସମୟରେ ଜିଲାପାଳ, କୃଷି ବିଭାଗ, ଟାଟା ଏଆଇଜି ବୀମା କମ୍ପାନୀଙ୍କୁ ଚାଷୀମାନେ ଅବଗତ କରିଥିଲେ। ନଭେମ୍ବର ୨୫ ତାରିଖ ସୁଦ୍ଧା ପଦକ୍ଷେପ ନିଆ ନ ଗଲେ ରାଜପଥ ଅବରୋଧ କରିବେ ବୋଲି ଧମକ ଦେଇଥିଲେ। ତଥାପି ପଦକ୍ଷେପ ନିଆ ନ ଯିବାରୁ ଚାଷୀମାନେ ବାଧହୋଇ ଆନ୍ଦୋଳନ କଲେ ବୋଲି ଆନ୍ଦୋଳନରତ ଚାଷୀ କହିଛନ୍ତି । ଘଟଣାସ୍ଥଳକୁ ବୋଲଗଡ ତହସିଲଦାର ପ୍ରେମାଂଶୁ ଚାନ୍ଦ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ପରିସଂଖ୍ୟାନ, କୃଷି ଓ ରାଜସ୍ୱ ବିଭାଗ ସହ ଆଲୋଚନା କରି ଦାବି ବିଚାର କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହା ପରେ ଅପରାହ୍ନ ୨ଟାରେ ରାସ୍ତାରୋକୋ ହଟିଥିଲା।



ଭୀମପଡା ଓ ଟାଙ୍ଗିସାହି ୫୭ ନଂ. ଜାତୀୟ ରାଜପଥକୁ ଚାଷୀମାନେ ଅବରୋଧ କରିଛନ୍ତି।



ପିଲା ଯାହା ମାଗେ ତାକୁ ସବୁ ଦେଉଦେଲେ
ସେ କ୍ରମେ ଖରାପ ହୋଇଯିବ।
- ଓଶୋ



## ସଂକ୍ଷେପରେ

### ଭାଷା ଆନ୍ଦୋଳନର କଳାପତାକା ଅଭିଯାନ

ପୁରୀ ଅଫିସ,୨୬।୧୧: ଓଡ଼ିଶା ସରକାରୀ ଭାଷା ଆଇନରେ ସ୍ଥାନିତ ହୋଇଥିବା ନୂଆ ଧାରା ୪(କ) ଓଡ଼ିଆ ଭାଷାର ଘୋର ହାନିକାରକ। ତେଣୁ ଏହାକୁ ହଟାଇ ମୂଳ ଭାଷା ଆଇନକୁ ଅକ୍ଷୁଣ୍ଣ ରଖି ଉଲ୍ଲଂଘନକାରୀଙ୍କୁ କଠିନ ଦଣ୍ଡବିଧାନ ନିମନ୍ତେ ସାନି ସଂଶୋଧନ ଦାବି କରିଛି ଭାଷା ଆନ୍ଦୋଳନ। ଏ ନେଇ ସୋମବାର ଭାଷା ଆନ୍ଦୋଳନ ପକ୍ଷରୁ କଳା ପତାକା ଅଭିଯାନ ବାହାରି ପୁରୀ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସକାଳେ ସିଂହଦ୍ୱାରରୁ ଆନ୍ଦୋଳନକାରୀମାନେ କଳା ପତାକା ସହ ବିଭିନ୍ନ ପ୍ଲାକାର୍ଡ ଧରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଆନ୍ଦୋଳନର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କ ଉପସ୍ଥିତିରେ ସଭାପତି ମଣ୍ଡଳୀ ସଦସ୍ୟ ସୁବାସ ଚନ୍ଦ୍ର ପ୍ରଧାନ, କମଳଲୋଚନ ନାୟକ, ଗିରିଜାକାନ୍ତ ମିଶ୍ର ଓ ଜିଲାସ୍ତରୀୟ ନେତୃତ୍ୱ ମୃତ୍ୟୁଞ୍ଜୟ ତ୍ରିପାଠୀ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ନୀଳକଣ୍ଠ ବେହେରା, ବିବୁଧେନ୍ଦ୍ର ବିଦ୍ୟାଧର ପ୍ରମୁଖ ଏହି ଅଭିଯାନରେ ସାମିଲ ଥିଲେ।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କଣାସ, ୨୬।୧୧(ଡି.ଏନ୍.ଏ.)-କଣାସ ବ୍ଲକ ଅଧୀନ ଚୌଦମୌଜା ବିଦ୍ୟୁତ୍ କନିଷ୍ଠ ମହାବିଦ୍ୟାଳୟ ଗଡସାନୁଟଠାରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଏକ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟ ଏହାକୁ ଉଦ୍‌ଘାଟନ କରିବା ସହିତ ଆତ୍ମରକ୍ଷାକୌଶଳ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ରବୀନ୍ଦ୍ର କୁମାର ସୁନ୍ଦରାୟ, ଯୁକ୍ତ ୩ ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ସାମନ୍ତରାୟ, କ୍ରୀଡା ପ୍ରଶିକ୍ଷକ ରଜନୀକାନ୍ତ ବଡ଼ଜେନା, କାର୍ଯ୍ୟକ୍ରମ ସଂଯୋଜକ ସଂସଦ କୁମାର ପ୍ରଧାନ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ୧୧୫ଜଣ ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀମାନେ ଯୋଗ ଦେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷିକା ଦୀପିକା ସେନାପତି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଶିବିର ଆଗାମୀ ଡିସେମ୍ବର ୮ତାରିଖ ପର୍ଯ୍ୟନ୍ତ ଚାଲିବ।

### ଗଡ଼ିଶାଗୋଦା ପଞ୍ଚାୟତରେ ପ୍ଲାଷ୍ଟିକମୁକ୍ତ ଅଭିଯାନ

କଣାସ, ୨୬।୧୧(ସ୍ୱ.ପ୍ର.)-କଣାସ ବ୍ଲକ ଅନ୍ତର୍ଗତ ଗଡିଶାଗୋଦା ଗ୍ରାମପଞ୍ଚାୟତରେ ଗତ ୨୪ତାରିଖ ଦିନ ପ୍ଲାଷ୍ଟିକମୁକ୍ତ ଅଭିଯାନ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରୁ ଏହି ଶୋଭାଯାତ୍ରା ବାହାରି ଗଡିଶାଗୋଦା, ନଈକୂଳପାଟଣା, ନୂଆଗାଁ, ଶାସନ, ବିଲପାଟଣା ଗ୍ରାମ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ସ୍ଥାନୀୟ ସରପଞ୍ଚ ତପସ୍ୱିନୀ ବେହେରା, ସମିତି ସଭ୍ୟ ମିତାଲୀ ବେହେରା, ନାଏବ ସରପଞ୍ଚ ମମତା ହରିଚନ୍ଦନ, ସମସ୍ତ ୱାର୍ଡ ସଭ୍ୟାସଭ୍ୟ, ଅଙ୍ଗନୱାଡିକର୍ମୀ, ଆଶାକର୍ମୀ, ଗଡିଶାଗୋଦା ଗ୍ରାମପଞ୍ଚାୟତର ବିଜୁ ଯୁବବାହିନୀର ସଭାପତି ନିବାସ ଦଳାଇ, ସମ୍ପାଦକ ସୁଶାନ୍ତ ଭୁଜବଳ, କୋଷାଧକ୍ଷ ଇନ୍ଦ୍ରଜିତ ନରେନ୍ଦ୍ର ଓ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

### ଡିଏଭି ସ୍କୁଲର ୨୩ତମ ପ୍ରତିଷ୍ଠା ଦିବସ ସମାରୋହ

ନିମାପଡ଼ା,୨୬।୧୧(ଡି.ଏନ୍.ଏ.): ନିମାପଡ଼ା ଡିଏଭି ସ୍କୁଲର ୨୩ତମ ପ୍ରତିଷ୍ଠା ଦିବସ ସମାରୋହ ସୋମବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଶିକ୍ଷାବିତ ଲକ୍ଷ୍ମୀଧର ପଣ୍ଡା, ଡିଏଭି ସ୍କୁଲର ଅଧକ୍ଷ ଏମ.ଏମ.ହକ, ବିଚାରକଭାବେ ପୁରୀ ଡିଏଭି ସ୍କୁଲର ଶିକ୍ଷୟିତ୍ରୀ ମିନାକ୍ଷୀ ମିଶ୍ର, ସାଗରିକା ପରିଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ବୌଦ୍ଧିକ ଜ୍ଞାନର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଜ୍ଞାନ ପ୍ରକଳ୍ପର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଭିଭାବକମାନେ ଉପସ୍ଥିତ ଥିଲେ।

# ଗୃହ ନିର୍ମାଣରେ ପଛରେ ପଡ଼ିଛି ଗୋପ ବ୍ଲକ

## ନିର୍ମାଣ ହୋଇନି ୧୭୧୨ ଗୃହ

ଗୋପ, ୨୬।୧୧(ଡି.ଏନ୍.ଏ.)

ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ସରକାର ଗରିବ ଲୋକଙ୍କୁ ଗୃହ ଯୋଗାଇ ଦେଉଥିବାବେଳେ ଅନେକ ପଞ୍ଚାୟତରେ ହିତାଧିକାରୀଙ୍କୁ ଅତିରିକ୍ତ ପ୍ରୋତ୍ସାହନ ରାଶି ଠିକ୍ ଭାବେ ମିଳୁ ନ ଥିବାରୁ ଗୃହ ନିର୍ମାଣ ମନ୍ଥର ହୋଇଛି। ପୁରୀ ଜିଲା ଗୋପ ବ୍ଲକର ୩୧ଗୋଟି ଗ୍ରାମ ପଞ୍ଚାୟତରେ ଥ୍ରୀ ମ୍ୟାନ୍ କମିଟି ଦୃଷ୍ଟି ନ ଦେବାରୁ ଏ ପର୍ଯ୍ୟନ୍ତ ୧୭୧୨ଗୋଟି ଗୃହ ନିର୍ମାଣ ହୋଇନାହିଁ। ଏହାକୁ ନେଇ ହିତାଧିକାରୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

ଗୃହ ନିର୍ମାଣର ଅଗ୍ରଗତି ନେଇ ସରକାର ଅତିରିକ୍ତ ସହାୟତା ରାଶି ଘୋଷଣା କରିଥିବାବେଳେ କାର୍ଯ୍ୟାଦେଶ ମିଳିବାର ୪ମାସ ମଧରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ ଅତିରିକ୍ତ ୨୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ଏବଂ ୬ ମାସ ମଧରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କଲେ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବାକୁ ସରକାରୀ ଭାବରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାରେ ବ୍ଲକରେ ୧୩୫୦ ଗୃହ ମଞ୍ଜୁର କରାଯାଇଥିଲା। ୫୮୩ ଜଣ ହିତାଧିକାରୀ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାବେଳେ ସେଥିମଧରୁ ୩୫୨ ହିତାଧିକାରୀ ଅତିରିକ୍ତ ପ୍ରୋତ୍ସାହନ ରାଶି ପାଇବା ପାଇଁ ମନୋନୀତ ହୋଇଥିଲେ ମଧ ୨୮୮ ହିତାଧିକାରୀଙ୍କୁ ଅତିରିକ୍ତ ପ୍ରୋତ୍ସାହନ ରାଶି ମିଳିଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ୪୬୨ଟି କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବାବେଳେ ୬୪ ହିତାଧିକାରୀ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବାବେଳେ ୪୨ ଜଣ ପ୍ରୋତ୍ସାହନ ରାଶି ପାଇଁ ମନୋନୀତ ହୋଇଛନ୍ତି। ମାତ୍ର ବ୍ଲକ କାର୍ଯ୍ୟାଳୟରେ ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ରାଶି ଦେବା ପାଇଁ ଅର୍ଥ ନ ଥିବାରୁ ପତ୍ରସଂଖ୍ୟା ୩୪୩୩, ତା୧୦।୧୦।୨୦୧୮ରେ ଜିଲାପାଳଙ୍କ ନିକଟକୁ ପତ୍ର ଲେଖାଯାଇଥିବାବେଳେ ୩୦ ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରିବା ପାଇଁ ନିବେଦନ କରାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାଶଙ୍କୁ ପଚାରିବାରେ ପ୍ରୋତ୍ସାହନ ରାଶି ଲାଗି ଜିଲା ପ୍ରଶାସନକୁ ପତ୍ର ଲେଖାଯାଇଛି। ହିତାଧିକାରୀଙ୍କୁ ଖୁବ୍‌ଶୀଘ୍ର ଟଙ୍କା ଦିଆଯିବା ସହ ଗୃହ ନିର୍ମାଣ ପ୍ରତି ଦୃଷ୍ଟି ଦେବେ ବୋଲି ସେ କହିଥିଲେ।




ଆଶାକର୍ମୀମାନେ ପୁରୀ ସିଡିଏମ୍‌ଓ କାର୍ଯ୍ୟାଳୟ ଘେରାଉ କରିବାକୁ ଯାଉଛନ୍ତି।

# ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ଆଶାକର୍ମୀଙ୍କ ବିକ୍ଷୋଭ

ପୁରୀ ଅଫିସ,୨୬।୧୧

୫ ଦଫା ଦାବି ନେଇ ପୁରୀ ଜିଲା ଆଶାକର୍ମୀ ସଂଘ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟ ଆଗରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଏବଂ ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ଗୁଣ୍ଡିଚା ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ଆଶାକର୍ମୀଙ୍କ ସର୍ବନିମ୍ନ ମଜୁରି, କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିରୀକୃତ ବର୍ଦ୍ଧିତ ହାରରେ ପାରିଶ୍ରମିକ, ପ୍ରୋଭିଡେଣ୍ଟ ଫଣ୍ଡ, ବୀମା ଓ ପେନ୍‌ସନ୍ ଲାଗୁ କରାଯାଉ। ସେହିପରି ସିଡିଏମ୍‌ଓଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଶାକର୍ମୀଙ୍କ ଲାଗି ବିଶ୍ରାମ ଗୃହ, ନୂତନ ଭାବେ ନିଯୁକ୍ତି ପାଇଥିବା ଆଶାକର୍ମୀଙ୍କୁ ବିଏସ୍‌ଏନ୍‌ଏଲ ସିୟୁଜି ସିମ୍, କାର୍ତ୍ତିକ ମାସରେ ହବିଷିଆଳି ଶିବିରରେ କାର୍ଯ୍ୟ କରିଥିବା ଆଶାକର୍ମୀଙ୍କୁ ପାରିଶ୍ରମିକ, ବକେୟା ପ୍ରାପ୍ୟ, ଖାଲି ପଡିଥିବା ଆଶା କେନ୍ଦ୍ରରେ ନୂତନ ନିଯୁକ୍ତି ପର୍ଯ୍ୟନ୍ତ ପୂର୍ବରୁ କାର୍ଯ୍ୟ କରୁଥିବା ଆଶାଙ୍କୁ ସେହି କେନ୍ଦ୍ରରେ କାମ କରିବା ସୁଯୋଗ ଦେବା ଲାଗି ଦାବିପତ୍ରରେ ଦର୍ଶାଯାଇଛି।

ବିକ୍ଷୋଭ ସମାବେଶରେ ପୁରୀ ଜିଲା ଆଶାକର୍ମୀ ସଂଘ ସଭାପତି ପୀତବାସ ବେହେରା, ଶ୍ରମିକ ନେତା ଜଗନ୍ନାଥ ଦେଓ, ଭୀମସେନ ସ୍ୱାଇଁ, ଦିଗମ୍ବର ବେହେରା, ରୀତା ମହାରଣା, ରୀତା ପଣ୍ଡାଙ୍କ ସମେତ ଶତାଧିକ ଆଶାକର୍ମୀ ଯୋଗଦେଇଥିଲେ।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ

ପିପିଲି,୨୬।୧୧(ଡି.ଏନ୍.ଏ.)




ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର।

ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପିପିଲି ହାଇସ୍କୁଲରେ ସୋମବାର ପାଳନ କରାଯାଇଛି। ଏନେଇ ବ୍ଲକସ୍ତରୀୟ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ମହନ୍ତି କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ନହଲପଡ଼ା ହାଇସ୍କୁଲର ରିଙ୍କୁ ସାହୁ ପ୍ରଥମ, ଦୁର୍ଗାପ୍ରସାଦ ପାଟ୍ଟଶାଣୀ ଦ୍ୱିତୀୟ ଏବଂ ତେଇଶପୁର ହାଇସ୍କୁଲର ମହାପ୍ରସାଦ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ତିନି ପ୍ରତିଯୋଗୀ ଆସନ୍ତା ୨ତାରିଖ ପୁରୀ ଜିଲା ସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ପତ୍ରିଯାଗିତାରେ ଅଂଶଗ୍ରହଣ କରିବେ ବୋଲି ପ୍ରଧାନଶିକ୍ଷୟିତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଗୋପରେ ବିଜେଡିର ଜନସମ୍ପର୍କ ପଦଯାତ୍ରା
## ମିଶିଲେ ବିଭିନ୍ନ ଦଳର ୩୦୦ରୁ ଊର୍ଦ୍ଧ୍ୱ କର୍ମୀ

ଗୋପ, ୨୬।୧୧(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ରାହାଙ୍ଗୋରଡ଼ା ପଞ୍ଚାୟତରେ ସୋମବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ରାହାଙ୍ଗୋରଡ଼ା ଗ୍ରାମପଞ୍ଚାୟତର ସନ୍ତରସଠାରୁ ପଦଯାତ୍ରା ଆରମ୍ଭ କରାଯାଇଥିବାବେଳେ ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା। ଏହି ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଦାଶ ଆମ ଗାଁ ଆମ ବିକାଶ ଯୋଜନାରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ଅନୁଦାନ ଯେପରି ଠିକ୍ ଭାବେ ବିନିଯୋଗ କରାଯାଏ ସେଥିପ୍ରତି ଦୃଷ୍ଟି ଦେବାକୁ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ରାହାଙ୍ଗୋରଡ଼ା ଗ୍ରାମପଞ୍ଚାୟତ ୧ନଂ ୱାର୍ଡ଼ର ୱାର୍ଡ଼ସଭ୍ୟା ରଜନୀ ମହାପାତ୍ର, ୨ନଂ ୱାର୍ଡ଼ର ୱାର୍ଡ଼ ସଭ୍ୟ ରାଧାକାନ୍ତ ପଣ୍ଡା, ୧୦ନଂ ୱାର୍ଡ଼ର ୱାର୍ଡ଼ସଭ୍ୟ କୁନିଲତା ମହାନ୍ତିଙ୍କ ନେତୃତ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ଭାଜପା ଓ ନବନିର୍ମାଣ କୃଷକ ସଂଗଠନ ପରିତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ନୂତନ ଭାବେ ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ବିଧାୟକ ଦାଶ, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ପଞ୍ଚାୟତ ସଭାପତି ହେମନ୍ତ ଛୋଟରାୟ, ପ୍ରଫୁଲ୍ଲ ରାଉତରାୟ, ଭକ୍ତବନ୍ଧୁ ପ୍ରଧାନ, ଅମର ପ୍ରସାଦ ସେଠୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।



ମିଶ୍ରଣ ପର୍ବରେ ନିମାପଡ଼ା ବିଧାୟକ ସମୀରରଞ୍ଜନ ଦାଶ ଓ ଅନ୍ୟମାନେ।

### ପର୍ଯ୍ୟଟକ, ପୋଲିସକୁ ଦୁର୍ବ୍ୟବହାର: ଜଣେ ଗିରଫ

କାକଟପୁର, ୨୬।୧୧(ଡି.ଏନ୍.ଏ.)

ଅସ୍ତରଙ୍ଗ ଉପକୂଳର ପର୍ଯ୍ୟଟନସ୍ଥଳୀ ଜାହାନିଆଁଠାରେ ପର୍ଯ୍ୟଟକ ଓ ଜଣେ ହୋମ ଗାର୍ଡଙ୍କୁ ଦୁର୍ବ୍ୟବହାର କରି ସୋମବାର ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ସେ ହେଲେ ଅସ୍ତରଙ୍ଗ ଥାନା ସିଲାରୀ ଗ୍ରାମର ରଞ୍ଜନ ସେଠୀ। ପ୍ରକାଶ ଯେ, ରଞ୍ଜନ ଜାହାନିଆଁ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ଦୁର୍ବ୍ୟବହାର କରୁଥିବା ଦେଖି ସେଠାରେ ମୁତୟନ ଥିବା ହୋମଗାର୍ଡ ଚିନ୍ମୟ ନାୟକ ତାଙ୍କୁ ବାରଣ କରିବାରୁ ରଞ୍ଜନ ତାଙ୍କୁ ଧକ୍କା ଦେଇଥିଲେ। ପରେ ଚିନ୍ମୟ ଏ ନେଇ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ରଞ୍ଜନଙ୍କୁ ଥାନାରେ ଅଟକ ରଖିଥିଲା। ସେଠାରେ ମଧ ରଞ୍ଜନ ଉତ୍ତ୍ୟକ୍ତ ହୋଇ ଥାନାଧିକାରୀ ବୁଲୁ ମୁଣ୍ଡାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସୋମବାର ପୋଲିସ ରଞ୍ଜନଙ୍କୁ ଡାକ୍ତରୀମାଇନା କରିବା ସହିତ ଅଭିଯୋଗ ଅନୁଯାୟୀ ଦଫା ୩୫୩, ୨୯୪, ୫୦୬, ୩୪ ଅନୁଯାୟୀ ୯୮/୧୮ରେ ଏକ ମାମଲା ରୁଜୁ କରିଥିଲେ। ପରେ ତାଙ୍କୁ ନିମାପଡ଼ା କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ଯିବାକୁ ପଡ଼ିଛି। ରଞ୍ଜନ ସ୍ଥାନୀୟ ବିଧାୟକଙ୍କ ସମ୍ପର୍କୀୟ ହୋଇଥିବାରୁ ଏହି ଘଟଣା କାକଟପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

ସାକ୍ଷୀଗୋପାଳ,୨୬।୧୧(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକର ସେଣ୍ଟ୍ରାଲ ଜୋନରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରମା ରଞ୍ଜନ ବଳିୟାର ସିଂହ, କୃଷକ ମୋର୍ଚ୍ଚା ଉପସଭାପତି କୃଷ୍ଣ ଜଗଦେବ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ତଥା ନାରିକେଳ ବୋର୍ଡ ସଦସ୍ୟ ଡ. ବିଶ୍ୱନାଥ ରଥ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଓମ୍ ପ୍ରକାଶ ମିଶ୍ର, ସତ୍ୟବାଦୀ ମଣ୍ଡଳ ସଭାପତି ଉମେଶ ଚନ୍ଦ୍ର ପ୍ରଧାନ, ଉପସଭାପତି ଅମର ଶତପଥୀ, ରିଙ୍କୁ ପ୍ରଧାନ, ଧୁନିଆ ବେହେରା ପ୍ରମୁଖ ଜୟପୁର, ଶ୍ରୀରାମଚନ୍ଦ୍ରପୁର, ମୂଳଅଳସା ଗ୍ରାମପଞ୍ଚାୟତ ପରିକ୍ରମା କରିଥିଲା। କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ପାଇଁ ଜନସାଧାରଣଙ୍କ ସହ ଭାଜପା ନେତାମାନେ ଆଲୋଚନା କରିଥିଲେ।

### ହକି ପାଇଁ ଗଣଦୌଡ଼

ବଳଙ୍ଗା,୨୬।୧୧(ଡି.ଏନ୍.ଏ.)

ଓଡ଼ିଶାରେ ହକି ବିଶ୍ୱକପ ପାଇଁ ବଳଙ୍ଗା ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ସୋମବାର ଶୋଭାଯାତ୍ରା ଓ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ଅଜିତ୍ କୁମାର ଦଳେଇ, ଯୁବ ବାହିନୀ ସଭାପତି ଶୁଭେନ୍ଦୁ ମୋହନ ଲେଙ୍କା, ପଞ୍ଚାୟତ ସଭାପତି କୃପାସିନ୍ଧୁ ଦତ୍ତ ପ୍ରମୁଖ ଶତାଧିକ କର୍ମୀ ଗଣଦୌଡରେ ସାମିଲ ହୋଇଥିଲେ। ସେହିପରି ନୂଆସନ୍ଥ ପଞ୍ଚାୟତ ଯୁବ ବାହିନୀ ସଭାପତି ବିଷ୍ଣୁପ୍ରସାଦ ମିଶ୍ର, ସରପଞ୍ଚ ଉର୍ମିଳା ଷଡଙ୍ଗୀ, ପଞ୍ଚାୟତ ସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ପଣ୍ଡା ନୂଆସନ୍ଥ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ।




ନୂତନ ଭାବେ ଉଦ୍‌ଘାଟିତ ଆଦର୍ଶ ଥାନା।

# ପୁରୀ ଟାଉନ ଥାନା ହେଲା ଆଦର୍ଶ ଥାନା

ପୁରୀ ଅଫିସ,୨୬।୧୧

ପୋଲିସ ସେବାକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟର ୩୫ଟି ଆଦର୍ଶ ଥାନାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପୁରୀ ଟାଉନ ଥାନାକୁ ଆଦର୍ଶ ଥାନା ଭାବେ ରାଜସ୍ୱମନ୍ତ୍ରୀ ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରିଥିଲେ। ଟାଉନ ଥାନା ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ପୋଲିସ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସପି ଡା. ସାର୍ଥକ ଷଡ଼ଙ୍ଗୀ, ଅତିରିକ୍ତ ଏସପି ପି.କେ. ସ୍ୱାଇଁ, ବରିଷ୍ଠ ନାଗରିକ ଦିଗମ୍ବର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ପୁରୀ ହେଡକ୍ୱାର୍ଟର ଡିଏସ୍‌ପି ସସ୍ମିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଅତିଥିଙ୍କଠାରୁ ଜଣେ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ରେଡିଓ ନମସ୍କାର ତରଫରୁ ସମ୍ବିଧାନ ଦିବସ ପାଳିତ

କୋଣାର୍କ, ୨୬।୧୧(ଡି.ଏନ୍.ଏ.)

ଭାରତୀୟ ସମ୍ବିଧାନ ଦିବସ ଉପଲକ୍ଷେ କୋଣାର୍କସ୍ଥିତ ଆଶ୍ରମ ସ୍କୁଲ ପରିସରରେ ସୋମବାର ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ପକ୍ଷରୁ ଶିଶୁମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ଆଶ୍ରମ ସ୍କୁଲର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଗାନ୍ଧିବାଦୀ ପ୍ରବକ୍ତା ତଥା ଲୋକବିକାଶ ଅନୁଷ୍ଠାନର ସମ୍ପାଦକ ଶେଖ୍ ଅବଦୁଲ ସଫିକ୍, ପୁରୀ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଶିଶୁ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ, କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମର ଅଧକ୍ଷା ରୁକ୍ମିଣୀ ଦେବୀ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, ରେଡିଓ ନମସ୍କାରର ଅଧକ୍ଷ ତଥା ଜାତୀୟ ଗୋଷ୍ଠୀ ବେତାର ମହାସଂଘର ସଭାପତି ଏନ୍.ଏ.ଶାହା ଅନ୍‌ସାରୀ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ଶିକ୍ଷୟିତ୍ରୀ ସୁଜାତା ସିହ୍ନା, ଶିକ୍ଷୟିତ୍ରୀ ବନ୍ଦନା ଆଚାର୍ଯ୍ୟ, ସବିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସମ୍ବିଧାନ ଦିବସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହାପରେ ସମ୍ବିଧାନ ଦିବସ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରେଡିଓ ନମସ୍କାରର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ, କେନ୍ଦ୍ର ସଂଯୋଜିକା ଏସ୍.କାଜଲ, ସୁଜିତ ବେହେରା, ଟିଙ୍କିନା ରାଉତ, ଭଗବାନ ଜେନା, ଜ୍ଞାନରଞ୍ଜନ ବିଶ୍ୱାଳ, ଧନେଶ୍ୱର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ଏଲ୍‌ଆଇସିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ନିମାପଡ଼ା,୨୬।୧୧(ଡି.ଏନ୍.ଏ.)




ନିମାପଡ଼ାଠାରେ ନିର୍ମିତ ଏଲ୍‌ଆଇସିର ନୂତନ କାର୍ଯ୍ୟାଳୟ।

ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି) ନିମାପଡ଼ା ଶାଖାର ନବନିର୍ମିତ କାର୍ଯ୍ୟାଳୟ ବିଲ୍ଡିଂ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏଲଆଇସିର ଜେନେରାଲ ମ୍ୟାନେଜର(ପାଟନା) ସି.ବିକାଶ ରାଓ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏଲଆଇସିର ଚିଫ ଇଞ୍ଜିନିୟର(ପାଟନା) ଆର.କେ ସୁମନ, ଡିଭିଜିନାଲ ମ୍ୟାନେଜର ଭୁବନେଶ୍ୱର ଏଲ.ପି ଦାସ, ନିମାପଡ଼ା ଶାଖାର ଚିଫ ମ୍ୟାନେଜର ବି.ସି. ପାଢୀ, ମାର୍କେଟିଂ ମ୍ୟାନେଜର ଏ.ବି.ରଥ, ସେଲ୍‌ସ ବି.ଏମ୍ ଚୌଧୁରୀ ଉମାକାନ୍ତ ନନ୍ଦ ପ୍ରମୁଖ ଯୋଗଦେଇ ଜନସାଧାରଣ ଓ ପଲିସିଧାରୀଙ୍କ ଦୃଢ ଆସ୍ଥା ଓ ବିଶ୍ୱାସକୁ ପ୍ରଶଂସା କରିଥିଲେ। ଏହି ସମାରୋହରେ ଜୀବନ ବୀମା ନିଗମର ଏଜେଣ୍ଟ, ଡିଓ ଓ ପଲିସଧାରୀମାନେ ଯୋଗଦେଇଥିଲେ।

# ପୁରୀରେ କାଉ, କୁକୁଡ଼ା ମଡ଼କ

## ବାର୍ଡ ଫ୍ଲୁ ଆଶଙ୍କା

ପୁରୀ ଅଫିସ,୨୬।୧୧

ପୁରୀ ସହରରେ କାଉ ଓ କୁକୁଡ଼ା ମଡ଼କ ଦେଖାଦେଇଛି। ସ୍ୱର୍ଗଦ୍ୱାର ମାଛ ମାର୍କେଟ ନିକଟରେ ଗତ ଦୁଇଦିନ ଧରି କାଉ ଏବଂ କୁକୁଡା ମରିଥିବାରୁ ଏହାକୁ ନେଇ ସହରବାସୀଙ୍କ ମଧରେ ଭୟ ସୃଷ୍ଟି ହୋଇଛି। କେଉଁଥିପାଇଁ ଏମାନେ ମରୁଛନ୍ତି ତାହା ସ୍ପଷ୍ଟ ଜଣାପଡୁ ନ ଥିଲେ ମଧ ବାର୍ଡ ଫ୍ଲୁ ଆଶଙ୍କା କରାଯାଉଛି। ସୋମବାର ପ୍ରାୟ ୧୦ଟି କାଉ ଏବଂ ୫ଟି କୁକୁଡ଼ା ସେହି ଆଖପାଖ ଅଞ୍ଚଳରେ ମରିଥିବା ଦେଖିବାକୁ ମିଳିଛି। ଗଛରେ ବସିଥିବା କାଉ ଅଚେତ ହୋଇ ତଳେ ପଡ଼ି ମରୁଛନ୍ତି। କ୍ରମାଗତ ଦୁଇଦିନ ଧରି କାଉ ମରୁଛନ୍ତି। ଖବର ପାଇ ପୁରୀ ଜିଲା ପ୍ରାଣୀଧନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତ କାଉ ଏବଂ କୁକୁଡ଼ାର ନମୁନା (ସ୍ୱାବ) ନେଇ ପରୀକ୍ଷା ନିମନ୍ତେ କଟକ ଫୁଲନଖରାସ୍ଥିତ ପ୍ରାଣୀରୋଗ ଗବେଷଣା କେନ୍ଦ୍ରକୁ ପଠାଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଗିରିଜା ପ୍ରସାଦ ପଟ୍ଟନାୟକ କହିଛନ୍ତି ଯେ, ଯେଉଁ ମୃତ କାଉ ଓ କୁକୁଡ଼ାଙ୍କ ନମୁନା ସଂଗ୍ରହ କରାଯାଇଛି ସେମାନଙ୍କଠାରେ ବାର୍ଡ ଫ୍ଲୁର ଲକ୍ଷଣ ଥିବା ଭଳି ଜଣାପଡୁ ନାହିଁ। ଅତ୍ୟଧିକ ଶୀତ ପଡିଥିବାରୁ ସେମାନେ ମରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ।



ସ୍ୱର୍ଗଦ୍ୱାର ମାଛ ମାର୍କେଟ ନିକଟରେ ମରିପଡ଼ିଥିବା କାଉ।